R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୨୭
ତିଥି: ଚତୁର୍ଥୀ
୦୧ ସେପ୍ଟେମ୍ବର ୨୦୨୬, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 327
01 September 2026, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

GOVERNMENT OF INDIA

BRICS INDIA 2026
ସ୍ଥିରତା, ନବସୃଜନ, ସହଯୋଗ ଏବଂ ସ୍ଥାୟୀତ୍ୱ ପାଇଁ ନିର୍ମାଣ

ବ୍ରିକ୍ସ ସମ୍ମିଳନୀ
୧୨-୧୩ ସେପ୍ଟେମ୍ବର ୨୦୨୬ ନୂଆଦିଲ୍ଲୀ, ଭାରତ

ଜନ-କୈନ୍ଦ୍ରିକ ଆଭିମୁଖ୍ୟ
ମାନବତାର ଆସ୍ଥା ପ୍ରଥମ



CBC 14129/13/0011/2627

## ରାଜ୍ୟ ସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ

# ପ୍ରତ୍ୟେକ ନାଗରିକଙ୍କୁ ସମ୍ମାନର ସହ ସେବା ଦିଅ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୧।୮ (ସବ୍ୟୁ) : ଆମ ସହର କେବଳ ବାସ ସ୍ଥାନ ନୁହେଁ, ସହର ହେଉଛି ରୋଜଗାର, ଉଦ୍ୟମ, ଶିକ୍ଷା ଓ ସମୃଦ୍ଧିର କେନ୍ଦ୍ର। ସହର ଗୁଡିକୁ ଆମକୁ ଏଭଳି ଅର୍ଥନୈତିକ କେନ୍ଦ୍ର ଭାବେ ଗଢିବାକୁ ହେବ, ଯେଉଁଠି ଯୁବ ପିଢି ନୂଆ ସୁଯୋଗ ପାଇବେ, ଉଦ୍ୟୋଗୀମାନେ ଆଗକୁ ବଢିବେ ଏବଂ ନୂଆ ରୋଜଗାର ସୃଷ୍ଟି ହେବ ବୋଲି ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସ୍ୱାୟତ୍ତ ଶାସନ ଦିବସ- ୨୦୨୬ ପାଳନ ଅବସରରେ କହିଛନ୍ତି।

ଭୁବନେଶ୍ୱର ଓୟୁଏଟି କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ଏହି ରାଜ୍ୟ ସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ନବଗଠିତ ୨୮ଟି ଏନ୍‌ଏସିରେ ବିଭିନ୍ନ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ପାଇଁ ୫୬୦



କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଛନ୍ତି। ପ୍ରତ୍ୟେକ ଏନ୍‌ଏସି ପାଇଁ ୨୦ କୋଟି ଟଙ୍କା ଲେଖାଏଁ ଯୋଗାଇ ଦିଆଯିବ। ଏଥିରେ ସମ୍ପୃକ୍ତ ଅଞ୍ଚଳ ଗୁଡିକରେ ରାସ୍ତା, ଡ୍ରେନ୍, ମାର୍କେଟ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି କାର୍ଯ୍ୟ ସମ୍ପନ୍ନ ହେବ। ଏଥିସହିତ ୬୨ଟି ପୌରାଞ୍ଚଳ ପାଇଁ ୩୨୩ କୋଟି ଟଙ୍କା ବିନିଯୋଗରେ ୫୯୩ଟି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଆଜି

- ୬୨ ପୌରାଞ୍ଚଳ ପାଇଁ ୩୨୩ କୋଟି ଟଙ୍କାର ପ୍ରକଳ୍ପ
- ୨୮ ନୂଆ ଏନ୍‌ଏସି ଲାଗି ୫୬୦ କୋଟିର ପ୍ୟାକେଜ୍
- ସହଯୋଗ କାର୍ଯ୍ୟକ୍ରମ ଜରିଆରେ ୭୮୮୬ ପରିବାର ସଂଯୋଗ

ଶୁଭାରମ୍ଭ କରିଛନ୍ତି। ଏହି ପ୍ରକଳ୍ପ ଗୁଡିକ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' ଅଧିନରେ କାର୍ଯ୍ୟକାରୀ ହେବ। ଏଥିରେ ୧୦୨ କୋଟି ଟଙ୍କା ମୂଲ୍ୟର ୪୨୩ଟି ପ୍ରକଳ୍ପର ଉଦ୍‌ଘାଟନ ଥିବା ବେଳେ, ୨୨୧ କୋଟି ଟଙ୍କା ମୂଲ୍ୟର ୧୭୦ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ରହିଛି।

ପୌର ସଂସ୍ଥାକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ନାଗରିକମାନଙ୍କୁ ସମ୍ମାନର ସହ ସେବା ଯୋଗାଇଦେବା ପାଇଁ ପୌର ପ୍ରଶାସନର ଅଧିକାରୀ, କର୍ମଚାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପୌର (୯ ପୃଷ୍ଠାରେ)

# ଟନେଲରୁ ୯୩ ଜଣଙ୍କ ମିଳୁନି ପତ୍ତା

ନୂଆଦିଲ୍ଲୀ, ୩୧।୮ : ନେପାଳର ବିଧ୍ୱସ୍ତକାରୀ ବନ୍ୟାରେ ମୃତ୍ୟୁ ଓ ନିଖୋଜଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ସୂଚନା ଅନୁଯାୟୀ ୯୦୦ ଲୋକଙ୍କର ମୃତ୍ୟୁ ହୋଇଥିବାବେଳେ ୪୫୦୦ ଏବେବି ନିଖୋଜ ଅଛନ୍ତି। ନେପାଳର ଜଳବିଦ୍ୟୁତ୍ ପ୍ରକଳ୍ପରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କର ମଧ୍ୟ ପତ୍ତା ମିଳୁନି। ଏକ ଟନେଲରେ ୯୩ ଶ୍ରମିକଙ୍କ ପତ୍ତା ଏବେ ଉଦ୍ଧାରକାରୀ ଦଳ ପାଉନାହାନ୍ତି। ଏମାନେ ରସୱାଗାଡ଼ି ଜଳବିଦ୍ୟୁତ୍ ପ୍ରକଳ୍ପରେ କାର୍ଯ୍ୟ କରୁଥିଲେ। ସେମାନେ ଟନେଲ ଭିତରେ ରହିଯାଇଥିଲେ। ବର୍ତ୍ତମାନସୁଦ୍ଧା ସେମାନଙ୍କ ସହ ଯୋଗାଯୋଗ ହୋଇପାରୁନାହିଁ।

ନେପାଳ ସେନା, ଇଞ୍ଜିନିୟର ଓ ଡ୍ରୋନ୍ ଟିମ୍ ଏହି ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି। ଉଦ୍ଧାରକାରୀ ଦଳ ଟନେଲ ମଧ୍ୟରେ ପ୍ରବେଶ (୯ ପୃଷ୍ଠାରେ)

## ଏସ୍‌ସି-ଏସ୍‌ଟି ବର୍ଗ ଛାତ୍ରଛାତ୍ରୀଙ୍କୁ ଆଶ୍ୱସ୍ତି

# ୬ ମାସ ପର୍ଯ୍ୟନ୍ତ ଦେବେନି ଟିଉସନ୍ ଫି'

ଭୁବନେଶ୍ୱର, ୩୧।୮ (ସବ୍ୟୁ) : ରାଜ୍ୟ ସରକାରୀ ମେଡିକାଲ ଓ ଇଞ୍ଜିନିଅରିଙ୍ଗ୍ କଲେଜରେ ଆଡମିଶନ୍ ବେଳେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ମେଧାବୀ ଗରିବ ଛାତ୍ରଛାତ୍ରୀମାନେ ଅନେକ ସମୟରେ ଆର୍ଥିକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏହି ବର୍ଗର ମେଧାବୀ ଛାତ୍ରଛାତ୍ରୀମାନେ ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହେବା ସତ୍ତ୍ୱେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥାନ୍ତି । କିନ୍ତୁ, ଆଡମିଶନ୍ ବେଳେ ଅର୍ଥ ଜମା କରିବା ପାଇଁ ସେମାନଙ୍କ ପାଖରେ ସମ୍ବଳ ନଥାଏ । ଏଭଳି ଅନେକ ସମ୍ବାଦ ନିୟମିତ ଗଣମାଧ୍ୟମରେ ପ୍ରକାଶ ପାଉଛି ।

ଏହି ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ (୯ ପୃଷ୍ଠାରେ)

# ୩ରୁ ପଞ୍ଚାୟତ, ପୌର ନିର୍ବାଚନ ଲାଗି ପାଇଲଟ୍ ସର୍ଭେ

ଭୁବନେଶ୍ୱର, ୩୧।୮ (ସବ୍ୟୁ) : ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ସ୍ୱଚ୍ଛ ଓ ନିର୍ଭୁଲ ଏବଂ ବ୍ୟବସ୍ଥିତ କରିବା ପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଭୋଟର ତାଲିକାରେ ଥିବା ତ୍ରୁଟିଗୁଡିକୁ ଦୂର କରିବା ଲକ୍ଷ୍ୟରେ ଏକ ବିଶେଷ ପାଇଲଟ୍ ସର୍ଭେ ଅଭିଯାନ ଭୁବନେଶ୍ୱର ମହାନଗର ନିଗମ(ବିଏମସି)ରେ ଆରମ୍ଭ ହେବାକୁ ଯାଉଛି ।

ସେପେଟମ୍ବର ୩ ତାରିଖରୁ ୧୧ପର୍ଯ୍ୟନ୍ତ ବିଏମସି ଅଧୀନରେ ଥିବା ୩ଟି ବିଧାନସଭା କ୍ଷେତ୍ରରେ ଭୁବନେଶ୍ୱର-ଉତ୍ତର ବିଧାନସଭା କ୍ଷେତ୍ରର ୱାର୍ଡ ନଂ ୧୦, ଭୁବନେଶ୍ୱର ମଧ୍ୟ ବିଧାନସଭା କ୍ଷେତ୍ରର (୯ ପୃଷ୍ଠାରେ)

1001/137/2627

ଓଡ଼ିଶା ଶାସନ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଚଳିତ ବନ୍ୟାରେ
କ୍ଷତିଗ୍ରସ୍ତ ଚାଷୀ ଭାଇଭଉଣୀଙ୍କ ପାଇଁ
ମୁଖ୍ୟମନ୍ତ୍ରୀଙ୍କ
ସ୍ୱତନ୍ତ୍ର ପ୍ୟାକେଜ୍



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

- ବନ୍ୟା ପ୍ରଭାବିତ ଚାଷୀମାନଙ୍କୁ କୃଷି ଇନପୁଟ୍ ସବ୍‌ସିଡି ବାବଦକୁ ସରକାରଙ୍କ ପକ୍ଷରୁ ସହାୟତା ରାଶି ପ୍ରଦାନ
  - ୩୩ ପ୍ରତିଶତ ଓ ତାହାଠାରୁ ଅଧିକ ଫସଲ କ୍ଷତି ହୋଇଥିବା ଚାଷୀମାନଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ ଅଣଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୮,୫୦୦ ଟଙ୍କା
  - ଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୧୭,000 ଟଙ୍କା
  - ସମସ୍ତ ପ୍ରକାର ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ ଟଙ୍କା
- କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ବିଭିନ୍ନ ପ୍ରଜାତିର ଧାନ ଓ ବିରି ବିହନ କିଣିବା ନିମନ୍ତେ ଡିବିଟି (DBT) ମାଧ୍ୟମରେ ଆର୍ଥିକ ସହାୟତା ପ୍ରଦାନ
- ସରକାରଙ୍କ ତରଫରୁ ଚାଷୀମାନଙ୍କୁ ସରକାରୀ ଓ ଘରୋଇ ବିକ୍ରେତା ମାଧ୍ୟମରେ ଆବଶ୍ୟକ ବିହନ କିଣିବା ପାଇଁ ବ୍ୟବସ୍ଥା
- କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ମାଗଣାରେ ପନିପରିବା ମିନିକିଟ୍ ପ୍ରଦାନ
- ବନ୍ୟା ପରବର୍ତ୍ତୀ ଫସଲର ରୋଗ ପୋକ ପରିଚାଳନା ପାଇଁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଆବଶ୍ୟକୀୟ କୀଟନାଶକ କ୍ରୟ ନିମନ୍ତେ ୭୫ ପ୍ରତିଶତ ସବ୍‌ସିଡି ପ୍ରଦାନ

ଅଧିକ ସୂଚନା ପାଇଁ ନିକଟସ୍ଥ କୃଷି କାର୍ଯ୍ୟାଳୟ କିମ୍ବା କୃଷି ସମୃଦ୍ଧି ହେଲ୍ପଲାଇନ୍ ନମ୍ବର୍ ୧୫୫୩୩୩ରେ ଯୋଗାଯୋଗ କରନ୍ତୁ

ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ସମସ୍ତ ସୁବିଧା ସୁଯୋଗ ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ

OIPR: 1001/1102/2/26-27/0008

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

## ସୋସିଆଲ କୋଟ୍ସ



ମୁଁ ସେତେବେଳେ ସଲମାନଙ୍କୁ' ଫିଲ୍ମରେ ନବାକୁ ଚାହିଁଥିଲି, ହେଲେ ସେ ହିଁ ରାଜି ନଥିଲେ । ସେ ସବୁବେଳେ ମୋ ପାଖୁ ଅନ୍ୟମାନଙ୍କୁ ଆଣି କହୁଥିଲେ ମୁଁ ଏହି ଫିଲ୍ମ ପାଇଁ ଠିକ୍ ନୁହେଁ ମୋ ସ୍ଥାନରେ ଏମାନଙ୍କୁ ନିଅନ୍ତୁ ।

ସୂରଜ ବଡଜାତ୍ୟା, ନିର୍ଦ୍ଦେଶକ



ମୁଁ ଅଜୟଙ୍କର ଅନେକ ଫିଲ୍ମ ଦେଖିଛି, ତାଙ୍କର "କମ୍ପାନୀ',"ଭଗତ ସିଂ',"ରନ୍ ଓ୍ୱେ' ଭଳି ଫିଲ୍ମ ମୋତେ ଖୁବ ପ୍ରଭାବିତ କରିଥାଏ । ସେ ଜଣେ ଖୁବ ଭଲ ଆକକ୍ଟର ।

କାଜୋଲ, ଅଭିନେତ୍ରୀ



ମୁଁ ଅନ୍ୟମାନଙ୍କ ଠାରୁ ଭିନ୍ନ ଫିଲ୍ମ ପ୍ରସ୍ତୁତ କରିଥାଏ । କାହାକୁ ଖୁସି କରିବା ପାଇଁ କେବେ ବି ଫିଲ୍ମ ତିଆରି କରି ନାହିଁ । ସମସ୍ତଙ୍କୁ ମୋ ଫିଲ୍ମ ପସନ୍ଦ ଆସିବ ଏହା ଜରୁରୀ ନୁହେଁ ।

ବିବେକ ଅଗ୍ନିହୋତ୍ରୀ, ଫିଲ୍ମମେକର

## ଇତିହାସ

୧୬୦୪ - ଶିଖ ଧର୍ମର ଧାର୍ମିକ ଗ୍ରନ୍ଥ ଶ୍ରୀ ଗୁରୁ ଗ୍ରନ୍ଥ ସାହିବଙ୍କର ସ୍ଥାପନା କରାଯାଇଥିଲା ।

୧୭୧୫- ଫ୍ରାନ୍ସର ରାଜା ଲୁଇ ଚୌଦହ ୭୨ ବର୍ଷରେ ଶାସନ ପରେ ତାଙ୍କର ମୃତ୍ୟୁ ହୋଇଥିଲା । ଯାହା କୌଣସି ୟୁରୋପିୟ ରାଜାଙ୍କର ସବୁଠାରୁ ଅଧିକ ଶାସନ କାଳ ଥିଲା ।

୧୭୬୩- ରୁଷର କ୍ୟାଥରିନ୍ ଦ୍ୱିତୀୟ ମସ୍କୋରେ ଏକ ସଂସ୍ଥାପକ ହୋମ୍ ପାଇଁ ଇୱାନ୍ ବେଟସ୍କୋୟଙ୍କ ଯୋଜନାକୁ ସମର୍ଥନ କରିଥିଲେ ।

୧୭୯୮ - ହାଇଦ୍ରାବାଦର ନିଜାମଙ୍କ ସହିତ ବ୍ରିଟେନ୍ ଏକ ସନ୍ଧିରେ ହସ୍ତାକ୍ଷର କରିଥିଲା ।

୧୯୩୯ - ଜର୍ମାନୀ ଦ୍ୱାରା ପୋଲାଣ୍ଡ ଉପରେ ଆକ୍ରମଣରୁ ଦ୍ୱିତୀୟ ବିଶ୍ୱଯୁଦ୍ଧର ଆରମ୍ଭ ହୋଇଥିଲା ।

୧୯୫୭- ଜମୈକାର ରେଳ ଦୁର୍ଘଟଣାରେ ୧୭୫ ଜଣଙ୍କର ମୃତ୍ୟୁ ହୋଇଥିଲା ।

୧୯୬୨- ହଂକଂରେ ହୋଇଥିବା ଘୂର୍ଣ୍ଣିଝଡରେ ୧୩୦ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୬୦୦ରୁ ଅଧିକ ଆହତ ହୋଇଥିଲେ ।

## ଚୀନରେ ଡାକ୍ତରଖାନାରେ କରୁଛନ୍ତି ବିବାହ ପଞ୍ଜିକରଣ



ଚୀନ୍‌ରେ ବର୍ତ୍ତମାନ ବିବାହ ପ୍ରମାଣପତ୍ର ପାଇବା ପାଇଁ ଦମ୍ପତିଙ୍କୁ ସରକାରୀ କାର୍ଯ୍ୟାଳୟକୁ ଯିବାକୁ ପଡୁନାହିଁ । ଏଠାରେ ବର୍ତ୍ତମାନ ବ୍ୟାଙ୍କ, ବିମାନବନ୍ଦର, ହସ୍ପିଟାଲ୍, ମନ୍ଦିର, ମେଟ୍ରୋ ଷ୍ଟେସନ୍ ଏବଂ ନାଇଟ୍ କ୍ଲବ୍ ଭଳି ସ୍ଥାନଗୁଡ଼ିକରେ ବିବାହ ପଞ୍ଜୀକରଣ ସେବା ମିଳୁଛି । ତିୟାନଜିନ୍‌ର ଏକ ବ୍ୟାଙ୍କ ଚୀନ୍‌ର ପ୍ରଥମ ବିବାହ ପଞ୍ଜୀକରଣ ସେବା ପ୍ରଦାନକାରୀ ବ୍ୟାଙ୍କ ପାଲଟିଥିବା ବେଳେ ଗୁଆଂଝୋ ବିମାନବନ୍ଦର, କେତେକ ମନ୍ଦିର ଓ ମେଟ୍ରୋ ଷ୍ଟେସନ୍‌ରେ ବିବାହ ସାର୍ଟିଫିକେଟ୍ ଦିଆଯାଉଛି । ଶାନ୍‌ଡୋଙ୍ଗ୍‌ର ଏକ ହସ୍ପିଟାଲ୍‌ରେ ଗତ ଅଗଷ୍ଟରୁ ବିବାହ ପଞ୍ଜୀକରଣ ସହ ପ୍ରାକ୍-ବିବାହ ସ୍ୱାସ୍ଥ୍ୟ ପରୀକ୍ଷା ଓ ପ୍ରାକ୍-ଗର୍ଭଧାରଣ ପରାମର୍ଶ ମଧ୍ୟ ମିଳୁଛି । ଏଥିସହିତ ଶାଂଘାଇର ଏକ ନାଇଟ୍ କ୍ଲବ୍ ସିଭିଲ୍ ଆଫେୟାର୍ସ ବ୍ୟୁରୋ ସହ ମିଶି ଏହି ସେବା ଆରମ୍ଭ କରିଥିବା ବେଳେ ମଇ ମାସ ସୁଦ୍ଧା ସରକାରୀ କାର୍ଯ୍ୟାଳୟ ବାହାରେ ୫୦୦ରୁ ଅଧିକ ଏପରି ପଞ୍ଜୀକରଣ କେନ୍ଦ୍ର ଖୋଲିସାରିଛି । ଗତବର୍ଷ ଚୀନ୍ ବିବାହ ପଞ୍ଜୀକରଣ ନିୟମକୁ କୋହଳ କରିଥିଲେ ବି ଏବର୍ଷ ୩୨.୮ ଲକ୍ଷ ଦମ୍ପତି ପଞ୍ଜୀକରଣ କରିଛନ୍ତି, ଯାହା ଗତବର୍ଷର ଏହି ଅବଧି ତୁଳନାରେ ୭.୫% କମ୍ ଅଟେ ।

## ବିଶ୍ରାମ ସମୟରେ ଶ୍ୱାସକ୍ରିୟାଜନିତ ସମସ୍ୟା

ବିନା କୌଣସି ପରିଶ୍ରମ କିମ୍ବା ବିଶ୍ରାମ ସମୟରେ ମଧ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ ହେବାକୁ ଡାକ୍ତରୀ ଭାଷାରେ 'ଡିସପ୍ନିଆ' କୁହାଯାଏ, ଯାହା ନିଜେ କୌଣସି ରୋଗ ନୁହେଁ ବରଂ ଫୁସଫୁସ, ହୃଦୟ କିମ୍ବା ରକ୍ତ ସମ୍ବନ୍ଧୀୟ ଗୁରୁତର ସମସ୍ୟାର ଏକ ଲକ୍ଷଣ ଅଟେ । 'ବିଏମସି ପଲମୋନରୀ ମେଡିସିନ୍' ଏବଂ 'ନ୍ୟାସନାଲ ଲାଇବ୍ରେରୀ ଅଫ୍ ମେଡିସିନ୍'ର ଗବେଷଣା ଅନୁସାରେ, ବିଶ୍ୱର ପ୍ରତ୍ୟେକ ୫ ଜଣ ବୟସ୍କଙ୍କ ମଧ୍ୟରୁ ଜଣେ ଏବଂ ଭାରତରେ ପ୍ରାୟ ୬୨.୬ କୋଟି ଲୋକ ଏହି ସମସ୍ୟାର ଶିକାର ହୋଇଛନ୍ତି । ଯେଉଁଥିରୁ ପ୍ରାୟ ୫.୨ କୋଟି ଲୋକଙ୍କ କ୍ଷେତ୍ରରେ ଏହା ଅତ୍ୟନ୍ତ ଗୁରୁତର ରୂପ ନେଇଛି । ଏହି ସମସ୍ୟା ମୁଖ୍ୟତଃ ଦୁଇ ପ୍ରକାରର 'ଏକ୍ୟୁଟ୍ ଡିସପ୍ନିଆ' (ଯାହା ହଠାତ୍ ଆରମ୍ଭ ହୋଇ କିଛି ଘଣ୍ଟା କିମ୍ବା ଦିନ ରହେ ଏବଂ ମେଡିକାଲ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି କରେ) ଏବଂ 'କ୍ରୋନିକ୍ ଡିସପ୍ନିଆ' (ଯାହା ଗୋଟିଏ ମାସରୁ ଅଧିକ ସମୟ ଧରି ରହିଥାଏ) । ଦୌଡ଼ିବା, ସିଡ଼ି ଚଢ଼ିବା କିମ୍ବା ଭାରୀ ବ୍ୟାୟାମ ସମୟରେ ନିଶ୍ୱାସ ପ୍ରଶ୍ୱାସ ଜୋରରେ ନେବା ସାଧାରଣ ହୋଇଥାଏ । ହେଲେ ବିଶ୍ରାମ ସମୟରେ ହଠାତ୍ ଅତ୍ୟାଧିକ କଷ୍ଟ ହେବା, ଛାତିରେ ପ୍ରବଳ ଯନ୍ତ୍ରଣା, ଓଠ କିମ୍ବା ନଖ ନୀଳ ପଡ଼ିଯିବା, ହୃଦସ୍ପନ୍ଦନ ଦ୍ରୁତ ହେବା ଏବଂ ଅଚେତ ହୋଇପଡ଼ିବା ଭଳି ଲକ୍ଷଣ ଦେଖାଦେଲେ ଏହାକୁ ଆଦୌ ନଜରଅନ୍ଦାଜ ନକରି ତୁରନ୍ତ ଡାକ୍ତରୀ ଚିକିତ୍ସା ନେବା ଉଚିତ୍ ।



## ପ୍ରୟୋଗଶାଳାରେ ୭ ବର୍ଷ ଧରି ଜୀବନ୍ତ ରହିଲା ମସ୍ତିଷ୍କ



ହାର୍ଭାଡ୍ ବିଶ୍ୱବିଦ୍ୟାଳୟର ମସ୍ତିଷ୍କର ବୈଜ୍ଞାନିକମାନେ ଲାବୋରେଟରୀରେ ପ୍ରସ୍ତୁତ ମାନବ ମସ୍ତିଷ୍କ କୋଷ (ବ୍ରେନ୍ ଅର୍ଗାନଏଡ୍ସ) କୁ ସାତ ବର୍ଷ ଧରି ଜୀବନ୍ତ ଓ ସକ୍ରିୟ ରଖିବାରେ ସଫଳ ହୋଇଛନ୍ତି । ଏହି ଐତିହାସିକ କୀର୍ତ୍ତିମାନ ପୂର୍ବର ୬୯୪ ଦିନର ରେକର୍ଡକୁ ଭାଙ୍ଗିଛି । 'ନେଚର' ଜର୍ଣ୍ଣାଲରେ ପ୍ରକାଶିତ ଏହି ଅଧ୍ୟୟନ ଅନୁସାରେ, ପୋଷକ ତତ୍ତ୍ୱର ସ୍ୱତନ୍ତ୍ର ମିଶ୍ରଣ ବ୍ୟବହାର କରି ଗୋଲମରିଚ ଆକାରର ଏହି ମିନି-ମସ୍ତିଷ୍କଗୁଡ଼ିକରେ ପ୍ରାୟ ୧୦ ଲକ୍ଷରୁ ଅଧିକ କୋଷକୁ ବର୍ଷ ବର୍ଷ ଧରି ସକ୍ରିୟ ରଖାଯାଇପାରିଛି । ବୈଜ୍ଞାନିକମାନେ ଡିଏନ୍‌ଏ ମେଥିଲେସନ୍ ପ୍ରୋଫାଇଲିଂ ଜରିଆରେ ଅନୁଧ୍ୟାନ କରି ଦେଖିଛନ୍ତି ଯେ ଏହି କୃତ୍ରିମ ମସ୍ତିଷ୍କଗୁଡ଼ିକର ନିଜସ୍ୱ ଜୈବିକ ଘଡ଼ି ରହିଛି । ଯାହା ଗର୍ଭାବସ୍ଥାରୁ ଆରମ୍ଭ କରି ପ୍ରାରମ୍ଭିକ ଶୈଶବାବସ୍ଥା ପର୍ଯ୍ୟନ୍ତ ମାନବ ପ୍ରାକୃତିକ ବିକାଶ ପ୍ରକ୍ରିୟା ସହ ସମ୍ପୂର୍ଣ୍ଣ ମେଳ ଖାଉଛି । ଏପରିକି ଏହି କୋଷଗୁଡ଼ିକ ମଧ୍ୟରେ ତାଙ୍କର ପୂର୍ବ ବିକାଶ ପର୍ଯ୍ୟାୟର ଆଣବିକ ସ୍ମୃତି (ମୋଲିକ୍ୟୁଲାର ମେମୋରୀ) ମଧ୍ୟ ସୁରକ୍ଷିତ ରହୁଛି । ଏହି ଅଭୂତପୂର୍ବ ଆବିଷ୍କାର ଦ୍ୱାରା ମସ୍ତିଷ୍କର ଜଟିଳ ପରିପକ୍ୱତା ପ୍ରକ୍ରିୟାକୁ ସାମ୍ନାରେ ଦେଖିବା ସମ୍ଭବ ହୋଇପାରିଛି । ତେଣୁ ଏହା ଅଟିଜିମ୍, ଆଲଜାଇମର ଏବଂ ବାର୍ଦ୍ଧକ୍ୟ ଜନିତ ମସ୍ତିଷ୍କ ରୋଗଗୁଡ଼ିକର ଗବେଷଣାରେ ଏକ ବଡ଼ ବିପ୍ଳବ ଆଣିବ ବୋଲି ହାର୍ଭାଡ୍ ଷ୍ଟେମ୍ ସେଲ୍ ଇନ୍‌ଷ୍ଟିଚ୍ୟୁଟ୍‌ର ମୁଖ୍ୟ ବୈଜ୍ଞାନିକ ଆର୍ଲୋଟା ପ୍ରକାଶ କରିଛନ୍ତି ।


## ଗାଁର ଏକମାତ୍ର ଲୋକ




ଆମେରିକାର ନେବ୍ରାସ୍କା ଅଞ୍ଚଳରେ ଅବସ୍ଥିତ 'ମୋନୋୱି ' ନାମକ ଏକ ବିଚିତ୍ର ଗାଁରେ ମାତ୍ର ଜଣେ ହେଲେ ବାସିନ୍ଦା ରହୁଥିବା ବେଳେ ୮୪ ବର୍ଷୀୟା ଏଲସି ଆଇଲର ଏହି ଗାଁର ଏକମାତ୍ର ନାଗରିକ ଭାବେ ସମସ୍ତ ପ୍ରଶାସନିକ ଓ ବ୍ୟବସାୟିକ ଦାୟିତ୍ୱ ତୁଲାଉଛନ୍ତି । ସେ ଏକାଧାରରେ ଏହି ଗାଁର ମେୟର, ଟାଉନ୍ କ୍ଲର୍କ, ଟ୍ରେଜରର, ସେକ୍ରେଟାରୀ, ବାର୍ ମାଲିକାଣୀ ଏବଂ ଲାଇବ୍ରେରିଆନ୍ ଭାବେ କାର୍ଯ୍ୟ କରୁଥିବା ବେଳେ ୨୦୦୩ ମସିହାରେ ସ୍ୱାମୀ ରୁଡିଙ୍କ ବିୟୋଗ ପରଠାରୁ ସେ ଏଠାରେ ଏକାକୀ ରହିଆସୁଛନ୍ତି । ଗାଁର ନିୟମ ଅନୁସାରେ ପ୍ରତିବର୍ଷ ସେ ନିଜେ ନିଜର ମଦ ଲାଇସେନ୍ସ ଜାରି କରି ସେଥିରେ ଦସ୍ତଖତ କରନ୍ତି, ଗାଁର ସରକାରୀ କାମ ବୁଝନ୍ତି ଏବଂ ପର୍ଯ୍ୟଟକଙ୍କ ପାଇଁ ଆବଶ୍ୟକୀୟ ସେବା ଯୋଗାଇ ଦିଅନ୍ତି । ୧୯୭୧ ମସିହାରୁ ସେ ଏଠାରେ ଏକ ବାର୍ ଚଲାଉଥିବା ବେଳେ ଆଖପାଖ ଅଞ୍ଚଳରୁ ପ୍ରତିଦିନ ପ୍ରାୟ ୫୦ ଜଣ ଗ୍ରାହକ ଖାଇବା-ପିଇବା ପାଇଁ ଆସିଥାନ୍ତି । ୨୦୦୫ ମସିହାରେ ସେ ନିଜ ସ୍ୱାମୀଙ୍କର ୫ ହଜାର ବହିକୁ ନେଇ ଗାଁରେ ଏକ ଲାଇବ୍ରେରୀ ମଧ୍ୟ ଆରମ୍ଭ କରିଥିଲେ । ଗିନିଜ୍ ୱାର୍ଲ୍ଡ ରେକର୍ଡସ ଅନୁଯାୟୀ, ମୋନୋୱି ହେଉଛି ବିଶ୍ୱର ସବୁଠାରୁ କମ୍ ଜନସଂଖ୍ୟା ବିଶିଷ୍ଟ ଇନକର୍ପୋରେଟେଡ୍ ଟାଉନ୍, ଏବଂ ଏଲସିଙ୍କ କହିବା ଅନୁଯାୟୀ ମୋନୋୱି ହିଁ ତାଙ୍କର ଘର ଓ ସେ ଏଠାରେ ଅତ୍ୟନ୍ତ ଖୁସିରେ ଅଛନ୍ତି ।

## ପୁଅସହ କଥାହେବାକୁ ହାତରେ କି'ବୋର୍ଡ ଟାଟୁ

କାନାଡାର ଜେସିକା ଫ୍ଲେଚର ନାମ୍ନୀ ଜଣେ ମହିଳା ନିଜର ୧୧ ବର୍ଷୀୟ ଦିବ୍ୟାଙ୍ଗ ପୁଅ ହଣ୍ଟରଙ୍କ ସହ ସହଜରେ କଥାବାର୍ତ୍ତା କରିବା ପାଇଁ ନିଜ ହାତରେ ଏକ କିବୋର୍ଡ ଟାଟୁ ତିଆରି କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ହଣ୍ଟର କଥା କହି ପାରୁନଥିବାରୁ ଯୋଗାଯୋଗ ପାଇଁ ଏକ କମ୍ୟୁନିକେସନ ଟ୍ୟାବଲେଟ୍ ବ୍ୟବହାର କରିଥାଆନ୍ତି । ହେଲେ ଗୋଟିଏ ଦିନ ଖାଇବା ସମୟରେ ତାର ବ୍ୟାଟେରୀ ସରିଯିବାରୁ ସେ ନାପକିନ୍ ଉପରେ କିବୋର୍ଡ ଆଙ୍କି ଅକ୍ଷର ଆଡ଼କୁ ଇଶାରା କରି ନିଜ ଅର୍ଡର ବୁଝାଇଥିଲେ । ଏହି ଉପାୟ ଦ୍ୱାରା ପ୍ରଭାବିତ ହୋଇ ଜେସିକା ନିଜ ହାତରେ ଅକ୍ଷର, ହ୍ୟାପି, ସ୍ୟାଡ୍ ଏବଂ 'ଆଇ ଲଭ ୟୁ' ସିମ୍ବଲ୍ ଥିବା ଏକ କିବୋର୍ଡ ଟାଟୁ ଆଙ୍କିଦେଇଥିଲେ । ଏହି ଟାଟୁ ମାଧ୍ୟମରେ ହଣ୍ଟର ବିନା କୌଣସି ଡିଭାଇସରେ ମା' ସହ ଗୋପନରେ କଥା ହୋଇପାରୁଥିବା ବେଳେ ସେ ପ୍ରଥମେ ମା'ଙ୍କ ହାତରେ 'ମାମା' ବୋଲି ଲେଖିଥିଲେ । କେବେଳ ମାଆ ନୁହେଁ ହଣ୍ଟରଙ୍କ ସାଙ୍ଗମାନଙ୍କ ପାଇଁ ମଧ କି ବୋର୍ଡ ଥିବା ସାର୍ଟ ପ୍ରସ୍ତୁତ କରାଯାଇଛି, ଯାହା ସେମାନଙ୍କୁ ଯୋଗାଯୋଗରେ ସାହାଯ୍ୟ କରିବ ।



## ମିର୍ଜାପୁର ୱେବ ସିରିଜକୁ ପ୍ରଥମେ କରିଥିଲେ ମନା



ମିର୍ଜାପୁରରେ ଡିମ୍ପି ପଣ୍ଡିତ ଚରିତ୍ରରେ ଅଭିନୟ କରି ପ୍ରତ୍ୟେକ ଘରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଅଭିନେତ୍ରୀ ହର୍ଷିତା ଗୌର ଏବେ ବଡ଼ ପରଦାରେ ଆସିବାକୁ ଥିବା 'ମିର୍ଜାପୁର : ଦି ମୁଭି'ରେ ନଜର ଆସିବେ । ଯାହା ତାଙ୍କ ପାଇଁ ପ୍ରାୟ ୮ ବର୍ଷ ପରେ ଏକ ପ୍ରକାର ଘରବାହୁଡ଼ା ସଦୃଶ । ତେବେ ଏକ ସାକ୍ଷାତକାରରେ ନିଜ ଅନୁଭୂତି ବାଣ୍ଟି ସେ ପ୍ରକାଶ କରିଛନ୍ତି ଯେ ଯେଉଁ ୱେବ୍ ସିରିଜ୍ ତାଙ୍କୁ ଆଜି ସଫଳତା ଦେଇଛି, ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ଏହାକୁ ରିଜେକ୍ଟ କରିଦେଇଥିଲେ । ସେତେବେଳେ ଓଟିଟିର ଧାରଣା ନୂଆ ଥିଲା ଏବଂ ସେ ଟେଲିଭିଜନ ଶୋ'ରେ ମୁଖ୍ୟ ଭୂମିକାରେ କାମ କରିସାରିଥିବାରୁ ଅନ୍ୟ କାହାର ଭଉଣୀ ଚରିତ୍ର କରିବାକୁ ଇଚ୍ଛୁକ ନଥିଲେ । ହେଲେ ପରେ ଏହି ସିରିଜକୁ ନେଇ ତାଙ୍କର ମନ ବଦଳିଥିଲା ଏବଂ ସେ ଏହାକୁ କରିଥିଲେ । ସେହିଭଳି ଯଦି ସେ ଏହି ପ୍ରୋଜେକ୍ଟ କରି ନଥାନ୍ତେ ତେବେ ଏହା ତାଙ୍କର କ୍ୟାରିୟରର ସବୁଠାରୁ ବଡ ଭୁଲ ହୋଇଥାଆନ୍ତା ବୋଲି ସେ ପ୍ରକାଶ କରିଛନ୍ତି ।



**ମେଷ:** ଶୁଭଖବର, ବିବାଦ ସମାଧାନ, ଅର୍ଥସମସ୍ୟା ଦୂର, ପାରିବାରିକ ସାହାଯ୍ୟ, ମାନସିକ ଶାନ୍ତି, ଯାତ୍ରାରେ ବିଳମ୍ବ, ଶରୀର ସୁସ୍ଥ, ଅଳ୍ପ ଶତ୍ରୁସମସ୍ୟା । ଦ୍ୱିଜା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା-୮, ଆରାଧନା-ପ୍ରଭୁ ହନୁମାନ ।

**ବୃଷ:** କାର୍ଯ୍ୟରେ ବାଧା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଲୋକସମ୍ପର୍କବୃଦ୍ଧି, ସ୍ୱଜନ ବିରୋଧ, ଦୂରଯାତ୍ରା ସଫଳ, ବନ୍ଧୁସାହାଯ୍ୟ, ଶତ୍ରୁସମସ୍ୟା, ଶରୀର ସୁସ୍ଥ, କର୍ମକ୍ଷେତ୍ରେ ଶାନ୍ତି, ଦାମ୍ପତ୍ୟଖୁସି । ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ଶଙ୍କର ଭଗବାନ ।

**ମିଥୁନ:** ଶୁଭଖବର, ଭୂସମ୍ପତ୍ତିଲାଭ, ବ୍ୟବସାୟରେ ଲାଭ,ବିବାଦ ସମାଧାନ, ଉଚ୍ଚବ୍ୟକ୍ତିଙ୍କ ସହ ସାକ୍ଷାତ, ମାନସମ୍ମାନ ପ୍ରାପ୍ତି, ଶରୀର ସୁସ୍ଥ, ଗୁପ୍ତଶତ୍ରୁ ଲାଗି ଚିନ୍ତିତ, ଅଯଥା ଚିନ୍ତା, ସନ୍ତାନସୁଖ, ବିଦ୍ୟାରେ ସଫଳ । ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ମେରୁନ, ସଂଖ୍ୟା-୧୦, ଆରାଧନା- ଗଣେଶ ଭଗବାନ ।

**କର୍କଟ:** ଅଯଥାଖର୍ଚ୍ଚ, ବ୍ୟବସାୟରେ ସାମାନ୍ୟ ଲାଭ, ନୂତନ କାର୍ଯ୍ୟଲାଗି ଦୂରଯାତ୍ରା, କିଛି ମାମଲାର ଶୁଭଖବର, ବିବାଦ ସମାଧାନ, ଦାମ୍ପତ୍ୟଲାଭ । ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଲାଲ, ସଂଖ୍ୟା-୬, ଆରାଧନା- ଶଙ୍କର ଭଗବାନ ।

**ସିଂହ:** ଶୁଭଖବର, ବ୍ୟବସାୟରେ ଉନ୍ନତି, କର୍ମକ୍ଷେତ୍ରେ ଖୁସି, ଶରୀର ସୁସ୍ଥ, ଯାତ୍ରା ସଫଳ, ଅଟକିଥିବା କାର୍ଯ୍ୟରେ ଅଗ୍ରଗତି, ମାନସିକଶାନ୍ତି, ଶୁଭକାର୍ଯ୍ୟରେ ସଫଳ । ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା- ୯, ଆରାଧନା-ପ୍ରଭୁ ଜଗନ୍ନାଥ ।

**କନ୍ୟା:** ଆୟରେ ଉନ୍ନତି, ପାରିବାରିକ ଖୁସି, ବିଶିଷ୍ଟ କାର୍ଯ୍ୟରେ ଧନବ୍ୟୟ, ଅଟକିଥିବା କାର୍ଯ୍ୟ ପୁରଣ, ଦୂରଯାତ୍ରାରେ ସତର୍କ, ଶତ୍ରୁ ପରାଜିତ, ସ୍ୱାଦିଷ୍ଟ ଭୋଜନ, ସନ୍ତାନ ସମସ୍ୟା, ଦାମ୍ପତ୍ୟଖୁସି । ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶି, ସଂଖ୍ୟା-୮, ଆରାଧନା- ମହାଲକ୍ଷ୍ମୀ ।

**ତୁଳା:** ମନରେ ଭୟ କରନ୍ତୁନାହିଁ, ସମସ୍ୟା ସ୍ୱଳ୍ପ ସମାଧାନ, ବ୍ୟବସାୟରେ କଷ୍ଟ, ଋଣ କରିପାରନ୍ତି, ବନ୍ଧୁସହଯୋଗ, ପାରିବାରିକ ଖୁସି, ବିଦ୍ୟାରେ ଉନ୍ନତି, ଶୁଭ ଆଲୋଚନା । ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୭, ଆରାଧନା- ଶଙ୍କର ଭଗବାନ ।

**ବିଛା:** ଯାତ୍ରାରେ ସତର୍କ, ଶାରୀରିକ କଷ୍ଟ, କିଛି ବିବାଦ ସମାଧାନ, ବିଶିଷ୍ଟ କାର୍ଯ୍ୟରେ ବିବାଦ, ଅର୍ଥଲାଭ, ଶତ୍ରୁସମସ୍ୟା, ହେବାକାର୍ଯ୍ୟ ବିଳମ୍ବ, ସନ୍ତାନସୁଖ । ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୪, ଆରାଧନା-ନୃସିଂହ ଭଗବାନ ।

**ଧନୁ:** ଲୋକସମ୍ପର୍କ ବୃଦ୍ଧି, ଶରୀର ସୁସ୍ଥ, ବିଶିଷ୍ଟ କାର୍ଯ୍ୟରେ ଲାଭ, ବିବାଦ ସମାଧାନ, ଦୂରଯାତ୍ରା ସଫଳ, ଦ୍ରବ୍ୟଲାଭ, ବନ୍ଧୁଲାଭ, ଭ୍ରାତୃସ୍ନେହ ଦାମ୍ପତ୍ୟସୁଖ, ସନ୍ତାନଲାଭ, ମାନସିକ ଶାନ୍ତି । ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା- ୯, ଆରାଧନା- ମା' କୁତାମଚଣ୍ଡୀ ।

**ମକର:** ଦ୍ରବ୍ୟଲାଭ, ଯାତ୍ରାରେ ଲାଭ, ବହୁଦିନର ଆଶା ପୂରଣ, ଅତିଥି ସତ୍କାର, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ଶରୀର ସୁସ୍ଥ, ଲୋକସମ୍ପର୍କ ବୃଦ୍ଧି, ବାଣିଜ୍ୟରେ ଲାଭ, । ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କଳା, ସଂଖ୍ୟା-୭, ଆରାଧନା-ମହାଲକ୍ଷ୍ମୀ ।

**କୁମ୍ଭ:** ଅର୍ଥସମସ୍ୟା, ଶୁଭକାର୍ଯ୍ୟରେ ବିଳମ୍ବ, ଅଯଥା ବିବାଦ, ମାନସିକ ଶାନ୍ତି, ସନ୍ତାନଖୁସି, ବନ୍ଧୁସମସ୍ୟା, ଶରୀର କଷ୍ଟ, ଦାମ୍ପତ୍ୟସୁଖ । ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୫, ଆରାଧନା- ଶଙ୍କର ଭଗବାନ ।

**ମୀନ:** ଶାରୀର ସୁସ୍ଥ, ଶୁଭକାର୍ଯ୍ୟରେ ଧନବ୍ୟୟ, ଲୋକସମ୍ପର୍କ ବୃଦ୍ଧି, ଯାତ୍ରାରେ କଷ୍ଟ, କିଛି ବିବାଦରେ ଫସିପାରନ୍ତି, ସ୍ୱାଦିଷ୍ଟ ଭୋଜନ । ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା- ମା' ବିମଳା ।

**ଭାଦ୍ରବ କୃଷ୍ଣ ପକ୍ଷ ଚତୁର୍ଥୀ**
**୧.୯.୨୦୨୬, ମଙ୍ଗଳବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮







ଭୁବନେଶ୍ୱର ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ସମାରୋହ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।



ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗର ନୂତନ ନିର୍ଦ୍ଦେଶକ ସଞ୍ଜୟ କୁମାର ବିଶ୍ୱାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଶୁଭେଚ୍ଛା ଜଣାଉଛନ୍ତି 'ସମୟ' ସଂପାଦକ ପପୁ ମହାନ୍ତି ।

### ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣା

# ଦୀର୍ଘ ୧୦ ମାସ ପରେ ଜେଲରୁ ମୁକୁଳିଲେ ବିଜେଡ଼ି ନେତା ବିକ୍ରମ ପଣ୍ଡା

କଟକ,(ସବ୍ୟୁ): ବ୍ରହ୍ମପୁରର ବହୁ ଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡାଙ୍କ ସନ୍ଦେହଜନକ ହତ୍ୟା ଘଟଣାରେ ଅନ୍ୟତମ ସହ-ଅଭିଯୁକ୍ତ ପୂର୍ବତନ ବିଧାୟକ ତଥା ବିଜେଡ଼ିର ବରିଷ୍ଠ ନେତା ବିକ୍ରମ କୁମାର ପଣ୍ଡାଙ୍କୁ ହାଇକୋର୍ଟରୁ ଆଜି ଜାମିନ୍ ମିଳିଛି। ୭୬ ପୃଷ୍ଠାର ରାୟରେ ହାଇକୋର୍ଟ ଶ୍ରୀ ପଣ୍ଡାଙ୍କୁ ଗିରଫ ବେଳେ ପୁଲିସ୍ ତଥା ତଦନ୍ତକାରୀ ଅଧିକାରୀ ସୁପ୍ରିମ୍‌କୋର୍ଟଙ୍କ ଆଦେଶର ଉଲଂଘନ କରିଥିବା ଦର୍ଶାଇ ଏହି ଜାମିନ୍ ପ୍ରଦାନ କରିଛନ୍ତି । ନିୟମ ଅନୁଯାୟୀ, ତଦନ୍ତକାରୀ ଅଧିକାରୀ ଆବେଦନକାରୀଙ୍କୁ ଗିରଫ ବେଳେ ତାଙ୍କୁ କିମ୍ବା ତାଙ୍କର ପରିବାର ଲୋକଙ୍କୁ ଏହି ଗିରଫଦାରୀ ସଂକ୍ରାନ୍ତରେ ଅବଗତ କରିନାହାନ୍ତି। ଯାହାଫଳରେ ଏହା ସୁପ୍ରିମ୍‌କୋର୍ଟଙ୍କ ଆଦେଶର ଖୋଲା ଉଲଂଘନ ହୋଇଛି ବୋଲି ହାଇକୋର୍ଟ ମତଦେବା ସହ ଆବେଦନକାରୀଙ୍କୁ ତୁରନ୍ତ ଜାମିନ୍‌ରେ ଛାଡ଼ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟଙ୍କ ଏହି ଆଦେଶ ଫଳରେ ଶ୍ରୀ ପଣ୍ଡା ଗିରଫ ହେବାର ପ୍ରାୟ ୧୦ମାସ ପରେ ଜେଲରୁ ବାହାରିବାକୁ ଯାଉଛନ୍ତି।

ଆବେଦନକାରୀଙ୍କ ପାଇଁ ନିମ୍ନ ଅଦାଲତ ସର୍ତ୍ତ ଧାର୍ଯ୍ୟ କରିବେ । ଆବେଦନକାରୀ ଜାମିନ୍‌ରେ ଥିବାବେଳେ ପୀଡ଼ିତଙ୍କ ପରିବାର ଲୋକଙ୍କୁ କୌଣସି ଭାବେ ଭୟଭୀତ କରିବେ ନାହିଁ । ତାଙ୍କୁ କୌଣସି ଭାବେ ପ୍ରଭାବିତ କରିବେ ନାହିଁ । ସାକ୍ଷୀମାନଙ୍କ ଉପରେ କୌଣସି ପ୍ରକାର ଚାପ ପକାଇବେ ନାହିଁ । ନିମ୍ନ ଅଦାଲତ ଅବା ହାଇକୋର୍ଟଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ସର୍ତ୍ତ ର ଆବେଦନକାରୀ କିଛି ବି ଉଲଂଘନ କରନ୍ତି ତାହେଲେ ତାଙ୍କୁ ପୁଣି ଥରେ ଗିରଫ ମଧ୍ଯ ହେବାକୁ ପଡ଼ିବ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ଅପରପକ୍ଷରେ ହାଇକୋର୍ଟ ପୁଲିସ୍ ଅଧିକାରୀଙ୍କ ଦ୍ୱାରା ଗିରଫ ସମୟରେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା କରାଯାଇଥିବା ନିୟମର ବାରମ୍ବାର ଉଲଂଘନ ହେଉଥିବା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ସୁପ୍ରିମ୍‌କୋର୍ଟଙ୍କ ଆଦେଶ ଅନୁଯାୟୀ, କୌଣସି ଅଭିଯୁକ୍ତକୁ ଗିରଫ ବେଳେ ତାଙ୍କୁ ଅବା ତାଙ୍କ ପରିବାର କିମ୍ବା କୌଣସି ନିକଟ ସମ୍ପର୍କୀୟଙ୍କୁ ଏହି ଗିରଫଦାରୀ ସମ୍ପର୍କରେ ଅବଗତ କରାଯିବା ବାଧ୍ୟତାମୂଳକ । କିନ୍ତୁ ଏହି ନିୟମକୁ ଅନୁସରଣ କରାଯାଉନାହିଁ । ଏହି ଆଦେଶର କପି ରେଜିଷ୍ଟ୍ରାରୀ ପକ୍ଷରୁ ମୁଖ୍ୟ ବିଚାରପତିଙ୍କ ଅନୁମତିକ୍ରମେ ଗୃହ ବିଭାଗ ସଚିବ ଏବଂ ପୁଲିସ୍ ଡିଜିଙ୍କୁ ପଠାଯିବ। ଏହି କପି ପାଇବାରେ ପରେ ଉଭୟ ପ୍ରତ୍ୟେକ ଥାନାକୁ ସୁପ୍ରିମ୍‌କୋର୍ଟଙ୍କ ଗାଇଡ୍‌ଲାଇନ୍ ସଂକ୍ରାନ୍ତରେ ଅବଗତ କରାଇବେ । ବିକ୍ରମ କୁମାର ପଣ୍ଡାଙ୍କ ପକ୍ଷରୁ ଆଗତ ଜାମିନ୍ ମାମଲାର ରାୟ ପ୍ରକାଶ କରିବା ପରିପ୍ରେକ୍ଷୀରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏହି ଆଦେଶ ଦେଇଛନ୍ତି।

ମାମଲାରୁ ଜଣାଯାଇଛି ଯେ, ୨୦୨୫ ଅକ୍ଟୋବର ୬ ତାରିଖ ରାତି ୧୦ଟା ସମୟରେ ପୀତବାସ ପଣ୍ଡା ତାଙ୍କ ଚାମ୍ବରରୁ ବୈକୁଣ୍ଠ ନଗର ସ୍ଥିତ ଘରକୁ ଫେରୁଥିବାବେଳେ ଦୁଇଜଣ ଦୁର୍ବୃତ୍ତ ମୋଟର ସାଇକେଲରେ ଆସି ତାଙ୍କ ଉପରକୁ ଗୁଳି ଚଳାଇଥିଲେ । ଏଥିରେ ପୀତବାସ ପଣ୍ଡା ଗୁରୁତର ଆହତ ହୋଇଥିଲେ । ସେଠାରୁ ତାଙ୍କୁ ଉଦ୍ଧାର କରାଯାଇ ଏମ୍‌କେସିଜି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ହସ୍ପିଟାଲରେ ତାଙ୍କୁ ମୃତ ଘୋଷଣା ହୋଇଥିଲା। ଏହି ଘଟଣାକୁ ନେଇ ପୀତବାସ ପଣ୍ଡାଙ୍କ ସାନ ଭାଇ ପୂର୍ଣ୍ଣଚନ୍ଦ୍ର ପଣ୍ଡା ବୈଦ୍ୟନାଥପୁର ଥାନାରେ ଏତଲା ଦେଇଥିଲେ। ଏହି ଘଟଣାରେ ପୁଲିସ୍ ତଦନ୍ତ କରି ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ମେୟର ପିଣ୍ଟୁ ଓରଫ ଶିବଶଙ୍କର ଦାସଙ୍କ ସମ୍ପୃକ୍ତି ଥିବା ନେଇ ଗିରଫ କରିଥିଲା। ଏଥିସହ ଆହୁରି କେତେଜଣଙ୍କୁ ପୁଲିସ୍ ଏହି ଘଟଣାରେ ଗିରଫ କରିଥିଲା। ବିହାରରୁ ଆସିଥିବା ଅପରାଧୀଙ୍କ ଜରିଆରେ ଏହି ଗୁଳିକାଣ୍ଡ କରାଯାଇଥିଲା । ମୋଟ୍ ଉପରେ ଏହି ଘଟଣାରେ ପୁଲିସ୍ ଆବେଦନକାରୀଙ୍କ ସମେତ ୧୬ଜଣଙ୍କୁ ଗିରଫ କରିଥିଲା । ଆବେଦନକାରୀ ବିକ୍ରମ ପଣ୍ଡାଙ୍କୁ ଘଟଣାର ଘଟିବାର ୧୬ଦିନ ପରେ ଅର୍ଥାତ ଅକ୍ଟୋବର ୨୨ ତାରିଖ ଦିନ ଗିରଫ କରାଯାଇଥିଲା।

ସେବେଠାରୁ ଶ୍ରୀ ପଣ୍ଡା ଜେଲ୍‌ରେ ରହି ଆସୁଥିଲେ । ନିମ୍ନ ଅଦାଲତରୁ ଜାମିନ୍ ଖାରଜ ହେବାପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଏହି ମାମଲାରେ ରାୟ ପ୍ରକାଶ କରି କହିଛନ୍ତି ଯେ, ଏଥିରେ ତଦନ୍ତକାରୀ ଅଧିକାରୀ ଆବେଦନକାରୀଙ୍କୁ ତାଙ୍କ ଗିରଫଦାରୀ ସଂକ୍ରାନ୍ତରେ ଅବଗତ କରିନଥିବା 'ଆରେଷ୍ଟ ଅଫ ମେମୋ'ରୁ ସ୍ପଷ୍ଟ ଜଣାପଡ଼ିଛି। ଦ୍ୱିତୀୟରେ ଏହି ହତ୍ୟା ଘଟଣାରେ ଶ୍ରୀ ପଣ୍ଡାଙ୍କର ସିଧାସଳଖ ସମ୍ପୃକ୍ତି ନାହିଁ । ପୁଲିସ୍ ପକ୍ଷରୁ ଚୂଡ଼ାନ୍ତ ଚାର୍ଜସିଟ୍ ମଧ ଦାଖଲ ହୋଇସାରିଛି। ଯେଉଁଥିରେ ଆବେଦନକାରୀଙ୍କୁ ସହ-ଷଡ଼ଯନ୍ତ୍ରକାରୀ ଭାବେ ଦର୍ଶାଯାଇଛି । ହତ୍ୟା ଷଡ଼ଯନ୍ତ୍ର କାର୍ଯ୍ୟକାରୀରେ ମଧ ଆବେଦନକାରୀଙ୍କର କୌଣସି ଭୂମି ନାହିଁ । ତେଣୁ ଆବେଦନକାରୀଙ୍କୁ ଗିରଫଦାରୀ ସଂକ୍ରାନ୍ତରେ ଅବଗତ କରାଯାଇନଥିବାରୁ ଏହା ତାଙ୍କର ମୌଳିକ ଅଧିକାରକୁ କ୍ଷୁଣ୍ଣ କରୁଛି। ଆବେଦନକାରୀଙ୍କ ଗିରଫଦାରୀ ଆଇନରେ ସମ୍ପୂର୍ଣ୍ଣ ଭୁଲ୍ ବୋଲି ହାଇକୋର୍ଟ ସ୍ପଷ୍ଟ ମତଦେବା ସହ ଜାମିନ୍ ପ୍ରଦାନ କରିଛନ୍ତି।

### ପୁରୀ ମହାନଗର ନିଗମ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ

# ଜନତାର ଆବଶ୍ୟକତା ପୂରଣ ହିଁ ଗଣତନ୍ତ୍ରର ମୂଳ ଲକ୍ଷ୍ୟ : ଉପମୁଖ୍ୟମନ୍ତ୍ରୀ

ପୁରୀ (ସବ୍ୟୁ): ପୁରୀ ଏକ ଆଧ୍ୟାତ୍ମିକ, ଐତିହ୍ୟ,ପର୍ଯ୍ୟଟନ ଓ ସଂସ୍କୃତି ସମ୍ପର୍ଣ୍ଣ ପ୍ରାଚୀନ ସହର। ୧୮୮୧ ମସିହାରେ ପୁରୀ ପୌରପାଳିକା ଗଠିତ ହୋଇଥିଲା। ୨୦୩୧ କୁ ଏହା ୧୫୦ ବର୍ଷ ପୂର୍ତ୍ତି ହେବ। ଆମ ସମସ୍ତଙ୍କ ସହଭାଗିତା, ଜନସହଯୋଗ ଓ ପରସ୍ପର ମଧ୍ୟରେ ସମନ୍ୱୟ ଏହାର ବିକାଶ, ଉନ୍ନତିକୁ ତ୍ୱରାନ୍ୱିତ କରି ପାରିବ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ସୋମବାର ପୂର୍ବାହ୍ନରେ ଟାଉନ ହଲ ଠାରେ ପୁରୀ ମହାନଗର ନିଗମ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମହାପ୍ରଭୁଙ୍କ ଧାମ ପୁରୀ ଆମ ଓଡିଆ ଅସ୍ମୀତାର ପରିଚୟ।ସରକାର ଏଥିପାଇଁ ପୁରୀକୁ ସ୍ୱତନ୍ତ୍ର ଦୃଷ୍ଟିରେ ଦେଖିବା ସହ ମହାନଗର ନିଗମ କରିଛନ୍ତି ବୋଲି କହିଥିଲେ। ଆଧ୍ୟାତ୍ମିକ ସହ ଆଧୁନିକତା, ପର୍ଯ୍ୟଟନ ସହ ଆର୍ଥିକ ସମୃଦ୍ଧି, ସଂସ୍କୃତି ସହ ଐତିହ୍ୟ ଓ ଭାଗିଦାରୀ ର ସମ୍ମିଳିତ ଉଦ୍ୟମ ପୁରୀକୁ ଏକ ଶ୍ରେଷ୍ଠ ଓ ଅନନ୍ୟ ସହରରେ ପରିଣତ କରିବ। ସେଥିପାଇଁ ଏୟାରପୋର୍ଟ ର ବ୍ୟବସ୍ଥା, କ୍ରୁଜ ଟର୍ମିନାଲ, ଅନ୍ୟାନ୍ୟ ପର୍ଯ୍ୟଟନ ର ବିକାଶ ପାଇଁ ପଦକ୍ଷେପ ନିଆଯାଇଛି। ପୁରୀର ପ୍ରାଚୀନ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ର ଉନ୍ନତି କରଣ କରାଯିବ। ପୁରୀରେ କୌଣସି ଶିଳ୍ପ କାରଖାନା ନାହିଁ। ମହାପ୍ରଭୁଙ୍କ ଶ୍ରୀମନ୍ଦିର ଓ ପର୍ଯ୍ୟଟନ କ୍ଷେତ୍ର ଆମ ପାଇଁ ବଡ ଉପଲବ୍ଧି। ତେଣୁ ଏଠାକୁ ଆସୁଥିବା ହଜାର ହଜାର ପର୍ଯ୍ୟଟକଙ୍କୁ ଅତିଥି ଦେବୋଭବ ନ୍ୟାୟ ରେ ଉପଯୁକ୍ତ ସମ୍ମାନ, ସୁରକ୍ଷା ଓ ଆତିଥେୟତା ଦେବା ସହ ସହରକୁ ପରିଷ୍କାର, ପରିଚ୍ଛନ୍ନ ରଖିବା,ଜଳାଶୟ ଗୁଡିକୁ ସ୍ୱଚ୍ଛ ରଖିବା ପାଇଁ ସଂକଳ୍ପ ବଦ୍ଧ ହେବା। ଯାହା ଆମ ଅର୍ଥନୀତି କୁ ସମୃଦ୍ଧ ସହ ପୁରୀ କୁ ବିଶ୍ୱ ରେ ଏକ ଶ୍ରେଷ୍ଠ ସହରରେ ପରିଣତ ହୋଇ ପାରିବ ବୋଲି ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ପିପିଲି ବିଧାୟକ ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ପୁରୀ ସହରର ଉନ୍ନତି, ସ୍ୱଚ୍ଛତା, ସୌନ୍ଦର୍ଯ୍ୟ ଓ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ। ପୁରୀ ମହାନଗର ନିଗମର ଆୟୁକ୍ତ ଅଭିମନ୍ୟୁ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଶାନ୍ତ କୁମାର ପତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥି ମାନେ ସଫେଇ କର୍ମଚାରୀଙ୍କୁ ଶାଢୀ, ମିଷ୍ଟାନ୍ନ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ର ହିତାଧିକାରୀ ଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା।ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ୪ ଗୋଟି ଆଦର୍ଶ ଶୌଚାଳୟ ର ଉଦଘାଟନ ଓ ବଳିଆପଣ୍ଡା ଠାରେ ଏମ ଆର ଏଫ ର ଶିଳାନ୍ୟାସ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମ କୁ ସଂଚାଳନ କରିଥିଲେ। ଶେଷରେ ଉପ ଆୟୁକ୍ତ ଅରଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



### କଟକ ରେଳ ଷ୍ଟେସନରୁ ନାବାଳିକା ଅପହରଣ ଘଟଣା

# ବାଲିକୁଦାରୁ ଅଭିଯୁକ୍ତ ଗିରଫ: ଖୋର୍ଦ୍ଧାରୁ ଶିଶୁ ସୁରକ୍ଷିତ ଉଦ୍ଧାର

କଟକ,(ସବ୍ୟୁ): କଟକ ରେଳ ଷ୍ଟେସନର ଶିଖରପୁର ପଟ ପ୍ରବେଶ ପଥରୁ ଜଣେ ୭ ବର୍ଷର ଶିଶୁକନ୍ୟାଙ୍କୁ ଅପହରଣ କରି ନିଆଯାଇଥିବା ଘଟଣାରେ କମିସନରେଟ୍ ପୁଲିସର ନିଦ ହଜିଯାଇଥିଲା । ପୁଲିସ ଏହି ଘଟଣାକୁ ଲୁଚାଇ ରଖିବା ସହିତ ଆରମ୍ଭରୁ ତତ୍ପରତା ନଦେଖାଇବାରୁ ମାମଲାଟି ଜଟିଳ ହୋଇପଡ଼ିଥିଲା । ଏପରିକି ସମ୍ପୃକ୍ତ ସନ୍ଦିଗ୍ଧ ବ୍ୟକ୍ତିଙ୍କ ବିଷୟରେ କେହି ସୂଚନା ପ୍ରଦାନ କଲେ ୨୫ ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଥିଲା । ଗତକାଲି ଘଟଣାକୁ ୩୬ ଘଣ୍ଟାରୁ ଅଧିକ ସମୟ ବିତିଯାଇଥିଲେ ବି ଅପହୃତା ଶିଶୁକନ୍ୟା କିମ୍ବା ଅପହରଣକାରୀଙ୍କ କୌଣସି ସୁରାକ ମିଳିପାରିନଥିଲା । ବହୁ ଚେଷ୍ଟା ପରେ ଆଜି କମିସନରେଟ ପୁଲିସକୁ ସମ୍ପୃକ୍ତ ନାବାଳିକାକୁ ଉଦ୍ଧାର କରିଛି । ବାଲିକୁଦା ରେଳ ଷ୍ଟେସନରୁ ଅଭିଯୁକ୍ତକୁ ଗିରଫ କରାଯିବା ସହ ଖୋର୍ଦ୍ଧାରୁ ନାବାଳିକାକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ଗିରଫ ଅଭିଯୁକ୍ତ ହେଲା ମଙ୍ଗଳାବାଗ ଥାନା ଅନ୍ତର୍ଗତ ଥୋରିଆ ସାହି ହାଡ଼ି ସାହିର ରାଜୁ ଓରଫ ରାଜକିଶୋର ରାଉତରାୟ (୫୨) । ଅଭିଯୁକ୍ତ ଜଣକ ପୂର୍ବରୁ ମଧ୍ୟ ଅପରାଧିକ ମାମଲାରେ ସଂପୃକ୍ତ ଥିବା ପୁଲିସ ସୂଚନା ଦେଇଛି । ଗତ ଅଗଷ୍ଟ ୨୯ ତାରିଖ ଅପରାହ୍ନ ୨ଟା ୩୦ ମିନିଟ୍‌ରେ ଅନୁଗୋଳରୁ ଆସି ଜଣେ ମହିଳା ୭ ବର୍ଷର ନାତୁଣୀ ସହ କଟକ ରେଳ ଷ୍ଟେସନରେ ଓହ୍ଲାଇଥିଲେ । ଷ୍ଟେସନ ପରିସରରେ ନାତୁଣୀକୁ ଗୋଟିଏ ସ୍ଥାନରେ ବସାଇ ସେ ଖାଦ୍ୟ ଆଣିବାକୁ ଯାଇଥିବା ବେଳେ ଫେରି ଦେଖିଲା ବେଳକୁ ନାବାଳିକା ଜଣକ ନିଖୋଜ ଥିଲେ । ଏ ନେଇ ଚୌଦ୍ୱାର ଓ ଚାଉଳିଆଗଞ୍ଜ ଥାନାରେ ଲିଖିତ ଅଭିଯୋଗ ହେବା ପରେ ଚାଉଳିଆଗଞ୍ଜ ଥାନା କେସ୍ ନଂ ୩୮୮/୨୦୨୬ ଅନୁଯାୟୀ ବିଏନ୍‌ଏସ୍ ଏବଂ ଜେଜେ ଆକ୍ଟର ବିଭିନ୍ନ ଧାରାରେ ମାମଲା ରୁଜୁ କରାଯାଇଥିଲା । ଘଟଣାର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୦ଟି ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍‌ରେ ଏସିପି ଓ ଇନ୍‌ସପେକ୍ଟର ପହଞ୍ଚି ତଦନ୍ତ ପ୍ରକ୍ରିୟାକୁ ବ୍ୟାପକ କରିଥିଲେ । ପୁଲିସ ଡଗ୍ ସ୍କ୍ୱାଡ୍ ନିୟୋଜିତ କରାଯିବା ସହ କଟକ, କଠଜୋଡ଼ି, ବାଲିକୁଦା, ବାରଙ୍ଗ, ଭୁବନେଶ୍ୱର, ଯାଜପୁର ଓ ଭଦ୍ରକ ଆଦି ବିଭିନ୍ନ ରେଳ ଷ୍ଟେସନ ସମେତ ସିଏନବିଟି ବସ୍ ଷ୍ଟାଣ୍ଡର ସିସିଟିଭି ଫୁଟେଜ୍ ଗ୍ରହଣ କରାଯାଇ କଡ଼ା ନଜର ରଖାଯାଇଥିଲା । ଏହାସହ ନିଖୋଜ ଶିଶୁର ସନ୍ଧାନ ଦେବା ପାଇଁ ପୁଲିସ ୨୫ ହଜାର ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲା । ପୁଲିସ ରେଳବାଇ ସୁରକ୍ଷା ବଳ ସହ ମିଶି କଣ୍ଟ୍ରୋଲ ରୁମ୍‌ରୁ ଲାଇଭ ସିସିଟିଭି ଫୁଟେଜ୍ ତଦାରଖ କରିବା ସହ ରେଳ ଧାରଣା ଦେଇ ଅଭିଯୁକ୍ତ ଯାଇଥିବା ସନ୍ଦେହରେ ତଦନ୍ତ କରିଥିଲା । ଅଭିଯୁକ୍ତ ଗିରଫ ଏଡ଼ାଇବା ପାଇଁ ନିଜର ଦାଢ଼ି-ନିଶ କାଟି, ପୋଷାକ ବଦଳାଇ ନିଜ ରୂପ ବଦଳାଇବାକୁ ଚେଷ୍ଟା କରୁଥିଲା । କିନ୍ତୁ ବାଲିକୁଦା ରେଳ ଷ୍ଟେସନରେ ସନ୍ଦେହଜନକ ଭାବେ ବୁଲୁଥିବା ବେଳେ ପୁଲିସ ତାକୁ କାବୁ କରି ପଚରାଉଚରା କରିବାରୁ ସେ ସତ ମାନିଥିଲା ।

### ଓସିଏକୁ ସହଯୋଗର ହାତ

# ଟି- ୨୦ ସିଏମ୍ ଟ୍ରଫି ପାଇଁ କଟକ ପାନ୍ଥର୍ସ ଟିମ୍‌କୁ କିଣିଲା ଭାରତ ମସଲା କମ୍ପାନୀ

କଟକ,(ସବ୍ୟୁ): ଓଡ଼ିଶା କ୍ରିକେଟ ଆସୋସିଏସନ୍ (ଓସିଏ) ପକ୍ଷରୁ ବାରବାଟୀ ଷ୍ଟାଡିୟମ୍ ଠାରେ ଆସନ୍ତା ୨୦ ତାରିଖରୁ ହେବାକୁ ଥିବା ଟି- ୨୦ ସିଏମ୍ ଟ୍ରଫି ଲିଗ୍ ମ୍ୟାଚର ଦ୍ୱିତୀୟ ସଂସ୍କରଣରେ ଓସିଏକୁ ସହଯୋଗର ହାତ ବଢ଼ାଇଛନ୍ତି ରାଜ୍ୟ ଓ ରାଜ୍ୟ ବାହାରେ ସୁନାମ ଅର୍ଜନ କରିଥିବା ଭାରତ ମସଲା କମ୍ପାନୀ। ରାଜ୍ୟର କ୍ରିକେଟ ଖେଳାଳୀ ମାନଙ୍କୁ ଅଧିକ ଉତ୍ସାହିତ ଓ ସେମାନଙ୍କର ପ୍ରତିଭାକୁ ବିକଶିତ କରିବା ଲାଗି ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଗତ ବର୍ଷର ଡିଫେଣ୍ଡିଂ ଚମ୍ପିଆନ୍ କଟକ ପାନ୍ଥର୍ସ୍ ର ମାଲିକାନା ସତ୍ତ୍ୱ ହାସଲ କରିଛନ୍ତି। ଆସନ୍ତା ୬ ତାରିଖରେ ହେବାକୁ ଥିବା ଖେଳାଳୀ ନିଲାମ ପ୍ରକ୍ରିୟାରେ ସେ ନିଜେ ଉପସ୍ଥିତ ରହି ଚାରୋଟି ବର୍ଗର ସୁନାମ ଧନ୍ୟ କ୍ରିକେଟର ମାନଙ୍କୁ କଟକ ପାନ୍ଥର୍ଷ ପାଇଁ ଚୟନ କରିବେ। ଏତଦ୍ ବ୍ୟତୀତ ଓସିଏ ନିର୍ଦ୍ଦେଶାବଳୀ ଅନୁସାରେ ସେ ନିଜର ଇଚ୍ଛାନୁଯାୟୀ ଯେ କୌଣସି କ୍ରିକେଟ୍ ଲୁକ୍କାୟିତ ପ୍ରତିଭାକୁ ମଧ ଚିହ୍ନଟ କରି ଦଳରେ ସାମିଲ କରି ପାରିବେ। ଫଳରେ କ୍ରିକେଟ୍ ଖେଳ ପ୍ରତି ଧ୍ୟାନ ଦେଇ ସୁଯୋଗ ପାଉନଥିବା ପ୍ରତିଭାଟି ଓସିଏର ଦୃଷ୍ଟି ଆକର୍ଷଣ କରିପାରିବ। ତେବେ ଚଳିତ ବର୍ଷ ଏଥିରେ ଅଂଶ ଗ୍ରହଣ କରିବାକୁ ଥିବା ଭୁବନେଶ୍ୱର ଟାଇଗର୍ସ୍, ପୁରୀ ଟାଇଟାନ୍ସ, ରାଉରକେଲା ଷ୍ଟିଲର୍ସ୍ ,କେନ୍ଦୁଝର ମାଇନର୍ସ, ସମ୍ବଲପୁର ୱାରିୟର୍ସ ଭଳି ଟିମ୍ ର ଦୁର୍ଦ୍ଧର୍ଷ ଖେଳାଳୀ ମାନଙ୍କୁ ହରାଇ ତାଙ୍କ ଦଳ କଟକ ପାନ୍ଥର୍ଶ ଚଳିତ ବର୍ଷ 'ସିଏମ




### ବିଶ୍ୱହିନ୍ଦୁ ପରିଷଦର ସ୍ଥାପନା ଦିବସ ପାଳିତ

ଜଟଣୀ, (ସବ୍ୟୁ) : ହିନ୍ଦୁ ମାନବିନ୍ଦର ସୁରକ୍ଷା ଦୃଷ୍ଟିରୁ ଜନ୍ମାଷ୍ଟମୀ ତିଥିରେ ସମଗ୍ର ଦେଶର ହିନ୍ଦୁ ମାନଙ୍କୁ ସଂଗଠିତ କରିବା ଉଧେଶ୍ୟରେ ସ୍ଥାପନା ହୋଇଥିବା ବିଶ୍ୱହିନ୍ଦୁ ପରିଷଦର ସ୍ଥାପନା ଦିବସ ତଥା ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ସରସ୍ୱତୀଙ୍କ ତିରୋଧାନ ଦିବସ ସପ୍ତାହ ବ୍ୟାପି ପାଳନ କରାଯାଉଥିବା ବେଳେ ସ୍ଥାନୀୟ ୱେଲକମ ଗେଷ୍ଟହାଉସ ପରିସରରେ ବିଶ୍ୱହିନ୍ଦୁ ପରିଷଦ ଜଟଣୀ ପ୍ରଖଣ୍ଡ ପକ୍ଷରୁ ଜଟଣୀ ପ୍ରଖଣ୍ଡ ସଭାପତି ରମେଶ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପସଭାପତି ତ ସୁକାନ୍ତି ମହାପାତ୍ର, ବିଭାଗ ସମ୍ପାଦକ ବିଭୂଧେନ୍ଦ୍ର ବିଦ୍ୟାଧର, ମାତୃଶକ୍ତି ସଂଯୋଜିକା ସ୍ମିତା ପଟ୍ଟନାୟକ, ଜଟଣୀ ପ୍ରଖଣ୍ଡ ସମ୍ପାଦକ ତ୍ରିଲୋଚନ ମୁଦୁଲି, ରଶ୍ମିମୟୀ ପଟ୍ଟନାୟକ, ନରେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଖଣି ଚୋରି ଲୁଚାଇବା ପାଇଁ ବିଜେଡିର ନାଟକବାଜି : ବିରଂଚି

ଭୁବନେଶ୍ୱର, (ସବ୍ୟୁ): ବିଜୁ ବାବୁଙ୍କ ନାମ ନେଇ ବିଜେଡି ଗତ ୨୪ ବର୍ଷ ଶାସନରେ ଓଡ଼ିଶାର ବିକାଶରେ କିଛି ବି କରିନାହିଁ। ଶାଗ, ମାଛ ଦରରେ ଖଣିଜ ସମ୍ପଦକୁ ଅଣଓଡ଼ିଆ ବ୍ୟବସାୟୀଙ୍କୁ ଟେକି ଦେଇ ବ୍ୟାପକ ମୁନାଫା କମାଇଥିଲା ବିଜେଡି। କୌଣସି କ୍ଷେତ୍ରରେ ସୁଯୋଗ ନ ମିଳିବାରୁ ଓଡ଼ିଶାର ଅନେକ ପରିବାରର ପ୍ରାୟ ୧ କୋଟିରୁ ଉର୍ଦ୍ଧ୍ୱ ଯୁବକ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଥିଲେ। ବିଶେଷ କରି ନବୀନ ପଟ୍ଟନାୟକଙ୍କ ନିର୍ବାଚନମଣ୍ଡଳୀ ଓ ଗଂଜାମ ଜିଲ୍ଲାରୁ ସର୍ବାଧିକ ଦାଦନ ବାହାର ରାଜ୍ୟରେ ଗୋତି ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଓଡ଼ିଶାରେ ଆଇନଶୃଙ୍ଖଳା ପରିସ୍ଥିତି, ବେକାରୀ ସମସ୍ୟା, ମହିଳା ନିର୍ଯ୍ୟାତନା ଓ କୃଷି କ୍ଷେତ୍ରରେ ଶୀଥିଳତା ସହ ଶିଳ୍ପ କ୍ଷେତ୍ରରେ ମଧ ବ୍ୟାପକ ଦୁର୍ନୀତି ଓ ଭ୍ରଷ୍ଟାଚାର ଭରି ରହିଥିଲା। ନାମକୁ ମାତ୍ର ମନ୍ତ୍ରୀମାନେ ଥିବାବେଳେ ସରକାରୀ ବାବୁମାନେ ହିଁ ରାଜ୍ୟ ଚଳାଉଥିଲେ ଓ ରାଜକୋଷ ଲୁଟ କରୁଥିଲେ। ଖଣିଜ ସମ୍ପଦରେ ବ୍ୟାପକ ଲୁଟକୁ ନେଇ ଶାହ କମିଶନଙ୍କ ନିର୍ଦ୍ଦେଶକୁ ଗତ ସରକାର ଶୀତଳଭଣ୍ଡାରରେ ପକାଇ ଦେଇ ଦୁର୍ନୀତିଗ୍ରସ୍ତ ଖଣିମାଲିକମାନଙ୍କୁ ପ୍ରୋତ୍ସାହନ ଦେଇଥିଲେ ବୋଲି ଏକ ପ୍ରେସ ବିବୃତି ଜରିଆରେ ବିଜେପି ସାଧାରଣ ସମ୍ପାଦକ ବିରଂଚି ନାରାୟଣ ତ୍ରିପାଠୀ ଦର୍ଶାଇଛନ୍ତି। ମୋଦୀଜୀଙ୍କ ନେତୃତ୍ୱରେ କେନ୍ଦ୍ରରେ ସରକାର ଗଠନ ହେବାଠାରୁ ଓଡିଶାକୁ ଫୋକସ ଦେଇଥିଲା କେନ୍ଦ୍ରର ବିଜେପି ସରକାର। ବିଜେଡି ସମୟରେ ବାଲିମାଫିଆ, ଖଣି ମାଫିଆ, ଗୋମାଫିଆ ଓ ଭୂମାଫିଆଙ୍କୁ ସୁରକ୍ଷା ଦିଆଯାଇଛି । କେନ୍ଦ୍ର ସରକାରଙ୍କ ସହଯୋଗ ଓ ଓଡିଶା ପ୍ରତି ଫୋକସ ଯୋଗୁଁ ଓଡ଼ିଶାରେ ଏବେ ଶିଳ୍ପାୟନ ବୃଦ୍ଧି ପାଇଛି । ଧାନର ଏମ୍‌ଏସ୍‌ପି ମୂଲ୍ୟ ବୃଦ୍ଧି କରାଯାଇଥିବାରୁ ତଥା ଯୁବ ଗୋଷ୍ଠୀଙ୍କୁ ରାଜ୍ୟରେ ଆତ୍ମନିଯୁକ୍ତି ଯୋଗାଇ ଦିଆଯାଉଥିବାରୁ ଦାଦନଙ୍କ ସଂଖ୍ୟା କ୍ରମଶଃ ହ୍ରାସ ପାଇଛି। ବିଜୁ ବାବୁଙ୍କ କଳିଙ୍ଗ ନଗରରେ ଶିଳ୍ପ ବିକାଶ ପାଇଁ କେବଳ କଦମ୍ବ ଗଛଟିଏ ଲଗାଇଥିଲେ ବୋଲି ତାଙ୍କରି ଦଳର ବରିଷ୍ଠ ସଦସ୍ୟ ତଥା ସହଯୋଗୀ ଶ୍ରୀ ଶ୍ରୀକାନ୍ତ ବାବୁ ଆକ୍ଷେପ କରିଥିଲେ। ସେହିପରି ସୁକିନ୍ଦା ଅଂଚଳରେ ଥିବା ବିଭିନ୍ନ କ୍ରୋମାଇଟ ମାଇନ୍ସର ଲିଜ୍ ଅବଧି ସରିଯିବାରୁ ତାହାକୁ ମଧ ଓଏମ୍‌ସିକୁ ନଦେଇ ଘରୋଇ କମ୍ପାନୀକୁ କାହା ସ୍ୱାର୍ଥରେ ବିକ୍ରି କରିଦିଆଗଲା? ଏହାର ଜବାବ ବିଜେଡି ଦେବ କି ବୋଲି ଶ୍ରୀ ତ୍ରିପାଠୀ ପ୍ରଶ୍ନ କରିଛନ୍ତି। ସାମଗ୍ରିକ କ୍ଷେତ୍ରରେ ସମୃଦ୍ଧି ପାଇଁ ଓଡିଶା ସରକାର ଓ ମୁଖ୍ୟମନ୍ତ୍ରୀ ବ୍ୟାପକ ପ୍ରଚେଷ୍ଟା ଚଳାଇଛନ୍ତି। କିନ୍ତୁ ଖଣି ଦୁର୍ନୀତିରେ ସାମିଲ ଥିବା ବିଜେଡି ଏବେ ରାଜ୍ୟର ଖଣିଜ ସମ୍ପଦ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛି। ନୂତନ ଭାବେ ଏମ୍‌ଏମ୍‌ଡିଆର ଆଇନ ଓଡିଶା ସମେତ ସମସ୍ତ ରାଜ୍ୟକୁ ସେମାନଙ୍କ ପ୍ରାପ୍ୟ ଦେବା ସହ ରାଜ୍ୟ ଗୁଡିକର ବିକାଶରେ ସାହାଯ୍ୟ କରିବ। ବିଜେଡି ସମୟରେ ଖଣିଜ ସମ୍ପଦରୁ ରାଜସ୍ୱ ୫ ହଜାର କୋଟି ଥିବାବେଳେ ଏବେ ତାହା ୫୫ ହଜାର କୋଟିରେ ପହଂଚିଛି। ଡ଼ିଏମ୍‌ଏ ଫଣ୍ଡ ଦ୍ୱାରା ବିଜେଡି ନିଜର ଦଳୀୟ ସମ୍ପତି ଠୁଳ କରୁଥିବାବେଳେ ଏବେ ତାହାର ପରିବର୍ତନ କରାଯାଇ ସାଧାରଣ ନାଗରିକଙ୍କ ପାଇଁ ତାହା ବ୍ୟବହାର ହେଉଛି। ତେଣୁ ବିଜେଡି ନିଜର ସ୍ଥିତି ବଜାୟ ରଖିବା ପାଇଁ ଏଭଳି ନାଟକବାଜି କରୁଛି। ଏମ୍‌ଏମ୍‌ଡିଆର ଆକ୍ଟକୁ ନେଇ ଲୋକଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରୁଛି ବିଜେଡି, ଯାହାକି ସଫଳ ହେବନାହିଁ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।





ରାଜ୍ୟର ମର୍ଯ୍ୟାଦାଜନକ ବିଜୁ ପଟ୍ଟନାୟକ ଶ୍ରେଷ୍ଠ କ୍ରୀଡା ସାମ୍ବାଦିକ ପୁରସ୍କାର ହାସଲ କରିଥିବା 'ସମୟ'ର ଶକ୍ତି ପ୍ରକାଶ ନନ୍ଦଙ୍କୁ ଶୁଭେଚ୍ଛା ଜଣାଉଛନ୍ତି 'ସମୟ' ନିର୍ଦ୍ଦେଶିକା ଅନିତା ମହାନ୍ତି ।

### ପାରାଦୀପ ପୌରପାଳିକା ପକ୍ଷରୁ

# ଏଏମ୍/ଏନ୍ଏସ୍ ପୋର୍ଟସ କୁ ସିଏସ୍ଆର୍ ଉତ୍କର୍ଷ ସମ୍ମାନ

ଭୁବନେଶ୍ୱର (ସବ୍ୟୁ): ପୌରପାଳିକା ଅଞ୍ଚଳରେ ସିଏସ୍ଆର୍ ପଦକ୍ଷେପ ମାଧ୍ୟମରେ ଗୋଷ୍ଠୀ ବିକାଶ ପାଇଁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଏଏମ/ଏନଏସ ପୋର୍ଟସ୍ କୁ ସ୍ଥାନୀୟ ସ୍ୱାୟତ୍ତ ଶାସନ ଦିବସ ୨୦୨୬ ଅବସରରେ ପାରାଦୀପ ପୌରପାଳିକା ପକ୍ଷରୁ ସମ୍ମାନଜନକ ସିଏସ୍ଆର୍ ଉତ୍କର୍ଷ ସମ୍ମାନ ୨୦୨୬ ପୁରସ୍କାର ପ୍ରଦାନ କରାଯାଇଛି । ଅଗଷ୍ଟ ୩୧, ୨୦୨୬ରେ ପାରାଦୀପସ୍ଥିତ ଜୟଦେବ ସଦନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମାନ୍ୟବର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି ପୁରସ୍କାର ପ୍ରଦାନ କରିଥିଲେ ଏବଂ ଏଏମ୍/ଏନ୍ଏସ୍ ପୋର୍ଟସ୍ ପକ୍ଷରୁ ଏହି ପୁରସ୍କାର ଏଏମ୍/ଏନ୍ଏସ୍ ପୋର୍ଟସ୍‌ର ମେକାନିକାଲ୍ ହେଡ୍, ଲକ୍ଷ୍ମୀକାନ୍ତ ସାହୁ, , ଏବଂ ଏଏମ୍/ଏନ୍ଏସ୍ ପୋର୍ଟସ୍ର ଲିଡ୍– ସିଏସଆର ଯୁଗଜ୍ୟୋତି ମହାନ୍ତି, ଏଏମ୍/ଏନ୍ଏସ୍ ପୋର୍ଟସ୍ ଗ୍ରହଣ କରିଥିଲେ । ଏହି ଅବସରରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷର ଅଧ୍ୟକ୍ଷ ପି.ଏଲ୍. ହରନାଧ, ପାରାଦୀପର ଏଡିଏମ୍ ନିରଞ୍ଜନ ବେହେରା, ପାରାଦୀପ ପୌରପାଳିକାର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଉପାଧ୍ୟକ୍ଷା ଶ୍ରୀମତୀ



ଛବିଲତା ରାଉତ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ସମେତ ସ୍ଥାନୀୟ କାଉନସିଲର, ଏଏମ୍/ଏନ୍ଏସ୍ ଇଣ୍ଡିଆର ବରିଷ୍ଠ ଅଧିକାରୀ, ପାରାଦୀପ ପୌରପାଳିକାର ଅଧିକାରୀ ଏବଂ ସ୍ଥାନୀୟ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ ।

ପାରାଦୀପ ପୌରପାଳିକା ଅଞ୍ଚଳରେ ନିଜର ପ୍ରମୁଖ ସିଏସଆର ପଦକ୍ଷେପ ମାଧ୍ୟମରେ ଏଏମ୍/ଏନ୍ଏସ୍ ପୋର୍ଟସ୍ ଗୋଷ୍ଠୀ କଲ୍ୟାଣ ପ୍ରତି ନିଜର ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିଆସିଛି । ଏହି ପଦକ୍ଷେପଗୁଡ଼ିକ ମଧ୍ୟରେ ୱାର୍ଡ ନମ୍ବର ୩ର କଲ୍ୟାଣ ମଣ୍ଡପଠାରେ ଭୋକେସନାଲ୍ ଟେଲରିଂ ଟ୍ରେନିଂ ସେଣ୍ଟର, ବିଜୁ ମେମୋରିଆଲ୍ ହସ୍ପିଟାଲ୍ଠାରେ ଭିଜନ୍ ସେଣ୍ଟର, 'ବେଟି ପଢ଼ାଓ' ବୃତ୍ତି କାର୍ଯ୍ୟକ୍ରମ ଏବଂ ପାରାଦୀପ ପୌରପାଳିକା ଓ କୁଜଙ୍ଗ ବ୍ଲକ୍‌ର ଯକ୍ଷ୍ମା ରୋଗୀମାନଙ୍କୁ ପୁଷ୍ଟିକର ଖାଦ୍ୟ ସାମଗ୍ରୀର ପ୍ୟାକେଟ୍ ବଣ୍ଟନ ଅନ୍ତର୍ଭୁକ୍ତ । ଏଥିସହିତ, ଏଏମ୍/ଏନ୍ଏସ୍ ପୋର୍ଟସ୍ ବିଦ୍ୟାଳୟଗୁଡ଼ିକର ଭବନ ନବୀକରଣ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନରେ ମଧ୍ୟ ସକ୍ରିୟ ସହଯୋଗ କରୁଛି । ଏହି ପଦକ୍ଷେପ ଗୁଡ଼ିକ ମାଧ୍ୟମରେ ଏଏମ୍/ଏନ୍ଏସ୍ ପୋର୍ଟସ୍ ସାମାଜିକ ବିକାଶର ଏକ ପ୍ରମୁଖ ଅନୁପ୍ରେରକ ଭାବେ ନିଜର ଭୂମିକାକୁ ଆହୁରି ସୁଦୃଢ଼ କରିଛି ।

ଏହି ଅବସରରେ ଏଏମ୍/ଏନ୍ଏସ୍ ଇଣ୍ଡିଆର ଓଡ଼ିଶା ଅପରେସନ୍ସ ମୁଖ୍ୟ ୟୁ.ଏସ.ଆର. ରାଜୁ କହିଥିଲେ, "ଏହି ସମ୍ମାନ ଏଏମ୍/ଏନ୍ଏସ୍ ପୋର୍ଟସ୍ ପକ୍ଷରୁ ଏହାର କାର୍ଯ୍ୟ ପରିସରରେ ଥିବା ଗୋଷ୍ଠୀଗୁଡ଼ିକରେ ସାର୍ଥକ ପରିବର୍ତ୍ତନ ଆଣିବା ପାଇଁ ରହିଥିବା ଦୃଢ଼ ପ୍ରତିବଦ୍ଧତାର ପ୍ରତିଫଳନ । ଆବଶ୍ୟକତାଭିତ୍ତିକ ସିଏସଆର ପଦକ୍ଷେପ ମାଧ୍ୟମରେ ଆମେ ବ୍ୟକ୍ତିବିଶେଷଙ୍କୁ ସଶକ୍ତ କରିବା, ଅନୁଷ୍ଠାନଗୁଡ଼ିକୁ ସୁଦୃଢ଼ କରିବା ଏବଂ ସମାଜର ବୃହତ୍ତର କଲ୍ୟାଣ ପାଇଁ ଏକ ସ୍ଥାୟୀ ପ୍ରଭାବ ସୃଷ୍ଟି କରିବା ଦିଗରେ ନିରନ୍ତର ପ୍ରୟାସ କରୁଛୁ । ଏଏମ୍/ଏନ୍ଏସ୍ ପୋର୍ଟସ୍ ଶିକ୍ଷା, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ ଏବଂ ସାଂସ୍କୃତିକ ସମୃଦ୍ଧିକୁ ପ୍ରୋତ୍ସାହନ ଦେଉଥିବା ପ୍ରଭାବଶାଳୀ ସିଏସଆର କାର୍ଯ୍ୟକ୍ରମ ମାଧ୍ୟମରେ ଗୋଷ୍ଠୀ ବିକାଶକୁ ଆଗକୁ ବଢ଼ାଇବା ପାଇଁ ନିରନ୍ତର ପ୍ରତିବଦ୍ଧ ରହିଛି । ପାରାଦୀପ ପୌରପାଳିକା ପକ୍ଷରୁ ମିଳିଥିବା ଏହି ସମ୍ମାନ କମ୍ପାନୀର ଦୃଢ଼ ସହଭାଗୀତା ଗଢ଼ିବା ସହ ଏହି ଅଞ୍ଚଳର ସାମଗ୍ରିକ ବିକାଶରେ ଅବଦାନ ରଖିବାର ଦୃଷ୍ଟିକୋଣକୁ ଆହୁରି ସୁଦୃଢ଼ କରିଛି ।

# ନିଖିଳ ଓଡ଼ିଶା ଭାଗବତ ଟୁଙ୍ଗି ସୁରକ୍ଷା ସମିତି ବୈଠକ

ଭୁବନେଶ୍ୱର, (ସବ୍ୟୁ) : ନିଖିଳ ଓଡ଼ିଶା ଭାଗବତ ଟୁଙ୍ଗି ସୁରକ୍ଷା ସମିତି, ରାଜ୍ୟସ୍ତରୀୟ ପ୍ରଥମ କାର୍ଯ୍ୟକର୍ତ୍ତା ସମ୍ମିଳନୀ ୟୁନିଟ ୪, ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ତଥା ସମିତିର ଅଧ୍ୟକ୍ଷ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ପ୍ରତିଷ୍ଠାତା ତଥା ତତ୍ତ୍ୱାବଧାରକ ଶଙ୍କର୍ଷଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଙ୍ଗଠନ ସମ୍ପାଦକ ଡଃ ନାରାୟଣ ଚନ୍ଦ୍ର ସେନାପତି ମୁଖ୍ୟବକ୍ତା, ଉପଦେଷ୍ଟା ଲକ୍ଷ୍ମୀଧର ସାହୁ ବରେଣ୍ୟ ଅତିଥି, ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ, ସଙ୍ଗଠନ ସମ୍ପାଦକ ରମେଶ ସୁନା ତଥା କୋଷାଧ୍ୟକ୍ଷ ଡଃ ପୂର୍ଣ୍ଣଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଓଡ଼ିଶାରେ କିପରି ପୁରାତନ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ହେବ ଓ ନୂତନ ଭାଗବତ ଟୁଙ୍ଗି ନିର୍ମାଣ କରାଯାଇ ଭାଗବତ ପ୍ରତି



ଘରେ ଘରେ ପହଞ୍ଚିବ ତାର ଉଦ୍ୟମ ପାଇଁ ଅତିଥିମାନେ ଆହ୍ୱାନ କରିଥିଲେ । ୩୦ ଜିଲ୍ଲାରୁ ଆସିଥିବା ସଭାପତି ସମ୍ପାଦକ ଓ ସକ୍ରିୟ ସଦସ୍ୟ ମାନେ ନିଜର ଅନୁଭୂତି ସହ ଏହାର ସଫଳ ରୂପାୟନ କାମନା କରିବେ ବୋଲି ପ୍ରତିଜ୍ଞାବଦ୍ଧ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟର ଶତାଧିକ ଭାଗବତ ପ୍ରେମୀ ଯୋଗ ଦେଇଥିଲେ । ମନୋଜ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ପଦ୍ମଚରଣ ଆଚାର୍ଯ୍ୟ ଧନ୍ୟବାଦ୍ ଅର୍ପଣ କରିଥିଲେ ।

### ଖୋଲିଲା ମା' ମଝିଘରିଆଣୀଙ୍କ ହୁଣ୍ଡି

# ମିଳିଲା ୫୪.୧୫ ଲକ୍ଷ ଟଙ୍କା, ୬୪ ଗ୍ରାମ ସୁନା, ୧.୭୬୪ କେଜି ରୂପା ସହ ବିଦେଶୀ ମୁଦ୍ରା

ରାୟଗଡ଼ା,(ସବ୍ୟୁ) :ରାୟଗଡ଼ା ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିର ହୁଣ୍ଡି ସୋମବାର ଖୋଲାଯାଇଛି । ମନ୍ଦିର ପରିସରରେ ଥିବା ୯ଟି ଦାନହୁଣ୍ଡି ଖୋଲାଯାଇ ଦୀର୍ଘ ପ୍ରାୟ ୮ ଘଣ୍ଟା ଇଂଲଣ୍ଡ ଓୟୁଏଇ ସମେତ ବିଭିନ୍ନ ଦେଶର ନୋଟ ଓ ମୁଦ୍ରା ରହିଛି । ବିଦେଶରେ ରହୁଥିବା କୌଣସି ଭକ୍ତ ମା'ଙ୍କ ଦର୍ଶନ ପାଇଁ ଆସି ଏହି ବିଦେଶୀ ମୁଦ୍ରା ହୁଣ୍ଡିରେ ଦାନ କରିଥିବା ଅନୁମାନ କରାଯାଉଛି



ଧରି ଟଙ୍କା, ସୁନା ଓ ରୂପା ଗଣତି କରାଯାଇଥିଲା । ଏଥିରୁ ନଗଦ ୫୪ ଲକ୍ଷ ୧୫ ହଜାର ୯୦୨ ଟଙ୍କା, ୬୪ ଗ୍ରାମ ସୁନା ଓ ୧୭୬୪ ଗ୍ରାମ ରୂପା ମିଳିଛି । ଏଥିସହ ୬ଟି ଦେଶର ୧୧ଟି ବିଦେଶୀ ନୋଟ ଓ ୩ଟି ବିଦେଶୀ ମୁଦ୍ରା ମଧ୍ୟ ହୁଣ୍ଡିରୁ ବାହାରିଛି । ଏଥିରେ ଆମେରିକା, କାନାଡା, । ସୋମବାର ସକାଳ ୧୦ଟାରେ ମାଜିଷ୍ଟ୍ରେଟ ଓ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ହୁଣ୍ଡି ଖୋଲାଯାଇ ଗଣତି ଆରମ୍ଭ ହୋଇଥିଲା । ଗଣତି ପ୍ରକ୍ରିୟାରେ ବ୍ୟାଙ୍କ କର୍ମଚାରୀଙ୍କ ସମେତ ବହୁ ସାମିଲ ହୋଇଥିଲେ । ଗଣତି ସମୟରେ ପୁଲିସ ଓ ମନ୍ଦିର ସୁରକ୍ଷା କର୍ମଚାରୀଙ୍କ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ଏହା ପୂର୍ବରୁ ଜୁନ ୨୯ ତାରିଖରେ ହୁଣ୍ଡି ଖୋଲାଯାଇଥିବା ବେଳେ ସେଥିରୁ ନଗଦ ୧ କୋଟି ୨୨ ଲକ୍ଷ ୨୯ ହଜାର ୬୨୩ ଟଙ୍କା, ୩୦ ଗ୍ରାମ ସୁନା ଓ ୧୩୦୦ ଗ୍ରାମ ରୂପା ମିଳିଥିଲା । ଏଥିସହ ବିଭିନ୍ନ ଦେଶର ବିଦେଶୀ ନୋଟ ମଧ୍ୟ ମିଳିଥିଲା । ସାଧାରଣତଃ ବର୍ଷକୁ ୩ରୁ ୪ଥର ମନ୍ଦିର ହୁଣ୍ଡି ଖୋଲାଯାଇ ଗଣତି କରାଯାଏ । ତେବେ ଚଳିତଥର ପ୍ରାୟ ୪ ମାସ ପରେ ହୁଣ୍ଡି ଖୋଲାଯାଇଛି । ଆସନ୍ତା ମାସରେ ଦଶହରା ଥିବାରୁ ତା' ପୂର୍ବରୁ ହୁଣ୍ଡି ଖୋଲି ଗଣତି ପ୍ରକ୍ରିୟା ଶେଷ କରାଯାଇଛି । ହୁଣ୍ଡିରୁ ସଂଗୃହୀତ ନଗଦ ଟଙ୍କା ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆରେ ଜମା କରାଯାଇଥିବା ବେଳେ ସୁନା ଓ ରୂପାକୁ ଜିଲ୍ଲା କୋଷାଗାରରେ ସୁରକ୍ଷିତ ରଖାଯାଇଛି ।

### ପୂର୍ବତନ ସାଂସଦ ରାମଚନ୍ଦ୍ର ହାଁସଦା କଂଗ୍ରେସରେ ସାମିଲ

# ହାଁସଦାଙ୍କ ଯୋଗଦାନ ଆରମ୍ଭ ମାତ୍ର

ଭୁବନେଶ୍ୱର,(ସବ୍ୟୁ): କଂଗ୍ରେସ ଭବନରେ ଆୟୋଜିତ ଏକ ମହା ମିଶ୍ରଣ ପର୍ବରେ ମୟୂରଭଞ୍ଜ ପୂର୍ବତନ ସାଂସଦ ରାମଚନ୍ଦ୍ର ହାଁସଦା ଏବଂ ତାଙ୍କ ଶତାଧିକ ସମର୍ଥକ ଓପିସିସି ସଭାପତି ଭକ୍ତ ଚରଣ ଦାସ, ଓଡିଶା କଂଗ୍ରେସ ପ୍ରଭାରୀ ଲାଲଜୀ ଦେଶାଇଙ୍କ ଉପସ୍ଥିତିରେ କଂଗ୍ରେସ ଦଳରେ ବିଧିବଦ୍ଧ ଯୋଗଦାନ କରିଥିଲେ । ମିଶ୍ରଣ ପର୍ବରେ ଓପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ କଂଗ୍ରେସ ପ୍ରଭାରୀ ଲାଲଜୀ ଦେଶାଇ ଉତ୍ତରୀୟ ଏବଂ ଫୁଲତୋଡ଼ା ଦେଇ କଂଗ୍ରେସକୁ ଶ୍ରୀ ହାଁସଦାଙ୍କୁ ସ୍ୱାଗତ କରିଥିଲେ । ସ୍ୱାଗତ ପରେ ଶ୍ରୀ ହାଁସଦା ତାଙ୍କ ଅଭିଭାଷଣରେ କହିଲେ, ମୟୂରଭଞ୍ଜର ଆଦିବାସୀ ଦଳିତଙ୍କ ପାଇଁ ଆଜି ପର୍ଯ୍ୟନ୍ତ ଲଢେଇ କରି ଆସିଛି ।



କଂଗ୍ରେସ ହିଁ କେବଳ ମୟୂରଭଞ୍ଜ ଲୋକଙ୍କ ବିକାଶ କରିପାରିବ ଓ ସତ୍ୱାଭିମାନ ରଖିବ । ଓପିସିସି ସଭାପତି ଭକ୍ତ ଦାସଙ୍କ ନେତୃତ୍ୱରେ ମୟୂରଭଞ୍ଜରେ କଂଗ୍ରେସ ବାନା ଉଡେଇବ । ଏହି ମିଶ୍ରଣ ପର୍ବକୁ ସମ୍ବୋଧିତ କରି ଏଆଇସିସି କଂଗ୍ରେସ ପ୍ରଭାରୀ ଲାଲଜୀ ଦେଶାଇ କହିଲେ, ଦେଶର ଆଦିବାସୀ ଦଳିତ ପଛୁଆ ଲୋକଙ୍କ ଅଧିକାର ପାଇଁ ଆମକୁ ଲଢ଼ିବାକୁ ପଡ଼ିବ । ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ନୂଆ ଅଭିଯାନ ଆରମ୍ଭ ହୋଇଯାଇଛି । ଅସୁବିଧା ଆସିବ କିନ୍ତୁ କଂଗ୍ରେସ ସୈନିକ ଲଢ଼ିବେ । ମିଶ୍ରଣ ପର୍ବରେ ପୂର୍ବତନ ଓପିସିସି ସଭାପତି ଜୟଦେବ ଜେନା, ସୁରେଶ ରାଉତରାୟ, ଦେବାଶିଷ ପଟ୍ଟନାୟକ, ବିଧାୟକ ନୀଳମାଧ ହିକକା, ସିଦ୍ଧାର୍ଥ ଦାଶ, ଶୁଭେନ୍ଦୁ ମହାନ୍ତି, ପ୍ରକାଶ ଜେନା, ଭୁବନ ସାହୁ କଂଗ୍ରେସ ଦଳ ପକ୍ଷରୁ ଉପସ୍ଥିତ ଥିଲେ ।

### ସେପ୍ଟେମ୍ବରରେ ପ୍ରବଳ ବର୍ଷା

# ମାସେ ପୂର୍ବରୁ ପୂରଣ ହେଲା ମୌସୁମୀ କୋଟା

ଭୁବନେଶ୍ୱର (ସବ୍ୟୁ) : ମାସେ ପୂର୍ବରୁ ପୂରଣ ହେଲା ମୌସୁମୀ କୋଟା । ଚଳିତ ବର୍ଷ ଆଜି(ସୋମବାର) ୩୧ ଅଗଷ୍ଟ ସୁଦ୍ଧା ରାଜ୍ୟରେ ମୌସୁମୀ ବର୍ଷା ୧୧୫୪.୩ମିମି ରେକର୍ଡ ହୋଇଛି । ଯାହାକି ଜୁନରୁ ସେପେଟମ୍ବର ମଧ୍ୟରେ ସ୍ୱାଭାବିକ ବର୍ଷା ୧୧୫୦.୨ମିମିକୁ ଅତିକ୍ରମ କରିଛି । ଜୁନରେ ୪୭% ନିଅଣ୍ଟିଆ ସତ୍ତ୍ୱେ ମୌସୁମୀ ଏହି ଲକ୍ଷ୍ୟକୁ ମାସେ ପୂର୍ବରୁ ଅତିକ୍ରମ କରିଛି । ଉତ୍ତରକୁ ବୁଡ଼ାଉଛି, ପଶ୍ଚିମରେ ପ୍ରବଳ ବର୍ଷୁଛି । ଲଘୁଚାପ ବର୍ଷାରେ ବେହାଲ୍ ହେଲାଣି ବରଗଡ଼ରୁ ବାଲେଶ୍ୱର । ଆସନ୍ତାକାଲି(ମଙ୍ଗଳବାର) ପାଗରେ ସାମାନ୍ୟ ସୁଦ୍ଧାର ଆସିପାରେ । ତେବେ ପଶ୍ଚିମ ଓଡ଼ିଶାର ବରଗଡ଼ରେ ଅତିପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ଓ ୧୭ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି । ଅନ୍ୟପଟେ ରାଜ୍ୟରେ ମୌସୁମୀ ବର୍ଷାକୁ ନେଇ ଆସିଛି ଖୁସି ଖବର । ମାସେ ପୂର୍ବରୁ ପୂରଣ ହେଲା ମୌସୁମୀଜନିତ ବର୍ଷା କୋଟା । ସେପଟେ ସେପେଟମ୍ବରରେ ଉତ୍ତର ଓଡ଼ିଶାରେ ସ୍ୱାଭାବିକ କିମ୍ବା ସ୍ୱାଭାବିକରୁ ଅଧିକ ବର୍ଷା ହୋଇପାରେ ବୋଲି ସୂଚନା ଦେଇଛନ୍ତି ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର । ସେ କହିଛନ୍ତି, ଆସନ୍ତା ମାସରେ ମଧ୍ୟ ଓଡ଼ିଶାରେ ଲଘୁଚାପଜନିତ ବର୍ଷାର ପ୍ରଭାବ ରହିବ । ଦେଶରେ ଓଡ଼ିଶା ଏକମାତ୍ର ରାଜ୍ୟ ଯେଉଁଠି ଚଳିତ ବର୍ଷ ଅଧିକ ବର୍ଷା ହୋଇଛି ।

# କୋଲ୍‌କାତା ଚାଲାଣ ବେଳେ ୨୩କେଜି ଗଞ୍ଜେଇ ଜବତ, ଚାଲାଣକାରୀ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ବସ୍‌ରେ କୋଲ୍‌କାତା ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ମଞ୍ଚେଶ୍ୱର ଥାନା ପୋଲିସ ପଲାଶୁଣୀ ବସ୍‌ଷ୍ଟାଣ୍ଡରେ ଚଢାଉ କରିଥିଲା । ଚାଲାଣକାରୀ ସାଗର ଓରଫ ସୁମନ ପରିଡା (୨୦)କୁ ଗିରଫ କରିବା ସହ ତା'ନିକଟରୁ ୨୩କେଜି ଗଞ୍ଜେଇ ଥିବା ଏକ ବସ୍ତା ଜବତ କରାଯାଇଛି । ୩୦ ତାରିଖ ସନ୍ଧ୍ୟା ୭ଟା ବେଳେ ଜଣେ ପେସାଦାର ଗଞ୍ଜେଇ ବେପାରୀ ପଲାଶୁଣୀ ବସ୍‌ଷ୍ଟାଣ୍ଡରେ ଗଞ୍ଜେଇ ଧରି କୋଲ୍‌କାତା ବସ୍‌ରେ ଚାଲାଣ କରିବାକୁ ଠିଆ ହୋଇଥିବା ଖବର ମିଳିଥିଲା । ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ସତର୍କତାର ସହ ଚଢାଉ କରି ଗଞ୍ଜେଇ ଚାଲାଣକାରୀକୁ ଗିରଫ କରିବାରେ ସମର୍ଥ ହେଲା । ସୋମବାର ଗିରଫ ଚାଲାଣକାରୀ ସାଗରକୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ସାଗର ଘର ଗଞ୍ଜାମ ଜିଲ୍ଲାରେ ହୋଇଥିବାବେଳେ ସେ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଗଞ୍ଜେଇ ଚାଲାଣ କରିବା ସହ ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ କରେ ବୋଲି ପୋଲିସ କହିଛି ।

# ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ୭୭ତମ ସ୍ୱାୟତ ଶାସନ ଦିବସ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ପୌର ପରିଷଦ ଆନୁକୂଲ୍ୟରେ ୭୭ତମ ସ୍ୱାୟତ ଶାସନ ଦିବସ ସ୍ଥାନୀୟ ଜୟୀରାଜଗୁରୁ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତିଙ୍କ ପୌରହିତ୍ୟରେ



ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇ ଖୋର୍ଦ୍ଧା ପୌର ପରିଷଦ କୁ ଶୀର୍ଷରେ ପହଁଚାଇବା ପାଇଁ ସମସ୍ତ ସହରୀ ଯୋଜନା ଦ୍ରୁତ ରୂପାୟନ କରାଯାଉଛି ବୋଲି ପ୍ରକାଶ କରିଥିଲେ । ଶ୍ରୀ ଜଗଦେବ କହିଥିଲେ ସ୍ୱପ୍ନରୁ ସଂକଳ୍ପ, ସଙ୍କଳ୍ପରୁ ସିଦ୍ଧି ପ୍ରକାଶ କରି ଏକ ନବ ନିର୍ମାଣର ଯୁଗ, ଦୃତ ବିକାଶ ପଥେ ଖୋର୍ଦ୍ଧା ପୌର ପରିଷଦ, ସୂଚନା ପୁସ୍ତିକାକୁ ଉନ୍ମୋଚନ କରିଥିଲେ । ସେ କହିଥିଲେ ୨୦୨୫ ସ୍ୱାୟତ ଶାସନ ଦିବସ ରେ ଯାହା ସଂକଳ୍ପ ଥିଲା ତାହା ୨୦୨୬ ସ୍ୱାୟତ ଶାସନ ଦିବସରେ ସଂକଳ୍ପ କାର୍ଯ୍ୟକାରୀ ହେଲା ବୋଲି କହିଥିଲେ । ସହରରେ ସି ସି କ୍ୟାମେରା ଲାଗିବ, ଅତ୍ୟାଧୁନିକ ସପିଙ୍ଗ ମଲ୍ ନିର୍ମାଣ ଓ ୱାଟକୋ ଡିଭିଜନ କାର୍ଯ୍ୟାଳୟ ଖୋଲିବା ପାଇଁ ସରକାର ଙ୍କୁ ଅନୁମୋଦନ ମଗାଯାଇଛି ବୋଲି ପ୍ରକାଶ କରିଥିଲେ ।

ପୌର ନିର୍ବାହୀ ଅଧିକାରୀ କାବେରୀ ମୁଦୁଲି ପୌର ପରିଷଦ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ସମ୍ପର୍କରେ କହିଥିଲେ । ୮ ଗୋଟି ଗ୍ରାମକୁ ନେଇ ୧୨ ଜୁଲାଇ ୧୯୭୦ ମସିହାରେ ଜୀବନ୍ୟାସ ପାଇଥିବା ପୌର ପରିଷଦ ଆଜି ୨୨ ଗୋଟି ୱାର୍ଡକୁ ନେଇ ସମ୍ବିଧାନର ୭୪ ତମ ସଂଶୋଧନ ଧାରାରେ କ୍ଷମତା ବିକେନ୍ଦ୍ରୀକରଣ ହୋଇ ସହରର ସର୍ବାଙ୍ଗିନ ବିକାଶ ପଥେ ଆଗେଇ ଚାଲିଛି ବୋଲି ଉଲ୍ଲେଖ କରିଥିଲେ । ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ ଦୀର୍ଘବର୍ଷ ଧରି ଉଲ୍ଲେଖନୀୟ ଅବଦାନ ପାଇଁ ରଞ୍ଜିତ କେ.ଏନ୍. ସାମନ୍ତରାୟଙ୍କୁ ପୌର ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଅତିଥିମାନେ ତାଙ୍କୁ ଉତରୀୟ ପ୍ରଦାନ କରିବା ସହ ମାନପତ୍ର ଦେଇ ସମ୍ମାନିତ କରିବା ସହ ତାଙ୍କର ସାମ୍ବାଦିକତା କ୍ଷେତ୍ରରେ ନିଷ୍ଠା, କର୍ତବ୍ୟପରାୟଣତା ଓ ଦୀର୍ଘଦିନର ସେବାକୁ ସମାରୋହରେ ପ୍ରଶଂସା କରିଥିଲେ । ସେହିପରି ସାମ୍ବାଦିକ ରାଜେଶ ମହାନ୍ତିଙ୍କ ମଧ୍ୟ ସମ୍ମାନିତ କରାଯାଇଥିଲା । ଏଥିସହିତ ସାହିତ୍ୟିକ, ସ୍ୱାଧିନତା ସଂଗ୍ରାମୀଙ୍କ ପରିବାର, ସମାଜସେବା, କଳା, ସଂସ୍କୃତି ପ୍ରଭୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷଙ୍କୁ ଅତିଥିମାନେ ଉପଢୋକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି ଅତିଥି ପରିଚୟ ଓ ଧନ୍ୟବାଦ ପ୍ରଦାନ କରିଥିଲେ । ଶେଷରେ କଳାକାର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ନକଲି ସୁନାରେ ୨.୧୨କୋଟି ଋଣ, ବ୍ୟାଙ୍କ ମ୍ୟାନେଜର ଗିରଫ

ଭୁବନେଶ୍ୱର, (ସବ୍ୟୁ) : ନକଲି ସୁନା ବନ୍ଧକ ରଖି ୨.୧୨କୋଟି ଟଙ୍କା ଋଣ ଦେଇଥିବା ବ୍ୟାଙ୍କ ମ୍ୟାନେଜର ସତ୍ୟବ୍ରତ ଭୋଇଙ୍କୁ ଗିରଫ କରିଛି କ୍ରାଇମ୍‌ବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) । ୟୁନିଅନ ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ଆଶୁତୋଷ ସୁଶୀଲ କୁମାର ପଟ୍ଟନାୟକଙ୍କ ଏତଲା ଆଧାରରେ ଇଓଡବ୍ଲ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି ।ୟୁନିଅନ ବ୍ୟାଙ୍କ ଯୋଡା ଶାଖାର ମ୍ୟାନେଜର ସତ୍ୟବ୍ରତ ଭୋଇ ୨୩ ଆକାଉଣ୍ଟ ଉପରେ ୧୦୦ ସୁନା ଋଣରେ ଜାଲିଆତି କରିଥିବା ଅଡିଟ୍‌ରୁ ଜଣାପଡିଲା । ୨୦୨୩ ଜୁନ୍‌ରୁ ୨୦୨୪ ଜୁନ୍ ମଧ୍ୟରେ ଏହି ଜାଲିଆତି କରାଯାଇଥିଲା । ଋଣ ନେଇଥିବା ଗ୍ରହୀତାମାନେ ନକଲି ସୁନା ବନ୍ଧକ ଦେଇଥିବାରୁ ଋଣ ପରିଶୋଧ କଲେନାହିଁ । ସୁନା ନିଲାମ ହେବା ପାଇଁ ପରୀକ୍ଷା କରାଯିବା ବେଳେ ବିନା କାଗଜପତ୍ରରେ ନକଲି ସୁନା ବନ୍ଧକ ରଖି ବ୍ୟାଙ୍କ ମ୍ୟାନେଜର ଋଣ ପ୍ରଦାନ କରିଥିବା ଜଣାପଡ଼ିଥିଲା । ସୁନା ପରୀକ୍ଷାରୁ ନକଲି ଜଣାପଡ଼ିବା ପରେ ଇଓଡବ୍ଲ୍ୟୁରେ ଏତଲା କରିଥିଲେ ଆଞ୍ଚଳିକ ମୁଖ୍ୟ । ଆଞ୍ଚଳିକ ମୁଖ୍ୟଙ୍କ ଏତଲା ଆଧାରରେ ତଦନ୍ତ ଜାରି ରହିଥିବା ବେଳେ ଯୋଡାୟୁନିଅନ ବ୍ୟାଙ୍କ ଶାଖାର ମ୍ୟାନେଜର ସତ୍ୟବ୍ରତ ଭୋଇକୁ ଇଓଡବ୍ଲ୍ୟୁ ଗିରଫ କରି ସୋମବାର କୋର୍ଟଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ଏକ୍ସଆଇଏମ୍‌ବି ଭୁବନେଶ୍ୱରର ବିଜିନେସ୍ ଏକ୍ସିଲେନ୍ସ ସମିଟ୍

ଭୁବନେଶ୍ୱର (ସବ୍ୟୁ): ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଭୁବନେଶ୍ୱର (ଏକ୍ସଆଇଏମ୍‌ବି) ଦ୍ୱାରା ଆୟୋଜିତ ଅଷ୍ଟମ ବିଜିନେସ୍ ଏକ୍ସିଲେନ୍ସ ସମିଟ୍‌ର ଦ୍ୱିତୀୟ ଦିନରେ 'ଇଏସ୍‌ଜି ରେଜିଲେନ୍ସ ବାଏ ଡିଜାଇନ୍' ବିଷୟ ଉପରେ ଏକ ପ୍ୟାନେଲ୍ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରେରଣା ପବ୍ଲିସର୍ସ ଫାଉଣ୍ଡରର ଆଣ୍ଡ ସିଇଓ ମିସ୍ ପ୍ରିୟଙ୍କା ଘୋଷ ଓ ୨୦୦୫ ବ୍ୟାଚ୍‌ର ପୂର୍ବତନ ଛାତ୍ର ତଥା ଷ୍ଟାରଟ୍‌ଲିଟିକ୍ସର



ସିଇଓ ଆଣ୍ଡ ଫାଉଣ୍ଡର ଦେବସ୍ମିତ ମହାନ୍ତି ଏବଂ ୧୯୯୭ ବ୍ୟାଚ୍‌ର ପୂର୍ବତନ ଛାତ୍ର ସମ୍ବିତୋଷ ମହାପାତ୍ର ଯୋଗ ଦେଇଥିଲେ । ଅଧିବେଶନଟି ଡ. ଏସ୍‌ଏସ୍ ଗଣେଷଙ୍କ ଦ୍ୱାରା ପରିଚାଳିତ ହୋଇଥିଲା । ପ୍ରାରମ୍ଭରେ ପ୍ରିୟଙ୍କା ଘୋଷ ଅଭିଭାଷଣ ପ୍ରଦାନ କରି ନିଜ ବୃତ୍ତିଗତ ଅଭିଜ୍ଞତାର ଉଦାହରଣ ଦେଇ ଅନ୍ୟମାନଙ୍କ ପ୍ରତି ଯତ୍ନଶୀଳ ହେବା ଉପରେ ଆଲୋକପାତ କରିଥିଲେ । ଚ୍ୟାଲେଞ୍ଜର ସମ୍ମୁଖୀନ ହେବାରେ ପରିବର୍ତ୍ତନ ଓ ଅନୁକୂଳନ ଶିଳତାର ଭୂମିକା ଉପରେ ଆଲୋଚନା କରିଥିଲେ । ଏହାପରେ ଦେବସ୍ମିତ ମହାନ୍ତି ଅଭିଭାଷଣ ପ୍ରଦାନ କରିଥିଲେ । ସେ ବାହ୍ୟ ପରିବେଶ ଅପେକ୍ଷା ଅଧିକ ଦ୍ରୁତଗତିରେ ଅନୁକୂଳିତ ହେବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ ଏବଂ ସ୍ଥିତି ସ୍ଥାପକତା ଗଢ଼ିବାରେ ଷ୍ଟେକ୍ ହୋଲଡର ମ୍ୟାନେଜମେଣ୍ଟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ଅଧିବେଶନରେ ସମ୍ବିତୋଷ ମହାପାତ୍ର ମଧ୍ୟ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ବକ୍ତା ଓ ଆଲୁମନି କମିଟ୍‌ର ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା ।

# ନୂଆପଡ଼ାରେ କେଏମସି ପକ୍ଷରୁ ବାଇମୁଣ୍ଡି ପେଟ୍ରୋଲ ପମ୍ପ ଉଦ୍‌ଘାଟିତ

କଟକ, (ସ୍ୱପ୍ର): କଟକ ମହାନଗର ନିଗମ ପକ୍ଷରୁ ନୂଆପଡ଼ାଠାରେ ବାଇମୁଣ୍ଡି ପେଟ୍ରୋଲ ପମ୍ପ ଉଦଘାଟିତ ହୋଇଯାଇଛି । ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଏହି ପ୍ରକଳ୍ପକୁ ସାଂସଦ ଭର୍ତୃହରି ମହତାବ ଉଦଘାଟନ କରିଥିଲେ । ମେୟର ସୁବାସ ସିଂହଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ଡେପୁଟି ମେୟର ଦମୟନ୍ତୀ ମଝି, କେଏମସି କମିସନର କିରଣଦୀପ କୌର ସହୋତା, ଲାଇସେନ୍ସ ଏବଂ ଅପିଲ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଏ ଶ୍ରୀଦେବୀ, ଏଷ୍ଟାବ୍ଲିସମେଣ୍ଟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରାକେଶ ସ୍ୱାଇଁ, କର୍ପୋରେଟର ଶୁଭାଶିଷ ପଟ୍ଟନାୟକ, କର୍ପୋରେଟର ରବି ନାରାୟଣ ସାହୁ, ପ୍ରଜ୍ଞା ବେଉରା, ପୂଜା କମିଟି ଓ ସାହି ମୁରବୀମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଇଣ୍ଡିଆନ ଅଏଲ ତରଫରୁ ଡିଭିଜନାଲ୍ ରିଟେଲ ସେଲ୍ସ ମୁଖ୍ୟ ବିଶାଲ ଗର୍ଗ, ଚିଫ୍ ସେଲ୍ସ ଅଫିସର୍ ଭୁବନେଶ୍ୱର ଅଭିନ୍ କୁମାର, ମ୍ୟାନେଜର ସେଲ୍ସ



ଆଓସିଏଲ ଭୁବନେଶ୍ୱର ଅଂଶୁମିତା ମହାପାତ୍ର, ନୂଆପଡ଼ା ପୂଜା କମିଟି ସଭାପତି ରମେଶ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭାପତି ରାକେଶ କୁମାର ପଶାୟତ, ସମ୍ପାଦକ ତପନ ପଶାୟତ, ଖପୁରିଆ ଉନ୍ନୟନ କମିଟି ସଭାପତି ସୁରେନ୍ଦ୍ରନାଥ ସେନାପତି, ବାଲିସାହି ଉନ୍ନୟନ କମିଟି ସଭାପତି ନାରାୟଣ ମହାରଣା, ସରକାରୀ ପ୍ରେସୟୁନିଅନର ପୂର୍ବତନ ସଭାପତି ପ୍ରଭାତ ଦେବତାଙ୍କ ସହ ଅନ୍ୟମାନେ ଉପସ୍ଥିତ ରହିଥିଲେ । ସ୍ଥାନୀୟ କର୍ପୋରେଟର ସନ୍ତୋଷ କୁମାର ଭୋଳ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ୱାୟତ୍ତ ଶାସନ ଦିବସ ସମାରୋହ

# ବାରିପଦାକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାକୁ ଆହ୍ୱାନ, ସଫେଇ କର୍ମଚାରୀ ସମ୍ବର୍ଦ୍ଧିତ

ବାରିପଦା, (ସବ୍ୟୁ) : ବାରିପଦା ପୌରପାଳିକା ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ ସୋମବାର ଉଦଘାଟିତ ହୋଇଛି । ସକାଳେ ପୌରାଞ୍ଚଳରେ ରାମଧୁନ୍ ପ୍ରଚାର ସହ ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ପୌର କାର୍ଯ୍ୟାଳୟ ପରିସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରୋହିତ୍ୟରେ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା ମହିଳା ସମିତିଗୁଡ଼ିକର ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶନୀ ଉଦଘାଟନ କରିଥିଲେ । ୩୬ଟି ଷ୍ଟଲ୍ ପରିଦର୍ଶନ କରି ସେ ମହିଳାଙ୍କ ହାତତିଆରି ସାମଗ୍ରୀର ପ୍ରଶଂସା କରିଥିଲେ । ଏହି ଅବସରରେ ଦୁଇଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ୍ ପ୍ରଦାନ କରାଯାଇଥିଲା । ସନ୍ଧ୍ୟାରେ ନଗରପାଳ ଶ୍ରୀ ମହାନ୍ତିଙ୍କ ପୌରୋହିତ୍ୟରେ ଉଦଘାଟନୀ ସଭା



ହୋଇଥିଲା । ଏଥିରେ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଉପନଗରପାଳ ସୀମା ଦାସ, କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ଏବଂ ସମସ୍ତ ୱାର୍ଡ କାଉନସିଲର ଉପସ୍ଥିତ ଥିଲେ । ପ୍ରଦୀପ ପ୍ରଜ୍ୱଳନ ପରେ ସଭା ଆରମ୍ଭ ହୋଇଥିଲା । ଅତିଥିମାନେ କହିଥିଲେ ଯେ, ୧୯୦୫ ମସିହାରେ ଆରମ୍ଭ ହୋଇଥିବା ବାରିପଦା ପୌରପାଳିକା ୧୨୧ ବର୍ଷରେ ପଦାର୍ପଣ କରିଛି ।୨୮ଟି ୱାର୍ଡର ବିକାଶ ସହ ସହରବାସୀଙ୍କୁ ମୌଳିକ ସୁବିଧା ଯୋଗାଇବା ଉପରେ ପୌରପାଳିକା ଗୁରୁତ୍ୱ ଦେଉଛି । ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପୌରପାଳିକା ପକ୍ଷରୁ ୩୦୦ କୋଟି ଟଙ୍କାର ଆକ୍ସନ୍ ପ୍ଲାନ୍ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ପ୍ରଦାନ କରାଯାଇଛି । ସହରକୁ ସ୍ୱଚ୍ଛ ରଖିବା ପାଇଁ ୭୦ଟି ଏଲ୍ସିଭି, ବିଓଭି ଓ ଟ୍ରଲି ମାଧ୍ୟମରେ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଉଛି । ୪୦୦ରୁ ଅଧିକ ସ୍ୱଚ୍ଛସାଥୀ, ସୁପରଭାଇଜର ଓ ସଫେଇ କର୍ମଚାରୀ ନିୟୋଜିତ ଥିବାବେଳେ ଏଥିପାଇଁ ମାସକୁ ୭୦ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହେଉଛି । ଆଗାମୀ ଦିନରେ ମାର୍କେଟ୍ କମ୍ପ୍ଲେକ୍ସ, ଭେଣ୍ଡିଂ ଜୋନ୍, ମଧୁବନରେ ସ୍ମାର୍ଟ ପାର୍କ, ଗୋଶାଳା, ବିଭିନ୍ନ ଛକର ସୌନ୍ଦର୍ଯ୍ୟକରଣ ଓ ଛଉ ପଡ଼ିଆର ଉନ୍ନତିକରଣ ଯୋଜନା ରହିଛି । ବାରିପଦାର ଟ୍ରାଫିକ୍ ସମସ୍ୟା, ରାସ୍ତା ଉପରେ ପାର୍କିଂ ଓ ଉଠାଦୋକାନୀଙ୍କ ଦଖଲ ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏଥିସହ ଆର୍ଟ ଗ୍ୟାଲେରୀ, ଆମ୍ୟୁଜମେଣ୍ଟ ପାର୍କ ଓ ବଣଭୋଜି ସ୍ଥାନ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି । ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା ବାରିପଦାକୁ ପ୍ଲାଷ୍ଟିକମୁକ୍ତ, ଜବରଦଖଲମୁକ୍ତ ଓ ଅଳିଆ ଆବର୍ଜନାମୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ । ସ୍ୱଚ୍ଛ ସର୍ବେକ୍ଷଣରେ ବାରିପଦାକୁ ଶ୍ରେଷ୍ଠ ସ୍ଥାନରେ ପହଞ୍ଚାଇବା ପାଇଁ ଜନସହଭାଗିତା ଆବଶ୍ୟକ ବୋଲି ସେ କହିଥିଲେ । ଏହି ଅବସରରେ ଉଲ୍ଲେଖନୀୟ ସେବା ପାଇଁ ସଫେଇ କର୍ମଚାରୀ, ସୁପରଭାଇଜର, ସଫେଇ ଗାଡ଼ି ଚାଳକ, ଏଏଲ୍ଏଫ୍ ଓ ମହିଳା ସମିତିଗୁଡ଼ିକୁ ସମ୍ବର୍ଦ୍ଧିତ କରାଯାଇଥିଲା । ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ୱାର୍ଡ କାଉନସିଲର ଅନନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଲଗାଣ ବର୍ଷା ଓ ବନ୍ୟା ସ୍ଥିତି ଯୋଗୁଁ ମଙ୍ଗଳବାର ହେବାକୁ ଥିବା ରକ୍ତଦାନ ଶିବିର ସ୍ଥଗିତ ରଖାଯାଇଛି । ତିନିଦିନିଆ ସମାରୋହ ବୁଧବାର ଉଦଯାପିତ ହେବ ।

# ବନ୍ୟାଜଳର ପ୍ରଖର ସ୍ରୋତରେ ଭାସିଗଲେ ଖବରକାଗଜ ବିକ୍ରେତା

## ଅଗ୍ନିଶମ ବାହିନୀ ଓ ପୋଲିସର ଉଦ୍ଧାର ଅଭିଯାନ ଜାରି

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାରେ ଗତକାଲିଠାରୁ ଲଗାଣ ବର୍ଷା ଲାଗି ରହିଥିବାବେଳେ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇଛି । ଏହି ବନ୍ୟା ପରିସ୍ଥିତି ମଧ୍ୟରେ ଗୋରୁମହିଷାଣୀ ଥାନା ଅନ୍ତର୍ଗତ ଆମଦାବେଡା-ନୂଆଗାଁ ନଦୀର ପ୍ରଖର ସ୍ରୋତରେ ଭାସିଯାଇ ଜଣେ ଖବରକାଗଜ ବିକ୍ରେତା ନିଖୋଜ ହୋଇଛନ୍ତି । ନିଖୋଜ ବ୍ୟକ୍ତି ହେଲେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବିଜାତଳା ବ୍ଲକର ଆମ୍ବଡିହା ଗ୍ରାମର ୬୫ ବର୍ଷୀୟ ଶଶିଧର ଗିରି । ପ୍ରତିଦିନ ଭଳି ସୋମବାର ସକାଳେ ସେ ସାଇକେଲରେ ଖବରକାଗଜ ବାଣ୍ଟିବାକୁ ଯାଇଥିଲେ ।ଆମଦାବେଡା



ଗ୍ରାମ ନିକଟରେ ଆମଦାବେଡା-ନୂଆଗାଁ ନଦୀର ବନ୍ୟାଜଳ ରାସ୍ତା ଉପରେ ପ୍ରବାହିତ ହେଉଥିବାବେଳେ ସେ ସାଇକେଲ ସହ ପ୍ରଖର ସ୍ରୋତରେ ଭାସି ଯାଇଥିଲେ । ଖବର ପାଇ ପରିବାର ଲୋକଙ୍କ ସହ ଅଗ୍ନିଶମ ବାହିନୀ ଓ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତୁରନ୍ତ ଖୋଜାଖୋଜି ଆରମ୍ଭ କରିଥିଲେ । ଦୀର୍ଘ ସମୟ ଧରି ଉଦ୍ଧାର ଅଭିଯାନ ଚାଲିଥିଲେ ମଧ୍ୟ ସନ୍ଧ୍ୟା ସୁଦ୍ଧା ଶଶିଧରଙ୍କ କୌଣସି ସନ୍ଧାନ ମିଳିନାହିଁ । ଗୋରୁମହିଷାଣୀ ଥାନା ଅଧିକାରୀ ଜଗନ୍ନାଥ ମୁଣ୍ଡା କହିଛନ୍ତି ଯେ, ଶଶିଧର ପ୍ରତିଦିନ ସାଇକେଲରେ ଖବରକାଗଜ ବାଣ୍ଟିବାକୁ ଯାଉଥିଲେ । ପାଟପୁରଠାରୁ ପ୍ରାୟ ୨ରୁ ୩ କିଲୋମିଟର ଦୂର ଆମଦାବେଡା ନିକଟରେ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାବେଳେ ସେ ସାଇକେଲ ସହ ଭାସିଯାଇଥିଲେ ।

# ୬ ଗୋରୁ ବୋଝେଇ ଗାଡି ଜବତ, ୨ ଗିରଫ

ବୁଗୁଡା, (ସବ୍ୟୁ) : ବେଆଇନ ଗୋଚାଲାଣ ବେଳେ ବୁଗୁଡ଼ା ଥାନା ଅନ୍ତର୍ଗତ ଷୋଳମଇଲିଠାରେ ପୋଲିସ ୬ଟି ଗୋରୁ ବୋଝେଇ ଏକ ଗାଡିକୁ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ଗିରଫ ଦୁଇ ଜଣ ହେଲେ ଦିଗପହଣ୍ଡି ଥାନା ଅନ୍ତର୍ଗତ ଗୋକର୍ଣ୍ଣପୁର ଗ୍ରାମର ମିଥୁନ ନାୟକ (୩୨) ଓ କୁଳମଣି ଜେନା (୪୨) । ଏନେଇ ଥାନାରେ କେସ୍ ନଂ ୪୩୨/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ଗତକାଲି ବିଳମ୍ବିତ ରାତିରେ ପୋଲସରା ଥାନା ଅନ୍ତର୍ଗତ ଭାବରଡା ଗ୍ରାମରୁ ଦିଗପହଣ୍ଡିକୁ ବେଆଇନ ଗୋଚାଲାଣ ହେଉଥିବା ଏକ ଗାଡି (ନଂ-ଓଡି-୦୭ଏଏ - ୦୫୫୮) ଷୋଳମଇଲିଠାରେ ପେଟ୍ରୋଲିଂ କରୁଥିବା ପୋଲିସ ହାବୁଡରେ ପଡିଥିଲା । ସେଥିରେ ୨ଟି ବଳଦ ଓ ୪ଟି ଗାଇ ବୋଝେଇ ହୋଇଥିଲା । ପୋଲିସ ଗୋରୁ ବୋଝେଇ ଗାଡିକୁ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଥିଲା । ଜବତ ଗୋରୁଗୁଡିକୁ କରଚୁଲି ଗୋଶାଳାକୁ ପଠାଯାଇଥିବା ବେଳେ ଏହି ମାମଲାର ତଦନ୍ତ ଦାୟିତ୍ୱରେ ଏଏସ୍ଆଇ ଉପେନ୍ଦ୍ର କ୍ରାସକା ରହିଥିବା ଜଣାଯାଇଛି ।

## ଦେଶ ପାଇଁ ରଗ୍‌ବୀ ଖେଳିବେ ସଫେଇ କର୍ମଚାରୀଙ୍କ ଝିଅ ସୁମିତ୍ରା

# ଚୀନ୍‌ରେ ହେବାକୁ ଥିବା ଏସିଆ ରଗ୍‌ବୀ ଚାମ୍ପିଅନ୍‌ସିପ୍‌ରେ ଭାରତୀୟ ଦଳରେ ସ୍ଥାନ

ବାରିପଦା, (ସବ୍ୟୁ) : ଆର୍ଥିକ ଅନଟନ ଓ ଅନେକ ପ୍ରତିକୂଳ ପରିସ୍ଥିତିକୁ ପଛରେ ପକାଇ କ୍ରୀଡ଼ା କ୍ଷେତ୍ରରେ ମୟୂରଭଞ୍ଜର ନାଁକୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଉଜ୍ଜ୍ୱଳ କରିଛନ୍ତି ବାରିପଦା ବ୍ଲକ ଅନ୍ତର୍ଗତ ରାଜାବସା-ଶିକାରଘାଟି ଅଞ୍ଚଳର ଝିଅ ସୁମିତ୍ରା ମୁର୍ମୁ । ଆସନ୍ତା ସେପେଟମ୍ବର ୫ ଓ ୬ତାରିଖରେ ଚୀନ୍‌ର କିଙ୍ଗଡାଓଠାରେ ଅନୁଷ୍ଠିତ ହେବାକୁ ଥିବା ଅଣ୍ଡର-୧୮ ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ଚାମ୍ପିଅନ୍ ସିପ୍-୨୦୨୬ ପାଇଁ ସୁମିତ୍ରା ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି । ଏହି ସଫଳତାରେ ମୟୂରଭଞ୍ଜ ସମେତ ସମଗ୍ର ଓଡ଼ିଶା ପାଇଁ ଗର୍ବର ମୁହୂର୍ତ୍ତ ସୃଷ୍ଟି ହୋଇଛି । ସୁମିତ୍ରାଙ୍କ ବାପା ରାମ ମୁର୍ମୁ ବାରିପଦା ପୌରପାଳିକାରେ ସଫେଇ କର୍ମଚାରୀ ଭାବେ କାର୍ଯ୍ୟରତ । ମା ଶଙ୍ଖୀ ମୁର୍ମୁ ପାରମ୍ପରିକ ପାନୀୟ ବିକ୍ରି କରି ପରିବାର ଚଳାଇଥାନ୍ତି । ଅଭାବ ଓ ଅନଟନ ମଧ୍ୟରେ ବଢ଼ିଥିବା ସୁମିତ୍ରା ନିଜର ଦୃଢ଼ ଇଚ୍ଛାଶକ୍ତି, ପରିଶ୍ରମ ଓ ନିରନ୍ତର ଅଭ୍ୟାସ ବଳରେ ଆଜି ଦେଶର




ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛନ୍ତି । ରାଣୀଭୋଳ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ପଢୁଥିବା ସମୟରୁ ସୁମିତ୍ରା ରଗ୍‌ବୀ ଖେଳ ପ୍ରତି ଆକୃଷ୍ଟ ହୋଇଥିଲେ । ମୟୂରଭଞ୍ଜର ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳରୁ କ୍ରୀଡ଼ା ପ୍ରତିଭା ଚିହ୍ନଟ କରି ସେମାନଙ୍କୁ ଉଚ୍ଚସ୍ତରୀୟ ପ୍ରଶିକ୍ଷଣ ଦେବାରେ କାର୍ଯ୍ୟରତ ଫ୍ୟୁଚର୍ ଷ୍ଟାର୍ ସ୍ପୋର୍ଟସ୍ ଏକାଡେମୀର ପ୍ରଶିକ୍ଷଣ ତାଙ୍କ ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି । ଏକାଡେମୀ ପକ୍ଷରୁ ତୃଣମୂଳ ସ୍ତରର ପ୍ରତିଭାଙ୍କୁ ଚିହ୍ନଟ କରି ଜାତୀୟ ଓ ଆନ୍ତର୍ଜାତୀୟ ମଞ୍ଚ ପାଇଁ ପ୍ରସ୍ତୁତ କରାଯାଉଛି । ୨୦୦୮ ଡିସେମ୍ବର ୩୧ରେ ଜନ୍ମିତ ସୁମିତ୍ରା ନିଜ କ୍ରୀଡ଼ା ଜୀବନରେ ମଧ୍ୟ ଅନେକ ସଫଳତା ହାସଲ କରିଛନ୍ତି । ୨୦୨୬ ଜୁନିୟର ଜାତୀୟ ରଗ୍‌ବୀ ପ୍ରତିଯୋଗିତାରେ ହାଇଦ୍ରାବାଦରେ ସ୍ୱର୍ଣ୍ଣ, ୨୦୨୬ ସିନିୟର ଜାତୀୟ ରଗ୍‌ବୀ ପ୍ରତିଯୋଗିତାରେ ବିହାରର ରାଜଗିରରେ ସ୍ୱର୍ଣ୍ଣ ଏବଂ ୬୯ତମ ଜାତୀୟ ବିଦ୍ୟାଳୟ କ୍ରୀଡ଼ା (୨୦୨୫-୨୬)ରେ ଦିଲ୍ଲୀରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଏଥିସହ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ସମେତ ବିଭିନ୍ନ ଜାତୀୟ ଜୁନିୟର ପ୍ରତିଯୋଗିତାରେ ମଧ୍ୟ ସେ ରୌପ୍ୟ ପଦକ ଅର୍ଜନ କରିଛନ୍ତି । ସୁମିତ୍ରାଙ୍କ ଏହି ଉଲ୍ଲେଖନୀୟ ସଫଳତା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି । ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ, ମୟୂରଭଞ୍ଜ ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ବିଜୟ କୁମାର ଦାସ, ଏକାଡେମୀ ନିର୍ଦ୍ଦେଶକ ଅମର କୁମାର ସେଠୀ, ଉପଦେଷ୍ଟା ସୋମନାଥ ସିଂହ ଓ ମଙ୍ଗଲ ହାଁସଦାଃ, ସହ-ପ୍ରତିଷ୍ଠାତା ରୂପାଲୀ ସୋରେନ, ସାଇ କିରଣ ନାୟକ, ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ ଏବଂ କୋଚ୍ ଚନ୍ଦନ ସିଂ ଓ ଅଜିତ କୁମାର ହାଁସଦାଃ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

# ଡ. ପ୍ରକାଶ କୁମାର ହୋତା ନିଷ୍ଟ୍ ବିଶ୍ୱବିଦ୍ୟାଳୟରେ ନୂତନ କୁଳପତି

ବ୍ରହ୍ମପୁର, (ସବ୍ୟୁ) : ନିଷ୍ଟ୍ ବିଶ୍ୱବିଦ୍ୟାଳୟରେ ଡ. ପ୍ରକାଶ କୁମାର ହୋତା ନୂତନ କୁଳପତି ଭାବେ ନିଯୁକ୍ତ ହୋଇଛନ୍ତି । ଡ. ହୋତା ଯାଦବପୁର ବିଶ୍ୱବିଦ୍ୟାଳୟରୁ ବିଦ୍ୟୁତ ବିଭାଗ ରେ ପିଏଚଡି, ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଏମ୍‌ଟେକ ଏବଂ ଏନଆଇଟି ତିରୁଚିରାପଲ୍ଲୀରେ ବି. ଟେକ୍ ଶିକ୍ଷା ଲାଭ କରିଛନ୍ତି । ତାଙ୍କର ୪୦ ବର୍ଷର ଏକାଡେମିକ୍ ଓ ପ୍ରଶାସନିକ ନେତୃତ୍ୱର ଅଭିଜ୍ଞତା ରହିଛି । ନିଷ୍ଟ୍ ବିଶ୍ୱବିଦ୍ୟାଳୟରେ ଯୋଗଦେବା ପୂର୍ବରୁ ସେ କଟକ ସ୍ଥିତ ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ପ୍ରଥମ



କୁଳପତି ଭାବେ କାର୍ଯ୍ୟ ସମ୍ପାଦନ କରିଛନ୍ତି । ସେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗର ରାଜ୍ୟ ପରାମର୍ଶଦାତା କମିଟିର ସଦସ୍ୟ ଭାବରେ ମଧ୍ୟ କାର୍ଯ୍ୟ କରୁଛନ୍ତି । ଏହା ପୂର୍ବରୁ ସେ ଭିଏସଏସୟୁଟି ବୁର୍ଲାରେ ଡିନ୍ ସ୍କୁଲ୍ ଅଫ୍ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ଭାବେ କାର୍ଯ୍ୟରତ ଥିଲେ । ସେ ଏପର୍ଯ୍ୟନ୍ତ ୪୫ ଜଣ ମାଷ୍ଟର୍ସ ଛାତ୍ର ଏବଂ ୧୬ ଜଣ ପିଏଚଡି ଛାତ୍ରଙ୍କୁ ମାର୍ଗଦର୍ଶନ କରିଛନ୍ତି ଏବଂ ଅନ୍ତର୍ଜାତୀୟ ପେଟେଣ୍ଟ ସମେତ ଅନ୍ୟାନ୍ୟ ପ୍ରଭାବଶାଳୀ ପ୍ରବନ୍ଧ ରଚନାର କୃତିତ୍ୱ ରହିଛି । ତାଙ୍କର ଗବେଷଣା ରୁଚି ମଧ୍ୟରେ ପାଓ୍ୱାର ସିଷ୍ଟମ ଇଞ୍ଜିନିୟରିଂ, ସଫଟ କମ୍ପ୍ୟୁଟିଂ ଏବଂ ମାଇକ୍ରୋ ପ୍ରୋସେସର ଆଦି ସାମିଲ ରହିଛି । ସେ ସଫଳତାର ସହ ପାଞ୍ଚଟି ପ୍ରାୟୋଜିତ ଗବେଷଣା ପ୍ରକଳ୍ପ ସମାପ୍ତ କରିଛନ୍ତି ଏବଂ ଗୋଟିଏ ପେଟେଣ୍ଟ ପ୍ରକାଶ କରିଛନ୍ତି । ସେ ବିଭିନ୍ନ ପ୍ରସିଦ୍ଧ ଜାତୀୟ ଏବଂ ଆନ୍ତର୍ଜାତୀୟ ପତ୍ରିକା, ସମ୍ମିଳନୀ ଏବଂ ପତ୍ରିକାରେ ୨୦୪ ରୁ ଅଧିକ ଗବେଷଣା ପତ୍ର ପ୍ରକାଶ କରିଛନ୍ତି । ଏହି ଅବସରରେ ଏହି ଅବସରରେ ନିଷ୍ଟ ପ୍ରତିଷ୍ଠାତା ତଥା ସଭାପତି ଡକଟର ସୁକାନ୍ତ କେ. ମହାପାତ୍ର, ଡିନ ଏକାଡେ଼ମିକ ଡ଼. ପି. ରାଜେଶ କୁମାର, ଭାରପ୍ରାପ୍ତ କୁଳସଚିବ ଡ. ବିଷ୍ଣୁକର ନାୟକ,ଏବଂ ଛାତ୍ରଛାତ୍ରୀ ସ୍ୱାଗତ କରିଥିଲେ ।


**ରେଳମାନ୍ତ୍ରଣାଳୟ**
(ପୂର୍ବ ତଟ ରେଳପଥ)
**ସୂଚନା ପତ୍ର**
ଭୁବନେଶ୍ୱର, ତାରିଖ-03.08.2026
ରେଳ ଆଇନ, 1989 ର ସେକ୍ସନ୍ 20A ଅନ୍ତର୍ଗତସୂଚନା

S.O. 4305(E).- ରେଲୱେ (ସଂଶୋଧନ) ଆଇନ, 1989 (24/89)-ର ସେକ୍ସନ 20ର ର ସବ୍-ସେକ୍ସନ (1) ଦ୍ୱାରା ଦିଆଯାଇଥିବା ଶକ୍ତିରେ କେନ୍ଦ୍ର ସରକାର, ଏହା ନିଶ୍ଚିତ ହେଲା ପରେ ଯେ ଜନ ସାଧାରଣଙ୍କ ଉଦ୍ଦେଶ୍ୟ ପାଇଁ, ଯାହାର ସଂକ୍ଷିପ୍ତ ବିବରଣୀ ଏଠାରେ ନିମ୍ନଲିଖିତ ସୂଚୀରେ ଦିଆଯାଇଛି, ଏହା ପାଇଁ ସ୍ଥାନ ଆବଶ୍ୟକ ହୋଇଛି ବିଶେଷ ରେଲୱେ ପ୍ରକଳ୍ପ ପୂରଣ କରିବା ପାଇଁ, ପ୍ରକଳ୍ପର ନାମ "ଖୋର୍ଦ୍ଧା ରୋଡ୍ ଡିଭିଜନ୍ ଅଧୀନ, ଓଡିଶାର ଖୋର୍ଦ୍ଧା ଜିଲ୍ଲାରେ ଗଙ୍ଗାଧରପୁର(GNGD)-ସୋଲରି(SLZ) ଷ୍ଟେସନ ମଧ୍ୟରେ KM. 514/29-31ରେ ଲେଭେଲ୍ କ୍ରସିଂ ସଂଖ୍ୟା-246 ବନ୍ଦ କରିବା ପ୍ରତିସ୍ଥାନରେ ସଡ଼କ ଉପର ଅଧିସେତୁ ନିର୍ମାଣ" ପ୍ରକଳ୍ପ ପାଇଁ, ସେହି ସ୍ଥଳ ଅଧିଗ୍ରହଣ କରିବାକୁ ତାଙ୍କର ଇଚ୍ଛା ପ୍ରକାଶ କରିଛନ୍ତି ।

ଉକ୍ତ ଜମିରେ ରୁଚିଲିପ୍ତ କୌଣସି ବ୍ୟକ୍ତି, ଅଧିକୃତ ଗେଜେଟରେ ସୂଚନା ପ୍ରକାଶ ପାଇଁ ତାରିଖରୁ (30) ତିରିଶି ଦିନ ମଧ୍ୟରେ, ଉକ୍ତ ଜମିକୁ ଉଲ୍ଲେଖିତ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯିବା ଉପରେ ବିରୋଧ ଉଠାଇପାରିବେ, ଯାହା ଏହି କାନୁନର ଧାରା 20D ଅନୁଧାରା (1) ଅନ୍ତର୍ଗତ ଥାଏ ।

ସମସ୍ତ ଆପତ୍ତିଗୁଡ଼ିକୁ ସମ୍ପୂର୍ଣ୍ଣ କ୍ଷମତାଶୀଳ କାର୍ଯ୍ୟାଧିକାରୀଙ୍କୁ, ଅର୍ଥାତ୍ ଜମି ଅଧିଗ୍ରହଣ ପାଇଁ କ୍ଷମତାଶୀଳ କାର୍ଯ୍ୟାଧିକାରୀ (CALA) ଏବଂ ଚିଲିକା ତହସିଲଦାରଙ୍କୁ, ଲିଖିତ ଭାବରେ ଦାଖଲ କରାଯିବା ଦରକାର ହେବ, ଯାହା ଗଙ୍ଗାଧରପୁର(GNGD)-ସୋଲରି(SLZ) ଷ୍ଟେସନ ମଧ୍ୟରେ KM. 514/29-31ରେ ଲେଭେଲ୍ କ୍ରସିଂ ସଂଖ୍ୟା-246 ସଡ଼କ ଉପର ଅଧିସେତୁ ନିର୍ମାଣ ପାଇଁ ହାଓ୍ୱଡ଼ା-ଭିଶାଖାପଟ୍ଟଣମ୍ ମୁଖ୍ୟ ରେଳପଥ ଖୋର୍ଦ୍ଧା ରୋଡ୍ ବିଭାଗରେ ନିର୍ମିତ ହେବ । ଏହାର ତଥ୍ୟ ଓ ତ୍ରୁଟିମୂଳକ ବିବରଣୀ ସହିତ ଦାଖଲ କରାଯିବା ଦରକାର । କ୍ଷମତାଶୀଳ କାର୍ଯ୍ୟାଧିକାରୀ ଆପତ୍ତିକାରୀଙ୍କୁ ସେହି ବିଷୟରେ ଶୁଣିବାର ସୁଯୋଗ ଦେବେ, ସେ ନିଜେ ଲଗତାର କିମ୍ବା ଏକ ଆଇନ ବ୍ୟବସାୟୀଙ୍କ ମାଧ୍ୟମରେ ଆପତ୍ତିଗୁଡ଼ିକୁ ଶୁଣିବେ, ଏବଂ ସମସ୍ତ ଆପତ୍ତିଗୁଡ଼ିକୁ ଶୁଣିବା ପରେ ଏବଂ ଯଥା ଆବଶ୍ୟକ ହେଲେ ଅନ୍ୟାନ୍ୟ ତଦନ୍ତ କରି, କ୍ଷମତାଶୀଳ କାର୍ଯ୍ୟାଧିକାରୀ ଆଦେଶ ମାଧ୍ୟମରେ, ସେହି ଆପତ୍ତିଗୁଡ଼ିକୁ ମାନ୍ୟ କିମ୍ବା ଅମାନ୍ୟ କରିପାରିବେ ।

ଏହି କାନୁନର 20D ର ସବ୍-ସେକସନ୍ (2) ଅନୁସାରେ ପ୍ରାଧିକୃତ କର୍ତ୍ତୃଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ କୌଣସି ଆଦେଶ ଅନ୍ତିମ ନିର୍ଣ୍ଣୟ ହେବ । ଏହି ସୂଚନା ଅଧୀନ ଆସିଥିବା ଜମିର ଯୋଜନା ଏବଂ ଅନ୍ୟାନ୍ୟ ବିବରଣୀ ଉପଲବ୍ଧ ରହିଛି ଏବଂ ଇଚ୍ଛୁକ ବ୍ୟକ୍ତି ପ୍ରାଧିକୃତ କର୍ତ୍ତାଙ୍କର ଉପରୋକ୍ତ କାର୍ଯ୍ୟାଳୟରେ ଯାଇ ସେଗୁଡ଼ିକୁ ନିରୀକ୍ଷଣ କରି ପାରିବେ ।

ସୂଚୀ

ଏହା ସହିତ ସଂଲଗ୍ନ ଭୂମିର ସଂକ୍ଷିପ୍ତ ବର୍ଣ୍ଣନା (ଏନେକ୍ସର-I) ଯାହା ସଂରଚନା ସହିତ କିମ୍ବା ବିନା ସଂରଚନାରେ ଅଧିଗ୍ରହଣ କରାଯିବା ପାଇଁ, ବିଶେଷ ରେଳପଥ ପ୍ରକଳ୍ପ ପାଇଁ, ଯଥା 'ଖୋର୍ଦ୍ଧା ରୋଡ୍ ଡିଭିଜନ ଅଧୀନ ହେଉଥିବା ହାଓ୍ୱଡ଼ା-ଭିଶାଖାପଟ୍ଟଣମ୍ ମୁଖ୍ୟ ରେଳପଥରେ ଗଙ୍ଗାଧରପୁର(GNGD)-ସୋଲରି(SLZ) ଷ୍ଟେସନ ମଧ୍ୟରେ KM. 514/29-31ରେ ଲେଭେଲ୍ କ୍ରସିଂ ସଂଖ୍ୟା-246 ବନ୍ଦ କରିବା ପ୍ରତିସ୍ଥାପନାରେ ସଡ଼କ ଉପର ଅଧିସେତୁ ନିର୍ମାଣ') ଖୋର୍ଦ୍ଧା ଜିଲ୍ଲାରେ, ଓଡିଶା ରାଜ୍ୟରେ ।

ଜିଲ୍ଲାର ନାମ :- ଖୋର୍ଦ୍ଧା

ଏନେକ୍ସର-I

ଜମିସୂଚୀ
ପ୍ରକଳ୍ପର ନାମ:- ଆରଓବି-246 ନିର୍ମାଣ

ଜିଲ୍ଲାର ନାମ:- ଖୋର୍ଦ୍ଧା, ଡିଭିଜନର ନାମ:- ଖୋର୍ଦ୍ଧା ରୋଡ୍, ତହସିଲର ନାମ:- ଚିଲିକା

| କ୍ର. ସଂ. | ଗାଁର ନାମ | ପ୍ଲଟ୍ ନମ୍ବର | ଭୂମିର କିସମ | ସମ୍ପୂର୍ଣ୍ଣ ଜମି ଏକରରେ | ଅର୍ଜିତ ଜମି ଏକରରେ | ଭୂମିର ପ୍ରକାର | ଜମି ମାଲିକଙ୍କ ନାମ |
|---|---|---|---|---|---|---|---|
| 1 | ପଥରକଟା | 147 | ଡ଼ଜ | 0.4520 | 0.0125 | ବ୍ୟକ୍ତିଗତ | ଭ୍ରମର ବର ମଙ୍ଗରାଜ ବାପାଙ୍କ ନାମ: ବେଣୁ ମଙ୍ଗରାଜ, ଜାତୀ: କରଣ, ଗ୍ରାମ: ନିଜଗାଁ |
| 2 | ପଥରକଟା | 146 | ଡ଼ଜ | 0.4120 | 0.0435 | ବ୍ୟକ୍ତିଗତ | ମନୋରମା ଭୋଳ ବାପାଙ୍କ ନାମ: ଗୋପୀନାଥ ଭୋଳ, ଜାତୀ: ଖଣ୍ଡାୟତ, ଗ୍ରାମ: ନିଜଗାଁ |
| 3 | ପଥରକଟା | 141 | ଡ଼ଜ | 0.8140 | 0.0288 | ବ୍ୟକ୍ତିଗତ | ସୁନୀତା ମଙ୍ଗରାଜ ବାପାଙ୍କ ନାମ: ଗୋଲକ ବିହାରୀ ମଙ୍ଗରାଜ, ଜାତୀ: କରଣ, ଗାଁ: ପଥରକଟା |
| 4 | ପଥରକଟା | 140 | ଡ଼ଜ | 4.966 | 0.1563 | ବ୍ୟକ୍ତିଗତ | ମାନସି ବେହେରା ବାପାଙ୍କ ନାମ: ବିଭୂତି ଭୂଷଣ ବେହେରା, ଜାତି: କଇବର୍ତ୍ତ, ଗ୍ରାମ: କୁମନ୍ଦୋଳ ପାଟଣା |
| 5 | ପଥରକଟା | 139 | ଡ଼ଜ | 0.9020 | 0.2087 | ବ୍ୟକ୍ତିଗତ | ସନାତନ ଚୌଧୁରୀ ବାପାଙ୍କ ନାମ: ବନାୟର ଚୌଧୁରୀ, ଜାତୀ: ଗୋପାଳ, ଗ୍ରାମ: ନିଜଗାଁ |
| 6 | ପଥରକଟା | 135 | ଡ଼ଜ | 1.5950 | 0.1228 | ବ୍ୟକ୍ତିଗତ | ଆନନ୍ଦ ସୁନ୍ଦର, ବାପାଙ୍କ ନାମ: ଭରତ ସୁନ୍ଦର, ଜାତି: ଖଣ୍ଡାୟତ, ଗ୍ରାମ: ପଥରକଟା |
| 7 | ପଥରକଟା | 134 | ଡ଼ଜ | 0.9870 | 0.2214 | ବ୍ୟକ୍ତିଗତ | ମାନସି ବେହେରା ବାପାଙ୍କ ନାମ: ବିଭୂତି ଭୂଷଣ ବେହେରା ଜାତି: କଇବର୍ତ୍ତ, ଗ୍ରାମ: କୁମନ୍ଦୋଳ ପାଟଣା |
| 8 | ପଥରକଟା | 130 | ଡ଼ଜ | 5.2210 | 0.4458 | ବ୍ୟକ୍ତିଗତ | ମାନସି ବେହେରା ବାପାଙ୍କ ନାମ: ବିଭୂତି ଭୂଷଣ ବେହେରା, ଜାତି: କଇବର୍ତ୍ତ, ଗ୍ରାମ: କୁମନ୍ଦୋଳ ପାଟଣା |
| 9 | ପଥରକଟା | 129 | ଡ଼ଜ | 1.6340 | 0.1548 | ବ୍ୟକ୍ତିଗତ | କମଲେଶ କୁମାର ନରେନ୍ଦ୍ର ବାପାଙ୍କ ନାମ: ହୃଦାନନ୍ଦ ନରେନ୍ଦ୍ର, ଜାତି: କରଣ, ଗାଁ: ସୁନାଖଳା |
| 10 | ପଥରକଟା | 138 | ରାସ୍ତା | 0.5350 | 0.4768 | ସରକାରୀ | ସର୍ବସାଧାରଣ |
| 11 | ପଥରକଟା | 294 | ଡ଼ଜ | 0.4820 | 0.2093 | ବ୍ୟକ୍ତିଗତ | ସନାତନ ଚୌଧୁରୀ ବାପାଙ୍କ ନାମ: ବନାୟର ଚୌଧୁରୀ, ଜାତି: ଗୋପାଳ, ଗ୍ରାମ: ନିଜଗାଁ |
| 12 | ପଥରକଟା | 293 | ଡ଼ଜ | 0.1120 | 0.0074 | ବ୍ୟକ୍ତିଗତ | ଶ୍ରୀ ରାଘୁନାଥ ଦେବ ବିଜେ ନିଜଗାଁ ମାର୍ଫତ ଗ୍ରାମବାସୀଙ୍କ ତରଫରୁ ଗାଁ: ବନାୟର ବେହେରା, ବାପାଙ୍କ ନାମ ଗଦାଧର ବେହେରା, ଜାତି: ଗୋପାଳ, ଭ୍ରମରବର ସୁନ୍ଦର, ବାପାଙ୍କ ନାମ ହରେକୃଷ୍ଣ ସୁନ୍ଦର, ରଘୁନାଥ ଭୋଳ, ବାପାଙ୍କ ନାମ: ବିଶ୍ୱମ୍ଭର ଭୋଲା, ସହଦେବ ପାଲେଇ, ବାପାଙ୍କ ନାମ: ନିଧି ପଲେଇ, ମୋତିରାମ ସ୍ୱାଇ, ବାପାଙ୍କ ନାମ: ବୃନ୍ଦ ସ୍ୱାଇ, ଜାତି: ଖଣ୍ଡାୟତ, ଲୋଚନ ହରିଚନ୍ଦନ, ବାପାଙ୍କ ନାମ: ହରେକୃଷ୍ଣ ସୁନ୍ଦର, ଜାତି: କରଣ, ପଦ୍ମ ଚରଣ ବେହେରା, ବାପାଙ୍କ ନାମ: ଶ୍ୟାମ ବେହେରା, ଜାତି: କଇବର୍ତ୍ତ, ଗାଁ: ନିଜଗାଁ |
| 13 | ପଥରକଟା | 295 | ଡ଼ଜ | 0.1450 | 0.0711 | ବ୍ୟକ୍ତିଗତ | ରଘୁନାଥ ଭୋଳ ବାପାଙ୍କ ନାମ: ବିଶ୍ୱମ୍ଭର ଭୋଳ, ଉମା ଭୋଳ ସ୍ୱାମୀଙ୍କର ନାମ: ରଘୁନାଥ ଭୋଳ, ମଧୁବନାନନ୍ଦ ଭୋଳ, ହରିହର ଭୋଳ ବାପାଙ୍କ ନାମ: ରଘୁନାଥ ଭୋଳ, ଜାତି: ଖଣ୍ଡାୟତ, ଗ୍ରାମ: ନିଜଗାଁ |
| 14 | ପଥରକଟା | 300 | ନୟନଜୋରି | 3.6550 | 0.0821 | ସରକାରୀ | ଦକ୍ଷିଣ ପୂର୍ବ ରେଲୱେ |
| 15 | ପଥରକଟା | 301 | ରେଲ୍‌ଲାଇନ୍ | 1.6230 | 0.0422 | ସରକାରୀ | ଦକ୍ଷିଣ ପୂର୍ବ ରେଲୱେ |
| 16 | ପଥରକଟା | 302 | ନୟନଜୋରି | 3.5500 | 0.0729 | ସରକାରୀ | ଦକ୍ଷିଣ ପୂର୍ବ ରେଲୱେ |
| 17 | ପଥରକଟା | 311 | ଡ଼ଜ | 0.3820 | 0.0899 | ବ୍ୟକ୍ତିଗତ | ଜାଲୁ ସୁନ୍ଦର, ଅଦ୍ୱୈତ ସୁନ୍ଦର ବାପାଙ୍କ ନାମ: ରାଧେଶ୍ୟାମ ସୁନ୍ଦର, ଜାତି: କରଣ, ଗ୍ରାମ: ନିଜଗାଁ |
| 18 | ପଥରକଟା | 310 | ଡ଼ଜ | 0.2270 | 0.0853 | ବ୍ୟକ୍ତିଗତ | ସୁଧାକର ବେହେରା, ଗଦାଧର ବେହେରା, ଶୌରୀ ବେହେରା, କୁମାର ବେହେରା ବାପାଙ୍କ ନାମ: ଖଲି ବେହେରା, ପଦ୍ମି ବେହେରା ସ୍ୱାମୀଙ୍କର ନାମ: ଖଲି ବେହେରା, ଜାତି: ଗୋପାଳ, ଗ୍ରାମ: ନିଜଗାଁ |
| 19 | ପଥରକଟା | 309 | ଡ଼ଜ | 0.3420 | 0.0810 | ବ୍ୟକ୍ତିଗତ | ରଘୁନାଥ ଭୋଳ ବାପାଙ୍କ ନାମ: ବିଶ୍ୱମ୍ଭର ଭୋଳ, ରାମ ଭୋଳ ସ୍ୱାମୀଙ୍କର ନାମ ରଘୁନାଥ ଭୋଳ, ଜାତି: ଖଣ୍ଡାୟତ, ଗ୍ରାମ: ନିଜଗାଁ |
| 20 | ପଥରକଟା | 308 | ଡ଼ଜ | 0.9720 | 0.2591 | ବ୍ୟକ୍ତିଗତ | ବିଳାସୀ ସୁନ୍ଦର ସ୍ୱାମୀଙ୍କର ନାମ: ଭରତ ଚରଣ ସୁନ୍ଦର, ଜାତି: ଖଣ୍ଡାୟତ, ଗ୍ରାମ: ନିଜଗାଁ |
| 21 | ପଥରକଟା | 536 | ଡ଼ଜ ରାସ୍ତା | 0.6260 | 0.0495 | ସରକାରୀ | ରକ୍ଷିତ |
| 22 | ପଥରକଟା | 540 | ଡ଼ଜ | 0.4750 | 0.2684 | ବ୍ୟକ୍ତିଗତ | ପୂର୍ଣ୍ଣଚନ୍ଦ୍ର ଚୌଧୁରୀ, ରାଜେନ୍ଦ୍ର ଚୌଧୁରୀ ବାପାଙ୍କ ନାମ: ଭାଗୀରଥି ଚୌଧୁରୀ, ଜାତି: ଗୋପାଳ, ଗ୍ରାମ: ନିଜଗାଁ |
| 23 | ପଥରକଟା | 541 | ଡ଼ଜ | 0.5000 | 0.1154 | ବ୍ୟକ୍ତିଗତ | ନିଶାମଣି ପଲେଇ ସ୍ୱାମୀଙ୍କର ନାମ: ଗୋକୁଳ ପଲେଇ, ଜାତି: ଖଣ୍ଡାୟତ, ଗ୍ରାମ: ନିଜଗାଁ |
| 24 | ପଥରକଟା | 542 | ଡ଼ଜ | 0.2750 | 0.0302 | ବ୍ୟକ୍ତିଗତ | ଗୌରିମଣି ବେହେରା, ସ୍ୱାମୀଙ୍କର ନାମ: ଫକିର ଚରଣ ବେହେରା, ଜାତି: କଇବର୍ତ୍ତ, ଗାଁ: କାଶିପୁର, ଥାନା:ଟାଙ୍ଗୀ |
| 25 | ପଥରକଟା | 709 | ଡ଼ଜ | 0.1670 | 0.0194 | ବ୍ୟକ୍ତିଗତ | ଲୋକନାଥ ଭୋଳ ବାପାଙ୍କ ନାମ ବାଞ୍ଛାନିଧି ଭୋଳ, ପ୍ରମିଳା ଭୋଳ ସ୍ୱାମୀଙ୍କର ନାମ: ଲୋକନାଥ ଭୋଳ, ଜାତି: ଖଣ୍ଡାୟତ, ଗ୍ରାମ: ନିଜଗାଁ |
| 26 | ପଥରକଟା | 714 | ଡ଼ଜ | 0.6610 | 0.0399 | ବ୍ୟକ୍ତିଗତ | ଗୌରିମଣି ବେହେରା, ସ୍ୱାମୀଙ୍କର ନାମ ଫକିର ଚରଣ ବେହେରା, ଜାତି: କଇବର୍ତ୍ତ, ଗାଁ: କାଶିପୁର, ଥାନା: ଟାଙ୍ଗୀ |
| 27 | ପଥରକଟା | 304 | ଡ଼ଜ | 0.8140 | 0.0006 | ବ୍ୟକ୍ତିଗତ | ସାରଙ୍ଗଧର ପାଇକରା, ବାପାଙ୍କ ନାମ: ଅରକ୍ଷିତ ପାଇକରା, ଜାତି: କରଣ, ଗ୍ରାମ: ନିଜଗାଁ |
| 28 | ପଥରକଟା | 304/ 1415 | ଡ଼ଜ | 0.2420 | | ବ୍ୟକ୍ତିଗତ | ବଳଭଦ୍ର ପଲେଇ, ବାପାଙ୍କ ନାମ: ଉଦ୍ଧବ ପଲେଇ, ଜାତି: ଖଣ୍ଡାୟତ, ଗ୍ରାମ: ପଥରକଟା |
| 29 | ପଥରକଟା | 305 | ଡ଼ଜ | 0.0440 | 0.0053 | ସରକାରୀ | ରକ୍ଷିତ |
| 30 | ପଥରକଟା | 306 | ଡ଼ଜ | 0.8710 | 0.4021 | ବ୍ୟକ୍ତିଗତ | ଲୋକନାଥ ଭୋଳ, ବାପାଙ୍କ ନାମ ବାଞ୍ଛାନିଧି ଭୋଳ, ଜାତି: ଖଣ୍ଡାୟତ, ଗ୍ରାମ: ନିଜଗାଁ |
| 31 | ପଥରକଟା | 307 | ରାସ୍ତା | 0.3990 | 0.3237 | ସରକାରୀ | ସର୍ବସାଧାରଣ |
| 32 | ପଥରକଟା | 1014 | ଡ଼ଜ | 1.4250 | 0.3823 | ବ୍ୟକ୍ତିଗତ | କୁମାରୀ ବେହେରା ସ୍ୱାମୀଙ୍କର ନାମ: ରାମଚନ୍ଦ୍ର ବେହେରା, ଜାତି: ଗୋପାଳ, ଗାଁ: ସା-ସିଂହପୁର ପ୍ରଶାସନ, ପୋଷ୍ଟ-ନାଚୁଣୀ, ଥାନା-ବାଣପୁର, ଜିଲ୍ଲା-ଖୋର୍ଦ୍ଧା |
| 33 | ପଥରକଟା | 1005 | ରାସ୍ତା | 0.5730 | 0.0836 | ସରକାରୀ | ସର୍ବସାଧାରଣ |
| | | | | ମୋଟ | 4.592 | | |

PR-183/CJ/26-27

ତହସିଲଦାର, ଚିଲିକା / ଉପ ମୁଖ୍ୟ ଇଞ୍ଜିନିୟର/ନିର୍ମାଣ/ଆରଏସପି/ଭୁବନେଶ୍ୱର

# ସହଯୋଗ ରହିଲେ ଜଗତସିଂହପୁର ଆଦର୍ଶ ପୌରପରିଷଦ ହୋଇପାରିବ

ଜଗତସିଂହପୁର, (ସବ୍ୟୁ) : ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆ ଠାରେ ଜଗତସିଂହପୁର ପୌର ପରିଷଦ ଆନୁକୂଲ୍ୟରେ ସ୍ୱାୟତ୍ତ ଶାସନ ଦିବସ ୨୦୨୬ ପାଳିତ ହୋଇଯାଇଛି । ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଧାୟକ କୋରେଇ ଆକାଶ ଦାସନାୟକ କହିଲେ ଯେ ୨୦୦୧ ରୁ ଆରମ୍ଭ ହୋଇଥିବା ଜଗତସିଂହପୁର ପୌର ପରିଷଦ ଆଜି ୨୫ ବର୍ଷ ରେ ପଦାର୍ପଣ କରିଛି ।ଦୀର୍ଘ ବର୍ଷ ଧରି ପୌର ପରିଷଦ ଜନସାଧାରଣ ଙ୍କୁ ସେବା ଯୋଗାଇ ଆସୁଛି । ତେଣୁ ସମସ୍ତଙ୍କ ର ମିଳିତ ସହଯୋଗ ରେ ସରକାରଙ୍କ ଜନ କଲ୍ୟାଣ ଯୋଜନା ଦ୍ୱାରା ଜଗତସିଂହପୁର ଏକ ଆଦର୍ଶ ପୌରପରିଷଦ ରେ ପରିଣତ ହୋଇ ପାରିବ ବୋଲି ସେ ଦୃଢୋକ୍ତି ବାଢ଼ିଥିଲେ ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଧାୟକ ତଥା ଅଧ୍ୟକ୍ଷ, ଜିଲ୍ଲା ଯୋଜନା କମିଟି,



ଜଗତସିଂହପୁର ଅମରେନ୍ଦ୍ର ଦାସ ଆଗାମୀ ଦିନରେ ଆଇନଗତ ସଓ୍ୱଚ୍ଛ ଓ ପରିମଳ ଜଗତସିଂହପୁର ଗଠନ ଦିଗରେ ସମସ୍ତଙ୍କ ସହଭାଗିତା କାମନା କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଯୋଗଦେଇ ପୌରାଞ୍ଚଳର ପରିବେଶକୁ ସୁସ୍ଥ ରଖିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି କହିଥିଲେ । ସଭାରେ ଅଧ୍ୟକ୍ଷତା କରି ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ଜଗତସିଂହପୁର ପୌର ପରିଷଦ ର ବିଭିନ୍ନ ଉନ୍ନତି ମୂଳକ ପଦକ୍ଷେପ ବିଷୟ ରେ କହିଥିଲେ । ପୌର ନିର୍ବାହୀ ଅଧିକାରୀ ସନ୍ଦୀପ ସିଂହ ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ପରେ ବର୍ତ୍ତମାନର ସମସ୍ତ ପାରିଷଦ ମାନଙ୍କୁ ଅତିଥି ବୃନ୍ଦ ଏବଂ ପୌରାଧ୍ୟକ୍ଷା ସମ୍ମାନିତ କରିଥିଲେ । ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ପୌର ପରିଷଦର ସ୍ୱୟଂ ସହାୟକ ଗୋଷ୍ଠୀ ମା ମାନଙ୍କ ମଧ୍ୟରେ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଓ ବିଦ୍ୟାଳୟ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପ୍ରବନ୍ଧ, ତର୍କ ତଥା ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ମୁଖ୍ୟଅତିଥି ତଥା ସମ୍ମାନିତ ଅତିଥି ବର୍ଗ ପୁରସ୍କୃତ କରିଥିଲେ । ଶେଷରେ ପୌର ପରିଷଦ, ଜଗତସିଂହପୁର ର ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ ।ପରେ ପରେ ଓଲିଉଡ ର ଗାୟିକା ଅସୀମା ପଣ୍ଡା ଙ୍କ ଦାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା

## ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର

ଚଣ୍ଡିଖୋଲ,(ସବ୍ୟୁ) ଜଣସାଧାରଣଙ୍କ ଅଭିଯୋଗରି ରିତ ସମାଧାନ ତଥା ସେମାନଙ୍କ ନିକଟରେ ଉଚିତ ସେବା ପହଞ୍ଚାଇବା ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାର ବିଭିନ୍ନ ବ୍ଲକରେ ଜିଲାପାଳ ଓ ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଏହି ଅବସରରେ ସୋମବାର ଦିନ ବଡଚଣା ବ୍ଲକ ଦକ୍ଷତା ବିକାଶ ସଭା ଗୃହରେ ଯାଜପୁର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ୬୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥଲା । ସେଥିମଧ୍ୟରୁ ବ୍ୟକ୍ତିଗତ ୩୦ଟି, ସାମୂହିକ ୨ଟି ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ସହାୟତି ପାଇବା ପାଇଁ ୩୦ଟି ଅଭିଯୋଗ ଆସିଥିଲା । ତେବେ ରିଲିଫ ଫଣ୍ଡରୁ ତତ୍କାଳ ୭୩ ହଜାର ଟଙ୍କା ଯୋଗ୍ୟ ହିତାଧୀକାରୀ ମାନଙ୍କୁ ପ୍ରଦାନ କରାଯିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଯାଜପୁର ଜିଲ୍ଲାପାଳ ଆମ୍ବର କୁମାର କର,ଅତିରିକ୍ତ ଏସପି ସିତିକାନ୍ତ କାନୁନଗୋ ଦର୍ପଣ ତହସିଲଦାର ମାନସରଞ୍ଜନ ତ୍ରିପାଠୀଙ୍କ ସମେତ ବିଭିନ୍ନ ବିଭାଗର ପ୍ରାସାସନିକ ଅଧିକାରୀ ମାନେ ଉପସ୍ଥିତ ରହି ଜନ ଶୁଣାଣିରେ ସହଯୋଗ କରିଥିଲେ ।

# ରକ୍ତ ପରୀକ୍ଷା କରିବାକୁ ଯାଇ ଡାକ୍ତରଖାନାରେ ବୃଦ୍ଧାଙ୍କ ହଟହଟା

ମାହାଙ୍ଗା ,(ସବ୍ୟୁ) : ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାହାଙ୍ଗାରେ ନିଦାନ ବିଭାଗରେ ରକ୍ତ ପରୀକ୍ଷାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ନିୟମ ଅନୁସାରେ ନିଦାନ ବିଭାଗରେ ଯେତିକି ରକ୍ତ ପରୀକ୍ଷା କରାଯିବାର ବ୍ୟବସ୍ଥା ରହିଛି ତାହା କାଯ୍ୟାକରୀ ହେଉ ନାହିଁ । ନୂତନ ଭାବେ ଆସିଥିବା ଲକ୍ଷାଧିକ ଟଙ୍କାର ଯନ୍ତ୍ରପାତି ଖତ ଖାଉଥିବା ଅଭିଯୋଗ ହେଉଛି । ରକ୍ତ ପରୀକ୍ଷାଗାରରେ ବାହାରର ଲୋକ ବସୁଥିବାର ଅଭିଯୋଗ ହୋଇଆସୁଛି । ଏଥିପ୍ରତି ଭାରପ୍ରାପ୍ତ ଅଧିକ୍ଷକ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି ।ଅପରପକ୍ଷରେ ମାହାଙ୍ଗା ଅଂଚଳର ଜଣେ୬୪ବୟସ୍କ ବୃଦ୍ଧା ହେମଲତା ବାରିକ ତା୨୭.୮.୨୦୨୬ରିଖରେ ୭ପ୍ରକାର ରକ୍ତ ପରୀକ୍ଷା ପାଇଁ ଓପିଡି ନଂ୨୫୩୭୬ରେ ନାମ ପଞ୍ଜିକରଣ କରି ୧୨୬୩ ଓ ୧୩୦୬ ସିରିଏଲ ନମ୍ବରରେ ନୂତନ ଭାବେ ରକ୍ତ ପରୀକ୍ଷା କରିବା ପାଇଁ ନିଦାନ ବିଭାଗରେ ରକ୍ତ ଦେଇଥିଲେ । ରିପୋର୍ଟ ଆଣିବା ପାଇଁ ଲମ୍ବାଧାଡିରେ ତାଙ୍କୁ ଛିଡା ହେବାକୁ ପଡିଥିଲା । ରିପୋର୍ଟ ପାଇଁ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁ ୨ଥର ଯିବା ପରେ ରିପୋର୍ଟ ଦେବା ପରିବର୍ତ୍ତେ ସେ ଦେଇଥିବା ରକ୍ତ ଖରାପ ହୋଇଯାଇଛି ବୋଲି ତାଙ୍କୁ କୁହାଯାଇଥିଲା । ଏ ସଂପର୍କରେ ସେ ଗଣମାଧଯମକୁ ସୂଚନା ଦେଇ କହିଥିଲେ ଯେ ମୋ ପୂର୍ବରୁ ଓ ମୋ ପରେ ରକ୍ତ ପରୀକ୍ଷା ପାଇଁ ଦେଇଥିବା ବ୍ୟକ୍ତିମାନଙ୍କର ରକ୍ତ ପରୀକ୍ଷା ରିପୋର୍ଟ ସେମାନଙ୍କୁ ପ୍ରଦାନ କରାଯାଉଥିଲା ବେଳେ କେଉଁ କାରଣ ପାଇଁ ମୋତେ ହଟହଟା କରାଯାଇଛି । ଏ ସଂପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ ଘଟଣା ସଂପର୍କରେ ଅବଗତ ଅଛନ୍ତି ବୋଲି ସୂଚନା ଦେଇଥିଲେ । ଏଣୁ ତୁରନ୍ତ ମାହାଙ୍ଗା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ନିଦାନ ବିଭାଗରେ ହେଉଥିବା ଅବ୍ୟବସ୍ଥା ସଂପର୍କରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚ୍ଚ କର୍ତ୍ତୃପକ୍ଷ ନିକଟରେ ସାଧାରଣରେ ଦାବି ହେଉଛି ।

# ଏଚଏମଟି ବିଦ୍ୟାପୀଠ ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ରଘୁନାଥପୁର,(ସବ୍ୟୁ):ରଘୁନାଥପୁର ବ୍ଲକ ଚିକିଣିଆସ୍ଥିତ ଏଚଏମଟି ବିଦ୍ୟାପୀଠର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାମଲ କାର୍ଯ୍ୟରୁ ଅବସର ନେଇଛନ୍ତି ।ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି ।ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ ସଭାରେ ପୌରହିତ୍ୟ କରିଥିଲେ ।ଏଥିରେ ଅବସର ପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଧାନଶିକ୍ଷକ ସାମଲଙ୍କ କାର୍ଯ୍ୟଦକ୍ଷତାକୁ ତାରିଫ କରିବା ସହ ଶିକ୍ଷା ଓ ଶୈକ୍ଷିକ ବାତାବରଣ ସମ୍ପର୍କରେ ଆଲୋକପାତ କରିଥିଲେ ।ପ୍ରାକ୍ତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ସୁଭାଷ ଚନ୍ଦ୍ର ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଧାନଶିକ୍ଷକ ସାମଲଙ୍କ ଛାତ୍ର ବତ୍ସଳତା ଓ ଶୃଙ୍ଖଳା ଜ୍ଞାନ ସମ୍ପର୍କରେ ଟିପ୍ପଣୀ ରଖିଥିଲେ ।ତେବେ ଅବସର ପରେ ବାକି ଜୀବନ ସାମାଜିକ କ୍ଷେତ୍ରରେ ବିନିଯୋଗ କରିବା ପାଇଁ ସେ ପରାମର୍ଶ ଦେଇଥିଲେ ।ସେହିପରି ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ବିଇଓ ବିଜୟ କୁମାର ସ୍ୱାଇଁ,ପ୍ରାକ୍ତନ ବିଆରସିସି ସଦାଶିବ ବିଶ୍ୱାଳ, ପ୍ରାକ୍ତନ ପ୍ରଧାନଶିକ୍ଷକ ମିହିର କୁମାର ନାୟକ,ଭାରତ ଚନ୍ଦ୍ର ସାହୁ,ବାବାଜୀ ଚରଣ ସାହୁ,ପ୍ରଦୀପ୍ତ କୁମାର ଆଚାର୍ଯ୍ୟ,ତୁଳସିରାମ ଭୂୟେ, ଓସ୍ତା ସମ୍ପାଦକ ନାରାୟଣ ଚନ୍ଦ୍ର ବାରିକ,ତ୍ରିଲୋଚନ ସାହୁ,ରାଜକିଶୋର ସାହୁ,ନିକୁଞ୍ଜ କିଶୋର ବେହେରା ଓ ସୁବାଷ ଚନ୍ଦ୍ର ନାୟକ ଯୋଗଦେଇ ପ୍ରଧାନଶିକ୍ଷକ ସାମଲଙ୍କ ସମ୍ପର୍କରେ ବକ୍ତବ୍ୟ ରଖି ତାଙ୍କର ନିରାମୟ ଜୀବନ କାମନା କରିଥିଲେ ।ଏହି ଅବସରରେ ପ୍ରଧାନଶିକ୍ଷକ ସାମଲ ତାଙ୍କ ବିଦାୟୀ ଭାଷଣରେ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରଖି ଗୁରୁଶିଷ୍ୟ ପରମ୍ପରାକୁ ଅତୁଟ ରଖିବା ପାଇଁ ନିବେଦନ କରିଥିଲେ ।ପରେ ଛାତ୍ରୀଛାତ୍ର,ଶିକ୍ଷକ ଶିକ୍ଷୟତ୍ରୀ,ପରିଚାଳନା କମିଟି,ପଞ୍ଚସଖା ଶିକ୍ଷା ସେତୁ ସଦସ୍ୟଙ୍କ ପକ୍ଷରୁ ପ୍ରଧାନଶିକ୍ଷକ ସାମଲଙ୍କୁ ପୁଷ୍ପଗୁଚ୍ଛ,ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।ପ୍ରଶାନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ଚିତ୍ରସେନ ସାହୁ ଧନ୍ୟବାଦ ଦେଇଥିଲେ । ଏଥିରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଗୌତମ ପାଲିତ, ପରିକ୍ଷିତ ପଟ୍ଟନାୟକ,ନଦିୟା ମୋହନ ପଟ୍ଟନାୟକ, ପ୍ରତାପ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ଏକ ଶୋଭାଯାତ୍ରାରେ ସାମଲଙ୍କୁ ଛାତ୍ରୀଛାତ୍ରମାନେ ବିଦାୟ ଦେଇଥିଲେ ।

# ପଟ୍ଟାମୁଣ୍ଡାଇ ବ୍ଲକରେ ଆରଟିଆଇ ଘୋଟାଲା!

ପଟ୍ଟାମୁଣ୍ଡାଇ,(ସବ୍ୟୁ) :ସମ୍ପ୍ରତି ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟରେ ସୂଚନା ଅଧିକାର ଆଇନ ଅନୁସାରେ ଜାଣି ଶୁଣି ତଥ୍ୟ ନଦେବା ଏବଂ ସୂଚନା ଅଧିକାର ଆଇନ ୭(୬) କୁ ବେଖାତିର କରି ମୋଟା ଅଙ୍କର ଟଙ୍କା ଆଦାୟ କରା ଯାଉଥିବାର ଅଭିଯୋଗ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଅଭିଯୋଗ ଅନୁଯାୟୀ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ଗ୍ରାମର ସୂଚନା ଅଧିକାର କର୍ମୀ ବିଷ୍ଣୁ ବେହେରା ତଥ୍ୟ ପାଇବା ପାଇଁ ଗତ ୧୦ ଫେବୃଆରୀ ରେ ଆବେଦନ କରିଥିଲେ । ନିୟମ ଅନୁସାରେ ଆବେଦନ ହେବାର ୩୦ ଦିନ ମଧ୍ୟରେ ଜନ ସୂଚନା ଅଧିକାରୀ ପୃଷ୍ଠା ପିଛା ୨ ଟଙ୍କା ହିସାବ ରେ ତଥ୍ୟ ଦେବା କଥା, ଡେରି ହେଲେ ସମ୍ପୃକ୍ତ ଜନ ସୂଚନା ଅଧିକାରୀ ସମ୍ପୂର୍ଣ୍ଣ ମାଗଣାରେ ତଥ୍ୟ ପ୍ରଦାନ କରିବା କଥା । କିନ୍ତୁ ଏଠି ଓଲଟା ସମ୍ପୃକ୍ତ ପଞ୍ଚାୟତର ଜନ ସୂଚନା ଅଧିକାରୀ ୨ ମାସରୁ ଉର୍ଦ୍ଧ୍ୱ ବିଳମ୍ବରେ ତଥ୍ୟ ଦେଇ ମାଗଣା ରେ ଦେବାକୁ ଥିବା ତଥ୍ୟ ପାଇଁ ପୃଷ୍ଠା ପିଛା ୩ ଟଙ୍କା ହିସାବ କରି ୩୨୦୦ ଟଙ୍କା ରଖି ନେଇଥିବା ଅଭିଯୋଗ ହୋଇଛି । ଯାହା ମାଗଣାରେ ମିଳିବା କଥା ଥିଲା ସେଥିପାଇଁ ବି ଟଙ୍କା କାଟିବା ନିୟମ ବର୍ହିଭୂତ ।ଏନେଇ ବିଷ୍ଣୁ ନିୟମ ଅନୁସାରେ ଟଙ୍କା ଫେରାଇବା ପାଇଁ ପଟ୍ଟାମୁଣ୍ଡାଇ ବିଡିଓଙ୍କ ନିକଟରେ ୩ ଜୁଲାଇରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବାର ଅନେକ ଦିନ ପରେ ବି ବିଡିଓ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଚୁପ ରହି ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ ହୋଇଛି । ଏହି ଘଟଣା ଏବେ ପଟ୍ଟାମୁଣ୍ଡାଇ ଅଞ୍ଚଳ ରେ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ନାଉଗାଁ ପଞ୍ଚାୟତ ସମିତି ଉପାଧ୍ୟକ୍ଷଙ୍କ ମାତୃବିୟୋଗରେ ଶୋକ

ନାଉଗାଁ,(ସବ୍ୟୁ): ନାଉଗାଁ ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ଶ୍ରୀ ସୁଜିତ କୁମାର ପୁହାଣଙ୍କ ମାତା ଶ୍ରୀମତୀ ପଞ୍ଜୁଲତା ପୁହାଣଙ୍କ ପରଲୋକ ଘଟିଛି । ତାଙ୍କ ବିୟୋଗରେ ନାଉଗାଁ ଅଞ୍ଚଳର ବିଭିନ୍ନ ମହଲେର ଗଭୀର ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତା ପଞ୍ଜୁଲତା ପୁହାଣଙ୍କ ଘର ନାଉଗାଁ ବ୍ଲକ ଡେରିକି ପଞ୍ଚାୟତ ଅନ୍ତର୍ଗତ ଗଙ୍ଗାଦା ମୌଜାର ଗୋବରୀକୂଳ ଗ୍ରାମରେ । ସେ ଜଣେ ପରୋପକାରୀ, ଧର୍ମପରାୟଣ ଓ ସମାଜସେବୀ ମହିଳା ଭାବେ ସମଗ୍ର ଅଞ୍ଚଳରେ ବେଶ ପରିଚିତ ଥିଲେ । ତାଙ୍କ ସରଳ ଜୀବନଯାପନ, ସେବାଭାବ ଓ ମିଷ୍ଟଭାଷୀ ବ୍ୟକ୍ତିତ୍ୱ ପାଇଁ ସେ ସମସ୍ତଙ୍କର ପ୍ରିୟ ଥିଲେ । ତାଙ୍କ ବିୟୋଗରେ ଜଗତସିଂହପୁରର ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ଜଗତସିଂହପୁର ବିକାଶ ପରିଷଦର ସାଧାରଣ ସମ୍ପାଦକ ପ୍ରଫେସର



ଜ୍ୟୋତିପ୍ରକାଶ ଦାସ, ସଂଯୋଜକ ସୂର୍ଯ୍ୟରଞ୍ଜନ ମହାନ୍ତି, ବାଲିକୁଦା ଜିଲ୍ଲା ପରିଷଦ ସଭ୍ୟା ଡଲି ପଣ୍ଡା, ନାଉଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃପ୍ତା ଲେଙ୍କା, ନାଉଗାଁ ବିଜେଡି ସଭାପତି ନିରଞ୍ଜନ ବେହୁରା, ଦିଲ୍ଲୀପ ଲେଙ୍କା, ଡେରିକି ସରପଞ୍ଚ ପ୍ରଶାନ୍ତ ଜେନା, ପଦ୍ମଚରଣ ରାଉତ, ମହାଦେବ ସେଠୀ, ମନୋଜ ନାୟକ, ଛାତ୍ରନେତା ସୁନିଲ ମାଟିଆଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି । ସମସ୍ତେ ସ୍ୱର୍ଗତା ପଞ୍ଜୁଲତା ପୁହାଣଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଏହି ଦୁଃଖଦ ସମୟରେ ଧର୍ଯ୍ୟାଯ୍ୟ ଓ ସାହସ ପ୍ରଦାନ ପାଇଁ ପ୍ରାର୍ଥନା କରିଛନ୍ତି । ଶେଷରେ ଗୋବରୀକୂଳ ଗ୍ରାମ୍ୟ ଶ୍ମଶାନରେ ସ୍ୱର୍ଗତା ପଞ୍ଜୁଲତା ପୁହାଣଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ତାଙ୍କ ବଡ଼ ପୁଅ ରଞ୍ଜିତ କୁମାର ପୁହାଣ ମୁଖାଗ୍ନି ଦେଇଥିବା ବେଳେ କନିଷ୍ଠ ପୁଅ ସୁଜିତ କୁମାର ପୁହାଣ, ପରିବାର ସଦସ୍ୟ, ବନ୍ଧୁବର୍ଗ ଓ ବହୁ ଗ୍ରାମବାସୀ ଉପସ୍ଥିତ ରହି ଶେଷ ବିଦାୟ ଜଣାଇଥିଲେ ।

# ଭବାନୀପୁର ପଞ୍ଚାୟତରେ ବିଧାୟକଙ୍କ ଜନ ଅଭିଯୋଗ ଶୁଣାଣି

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ବ୍ଲକ ଭବନୀପୁର ପଂଚାୟତର ୮ ନମ୍ବର ଓ୍ୱାର୍ଡରେ ଆଜି ବିଧାୟକ ହିମାଂଶୁ ଶେଖର ସାହୁ ନିଜେ ଉପସ୍ଥିତ ରହି ଲୋକମାନଙ୍କ ସମସ୍ୟା ପଚାରି ବୁଝିବା ସହ ତାହାର ସମାଧାନ କରିଛନ୍ତି। ଜଣେ ବିଧାୟକ ଓ୍ୱାର୍ଡରୁ ଓ୍ୱାର୍ଡ ବୁଲି ଜନଶୁଣାଣୀ ମାଧ୍ୟମରେ ଲୋକମାନଙ୍କ ପାଖରେ ପହଁଚି ସେମାନଙ୍କ ଭଲମନ୍ଦ ପଚାରୀ ବୁଝିବା ସହିତ ସମସ୍ୟାର ସାମାଧାନ କରୁଥିବା ଦେଖିବାକୁ ମିଳିଛି। ବିଧାୟକ ଶ୍ରୀ ସାହୁଙ୍କ ନିଜ ନିର୍ବାଚନ ମଣ୍ଡଳୀ ଲୋକମାନଙ୍କ ପ୍ରତିଥିବା ଆବେଗ ଓ ଭଲ ପାଇବା ତାହା ଏଥିରୁ ସ୍ପଷ୍ଟ ଜଣାପଡୁଛି। ଆଜି ପୂର୍ବାହ୍ନରେ ବିଧାୟକ ଶ୍ରୀ ସାହୁ ଭବାନୀପୁର ପଂଚାୟତରେ ନିଜ ସମର୍ଥକମାନଙ୍କ ଗହଣରେ ପହଁଚି ଜନଅଭିଯୋଗ ଶୁଣାଣୀ ଆରମ୍ଭ କରିଥିଲେ। ଜଣକ ପରେ ଜଣେ ଲୋକଙ୍କ ସହିତ ସିଧାସଳଖ କଥା ହୋଇ ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ସମସ୍ୟାର ସମାଧାନ କରିଛନ୍ତି। ଏହି ଜନଶୁଣାଣୀ ଶିବିରକୁ ସ୍ଥାନୀୟ ଅଂଚଳର ବହୁ ମହିଳା ଓ ପୁରୁଷମାନେ ଉପସ୍ଥିତ ହୋଇ ବିଧାୟକଙ୍କୁ ନିଜର ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ନିଜ ନିର୍ବାଚନ ମଣ୍ଡଳୀର ଲୋକମାନଙ୍କ ସମସ୍ୟା ଶୁଣିବା ଏବଂ ସେଗୁଡିକର ସମାଧାନ କରିବା ସହିତ ସେମାନଙ୍କ ସହ ମିଶିବାର ଏକ ସୁଯୋଗ ମିଳୁଛି ବୋଲି ବିଧାୟକ ଶ୍ରୀ ସାହୁ କହିଛନ୍ତି। ବିଭିନ୍ନ ବିଭାଗୀୟ ଦାୟିତ୍ୱରେ ରହିଥିବା ଯୁବ ସଙ୍ଗଠକ ରାଜେଶ ପାଳ,ଅଭିଷେକ ରାଉତ,ଜିତେନ୍ଦ୍ର ରାଉତ, ଦେବଦତ ପଣ୍ଡା, ଆଲୋକ ଲେଙ୍କା, ପ୍ରଦୀପ ପରିଡା, ବିଶ୍ୱଜିତ ପୃଷ୍ଟି,ସବ୍ୟସାଚୀ ସୁନ୍ଦରରାୟ, ପ୍ରତାପ ସିଂ, ଆନନ୍ଦ ଦଳେଇ, କୈଳାସ ନାୟକ ପ୍ରମୁଖ ବିଜେପି କର୍ମୀ ଓ କର୍ମକର୍ତାମାନେ ଉପସ୍ଥିତ ରହି ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ବିଧାୟକଙ୍କୁ ସାହାଯତା କରିଥିଲେ

# ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ରାଜନଗର, (ସବ୍ୟୁ) :କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ବାଲିସାହିପାଟଣା ଗାଁରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ମୃତକ ହେଲେ ଅମିତା ଦାସ(୩୬ର୍) । ଆଜି ଅମିତା ନିଜ ଘର ପଛ ବାଡ଼ିରେ କାମ କରୁଥିବା ବେଳେ ଏକ ବିଷଧର ସାପ କାମୁଡି ଦେଇଥିଲା । ପରିବାର ଲୋକେ ଜାଣିବା ପରେ ତୁରନ୍ତ ତାଙ୍କୁ ପ୍ରାଥମିକ ଚିକିତ୍ସା ନିମନ୍ତେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ।

# ନିଟ ପାଇଥିବା ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା

କୁଆଖିଆ, (ସବ୍ୟୁ) : ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟି ପଞ୍ଚାୟତ ଝଟିଆ ଶାସନ ଗ୍ରାମର ଏକ ସାଧାରଣ ପରିବାରରେ ଜନ୍ମ ନେଇଥିବା ସତ୍ୟପ୍ରିୟ ଦାଶ ହେଉଛନ୍ତି ଚିତ୍ତ ରଞ୍ଜନ ଦାଶ(ଅଟଳ)ଓ ମାତା ପ୍ରତିମା ପାଣିଙ୍କ ସୁପୁତ୍ର। ସାର୍ବଭାରତୀୟ ନିଟ ପରୀକ୍ଷାରେ ସଫଳତା ଲାଭ କରି ନିଜ ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି । ସେ ଡାକ୍ତର ହେବା ଲକ୍ଷ୍ୟ ରଖି ଲୋକଙ୍କ ସେବା କରିବାକୁ ଇଚ୍ଛା ରଖିଛନ୍ତି । ସୈନିକ ବିଦ୍ୟାଳୟରେ ପଢ଼ି ସ୍ୱାଧୀନତା, ଶୃଙ୍ଖଳା ଓ ଆଦର୍ଶ ଆଚରଣ ଶିଖୀଥିବା ସତ୍ୟପ୍ରିୟ କହନ୍ତି ଆଗକୁ ମୋତେ ଆହୁରୀ ପରିଶ୍ରମ କରିବାକୁ ପଡିବ। ମୋର ସଫଳତା ପଛରେ ମୋର ପିତାମାତା ଓ ଗୁରୁମାନଙ୍କର ଅନେକ ଅନେକ ଆର୍ଶୀବାଦ ରହିଛି । ଯେଉଁଥିପାଇଁ ଏହି ସଫଳତା ମିଳିଛି। ଏହି ଅବସରରେ ଗ୍ରାମବାସୀ, ଶିକ୍ଷକ, ବନ୍ଧୁମାନେ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

# ଶ୍ରୀ ଶ୍ରୀ ବାୟା ବାବା ମହାବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ

ମହାକାଳପଡ଼ା,(ସବ୍ୟୁ ) :କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ର ସଦର ମହକୁମାସ୍ଥିତ ଶ୍ରୀ ଶ୍ରୀ ବାୟା ବାବା ମହାବିଦ୍ୟାଳୟ ପରିସରେ ମହାକାଳପଡ଼ା ପୋଲିସ ତରଫରୁ ନିଶାମୁକ୍ତ ଭାରତ ଅଭିଯାନ ଜନିତ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି ।ନିଶା ସେବନ ରୁ ଦୂରେଇ ରହି ସୁସ୍ଥ ଓ ସୁନ୍ଦର ଜୀବନ ଗଢିତୋଳିହେବ ସେ ବିଷୟରେ ଛାତ୍ରଛାତ୍ରୀଙ୍କ ସହିତ ବିସ୍ତୃତ ଭାବେ ପୋଲିସ ଅଧିକାରି ଓ କଲେଜ କର୍ତ୍ତୃପକ୍ଷ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ରଂଜିତ କୁମାର ଦାସ ଅଧ୍ୟକ୍ଷତା କରିଥିବା ବେଳେ ବରିଷ୍ଠ ଅଧ୍ୟାପକ ସୁଶୀଲ କୁମାର ସାହୁ, ଅଧ୍ୟାପକ ଫକିର କୁମାର ସାହୁ ରାଜେନ୍ଦ୍ର କୁମାର ମହାପାତ୍ର, ନରେନ୍ଦ୍ର କୁମାର ଦାସ, ଚିତ୍ତର ଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ମହାକାଳପଡ଼ା ଥାନା ଅଧିକାରୀଣୀ ବନ୍ଦନା ପାତ୍ର, ଏଏସଆଇ ବିଦ୍ୟାଧର ସ୍ୱାଇଁ ,ଏଏସଆଇ ଦଶରଥ ମହାରଣା ଏବଂ ହାବିଲଦାର ନିହାର ରଞ୍ଜନ ନାୟକ,ଅରୁଣ କୁମାର ମହାପାତ୍ର, ରତିକାନ୍ତ ସିଙ୍ଗ ପ୍ରମୁଖ ଯୋଗଦେଇ ନିଶାର କୁପ୍ରଭାବ ଓ ଆଇନଗତ ପରିଣାମ ସମ୍ପର୍କରେ ଆଲୋଚନା କରିଥିଲେ । ସ୍ଥାନୀୟ ସରପଞ୍ଚ ରତିକାନ୍ତ ପଣ୍ଡା ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନିଶା ସେବନ ର ଅପକାରିତା ଓ ଯୁବ ପିଢ଼ି ଙ୍କ କୁସଙ୍ଗ ଫଳରେ ଅଭ୍ୟାସ୍ତତା ନେଇ ବକ୍ତବ୍ୟ ରଖିଥିଲେ ।କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ସାମିଲ ହୋଇ ନିଶା ସେବନରୁ ଦୂରେଇ ରହିବା ପାଇଁ ଉଭୟ ଶପଥ ଗ୍ରହଣ କରିଥିଲେ ।

# ପାରାଦୀପରେ ପାଳିତ ହେଲା ସ୍ୱାୟତ୍ତଶାସନ ଦିବସ

ପାରାଦୀପ ,( ଜି ପ୍ର ): ମହାସମାରୋହରେ ପାଳିତ ହୋଇଯାଇଛି ପାରାଦୀପରେ ସ୍ୱାୟତ୍ତ ଶାସନ ଦିବସ । ସ୍ଥାନୀୟ ଜୟଦେବ ସଦନ ପ୍ରାଙ୍ଗଣରେ ଅୟୋଜିତ ସମାବେଶରେ ଶିଳ୍ପମନ୍ତ୍ରୀ ତଥା ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ , ବନ୍ଦର ଅଧ୍ୟକ୍ଷ ପିଏଲ ହରନାଦ, ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଓ ପୌରାଧ୍ୟକ୍ଷ ବସନ୍ତ କୁମାର ବିଶାଳଙ୍କ ସମେତ ଅନେକ ଅତିଥି ଏହି ଉତ୍ସବରେ ଯୋଗଦେଇ ସ୍ୱାୟତ୍ତ ଶାସନ ଦିବସର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ । ପ୍ରସାଶନ, ସ୍ଥାନୀୟ ଜନତା ଓ ଜନ ପ୍ରତିନିଧି ମିଶି କିଭଳି ଅଞ୍ଚଳର ବିକାଶ କରାଯିବ ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା । ଲୋକଙ୍କ ମୌଳିକ ସୁବିଧା ସୁଯୋଗ, ସରକାର ଯୋଗାଇ ଦେଉଥିବା ଯୋଜନାର ସୁବିନିଯୋଗ ଓ



ପାରାଦୀପର ଅନେକ ଉନ୍ନୟନ କାର୍ଯ୍ୟ ଦିଗରେ ବିଶେଷ ଭାବେ ପାରାଦୀପ ପୌର ପରିଷଦ କାର୍ଯ୍ୟ କରୁଥିବା ଯୋଗୁ ଅଞ୍ଚଳର ସାମଗ୍ରିକ ବିକାଶ ହେଉଥିବା ଅତିଥିମାନେ ପ୍ରକାଶ କରିଥିଲେ । ଏହି ଉତ୍ସବରେ ପାରାଦୀପ ପୌର ପାରିଷଦର ସମସ୍ତ ପାରିଷଦ , କର୍ମଚାରୀ ଓ ପାରାଦୀପ ଜନତା ଉପସ୍ଥିତ ଥିଲେ ଅନେକ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା

# ସମାଜସେବୀଙ୍କ ପରଲୋକ

ବିଞ୍ଝାରପୁର,(ସବ୍ୟୁ): ବିRାରପୁର ବ୍ଲକ ଅନ୍ତର୍ଗତ ଘଣ୍ଟିଆଳି ପଞ୍ଚାୟତ ତଥା ଗ୍ରାମର ସମାଜସେବୀ ନାରାୟଣ ଚନ୍ଦ୍ର ଦାସଙ୍କର ପରଲୋକ ହୋଇ ଯାଇଛି। ସେ ବାର୍ଦ୍ଧକ୍ୟଜନୀତ ରୋଦରେ ପୀଡିତ ଥାଇ ଚିକିତ୍ସାଧୀନ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଦୁଇ ଝିଅ ମମତା ପଣ୍ଡା, କନ୍ୟା ସ୍ୱପ୍ନାରାଣୀ ନନ୍ଦ, ଜ୍ୱାଇଁ, ନାତି ନାତୁଣୀ ଉପସ୍ଥିତ ଥିଲେ।ବୈତରଣୀ ତଟ ସ୍ଥିତ ମହାଶ୍ମଶାନରେ ତାଙ୍କର ଶେଷକ୍ରୁତ୍ୟ ସମ୍ପନ୍ନ ହୋଇଥିଲା। କନ୍ୟା ସ୍ୱପ୍ନାରାଣୀ ନନ୍ଦ ମୁଖାଗ୍ନୀ ଅର୍ପଣ କରିଥିଲେ। ନାରାୟଣ ଚନ୍ଦ୍ର ଦାସଙ୍କ ବିୟୋଗର ସମ୍ବାଦ ପାଇବା ପରେ ସାମ୍ବାଦିକ କୈଳାସ ଚନ୍ଦ୍ର ମହାନ୍ତି, ନିମାଇଁ ଚରଣ ଧଳ,ଶିକ୍ଷକନେତା ଶ୍ରୀନିବାସ ଧଳ,ବିଧାୟିକା ପ୍ରମିଳା ମଲିକ,ପୂର୍ବତନ ଚେୟାରମ୍ୟାନ ନନ୍ଦକିଶୋର ସାମଲ,ଗିରିଧାରୀ ଦାଶ, ଅନିରୁଦ୍ଧ ଦାଶ, ଅଧିବକ୍ତା ଦେବନାରାୟଣ ମହାନ୍ତି, କାମେଶ୍ୱର ପଣ୍ଡା ପ୍ରମୁଖ ସମାଜସେବୀ ନାରାୟଣ ଚନ୍ଦ୍ର ଦାସଙ୍କ ବିୟୋଗରେ ଗଭୀର ଶୋକ ବ୍ୟକ୍ତ କରିବା ସହିତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ. କରିଥିଲେ।

# କେନ୍ଦ୍ରାପଡ଼ା ପୌରପାଳିକାର ସ୍ୱାୟତ୍ତ ଶାସନ ଦିବସ ପାଳିତ

କେନ୍ଦ୍ରାପଡ଼ା, (ସବ୍ୟୁ) : କେନ୍ଦ୍ରାପଡ଼ା ପୌରପାଳିକା ତରଫରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ୨୦୨୬ ଆଜି ମହାଆଡମ୍ବରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ କେନ୍ଦ୍ରାପଡ଼ା ନଗରପାଳ ସରିତା ସାହୁଙ୍କ ଅଧ୍ୟକ୍ଷତାରେ ସଂସ୍କୃତି ଭବନଠାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ରାଜ୍ୟର ସର୍ବପୁରାତନ ପୌର ପରିଷଦ କେନ୍ଦ୍ରାପଡ଼ାକୁ ଗୋଟିଏ ଆଦର୍ଶ ପୌରପାଳିକା ଗଠନ କରିବାକୁ ହେଲେ ସମସ୍ତଙ୍କ ସହଯୋଗ ଅତ୍ୟନ୍ତ ଜରୁରୀ। ମୁଖ୍ୟବକ୍ତା ଭାବେ ସାଂସଦଙ୍କ ପ୍ରତିନିଧି ମହମ୍ମଦ ସଲିମ ଖାଁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ଉପନଗରପାଳ ଆକବରୀ ଖାତୁନ, ପୌର ନିର୍ବାହୀ ଅଧିକାରୀ ତ୍ରିନାଥ ବେହେରା ଯୋଗ ଦେଇଥିଲେ। କେନ୍ଦ୍ରାପଡା ପୌରପରିଷଦ ସହରକୁ ବିକଶିତ କରିବା ପାଇଁ ନିଷ୍ଠାର ସହ କାର୍ଯ୍ୟ କରୁଛି। ଡ୍ରେନଜ ସମସ୍ୟାର ସମାଧାନ ଓ ପୌରପାଳିକା ଜନସାଧାରଣଙ୍କୁ



ମୂଲ୍ୟବୋଧଭିତ୍ତିକ ସେବା ପ୍ରଦାନ କରିବାକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବକ୍ତବ୍ୟରେ କହିଥିଲେ । ସଭାରେ ସମସ୍ତ ପୌରସଭ୍ୟ ଉପସ୍ଥିତ ଥିଲେ । ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାସ, ଅମ୍ବିକା ଦାସ, ଅକ୍ଷୟ ପତି ଓ ସାହିତ୍ୟିକ ବିରଜା ରାଉତରାୟଙ୍କୁ କେନ୍ଦ୍ରାପଡା ବରପୁତ୍ର ଭାବେ ସମ୍ମାନୀତ କରାଯାଇଥିଲା। ପୂର୍ବତନ ଉପାଧ୍ୟକ୍ଷ କୁଞ୍ଜ ବିହାରୀ ପୃଷ୍ଟିଙ୍କ ଦେହାନ୍ତରେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ବିଗତ ବର୍ଷ ମଧ୍ୟରେ ପୌରାଞ୍ଚଳର ସମସ୍ତ ଶ୍ମଶାନ, କବର ଖାନା, ଇଦଗାର ଉନ୍ନତି କରଣ କରାଯାଇଛି। ବିଭିନ୍ନ ରାସ୍ତାର ସୌନ୍ଦର୍ଯ୍ୟକରଣ କରାଯାଇଥିବା ବେଳେ ତିନିମୂହାଣୀ ଠାରୁ ନୂଆ ବସଷ୍ଟାଣ୍ଡ ମୁଖ ରାସ୍ତାର ପ୍ରଶସ୍ତିକରଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ପ୍ରତି ଛକର ସୌନ୍ଦର୍ଯ୍ୟକରଣ କାଯ୍ୟ ଖୁବ ଶୀଘ୍ର ହେବାକୁଯାଉଛି। ନୂଆ ବସଷ୍ଟାଣ୍ଡ, ଇଚ୍ଛାପୁର ଠାରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ନିମନ୍ତେ ଅର୍ଥ ମଞ୍ଜୁର ହୋଇଛି। ତିନିମୂହାଣୀ କଲ୍ୟାଣୀ ମଣ୍ଡପ ଉନ୍ନତିକରଣ ସହିତ ଉର୍ଦ୍ଦୁ ପାଠାଗାର ଉପର ମହଲା ନିର୍ମାଣ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ମହାଭୋଇ ପୁଷ୍କରଣୀର ଉନ୍ନତି କରଣକୁ ତ୍ୱରାନ୍ୱିତ କରାଯିବା ପରେ ପୂର୍ବରୁ ଆୟୋଜିତ ଚିତ୍ରାଙ୍କନ, ନୃତ୍ୟ, ସଂଗୀତ୍, ବକ୍ତୃତା, ଝୋଟି, ରଙ୍ଗୋଲି, ମେହେନ୍ଦି ଓ ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଭାବଗ୍ରାହୀ କଳାନିକେତନର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯଯକ୍ରମ ଏବଂ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯାଇଥିଲା । ଆଜିର ଏହି ବୈଠକରେ ବୁଦ୍ଧିଜୀବୀ, ସାଧାରଣ ଜନତା, ସ୍ୱଚ୍ଛସାଥି, ମହିଳା ସଙ୍ଗଠନର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଉପାଧ୍ୟକ୍ଷା ଆକବରୀ ଖାତୁନ ଧନ୍ୟବାଦ ଅର୍ପଣ କରିଥିଲେ।

# କୁସୁନପୁରରେ ସ୍ୱର୍ଗତ ରିନା ବେଉରାଙ୍କ ପାଇଁ ଶୋକ ସମାରୋହ

ପାରାଦୀପ-( ଜି . ପ୍ର ) ଇଫକୋ ପାରାଦୀପର ଜନସମ୍ପର୍କ ଅଧିକାରୀ ଏବଂ ମହାପୁରୁଷ ଅଚ୍ୟୁତାନନ୍ଦ ମନ୍ଦିରର ଟ୍ରଷ୍ଟି ଡକଟର ପ୍ରସନ୍ନ କୁମାର ବେଉରାଙ୍କ ପନୀ ସ୍ୱର୍ଗତଶ୍ରୀମତୀ ରିନା ବେଉରାଙ୍କ ସ୍ମୃତିରେ କେନ୍ଦ୍ରାପଡ଼ା ଜିଲ୍ଲାର ବେଉରା ପରିବାରର ପୈତୃକ ଗ୍ରାମ କୁସୁନପୁରରେ ଏକ ଗମ୍ଭୀର ଶୋକ ସମାରୋହ ଅନୁଷ୍ଠିତ ହୋଇଥିଲା । ପ୍ରଭୁ ଜଗନ୍ନାଥ ଏବଂ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପ୍ରତି ତାଙ୍କର ଦୟା, ନମ୍ରତା, କରୁଣା ଏବଂ ଭକ୍ତି ପାଇଁ ଜଣାଶୁଣା, ତାଙ୍କୁ ଜଣେ ପ୍ରେମମୟ ପନୀ, ସମର୍ପିତ ମାତା ଏବଂ ସର୍ବଦା ଦୁଃଖୀ ଲୋକଙ୍କୁ ସାହାଯ୍ୟ କରୁଥିବା ବ୍ୟକ୍ତି ଭାବରେ ମନେ ରଖାଯାଇଥିଲା । ପରିବାରର ପୈତୃକ ଘରେ ଶୋକ ସମାରୋହ ଏବଂ ପାରମ୍ପରିକ ରୀତିନୀତି ପାଳନ କରାଯାଇଥିଲା । ଓଡ଼ିଶାର ବିଭିନ୍ନ ସ୍ଥାନରୁ ଲୋକମାନେ ଶୋକସନ୍ତପ୍ତ ପରିବାର ସହିତ ଶ୍ରଦ୍ଧାଞ୍ଜଳି ଏବଂ ଏକତା ପ୍ରକାଶ କରିବା ପାଇଁ ଏକାଠି ହୋଇଥିଲେ । ଶ୍ରଦ୍ଧାଳୁ ସନ୍ଥ, ଆଧ୍ୟାତ୍ମିକ ନେତା, ରାଜନୈତିକ ନେତା, ଜନ ପ୍ରତିନିଧି, ସାମାଜିକ କର୍ମୀ, ବୃତ୍ତିଗତ, ଇଫକୋ ଅଧିକାରୀ ଏବଂ କର୍ମଚାରୀ, ସାମ୍ବାଦିକ, ଏନଜିଓ ପ୍ରତିନିଧି, ସମ୍ପର୍କୀୟ, ବନ୍ଧୁ ଏବଂ ଶୁଭେଚ୍ଛୁମାନେ ଉତ୍ସବରେ ଯୋଗ ଦେଇଥିଲେ । ଶ୍ରୀମଦ ସ୍ୱାମୀ ବ୍ରହ୍ମଣନ୍ଦ ସରସ୍ୱତୀ ମହାରାଜ, ବ୍ରହ୍ମଚାରି ମନସ ଚୈତନ୍ୟ , ବ୍ରହ୍ମଚନ୍ଦ୍ର ଆନନ୍ଦ ଚୈତନ୍ୟ , ବ୍ରହ୍ମଜନା ଆନନ୍ଦ ସ୍ୱାମୀଜୀ , ଅନ୍ୟାନ୍ୟ ବିଶିଷ୍ଟ ସାଧୁ, ମାନ୍ୟଗଣ୍ୟ ବ୍ୟକ୍ତି, ପୂର୍ବତନ ସାଂସଦ ଜଗତ୍ସିଂହପୁର ଡ କଳମଣୀ ସାମଲ, ଡ ରାଜଶ୍ରୀ ମଲ୍ଲିକ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ଶ୍ରୀମନ୍ଦିର ସେବାୟତ ବିଶ୍ୱବାସୁ ଦଇତାପତି ବିନାୟକ ଦାସ ମହାପାତ୍ର, ଦଇତାପତି ଅନନ୍ତ ଦାସ ମହାପାତ୍ର, ନିରଂଜନ ରଥ ଏବଂ ସେବାୟତ ମହାପାତ୍ର , ଇଫକୋର ଅନିରୁଦ୍ଧ ବିକ୍ରମ ସିଂୟୁନିଟ ମୁଖ୍ୟ, ଏକତା ସିଂ ପ୍ରଥମ ମହିଳା ଏବଂ ଅନ୍ୟ ବରିଷ୍ଠ ଇଫକୋ ଅଧିକାରୀ, ଏଡିଏମ ପାରାଦୀପ ନିରଂଜନ ବେହେରା , ପାରାଦୀପ ପୌରାଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ , ଉପାଧ୍ୟକ୍ଷା ଛବିଲତା ରାଉତ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା , କଟକ ଉପଜିଲ୍ଲାପାଳ ଦିବ୍ୟାଜ୍ୟୋତି ସ୍ମୃତି ରଂଜନ ଦେ , ଶ୍ରୀଦେବ ସେଖର ଦାସ , ହିନ୍ଦୁ ଏକତା ମଞ୍ଚ ସଭାପତି ପି କେ ଜେନା, ସୁରେଶ କୁମାର ଦାସ, ହେମା କୁମାର ପରିଡା , ଅବିନାଶ ମିଶ୍ର ସମ୍ପାଦକ ଓଡ଼ିଶା ଆଜି ଏବଂ ମହାନଦୀ ସୁପରଫାଷ୍ଟ ନ୍ୟୁଜ ପେପର, ଡ ବିଜୟ କୁମାର ରାଉତ ସମ୍ପାଦକ ସ୍ୱାଧୀନମତ ନ୍ୟୁଜ ପେପର, ବରିଷ୍ଠ ବିଜେପି ନେତା ସୁବ୍ରତ କୁମାର ପ୍ରଧାନ , ସର୍ବେଶ୍ୱେର ବଲିୟାରସିଂ , କେନ୍ଦ୍ରାପଡା ଜିଲ୍ଲା , ପାରାଦୀପ କଟକ ଜଗତସିଂହପୁରର ସାମ୍ବାଦିକ , ସମସ୍ତ ସହକର୍ମୀ, ଏନଜିଓ, ଏସଏସଜି ଗୋଷ୍ଠୀ, ସାମାଜିକ କର୍ମୀ, ବନ୍ଧୁ ଏବଂ ସମ୍ପ୍ରଦାୟର ସଦସ୍ୟମାନେ ମଧ୍ୟ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଦିବଙ୍ଗତ ଆତ୍ମାର ଅନନ୍ତ ଶାନ୍ତି ଏବଂ ସଦଗତି ପାଇଁ ପ୍ରାର୍ଥନା କରାଯାଇଥିଲା, ଏବଂ ଡକଟର ପ୍ରସନ୍ନ କୁମାର ବେଉରା ଏବଂ ତାଙ୍କ ପରିବାରକୁ ସମବେଦନା ଜ୍ଞାପନ କରାଯାଇଥିଲା । ଇଫକୋ ପରିଚାଳନା ନିର୍ଦ୍ଦେଶକ ଶ୍ରୀ କେ. ଜେ. ପଟେଲ ଏବଂ ଶ୍ରୀମତୀ ମମତା ପଟେଲ ସେମାନଙ୍କର ଗଭୀର ସମବେଦନା ଏବଂ ପ୍ରାର୍ଥନା ଜଣାଇଥିଲେ । ସେମାନେ ବିଦେଶରେ ଥିବାରୁ ବ୍ୟକ୍ତିଗତ ଭାବରେ ଯୋଗ ଦେଇପାରି ନଥିଲେ କିନ୍ତୁ ଶୋକସନ୍ତପ୍ତ ପରିବାର ସହିତ ସେମାନଙ୍କର ଏକତା ପ୍ରକାଶ କରିଥିଲେ । ସମାବେଶରେ ରିନା ବେଉରାଙ୍କୁ ତାଙ୍କର କୋମଳ ସ୍ୱଭାବ, ଆଧ୍ୟାତ୍ମିକ ଭକ୍ତି, ଦୟା ଏବଂ ସ୍ନେହ ପାଇଁ ମନେ ପକାଇଥିଲେ । ତାଙ୍କ ପରିବାର ଓଡ଼ିଶାର ବିଭିନ୍ନ ସ୍ଥାନରୁ ଦୁଃଖ ବାଣ୍ଟିବା ପାଇଁ ଯାତ୍ରା କରିଥିବା ପ୍ରତ୍ୟେକଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ ।

# ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ପ୍ରତିବାଦ ଯାତ୍ରା: ରାହୁଲ ଗାନ୍ଧୀଙ୍କ ସ୍ୱାଭିମାନ ସହ ସାଲିସ ଅସମ୍ଭବ

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଏକ ବିଶାଳ ପ୍ରତିବାଦ ଯାତ୍ରା ମାଷ୍ଟରକ୍ୟାଣ୍ଟିନ ଠାରେ ଆୟୋଜିତ ହୋଇଥିଲା । ବିରୋଧି ଦଳ ନେତା ରାହୁଗାନ୍ଧୀଙ୍କ ବିରୁଦ୍ଧରେ ଏକଛତ୍ରବାଦୀ ବିଜେପି ସରକାରର ମିଛ ଏଫ.ଆଇ.ଆର ରୁଜୁକୁ ନେଇ ସାରା ଦେଶରେ ପ୍ରତିବାଦ ଯାତ୍ରା ଅନୁଷ୍ଠିତ ହୋଇଛି । ସେହି ପରିପେକ୍ଷିରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଜେନାଙ୍କ ନେତୃତ୍ୱରେ ଏବଂ ଓପିସିସି ସଭାପତି ଭକ୍ତ ଚରଣ ଦାସ, ଏଆଇସିସି ଓ ପ୍ରଭାରୀ ଲାଲK1 ଦେଶାଇ, ପୂର୍ବତନମନ୍ତ୍ରୀ ସୁରେଶ କୁମାର ରାଉତରାୟ, ପୂର୍ବତନ ଓପିସିସି ସଭାପତି ଜୟଦେବ ଜେନାଙ୍କ ଉପସ୍ଥିତରେ ପ୍ରତିବାଦ ଯାତ୍ରା କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଯାଇଥିଲା । ରାହୁଲ ଗାନ୍ଧୀଙ୍କ ସଓ୍ୱାଭିମାନ ସହିତ ଖେଳିଲେ ବିଜେପିକୁ ବହୁ ମୂଲ୍ୟ ଦେବାକୁ ପଡିବ ଏବଂ କଂଗ୍ରେସ ଶ୍ରୀ ଗାନ୍ଧୀଙ୍କ ସ୍ୱାଭିମାନ ସହିତ କୌଣସି ପ୍ରକାର ସାଲିସ କରିବାର ପ୍ରଶ୍ନ ଉଠୁ ନାହିଁ ବୋଲି କଂଗ୍ରେସ ନେତୃବୃନ୍ଦ ପ୍ରକାଶ କରିଥିଲେ । ଆଗକୁ ଏହା ମହାଆନ୍ଦୋଳନର ରୂପ ନେବ ବୋଲି ଚେତାବନୀ ଦେଇଥିଲେ ।




# ହତ୍ୟା ଉଦ୍ୟମ ମାମଲା: କୋରକରା ସରପଞ୍ଚ କୋର୍ଟଚାଲାଣ

ଫୁଲନଖରା (ସବ୍ୟୁ):କଟକ ସଦର ଥାନା ଅନ୍ତର୍ଗତ ବାରଙ୍ଗ ବ୍ଲକର କୋରକରା ସରପଞ୍ଚ ଅଶୋକ କୁମାର ପାତ୍ରଙ୍କୁ ଏକ ମହିଳାଙ୍କ ଅଭିଯୋଗ ଆଧାରରେ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି । ବ୍ରାହ୍ମଣଦା ଗ୍ରାମର ଅଭିଯୋଗକାରିଣୀ ବିନୋଦିନୀ ସିଂଙ୍କ ଅଭିଯୋଗକୁ ଆଧାର କରି କଟକ ସଦର ଥାନାରେ କେସ ନମ୍ବର ୫୮୦/୨୦୨୬ ରୁଜୁ ହୋଇଥିବା ସୂଚନା ମିଳିଛି । ପୁଲିସ ସୂଚନା ଅନୁଯାୟୀ, ମାମଲାରେ ହତ୍ୟା ଉଦ୍ୟମ ସମ୍ପର୍କିତ ଦଫା ଲାଗିଥିବା ଏବଂ ଏହି ଆଧାରରେ ସରପଞ୍ଚଙ୍କୁ ଗିରଫ କରାଯାଇ କୋର୍ଟକୁ ପଠାଯାଇଥିଲା । ତେବେ ଘଟଣାର ସମ୍ପୂର୍ଣ୍ଣ ସତ୍ୟତା ଓ ଅଭିଯୋଗର ବାସ୍ତବତା ତଦନ୍ତ ଏବଂ ଆଇନଗତ ପ୍ରକ୍ରିୟା ପରେ ସ୍ପଷ୍ଟ ହେବ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅଶୋକ କୁମାର ପାତ୍ର କୋରକରା ଗ୍ରାମ ପଞ୍ଚାୟତର ବର୍ତ୍ତମାନର ସରପଞ୍ଚ । ଜଣେ ଲୋକପ୍ରତିନିଧିଙ୍କ ବିରୋଧରେ ଏଭଳି ଗୁରୁତର ଅଭିଯୋଗ ଆସିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି ।



ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସରେ ନିର୍ବାଚିତ ହୋଇଥିବା ଲୋକପ୍ରତିନିଧିଙ୍କ ଆଚରଣ ସାଧାରଣ ନାଗରିକଙ୍କ ତୁଳନାରେ ଅଧିକ ଦାୟିତ୍ୱଶୀଳ ଓ ଆଦର୍ଶମୂଳକ ହେବା ଆଶା କରାଯାଏ । ତେଣୁ ଏପରି ଗୁରୁତର ଅଭିଯୋଗ ଓ ଗିରଫ ଘଟଣା ନିଶ୍ଚିତ ଭାବେ ଲୋକପ୍ରତିନିଧିଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଛି । ଅନ୍ୟପଟେ, କିଛିଦିନ ପୂର୍ବରୁ ସରପଞ୍ଚଙ୍କ ସାନପୁଅ ଆଶିଷ କୁମାର ପାତ୍ରଙ୍କ ବିରୋଧରେ ମଧ ଜଣେ ଯୁବକଙ୍କୁ ଅପହରଣ ଓ ନିର୍ଯାତନା ସମ୍ପର୍କିତ ଅଭିଯୋଗ ଆସିଥିବା ଏବଂ ଏହି ଘଟଣା କଟକ ସଦର ଥାନାରେ ବିଚାରାଧୀନ ଥିବା ସୂଚନା ମିଳିଛି । ଉକ୍ତ ଘଟଣା ମଧ ବିଭିନ୍ନ ଗଣମାଧମରେ ପ୍ରକାଶ ପାଇଥିଲା । ଲୋକପ୍ରତିନିଧିଙ୍କ ନାମରେ ଗୁରୁତର ଅଭିଯୋଗ ଆସିବା ଏବଂ ଗିରଫ ଭଳି ଘଟଣା କେବଳ ବ୍ୟକ୍ତିଗତ ବିଷୟ ହୋଇ ରହେନାହିଁ ଏହା ଜନସାଧାରଣଙ୍କ ଆସ୍ଥା ସହ ମଧ ଜଡ଼ିତ । ତେବେ ଅଭିଯୋଗ ପ୍ରମାଣିତ ନହେବା ପର୍ଯ୍ୟନ୍ତ କାହାକୁ ଦୋଷୀ ଭାବେ ବିଚାର କରାଯାଇପାରିବ ନାହିଁ । ତଦନ୍ତ ନିରପେକ୍ଷ ଭାବେ ହୋଇ ଘଟଣାର ପ୍ରକୃତ ସତ୍ୟ ସାମ୍ନାକୁ ଆସିବା ଆବଶ୍ୟକ । ଆଇନ ସମସ୍ତଙ୍କ ପାଇଁ ସମାନଲୋକପ୍ରତିନିଧି ହୁଅନ୍ତୁ କି ସାଧାରଣ ନାଗରିକ, ଅଭିଯୋଗ ଆସିଲେ ଆଇନ ନିଜ ବାଟରେ ଚାଲିବା ହିଁ ଗଣତନ୍ତ୍ରର ମୂଳ ନୀତି ବୋଲି ବୁଦ୍ଧିଜୀବି ମତ ପୋଷଣ କରିଛନ୍ତି ।

# ବେଗୁନିଆ ବିଧାୟକଙ୍କ ପିତୃବିୟୋଗ



ବୋଲଗଡ଼ ,(ସବ୍ୟୁ): ବେଗୁନିଆ-ବୋଲଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରଦୀପ କୁମାର ସାହୁଙ୍କ ପିତା ତଥା ବିଶିଷ୍ଟ ବ୍ୟବସାୟୀ ଲକ୍ଷ୍ମୀଧର ସାହୁ(୮୦)ଙ୍କର ସୋମବାର ସକାଳ ୭ଟା ରେ ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ହୋଇଛି । ତାଙ୍କର ବାର୍ଦ୍ଧକ୍ୟ ଜନିତ କାରଣରୁ ତାଙ୍କର ହଠାତ୍ ହୃତକ୍ରୀୟା ବନ୍ଦ ହେବାରୁ ମୃତ୍ୟୁ ବରଣ କରିଥିଲେ ।ବିୟୋଗ ଖବର ପାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ବ୍ୟକ୍ତ କରିଥିଲେ ।ଏହା ସହିତ ବରିଷ୍ଠ ବିଜେଡି ନେତା ଦେବୀ ପ୍ରସାଦ ମିଶ୍ର, ଅରୁଣ କୁମାର ସାହୁ, ମାନସ ମଙ୍ଗରାଜ, ରାଜେନ୍ଦ୍ର କୁମାର ସାହୁ , ମନ୍ମଥ ରାଉତରାୟ, ବିଭୁତି ବଳବନ୍ତରାୟ, ଅନନ୍ତ ନାରାୟଣ ଜେନା କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ , ପୃଥ୍ୱୀବଲ୍ଲଭ ପଟ୍ଟନାୟକ ପ୍ରମୁଖ ତାଙ୍କ ଭୁବନେଶ୍ୱରୟୁନିଟ ୪ନମ୍ବର ସ୍ଥିତ ବାସଭବନରେ ପହଁଚି ଶେଷ ଦର୍ଶନ କରିଥିଲେ । ଏହାପରେ ତାଙ୍କ ମରଶରୀରକୁ ବେଗୁନିଆ ନିକଟସ୍ଥ ପୈତୃକ ସରୁଅ ଗ୍ରାମକୁ ନିଆଯାଇଥିଲା । ସେଠାରେ ବୋଲଗଡ ବେଗୁନିଆ ନିର୍ବାଚନ ମଣ୍ଡଳୀର ଶତାଧିକ ଜନ ପ୍ରତିନିଧି ବିଭିନ୍ନ ରାଜନୈତିକ ଦଳର କର୍ମୀ ପହଁଚି ଶେଷ ଦର୍ଶନ କରିଥିଲେ । ଅପରାହ୍ନରେ ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇ ନିଜସ୍ୱ ଶଶ୍ମାନନ ଘାଟରେ ଶବ ସଂସ୍କାର କରାଯାଇଥିଲା । ଜ୍ୟେଷ୍ଠ ପୁତ୍ର ବିଧାୟକ ପ୍ରଦୀପ କୁମାର ସାହୁ ମୁଖାଗ୍ନି ଦେଇଥିଲେ ।

## ୩ ମଦ ବ୍ୟବସାୟଙ୍କ ଘର ଉପରେ ବୁଲିଲା ବୁଲ ଡୋଜର

କୋଣାର୍କ ,(ସବ୍ୟୁ): ରାମଚଣ୍ଡୀ ଥାନା ଅଧିନସ୍ଥ ସୁତନ ରାଜସ୍ୱ ନିରୀକ୍ଷକ ସର୍କଲ ଅନ୍ତର୍ଗତ ବାଲିକପିଳେଶ୍ୱର ଛକ ଠାରେ ଚୋରା ମଦ ବ୍ୟବସାୟ କରୁଥିବା ୩ଜଣଙ୍କ ବେଆଇନ ଗୃହ ଉପରେ ଭୁଲ ଡୋଜର ଚଢାଇ ସୋମବାର ପୂର୍ବାହ୍ନ ସମୟରେ ଗୋପ ତହସିଲ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି । ରାମଚଣ୍ଡୀ ଥାନା ଅଧୀନସ୍ଥ ତରକୋର ପଞ୍ଚାୟତର ପ୍ରସିଦ୍ଧ ଶୈବପୀଠ ବାବା ବାଲିକପିଳେଶ୍ୱର ଛକ ଠାରେ ସ୍ଥାନୀୟ ଅଞ୍ଚଳର ୩ ଜଣ ଚୋରା ମଦ ବ୍ୟବସାୟୀ ବେଆଇନ ଗୃହ ନିର୍ମାଣ କରି ବେଆଇନ ଭାବେ ମଦ କାରବାର ନେଇ ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଇଥିଲା ।ଫଳରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ କ୍ରମେ ଗୋପ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟଙ୍କ ନେତୃତ୍ୱରେ ରାଜସ୍ୱ ଓ ରାମଚଣ୍ଡୀ ପୋଲିସର ଏକ ଟିମ ସହ ସଶସ୍ତ୍ର ପୋଲିସ ମୁତୟନ କରାଯାଇ ଚୋରା ମଦ ବ୍ୟବସାୟୀ ଶ୍ୟାମ ସୁନ୍ଦର ସାହୁ, ଧଡ ମଲ୍ଲିକ ଓ ମମତା ସାହୁଙ୍କ ବାଲିକପିଳେଶ୍ୱର ଛକ ଠାରେ ଥିବା ୩ ଗୋଟି ବେଆଇନ ଗୃହ ଜେସିବି ମେସିନ ଲଗାଇ ଉଚ୍ଛେଦ କରିଥିଲେ । ଗୋପ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଗୋପ ଅତିରିକ୍ତ ତହସିଲଦାର ସତ୍ୟଜିତ ନାୟକ, ରାମଚଣ୍ଡୀ ଥାନା ଅଧିକାରୀ ମମତା ବିଶ୍ୱାଳ, ସୁତନ ରାଜସ୍ୱ ନିରୀକ୍ଷକ କୁଅଁର ମୁର୍ମୁ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇ ଏହି ଉଚ୍ଛେଦ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା । ଗୋପ ତହସିଲ ପ୍ରଶାସନର ଏଭଳି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ସ୍ଥାନୀୟ ଅଞ୍ଚଳରେ ଭୂୟସୀ ପ୍ରଶଂସା କରାଯାଇଛି ।

# ରଣପୁର ଏନଏସିରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

ରଣପୁର (ସବ୍ୟୁ): :ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିନସ୍ଥ ମା ମଣିନାଗ କଲ୍ୟାଣୀ ମଣ୍ଡପ ନିକଟରେ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ୧୩ତମ ସ୍ୱାଓ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଓଡିଶା ବିଧାନସଭାର ବାଚସ୍ପତି ତଥା ରଣପୁର ବିଧାୟିକା ଶ୍ରୀମତୀ ସୁରମା ପାଢ଼ୀଉଦଘାଟନ କରିଥିଲେ । ଅନ୍ୟତମ ଅତିଥିଭାବେ ରଣପୁର ତହସିଲଦାର ଆର୍ଯ୍ୟ କୁମାର ସର୍ବଦମନ, ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷା ରଙ୍ଗୀନ ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ବର ମହାପାତ୍ର, ବିଡ଼ିଓ ମନୋଜ ନାୟକ ପ୍ରମୁଖ ଯୋଗଦେଇଥିଲେ ।ଚଳିତ ବର୍ଷ ରଣପୁର ଏନ.ଏସି ରାଜସ୍ୱ ଆଦାୟ ରେ ରେକର୍ଡ କରିଥିବାରୁ ରଣପୁର ଏନ.ଏସି କୁ ରାଜ୍ୟସ୍ତରୀୟ ପୁରସ୍କାର ପାଇଁ ମନୋନୀତ ହୋଇଥିବା ବେଳେ ରାଜ୍ୟ ରେ ୧୦ଟି ଏନ.ଏସି ଏହି ପୁରସ୍କାର ପାଇଁ ମନୋନୀତ ହୋଇଥିବା ଜଣାଯାଇଛି । ଫଳରେ ରଣପୁର ଏନ.ଏସକୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ କରାଯାଇ ୨କୋଟି ଟଙ୍କାର ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯାଇଥିବା ସୂଚନା ମିଳିଛି । ଏହି ଅବସରରେ ରଣପୁର ଏନ.ଏସି ର ଅଭିଯୋଗ ଶୁଣାଣି ପାଇଁ ଏକ ଅନ ଲାଇନ ପୋର୍ଟାଲ ର ଶୁଭଉଦଘାଟନ କରାଯାଇଥିଲା ।ମଞ୍ଚାସିନ ଅତିଥି ମାନଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସମ୍ମାନିତ କରାଯାଇଥିଲା । ପରେ ଏନଏସି ତରଫରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତା କ୍ଷେତ୍ର ରେ କୃତିତ୍ୱ ଅର୍ଜନ କରିଥିବା ବିର୍ଭିଣ୍ଣ ସ୍କୁଲ ର ଛାତ୍ର ଛାତ୍ରୀ ଓ ଉପଢୌକନ ଓ ମାନପତ୍ର ଦେଇ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ପକଳ୍ପ ତଥା ରଣପୁର ମାଛ ମାର୍କେଟ, ଉଦଘାଟନ କରାଯିବାଥିବା ବେଳେ ଅର୍ଜୁନ ରାଉତ ପାର୍କ ସୌନ୍ଦର୍ଯ୍ୟକରଣ ପାଇଁ ଦୁଇ କୋଟିର ପ୍ରକଳ୍ପ, ବଡଦାଣ୍ଡ ର ବିଦ୍ୟୁତ କରଣ ପାଇଁ ୧.୩୫କୋଟି ଶୁଭ ଦିଆ ଯାଇଛି । ଏହିକାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି, ସାହିତ୍ୟିକ, କଳାକାର ଓ ସମାଜସେବୀମାନଙ୍କୁ ସମ୍ମାନିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ବିପିନ ପାଢ଼ୀ, ପରେଶ ମିଶ୍ରଙ୍କ ସହ ବହୁ ମାନଗଣ୍ୟ ବ୍ୟକ୍ତି, କାଉନସିଲର ଓ ଏନଏସିର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।



# ସ୍କୁଲ ଫାଟକ ଆଗରେ ଛାତ୍ରଛାତ୍ରୀଙ୍କ ଧାରଣା



ବାଙ୍କୀ ,(ସବ୍ୟୁ): ସ୍ଥାୟୀ ଶିକ୍ଷକ ନିଯୁକ୍ତି ଦାବୀରେ ସୋମବାର ଦିନ ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ଢ଼ଙ୍ଗର ପଞ୍ଚାୟତ କୃଷକ ହାଇସ୍କୁଲସ୍କୁଲ ଫାଟକ ଆଗରେ ଛାତ୍ରଛାତ୍ରୀମାନେ ଧାରଣାରେ ବସିଛନ୍ତି ।ଏହି ହାଇସ୍କୁଲରେ ୧୦ ଜଣ ଶିକ୍ଷକଙ୍କ ପରିବର୍ତ୍ତେ ମାତ୍ର ଦୁଇ ଜଣ ଶିକ୍ଷକ ଏପରିକି ବିଜ୍ଞାନ ଗଣିତ , କ୍ରୀଡ଼ା ଓ ହିନ୍ଦୀ ଶିକ୍ଷକ ନ ଥିବାରୁ ଛାତ୍ରଛାତ୍ରୀମାନେ ପାଠ ପଢ଼ାରୁ ବଞ୍ଚିତ ହେଉଛନ୍ତି । ଏବେ ଦୁଇ ଜଣ ଶିକ୍ଷକ ଶହେ ୧୮ ଜଣ ଛାତ୍ର ଛାତ୍ରୀଙ୍କୁ ପାଠ ପଢ଼ାଉ ଛନ୍ତି । ଫଳରେ ଛାତ୍ର ଛାତ୍ରୀମାନେ ଶିକ୍ଷାଲାଭ କରି ପାରୁ ନାହାନ୍ତି । ବାରମ୍ବାର ଶିକ୍ଷା ବିଭାଗ ଓ ବାଙ୍କୀ ଉପଖଣ୍ଡ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସୋମବାର ସ୍କୁଲ ଖୋଲିବା ମାତ୍ରେ ନବମ ଓ ଦଶମ ଶ୍ରେଣୀ ର ଶତାଧିକ ଛାତ୍ର ଛାତ୍ରୀ ମାନେ ଗେଟ ସମ୍ମୁଖରେ ଧାରଣାରେ ବସିଥିଲେ । ଆଉ ମାସେ ଗଲେ ଦଶମ ଶ୍ରେଣୀ ଅର୍ଦ୍ଧ ବାର୍ଷିକ ପରୀକ୍ଷା । ତେଣୁ ତୁରନ୍ତ ଶିକ୍ଷକ ନିଯୁକ୍ତି ଦିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ବଡ଼ ଧରଣର ହେବ ବୋଲି ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ କହିଛନ୍ତି ।

# କେନ୍ଦ୍ରମନ୍ତ୍ରୀ ଜୁଏଲ କାହାର ହାତ କାଟିବେ ଗଣମାଧମ ପର୍ଦ୍ଦାଫାଶ କରୁ: କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): କଂଗ୍ରେସ ଭବନଠାରେ ଓପିସିସି ଗଣମାଧମ ବିଭାଗ ପକ୍ଷରୁ ଆୟୋଜିତ ସାମ୍ବାଦିକ ବିବୃତିରେ ପୂର୍ବତନ ବିଧାୟକ ତଥା ଓପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ଗଣମାଧମ ସାମ୍ନାରେ ଅଶାଳୀନ ଭାଷା ପ୍ରୟୋଗ ଉପରେ କଠୋର ସମାଲୋଚନା କରିଥିଲେ । ପୂର୍ବତନ ବିଧାୟକ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ବର୍ତମାନ କେନ୍ଦ୍ର, ରାଜ୍ୟ, ପୁଲିସ ପ୍ରଶାସନ ଓ ବିଜେପି ଦଳର ଦୋମୁହାଁ ନିତୀ ପଦାରେ ପଡିଛି । ସଙ୍ଗୀନ ମାମଲା ଗୁଡିକୁ ଚପେଇ ଦେବାକୁ ଉଦ୍ୟମ ହେଉଛି । କିନ୍ତୁ କଂଗ୍ରେସ ଏସବୁର ପର୍ଦାଫାଶ କରିବ ।କିଛିଦିନ ତଳେ ଗଣମାଧମ ସାମ୍ନାରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି ଯେ, ବାହାର ଦଳରୁ ଆମ ଦଳକୁ ଆସିଥିବା କିଛି ଲୋକ ମୋ ବିରୋଧରେ ଷଡଯନ୍ତ୍ର କରି ମୋତେ ମନ୍ତ୍ରୀପଦରୁ ହଟାଇବାକୁ ଚାହୁଁଛନ୍ତି । ମୋ ଭାବମୂର୍ତ୍ତିକୁ ଯିଏ କଳୁଷିତ କରିବ ତା ହାତକୁ କାଟିଦେବି ଓ ତାକୁ ଜାଳି ଦେବି ବୋଲି କହିଛନ୍ତି । କେନ୍ଦ୍ରମନ୍ତ୍ରୀ ହିସାବରେ ଯେଉଁ ଦାୟିତ୍ୱପୂର୍ଣ୍ଣ ରୁଚିସମ୍ପନ୍ନ ମତ ଦେବା କଥା ତାହା ନଦେଇ ହିଂସାତ୍ମକ ମତ ଉପସ୍ଥାପନା କରିବା ଏକ ସାଙ୍ଘାତିକ ବିଷୟ । ଆଦିବାସୀ ନେତା ଓ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ତାଙ୍କ ଉପରେ ହେଉଥିବା ଷଡଯନ୍ତ୍ର ଏବଂ ଷଡଯନ୍ତ୍ରକାରୀ କିଏ ଜାଣି ପାରୁଛନ୍ତି ତେବେ କେନ୍ଦ୍ର ଓ ରାଜ୍ୟର ଗୁଇନ୍ଦା ବିଭାଗ କେମିତି ଜାଣିପାରୁନାହାନ୍ତି । କେନ୍ଦ୍ରମନ୍ତ୍ରୀ ଖୋଲାଖୋଲି ତାଙ୍କ ବିରୋଧରେ ଷଡଯନ୍ତ୍ର ବିଷୟ ଉଂାପନ କରିବା ସତ୍ୱେ ମଧ ପୁଲିସ କାହିଁକି ଏଫଆଇଆର ରୁଜୁ କରୁନାହିଁ । ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଅଭିଯୋଗକୁ ବିଜେପି ସଭାପତି ଅତ୍ୟନ୍ତ ହାଲୁକା ଭାବେ ଗ୍ରହଣ କରି ତାଙ୍କ ବ୍ୟକ୍ତିଗତ ମନ୍ତବ୍ୟ ବୋଲି ସଫେଇ ଦେବା ଗ୍ରହଣୀୟ ନୁହେଁ । ଜୁଏଲ ଓରାମ ଜଣେ କେନ୍ଦ୍ରମନ୍ତ୍ରୀ, ତାଙ୍କ ବିରୁଦ୍ଧରେ କିଏ ଷଡଯନ୍ତ୍ର କରୁଛି, ସିଏ କାହା ହାତ କାଟିଦେବି ଓ ଜାଳିଦେବି କହୁଛନ୍ତି ଓଡିଶାବାସୀଙ୍କ ଜାଣିବାର ଅଧିକାର ଅଛି । ଶ୍ରୀ ପଟ୍ଟନାୟକ ଗଣମାଧମକୁ ଅନୁରୋଧ କରି କହିଛନ୍ତି ଯେ, ମନ୍ତ୍ରୀ କାହାର ହାତ କାଟିବେ ଓ କାହାକୁ ଜାଳିଦେବେ ଦୟାକରି ଅନୁସନ୍ଧାନ କରି ପର୍ଦାଫାଶ କରନ୍ତୁ ।

# ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ

ଦଶପଲ୍ଲା ,(ସବ୍ୟୁ): ଦଶପଲ୍ଲା ବିଜ୍ଞାପିତ ପରିଷଦ ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପକ୍ଷରୁ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ପୁନମ ପ୍ରିୟଦର୍ଶିନୀ ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଡିଓ ଶରତ କୁମାର ମଲିକ, ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି ମଞ୍ଚ ।ସିନ ଥିଲେ । କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ଅତିଥି, ଜନପ୍ରତିନିଧି ଓ ଅଧିକାରୀମାନେ ସ୍ଥାନୀୟ ସଓ୍ୱାୟତ୍ତ ଶାସନକୁ ଆହୁରି ସୁଦୃଢ଼ କରିବା ସହ ଜନସାଧାରଣଙ୍କ ସ୍ୱାର୍ଥକୁ ସର୍ବାଗ୍ରେ ରଖି କାର୍ଯ୍ୟ କରିବାର ସଂକଳ୍ପ ବ୍ୟକ୍ତ କରିଥିଲେ ।ଶେଷରେ ନିଟ ପରୀକ୍ଷାରେ ଉତୀର୍ଣ୍ଣ ହୋଇ ଡାକ୍ତର ହୋଇଥିବା କୃତୀ ଛାତ୍ର ଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ଏହି ସଭାକୁ ସୁଭାସିସ ସାହୁ ପରିଚାଳନା କରିଥିବା ବେଳେ ସର୍ବଶେଷରେ କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ସମସ୍ତ କାଉନସିଲର ସହ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ପ୍ରାତଃ ସମୟରେ ଅଧକ୍ଷା ଙ୍କ ପୁନମ ପ୍ରିୟଦର୍ଶିନୀ ପତାକା ଉତ୍ତୋଳନ କରିଥିଲେ । ପରେ ମହାପୁରୁଷ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ସହ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । ପରେ କାର୍ଯ୍ୟକ୍ରମରେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଯୋଗ ଦେଇ ଏନ ଏ ସି ଦ୍ୱାରା ନିର୍ମିତ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟର ଶୁଭ ଉ"ାଟନ କରିଥଲେ ।

# ଆଠଗଡ଼ ଏନଏସିରେ ୩.୪କୋଟିଟଙ୍କାର ପ୍ରକଳ୍ପ ଲୋକାର୍ପିତ

ଆଠଗଡ଼,(ସବ୍ୟୁ): ଆଠଗଡ଼ ଏନଏସି ପକ୍ଷରୁ ଅଖିଳ ଭାରତ ସ୍ୱାୟତ ଶାସନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରତ୍ୟୁଷରୁ ରାମଧୂନ ପରିବେଷଣ କରାଯିବା ସହ ଏଏନ ସି ର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ।ଏହି ଅବସରରେ ଆଠଗଡ଼ ଏନଏସି ଅଧକ୍ଷା ସସ୍ମିତା ରାଉତ, ଉପାଧକ୍ଷି.ଶୁଭ୍ର ଶଙ୍କର ଜ୍ୟୋତି ,ନିର୍ବାହୀ ଅଧିକାରୀ ବଳୟ ଦେହୁରୀ ଓ ସହକାରୀ ଯନ୍ତ୍ରୀ ଆଦିତ୍ୟ ନାରାୟଣ ମିଶ୍ରଙ୍କ ସମେତ ଏନଏସି ର କର୍ମଚାରୀ, ସଫେଇ କର୍ମଚାରୀମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ । ପରେ ସହରର ୫ନଂଓ୍ୱାର୍ଡର ଷ୍ଟାଡିୟମ ନିକଟରେ ୧କୋଟି ୮୨ଲକ୍ଷ,୪୦ ହଜାର ଟଙ୍କା ବ୍ୟୟରେ ନୂତନ କଲ୍ୟାଣ ମଣ୍ଡପ,୮୦ଲକ୍ଷ ୫୨ ହଜାର ଟଙ୍କା ବ୍ୟୟ ରେ ମନ ଉପଚାର କେନ୍ଦ୍ରକୁ ଲୋକାର୍ପିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ରଣେନ୍ଦ୍ର ପ୍ରତାପ ସାଇଁ ମୁଖ୍ୟ ଅତିଥି ରପେ ଯୋଗଦେଇ ଥିଲେ । ପରେ ଆଠଗଡ଼ ଏନଏସି କାର୍ଯ୍ୟାଳୟ ସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ସାଧାରଣ ସଭା ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ସ୍ୱାଇଁ ସମେତ ସହକାରୀ ଜିଲ୍ଲାପାଳ ପ୍ରଭୁଦତ୍ତ ପ୍ରଧାନ ପ୍ରମୁଖ ଯୋଗ ଥିଲେ । ଚଳିତ ବର୍ଷ ଆଠଗଡ଼ ଏନଏସି ରାଜ୍ୟ ରେ ଶ୍ରେଷ୍ଠ ବିବେଚିତ ହୋଇ ରାଜ୍ୟ ସରକାରଙ୍କ ଦ୍ୱାରା ୧କୋଟି ଟଙ୍କା ପୁରସ୍କୃତ ହୋଇଥିବାରୁ ଆଠଗଡ଼ବାସୀଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି । ଉପାଧକ୍ଷ ବି ଶୁଭ୍ର ଶଙ୍କର ଜ୍ୟୋତି ସଭାରେ ଅଧକ୍ଷତା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଚଳିତ ବର୍ଷ ଆଠଗଡ଼ ଏନଏସି ଶ୍ରେଷ୍ଠି ଲାଭ କରିଥିବାରୁ ବିଧାୟକ ସ୍ୱାଇଁ ସଫେଇ କର୍ମଚାରୀ ଓ ନିଷ୍ଠାବାନ କର୍ମଚାରୀମାନଙ୍କୁ ଶ୍ରେୟ ଦେଇଥିଲେ ।ଏହି ଅବସରରେ ବିଧାୟକ ସ୍ୱାଇଁ ୪୮ ଜଣ ବୁଲା ବେପାରୀଙ୍କୁ ପ୍ରମାଣପତ୍ର ଓ ୨୦ଜଣ ବୃଦ୍ଧ,ବୃଦ୍ଧା,ବିଧବା,ଅସହାୟଙ୍କୁ ଭତ୍ତା ପ୍ରଦାନ କରିଥିଲେ । ପରେ ସାୟତ ଶାସନ ଦିବସ ଅବସରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେରେ ଅନୁଷ୍ଠିତ ପ୍ରତିଯୋଗିତା ରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା । ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଯୁବନେତା ପ୍ରକାଶ ରାଉତ କାର୍ଯ୍ୟକ୍ରମ ର ସଂଯୋଜନା କରିଥିଲେ । ଏନଏସି ର କର୍ମଚାରୀ ପ୍ରଶାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ।

## ଦୁର୍ଘଟଣାରେ ମୃତ ରାକେଶଙ୍କ ଚକ୍ଷୁ ଦାନ କଲେ ପରିବାର

ଦଶପଲ୍ଲା ,(ସବ୍ୟୁ): ଦଶପଲ୍ଲା ଥାନା ନଛିପୁର ଗାଁର ରାକେଶ ଓରଫ ସୌମ୍ୟ ରଞ୍ଜନ ଖମାରୀଙ୍କ ଦୁର୍ଘଟଣାରେ ମୃତ୍ୟୁ ହେବା ପରେ ତାଙ୍କ ପରିବାରର ସହମତି କ୍ରମେ ରାକେଶଙ୍କ ଚକ୍ଷୁ ଦାନ କରାଯାଇଛି ।ଭୁବନେଶ୍ୱରସ୍ଥ ଏମ୍ସ ମେଡ଼ିକାଲ ଡାକ୍ତର ଅପରେସନ କରି ରାକେଶଙ୍କ ଚକ୍ଷୁ ବାହାର କରି ନେଇଛନ୍ତି । ରାକେଶଙ୍କ ଏହି ଦୁଇ ଚକ୍ଷୁ ଅନ୍ୟ କାହାର ଶରୀର ରେ ଲଗାଯାଇ ପାରିବ । ଶନିବାରଦିନ ଉଦୁଡା ଠାରେ ଏକ ମିନିଟ୍ରକ ସହ ବାଇକ ଧକ ହେବାରୁ ରାକେଶ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଗୁରୁତ୍ୱର ଅବସ୍ଥାରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର ସମୟ ରେ ତାଙ୍କର ମୃତ୍ୟୁ ହୋଇଥିଲା ।

# ଏନଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ

ଖଣ୍ଡପଡ଼ା, (ସବ୍ୟୁ): ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ୱାଓ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି । ସୋମବାର ପ୍ରତ୍ୟୁଷରେ କାର୍ଯ୍ୟାଳୟ ପକ୍ଷରୁ ସହରାଞ୍ଚଳ ମଧ୍ୟରେ ରାମଧୂନ ପରିବେଷଣ କରାଯାଇଥିଲା । ପୂର୍ବାହ୍ନରେ କାର୍ଯ୍ୟାଳୟ ପରିସରରେ ଅଧକ୍ଷା ଆରତୀ ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସହରାଞ୍ଚଳ ମଧ୍ୟରେ ଥିବା ଖଣ୍ଡପଡ଼ା ମାଟିର ଗର୍ବ ଓ ଗୌରବ ବିଶବିଖ୍ୟାତ ଜ୍ୟୋର୍ତିବିଦ ପଠାଣି ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ସ୍ଥାନୀୟ ସବଜେଲ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଫଳ ବଣ୍ଟନ କରାଯାଇଥିଲା । ଏହି ଅବସରରେ ପଠାଣି ସାମନ୍ତ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ସ୍ୱାୟତ୍ତ ଶାସନ ଦିବସ ପାଳନର ସାଧାରଣ ସଭାରେ ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ଙ୍କ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ରଙ୍କ ପ୍ରତ୍ୟକ୍ଷ ତ%୦ାବଧାନ ଓ ଅଧକ୍ଷାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଟକ ଲୋକସଭା ସାଂସଦଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂ, ଅଧକ୍ଷା, ସ୍ଥାନୀୟ ବିଡିଓ ଅଙ୍କୁର ଅଭିଳାଷ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ସମାଜସେବୀ ବିଧାନ ପ୍ରଧାନ ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ଖଣ୍ଡପଡ଼ା ସହରାଞ୍ଚଳର ସାମଗ୍ରିକ ବିକାଶ ପାଇଁ ଉକ୍ତ ସଭାରେ ଗୁରୁତ୍ୱାରୋପ କରାଯାଇଥିଲା । ସାୟତ୍ତ ଶାସନ ଦିବସ ପାଇଁ ପୂର୍ବରୁ ବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଏହି କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବା ସହିତ ଏହି ଅବସରରେ ସହରାଞ୍ଚଳ ମଧ୍ୟରେ ନୂତନ ଭାବେ ନିର୍ମିତ ୭ ଗୋଟି ପ୍ରକଳ୍ପକୁ ବିଧାୟକ ଲୋକାର୍ପିତ କରିଥଲେ ।



# ପାତି ମାଙ୍କଡ଼ର ଆକ୍ରମଣ: ଡ଼ାକ୍ତରଖାନାରେ କଲେଜ ଛାତ୍ରୀ

ନିରାକାରପୁର,(ସବ୍ୟୁ): ପାଣ୍ଡବପଟଣା ରାସ୍ତାରେ ଜଣେ କଲେଜ ଛାତ୍ରୀ ପାତି ମାଙ୍କଡ଼ ଆକ୍ରମଣର ଶିକାର ହୋଇ ଆହାତ ହୋଇଛନ୍ତି ।ମିଳିଥିବା ମଙ୍ଗଳାଯୋଡ଼ି ଭଜାଗଡ଼ ଗ୍ରାମର ସୁଚିତ୍ରା ପଡିଆରୀ (୧୯) କେବି ଡିଏଭି କଲେଜର ଯୁକ୍ତ ତିନି ଦିତୀୟ ବର୍ଷ କେମେଷ୍ଟ୍ରି ଅନର୍ସର ଛାତ୍ରୀ । ସେ ପାଣ୍ଡବପଟଣାଠାରେ ଘର ଭଡ଼ା ନେଇ ରହି ପାଠପଢୁଛନ୍ତି । ଶୁକ୍ରବାର ମଧାହ୍ନରେ ସେ ଘରୁ କଲେଜକୁ ଯାଉଥିବା ସମୟରେ ରାସ୍ତାରେ ହଠାତ ଏକ ପାତି ମାଙ୍କଡ଼ ତାଙ୍କୁ ଆକ୍ରମଣ କରି ଗୋଡ଼କୁ କାମୁଡ଼ି ଦେଇଥିଲା ।ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରଥମେ ଏକ ମେଡ଼ିସିନ ଷ୍ଟୋରରୁ ତାଙ୍କୁ ଟିଟାନସ ଇଞ୍ଜେକ୍ସନ ଦିଆଯିବା ପରେ ତୁରନ୍ତ ଟାଙ୍ଗୀ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଛି ।

## ସମ୍ପାଦକୀୟ

# ଭବିଷ୍ୟତର ଭାରତ ଗଢ଼ିବା କିପରି ?

ଭବିଷ୍ୟତର ଭାରତ ହେଉଛି ନୂତନ ଭାରତ, ବିକଶିତ ଭାରତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଶା ପ୍ରକାଶ କରିଛନ୍ତି । ଏବର ବିକାଶଶୀଳ ଭାରତକୁ ବିକଶିତ ଭାରତରେ ପରିଣତ କରିବା ପାଇଁ ତାଙ୍କର ସଂକଳ୍ପ ଯେ ଭାରତ ପାଇଁ ଆବଶ୍ୟକ ଥିଲା, ଏହା ଯେ କୌଣସି ସଚେତନ ଭାରତୀୟ ଅନୁଭବ କରିବେ । ଏଥିରେ ସନ୍ଦେହ ନାହିଁ । ବିଶିଷ୍ଟ କବି ଓ ସାହିତ୍ୟିକ ଡକ୍ଟର ସୀତାକାନ୍ତ ମହାପାତ୍ରଙ୍କର ପୁରୁଣା ଗୋଟିଏ ପ୍ରବନ୍ଧ ଉପରେ ଆଖି ପକାଉଥିଲି । ସେହି ପ୍ରବନ୍ଧରେ ଠାଏ ସେ ଲେଖିଥିଲେ– 'ସମାଜର ଚିନ୍ତାନାୟକମାନଙ୍କ ମଧ୍ୟରେ ଦେଖା ଯାଉଥିଲା ଏ ସଭ୍ୟତା ବିରୋଧୀ ସମାଲୋଚନା ମୂଳରେ ଅଛି ବିଗତ ଅର୍ଦ୍ଧଶତାବ୍ଦୀର ସାମାଜିକ ସ୍ଥିତିର ପର୍ଯ୍ୟାଲୋଚନା । ଶିଳ୍ପ ସଭ୍ୟତା ଏ ବିଶ୍ଳେଷଣ ଯୁଗର ଅପରିହାର୍ଯ୍ୟ ଆଙ୍ଗିକ ହେଲେ ମଧ୍ୟ ଏହା ଯେ ମନୁଷ୍ୟ ସମାଜର ପ୍ରକୃତ ସମସ୍ୟା ସମାଧାନ କରି ପାରୁ ନାହିଁ, ଏହା ବର୍ତ୍ତମାନ ଏକ ସାଧାରଣ ଚିନ୍ତା । ବିଶ୍ୱସ୍ୱାସ୍ଥ୍ୟ ସଂଘ ୧୯୫୧–୫୨ରେ ପ୍ରକାଶ କରିଥିବା ' Vital Statistics and Causes of Death' ସମୀକ୍ଷା କଲେ ଦେଖାଯାଏ ମଦ୍ୟପମାନଙ୍କ ସଂଖ୍ୟା ଆମେରିକା, ଫ୍ରାନ୍ସ, ସୁଇଡେନ ଓ ଡେନମାର୍କରେ ଅପେକ୍ଷାକୃତ ବେଶୀ ଓ ଆମେରିକାରେ ଏମାନଙ୍କ ସଂଖ୍ୟା ସର୍ବାଧିକ । ସେହିପରି ଡେନ୍‌ମାର୍କ, ସୁଇଜରଲ୍ୟାଣ୍ଡ ଓ ଆମେରିକାରେ ମଧ୍ୟ ପୃଥିବୀର ସବୁଠାରୁ ବେଶୀ ଆତ୍ମହତ୍ୟା ସଂଖ୍ୟା ପରିଲକ୍ଷିତ ହେଉଛି ।

**ଜାତିର ପିତାଙ୍କୁ ବାପୁଜୀ ବୋଲି ନେତାଜୀ ସୁଭାଷଚନ୍ଦ୍ର ବୋଷ ସମ୍ବୋଧନ କରି ଆସିଥିଲେ । ଗାନ୍ଧିଜୀ ଯେପରି ଭାରତ ଚାହୁଁଥିଲେ, ସେପରି ଭାରତ ସ୍ୱାଧୀନତାର ଅଶୀ ବର୍ଷରେ ପଦାର୍ପଣ କରି ଆମେମାନେ ପ୍ରକୃତରେ ପାଇ ପାରିଲୁ କି ? ଏବେ ଦେଶର ଯୁବକମାନେ ନିଶାମୁକ୍ତ ଭାରତ ଗଠନ ସକାଶେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି । ଆମେମାନେ ସ୍ୱାଧୀନ ହୋଇ ମଧ୍ୟ ସମ୍ପୂର୍ଣ୍ଣ ଭାବେ ସ୍ୱାବଲମ୍ବନଶୀଳ ହୋଇ ପାରି ନାହୁଁ । ଏଥିପାଇଁ ଦାୟୀ କିଏ, ସରକାର ନା ଆମେ ?**

ମାନସିକ ସ୍ୱାସ୍ଥ୍ୟ ଓ ସ୍ଥୈର୍ଯ୍ୟର ଅଭାବ କୌଣସି ସମାଜରେ ଆତ୍ମହତ୍ୟାର ପରିଣାମ ବା ସଂଖ୍ୟାବୃଦ୍ଧିର ପ୍ରଥମ ଓ ପ୍ରଧାନ କାରଣ । ଉପରୋକ୍ତ ସମୀକ୍ଷାରୁ ମଧ୍ୟ ଜଣା ପଡ଼ିବ ଯେ ଅର୍ଥନୈତିକ ପ୍ରଗତି ଓ ଶିଳ୍ପୋନ୍ନତି ସହିତ ମାନସିକ ଅସ୍ଥିରତା ପ୍ରାୟତଃ ଏକତ୍ର ପରିଲକ୍ଷିତ ହେଉଛି । ଅନ୍ୟପକ୍ଷରେ ଯେଉଁ ଦେଶର ଜନସାଧାରଣଙ୍କ ଅର୍ଥନୈତିକ ମାନ ଅନୁନ୍ନତ, ଶିଳ୍ପ ଓ ବିଜ୍ଞାନ ବିଶେଷ ଉନ୍ନତି ଲାଭ କରି ପାରି ନାହିଁ, ସେ ସବୁ ଦେଶରେ ଏକପ୍ରକାର ମାନସିକ ଅସୁସ୍ଥତା ମଧ୍ୟ ଯଥେଷ୍ଟ କମ ।' (ବର୍ତ୍ତମାନର ସଭ୍ୟତା ଓ ସମାଜ, 'ପ୍ରଜ୍ଞା' ପତ୍ରିକା ମେ, ୧୯୬୦)

ଅର୍ଦ୍ଧ ଶତାବ୍ଦୀରୁ ଉର୍ଦ୍ଧ୍ୱକାଳ ଇତିମଧ୍ୟରେ ବିତିଗଲାଣି । ଭାରତ ଶିଳ୍ପ ଓ ବିଜ୍ଞାନ କ୍ଷେତ୍ରରେ ଯଥେଷ୍ଟ ଉନ୍ନତି ହାସଲ କରି ପାରିଛି । ପରିବର୍ତ୍ତିତ ପରିସ୍ଥିତିରେ ଆମର ଅର୍ଥନୀତି ମଧ୍ୟ ଉନ୍ନତ । ବିଶ୍ୱ ଅର୍ଥନୀତି କ୍ଷେତ୍ରରେ ଭାରତର ସ୍ଥାନ ଏବେ ପଞ୍ଚମ ବା ଷଷ୍ଠ ସ୍ଥାନରେ ରହିଛି । ଜିଡିପି (ସମୁଦାୟ ଘରୋଇ ଉତ୍ପାଦ) ଦୃଷ୍ଟିରୁ ଏବଂ କ୍ରୟ ଶକ୍ତି ଦୃଷ୍ଟିରୁ ଭାରତ ଏବେ ତୃତୀୟ ସ୍ଥାନରେ ରହିଛି । ଏ ସବୁ ତ ଭାରତ ବିକଶିତ ଦେଶରେ ପରିଣତ ହେବାର ଲକ୍ଷଣ । ମାତ୍ର ଭାରତରେ ଏବେ ଯେଉଁପରି ଭାବେ ନିଶାର ପ୍ରସାର ତଥା ଆତ୍ମହତ୍ୟାପ୍ରବଣତା ବଢ଼ି ଚାଲିଛି, ସେଥିପ୍ରତି ଆମେମାନେ ସତର୍କ ଦୃଷ୍ଟି ରଖିବା ପରି ମନେ ହୁଏ ନାହିଁ । ଏବେ ଓଡ଼ିଶାରେ ଅପରାଧ ବଢ଼ି ଚାଲିଛି । ଭାରତରେ ମଧ୍ୟ ଲୋକେ ଚୋରି ଓ ଲୁଟପାଟ କରି, ମଦ୍ୟପାନ କରି ଯୌନ ବ୍ୟଭିଚାରର ପ୍ରସାର ଘଟାଇ ଚାଲିଛନ୍ତି । ଅଳ୍ପ ବୟସର ଶିଶୁ କନ୍ୟାଙ୍କ ପ୍ରତି ଯେପରି ବଳାତ୍କାର ହେଉଛି, ତାହା ଭାବିଲେ ଖୁବ୍ ଖରାପ ଲାଗୁଛି ।

ଜାତିର ପିତାଙ୍କୁ 'ବାପୁଜୀ' ବୋଲି ନେତାଜୀ ସୁଭାଷଚନ୍ଦ୍ର ବୋଷ ସମ୍ବୋଧନ କରି ଆସିଥିଲେ । ଗାନ୍ଧିଜୀ ଯେପରି ଭାରତ ଚାହୁଁଥିଲେ, ସେପରି ଭାରତ ସ୍ୱାଧୀନତାର ଅଶୀ ବର୍ଷରେ ପଦାର୍ପଣ କରି ଆମେମାନେ ପ୍ରକୃତରେ ପାଇ ପାରିଲୁ କି ? ଏବେ ଦେଶର ଯୁବକମାନେ ନିଶାମୁକ୍ତ ଭାରତ ଗଠନ ସକାଶେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି । ଆମେମାନେ ସ୍ୱାଧୀନ ହୋଇ ମଧ୍ୟ ସମ୍ପୂର୍ଣ୍ଣ ଭାବେ ସ୍ୱାବଲମ୍ବନଶୀଳ ହୋଇ ପାରି ନାହୁଁ । ଏଥିପାଇଁ ଦାୟୀ କିଏ, ସରକାର ନା ଆମେ ?

**ଆପଣମାନେ ଯଦି ସମଗ୍ର ପୃଥିବୀର ସାହିତ୍ୟ ଅଧ୍ୟୟନ କରିବାକୁ ଚାହାଁନ୍ତି ତାହାହେଲେ ତହିଁରେ ଜଗତର କେହି ବାଧା ଦେଇପାରିବେ ନାହିଁ । କିନ୍ତୁ ଇଂରାଜୀ ସାହିତ୍ୟ ଅଧ୍ୟୟନ କରିବାରେ କମ୍ ସମୟ ଖର୍ଚ୍ଚ କରିବାକୁ ଆପଣମାନଙ୍କୁ ମୋର ଅନୁରୋଧ କରିବାର କାରଣ ଏହି ଯେ ଆପଣମାନେ ନିଜ ମାତୃଭାଷା ଅଧ୍ୟୟନ କଲେ ଅଧିକ ସ୍ୱାଭାବିକ ରୀତିରେ ସେହି ଉପକାର ପାଇପାରିବେ ।**

(ମହାତ୍ମା ଗାନ୍ଧି)

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଖଣିଜ ସମ୍ପଦରୁ ଦେଶ ଓ ରାଜ୍ୟର ସମୃଦ୍ଧି



**ମଧୁସୂଦନ ମିଶ୍ର**

ଭାରତର ଖଣିଜ ଅର୍ଥନୀତି ଆଜି ଏକ ନୂତନ ଏବଂ ନିର୍ଣ୍ଣାୟକ ମୋଡ଼ରେ ଠିଆ ହୋଇଛି । ଖଣି ଓ ଖଣିଜ ବିକାଶ ଏବଂ ନିୟନ୍ତ୍ରଣ ସମ୍ପର୍କିତ ଆଇନର ନୂତନ ସଂଶୋଧନକୁ କେନ୍ଦ୍ର କରି ଦେଶରେ ଏକ ଗଭୀର ସାମ୍ବିଧାନିକ, ଆର୍ଥିକ ଓ ସଂଘୀୟ ଚର୍ଚ୍ଚା ଆରମ୍ଭ ହୋଇଛି । ପ୍ରଶ୍ନଟି କେବଳ ଖଣିଜ ଉପରେ କର କିମ୍ବା ଉପକର ଲାଗୁ କରିବାର ଅଧିକାର ସମ୍ପର୍କିତ ନୁହେଁ । ଏହାର ଅନ୍ତରାଳରେ ରହିଛି ଏକ ବଡ଼ ପ୍ରଶ୍ନ–ଯେଉଁ ରାଜ୍ୟର ମାଟି ତଳେ ଖଣିଜ ସମ୍ପଦ ରହିଛି, ସେହି ସମ୍ପଦରୁ ସୃଷ୍ଟ ଅର୍ଥନୈତିକ ସମୃଦ୍ଧିର କେତେ ଅଂଶ ସେହି ରାଜ୍ୟ ଓ ସେଠାକାର ଲୋକମାନଙ୍କ ପାଖକୁ ଫେରିବ କି ?

ଏହି ପ୍ରଶ୍ନ ଓଡ଼ିଶା ପାଇଁ ବିଶେଷ ଗୁରୁତ୍ୱ ବହନ କରେ । ଲୁହାପଥର, ବକ୍ସାଇଟ୍, କ୍ରୋମାଇଟ୍, ମାଙ୍ଗାନିଜ୍ ଓ ଅନ୍ୟାନ୍ୟ ମୂଲ୍ୟବାନ ଖଣିଜ ସମ୍ପଦରେ ସମୃଦ୍ଧ ଓଡ଼ିଶା ଦୀର୍ଘଦିନ ଧରି ଭାରତର ଶିଳ୍ପାୟନ ଓ ଅର୍ଥନୈତିକ ଅଭିବୃଦ୍ଧିର ଏକ ପ୍ରମୁଖ ଭିତ୍ତି ହୋଇଆସିଛି । ଦେଶର ଇସ୍ପାତ ଶିଳ୍ପ, ଭିତ୍ତିଭୂମି ନିର୍ମାଣ ଏବଂ ଉତ୍ପାଦନ କ୍ଷେତ୍ରକୁ ଓଡ଼ିଶାର ମାଟି ତଳେ ଥିବା ସମ୍ପଦ ଶକ୍ତି ଯୋଗାଇଛି । ସ୍ୱାଭାବିକ ଭାବରେ ପ୍ରଶ୍ନ ଉଠୁଛି–ଜାତୀୟ ଅର୍ଥନୀତିକୁ ସମୃଦ୍ଧ କରୁଥିବା ଏହି ସମ୍ପଦର ନ୍ୟାୟସଙ୍ଗତ ଫଳ ଖଣିଜ ଉତ୍ପାଦନକାରୀ ରାଜ୍ୟ ଏବଂ ଖଣି ପ୍ରଭାବିତ ଲୋକମାନେ କେତେ ପରିମାଣରେ ପାଉଛନ୍ତି ?

୧୯୫୭ର ଖଣି ଓ ଖଣିଜ ବିକାଶ ଏବଂ ନିୟନ୍ତ୍ରଣ ଆଇନ ଭାରତର ଖଣିଜ ପରିଚାଳନାର ପ୍ରମୁଖ ଆଇନଗତ ଭିତ୍ତି । ଏହି ବ୍ୟବସ୍ଥାରେ ଖଣିଜ ବିକାଶ ଓ ନିୟନ୍ତ୍ରଣରେ କେନ୍ଦ୍ରର ଭୂମିକା ରହିଥିବା ସହିତ ରାଜ୍ୟମାନଙ୍କର ମଧ୍ୟ ଭୂମି ପ୍ରଶାସନ, ଗୌଣ ଖଣିଜ ପରିଚାଳନା ଓ ରାଜସ୍ୱ ସମ୍ପର୍କିତ କେତେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି । କିନ୍ତୁ ବର୍ତ୍ତମାନର ବିବାଦର ମୂଳ ପ୍ରଶ୍ନ ହେଉଛି–ରାଜ୍ୟ ସରକାର ଖଣିଜ ଅଧିକାର କିମ୍ବା ଖଣିଜବାହୀ ଜମି ଉପରେ କର ଓ ଉପକର ଲାଗୁ କରିବାର କ୍ଷମତା କେତେ ପର୍ଯ୍ୟନ୍ତ ରଖିବେ?

୨୦୨୪ରେ ସୁପ୍ରିମକୋର୍ଟର ସାମ୍ବିଧାନିକ ବେଞ୍ଚ ତାଙ୍କର ଐତିହାସିକ ରାୟରେ ଏହି ବିତର୍କକୁ ଏକ ନୂତନ ଦିଗ ଦେଇଥିଲା । ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଥିଲେ ଯେ ରୟାଲଟିକୁ କର ଭାବରେ ଗଣାଯିବ ନାହିଁ ଏବଂ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ରାଜ୍ୟମାନଙ୍କର ଖଣିଜ ଅଧିକାର ଓ ଖଣିଜବାହୀ ଜମି ଉପରେ କର ଆରୋପ କରିବାର କ୍ଷମତା ରହିଛି । ଏହି ରାୟକୁ ଆର୍ଥିକ ସଂଘୀୟତାର ଏକ ମାଇଲଖୁଣ୍ଟ ଭାବେ ଦେଖା ଯାଇଥିଲା ।

ଓଡ଼ିଶା ପାଇଁ ଏହାର ଗୁରୁତ୍ୱ ଆହୁରି ଅଧିକ । କାରଣ ପ୍ରାୟ ଦୁଇ ଦଶକ ପୂର୍ବରୁ ରାଜ୍ୟ ଖଣିଜବାହୀ ଜମିରୁ ସୃଷ୍ଟ ଆର୍ଥିକ ମୂଲ୍ୟର ଏକ ଅଂଶକୁ ଗ୍ରାମୀଣ ଭିତ୍ତିଭୂମି ଓ ସାମାଜିକ–ଆର୍ଥିକ ଉନ୍ନୟନ ସହିତ ଯୋଡ଼ିବା ପାଇଁ ଓରିସେଡ୍ ଆଇନ ପ୍ରଣୟନ କରିଥିଲା । ଏହାର ମୂଳ କଥା ଥିଲା ଅତ୍ୟନ୍ତ ସରଳ ଏବଂ ନ୍ୟାୟସଙ୍ଗତ–ଯେଉଁ ଅଞ୍ଚଳର ମାଟିରୁ ଜାତୀୟ ସମ୍ପଦ ବାହାରୁଛି, ସେହି ଅଞ୍ଚଳର ଲୋକଙ୍କ ଜୀବନମାନର ଉନ୍ନତି କ୍ଷେତ୍ରରେ ମଧ୍ୟ ସେହି ସମ୍ପଦର ଫଳ ପହଞ୍ଚିବା ଉଚିତ ।

କିନ୍ତୁ ଆଇନଟି ନ୍ୟାୟିକ ଆହ୍ୱାନର ସମ୍ମୁଖୀନ ହୋଇଥିଲା ଏବଂ ଦୀର୍ଘ ସମୟ ଧରି ଏହାର ଭବିଷ୍ୟତ ଆଇନଗତ ଅନିଶ୍ଚିତତାରେ ରହିଲା । ୨୦୨୪ରେ ସୁପ୍ରିମକୋର୍ଟଙ୍କ ରାୟ ପରେ ଓଡ଼ିଶା ପାଇଁ ନୂଆ ସମ୍ଭାବନା ସୃଷ୍ଟି ହୋଇଥିବାବେଳେ ନୂତନ ସଂଶୋଧନ ପୁଣିଥରେ ରାଜ୍ୟର ଆର୍ଥିକ ଅଧିକାର ଓ ଭବିଷ୍ୟତ ରାଜସ୍ୱ ସମ୍ପର୍କରେ ପ୍ରଶ୍ନ ଉଠାଇଛି ।

କେନ୍ଦ୍ରର ଦୃଷ୍ଟିକୋଣକୁ ମଧ୍ୟ ସରଳ ଭାବରେ ଅସ୍ୱୀକାର କରିହେବ ନାହିଁ । ଖଣି ଶିଳ୍ପ ଅତ୍ୟନ୍ତ ପୁଞ୍ଜିନିର୍ଭର ଏବଂ ଦୀର୍ଘମିଆଦୀ ବିନିଯୋଗର କ୍ଷେତ୍ର । ନିବେଶକମାନେ ସ୍ଥିର ନୀତି ଏବଂ ପୂର୍ବାନୁମାନଯୋଗ୍ୟ କର ବ୍ୟବସ୍ଥା ଚାହାନ୍ତି ।

**ଖଣିର ଲାଭ ଯଦି ସମଗ୍ର ଦେଶକୁ ପହଞ୍ଚେ, ତେବେ ତାହାର ଫଳ ଖଣିଜ ଅଞ୍ଚଳର ଗାଁ, ଜଙ୍ଗଲ ଓ ଲୋକଙ୍କ ପାଖକୁ ମଧ୍ୟ ଫେରିବା ଦରକାର । ଏହି ସନ୍ତୁଳନ ହିଁ ନ୍ୟାୟସଙ୍ଗତ ସଂଘୀୟତା, ସ୍ଥାୟୀ ସମୃଦ୍ଧି ଏବଂ ଭାରତର ଖଣିଜ ଭବିଷ୍ୟତର ସତ୍ୟ ସଫଳତାର ପରିଚୟ ହେବ । ସେଥିପାଇଁ ଏକ ସ୍ୱଚ୍ଛ ରାଜସ୍ୱ–ବଣ୍ଟନ ବ୍ୟବସ୍ଥା, ପରିବେଶ ପୁନରୁଦ୍ଧାର ପାଇଁ ଦୀର୍ଘମିଆଦୀ ପାଣ୍ଠି, ଜିଲ୍ଲା ଖଣିଜ ପ୍ରତିଷ୍ଠାନର ଅଧିକ ଜବାବଦେହିତା ଏବଂ ଭବିଷ୍ୟତ ପିଢ଼ି ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ କୌଶଳରେ ଖଣିଜ ରାଜସ୍ୱର ସୁବିଚାରିତ ବିନିଯୋଗ ଅତ୍ୟାବଶ୍ୟକ ।**

ପ୍ରତ୍ୟେକ ରାଜ୍ୟ ଯଦି ଭିନ୍ନ ଭିନ୍ନ ସ୍ତରରେ କର ଓ ଉପକର ଲାଗୁ କରେ, ତେବେ ଖଣିଜ ଉତ୍ପାଦନର ମୂଲ୍ୟ ବଢ଼ିପାରେ ଏବଂ ଏହାର ପ୍ରଭାବ ଇସ୍ପାତ, ସିମେଣ୍ଟ, ନିର୍ମାଣ ଓ ଭିତ୍ତିଭୂମି କ୍ଷେତ୍ରରେ ପଡ଼ିପାରେ ।

କିନ୍ତୁ ଶିଳ୍ପ ପାଇଁ ପୂର୍ବାନୁମାନଯୋଗ୍ୟତାର ଅର୍ଥ ରାଜ୍ୟମାନଙ୍କର ଆର୍ଥିକ ଅଧିକାରକୁ ସମ୍ପୂର୍ଣ୍ଣ ସଙ୍କୁଚିତ କରିବା ହୋଇପାରେ ନାହିଁ । ଏଠାରେ ଓଡ଼ିଶା ଓ ଅନ୍ୟ ଖଣିଜ–ସମୃଦ୍ଧ ରାଜ୍ୟମାନଙ୍କର ଯୁକ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଖଣିର ଲାଭ ସମଗ୍ର ଦେଶକୁ ମିଳିପାରେ, କିନ୍ତୁ ତାହାର ପରିବେଶଗତ ଓ ସାମାଜିକ ମୂଲ୍ୟ ପ୍ରଥମେ ସ୍ଥାନୀୟ ଲୋକମାନଙ୍କୁ ବହନ କରିବାକୁ ପଡ଼େ । ଜଙ୍ଗଲ କ୍ଷୟ, ଧୂଳି ଓ ପ୍ରଦୂଷଣ, ଜଳସ୍ରୋତ ଉପରେ ପ୍ରଭାବ, ଭାରୀ ଯାନବାହନ ଯୋଗୁଁ ଭିତ୍ତିଭୂମିର କ୍ଷତି, ସାମାଜିକ ପରିବର୍ତ୍ତନ ଏବଂ ଅନେକ କ୍ଷେତ୍ରରେ ବିସ୍ଥାପନ–ଏସବୁ ହେଉଛି ଖଣି ଅଞ୍ଚଳର ବାସ୍ତବତା । ତେଣୁ ଖଣିଜରୁ ସୃଷ୍ଟ ଅର୍ଥନୈତିକ ମୂଲ୍ୟର ଏକ ନ୍ୟାୟସଙ୍ଗତ ଅଂଶ ସେହି ଅଞ୍ଚଳର ପୁନର୍ନିର୍ମାଣ ଓ ଲୋକଙ୍କ ଜୀବନମାନରେ ଫେରିବା ଦରକାର ।

ଓଡ଼ିଶା ପାଇଁ ବର୍ତ୍ତମାନ ଆବଶ୍ୟକ ହେଉଛି ଏକ ସୁଚିନ୍ତିତ, ଆଇନସମ୍ମତ ଓ ତଥ୍ୟଭିତ୍ତିକ ଆଭିମୁଖ୍ୟ । ରାଜ୍ୟକୁ ଖଣିଜଭିତ୍ତିକ ରାଜସ୍ୱର ସମଗ୍ର ଚିତ୍ର ଆକଳନ କରିବାକୁ ହେବ–ରୟାଲଟି, ନିଲାମ ପ୍ରିମିୟମ୍, ଜିଲ୍ଲା ଖଣିଜ ପ୍ରତିଷ୍ଠାନର ଅବଦାନ ଏବଂ ସମ୍ଭାବ୍ୟ ଭବିଷ୍ୟତ ରାଜସ୍ୱ ଉପରେ ନୂତନ ବ୍ୟବସ୍ଥାର ପ୍ରଭାବ କେତେ, ତାହା ସ୍ପଷ୍ଟ ଭାବରେ ଦେଶ ସମ୍ମୁଖରେ ରଖିବା ଆବଶ୍ୟକ ।

ଏହା ସହିତ ଏକ କେନ୍ଦ୍ର–ରାଜ୍ୟ ଖଣିଜ ରାଜସ୍ୱ ପରିଷଦ ଗଠନର ଧାରଣା ଗୁରୁତ୍ୱର ସହ ବିଚାର କରାଯାଇ ପାରେ । କେନ୍ଦ୍ର, ଖଣିଜ–ସମୃଦ୍ଧ ରାଜ୍ୟ, ଅର୍ଥନୀତିବିତ୍, ପରିବେଶ ବିଶେଷଜ୍ଞ ଏବଂ ଖଣି ପ୍ରଭାବିତ ଅଞ୍ଚଳର ପ୍ରତିନିଧିମାନଙ୍କୁ ନେଇ ଏପରି ଏକ ବ୍ୟବସ୍ଥା ଗଢ଼ାଯାଇପାରେ । ଏହା ଜାତୀୟ ଖଣିଜ ସ୍ୱାର୍ଥ, ରାଜ୍ୟର ଆର୍ଥିକ ଅଧିକାର ଏବଂ ସ୍ଥାନୀୟ ଲୋକଙ୍କ ନ୍ୟାୟସଙ୍ଗତ ଅଂଶୀଗ୍ରହଣ ମଧ୍ୟରେ ଏକ ସନ୍ତୁଳିତ ସୂତ୍ର ନିର୍ଦ୍ଧାରଣ କରିପାରିବ ।

ଏଠାରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନର ଭୂମିକାକୁ ମଧ୍ୟ ଆହୁରି ସଶକ୍ତ କରିବା ଦରକାର । ଖଣିଜ ରାଜସ୍ୱ କେବଳ ସରକାରୀ ହିସାବ ଖାତାର ଏକ ସଂଖ୍ୟା ହୋଇ ରହିଲେ ଚାଲିବ ନାହିଁ । ସେହି ଅର୍ଥ ଖଣି ପ୍ରଭାବିତ ଗ୍ରାମଗୁଡ଼ିକରେ ନିରାପଦ ପାନୀୟଜଳ, ଉନ୍ନତ ସ୍ୱାସ୍ଥ୍ୟସେବା, ଗୁଣାତ୍ମକ ଶିକ୍ଷା, କୌଶଳ ବିକାଶ, ଜୀବିକା ସୃଷ୍ଟି ଏବଂ ପରିବେଶ ପୁନରୁଦ୍ଧାରରେ ପରିଣତ ହେବା ଉଚିତ ।

ଖଣିଜ ସମ୍ପଦ ଦିନେ ଶେଷ ହୋଇଯିବ, କିନ୍ତୁ ମାନବ ସମ୍ପଦରେ କରାଯାଇଥିବା ବିନିଯୋଗ ପିଢ଼ି ପରେ ପିଢ଼ି ଫଳ ଦେବ । ତେଣୁ ଖଣିଜ ରାଜସ୍ୱର ଏକ ଅଂଶକୁ ଭବିଷ୍ୟତ ପିଢ଼ି ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, କୌଶଳ ଏବଂ ସ୍ଥାୟୀ ଜୀବିକା ସହିତ ଯୋଡ଼ିବା ଦରକାର । ଏହାହିଁ ପ୍ରାକୃତିକ ସମ୍ପଦକୁ ସ୍ଥାୟୀ ମାନବ ସମ୍ପଦରେ ପରିଣତ କରିବାର ଠିକ୍ ମାର୍ଗ ।

ଏହି ସମଗ୍ର ବିତର୍କ ଶେଷ ପର୍ଯ୍ୟନ୍ତ ଭାରତର ସଂଘୀୟ ବ୍ୟବସ୍ଥାର ଏକ ପରୀକ୍ଷା । ଆବଶ୍ୟକ ହେଉଛି ଏକ ସ୍ୱଚ୍ଛ, ସନ୍ତୁଳିତ ଓ ସାମ୍ବିଧାନିକ ଭାବେ ସୁଦୃଢ଼ ବ୍ୟବସ୍ଥା–ଯାହା ନିବେଶକଙ୍କୁ ସ୍ଥିରତା ଦେବ, ରାଜ୍ୟମାନଙ୍କୁ ନ୍ୟାୟସଙ୍ଗତ ରାଜସ୍ୱ ଦେବ ଏବଂ ଖଣି ପ୍ରଭାବିତ ଲୋକମାନଙ୍କୁ ପ୍ରକୃତ ଉନ୍ନୟନର ଅଂଶୀଦାର କରିବ ।

ଓଡ଼ିଶା ପାଇଁ ସନ୍ଦେଶ ସ୍ପଷ୍ଟ । ରାଜ୍ୟକୁ ନିଜର ବୈଧ ଆର୍ଥିକ ଅଧିକାରକୁ ଦୃଢ଼ତାର ସହ ଉପସ୍ଥାପନ କରିବାକୁ ହେବ କିନ୍ତୁ ସେହି ସହିତ ଦେଶ ସମ୍ମୁଖରେ ଏକ ଗଠନମୂଳକ ବିକଳ୍ପ ମଧ୍ୟ ରଖିବାକୁ ହେବ । କାରଣ ପ୍ରକୃତ ଉନ୍ନୟନ ସେତେବେଳେ ହିଁ ସାର୍ଥକ ହେବ, ଯେତେବେଳେ ଜାତୀୟ ସମୃଦ୍ଧି ଓ ଆଞ୍ଚଳିକ ନ୍ୟାୟ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ନୁହେଁ, ବରଂ ପରସ୍ପରର ସହଯୋଗୀ ହେବେ ।

ଶେଷରେ, ପ୍ରଶ୍ନଟି କେବଳ–ଖଣିଜକୁ କିଏ ନିୟନ୍ତ୍ରଣ କରିବ?–ତାହା ନୁହେଁ । ପ୍ରକୃତ ପ୍ରଶ୍ନ ହେଉଛି–ଖଣିଜରୁ କିଏ ଲାଭ ପାଇବ ଏବଂ ଖଣିର ମୂଲ୍ୟ କିଏ ବହନ କରିବ ? ଓଡ଼ିଶା ପିଢ଼ି ପରେ ପିଢ଼ି ଧରି ନିଜର ଖଣିଜ ସମ୍ପଦରେ ଭାରତର ଶିଳ୍ପ ଓ ଅର୍ଥନୀତିକୁ ସମୃଦ୍ଧ କରିଆସିଛି । ଏବେ ସମୟ ଆସିଛି ଏକ ସରଳ କିନ୍ତୁ ଗଭୀର ସତ୍ୟକୁ ସ୍ୱୀକାର କରିବାର–

ବିକାଶର ଯାତ୍ରା କେବଳ ଖଣିରୁ ରାଷ୍ଟ୍ର ପର୍ଯ୍ୟନ୍ତ ନୁହେଁ, ରାଷ୍ଟ୍ରର ସମୃଦ୍ଧି ମଧ୍ୟ ସେହି ମାଟି, ସେହି ଗାଁ ଓ ସେହି ଲୋକମାନଙ୍କ ପାଖକୁ ଫେରିଆସିବା ଦରକାର, ଯାହାଙ୍କ ଭୂମିରୁ ସେହି ସମ୍ପଦର ଉତ୍ପତ୍ତି ।

ଶେଷକଥା ହେଉଛି, ଖଣିଜ ସମ୍ପଦ କେବଳ ମାଟିତଳର ଧନ ନୁହେଁ ଏହା ଏକ ରାଜ୍ୟର ଭବିଷ୍ୟତ, ଜନଜୀବନ ଓ ଜାତୀୟ ଅର୍ଥନୀତି ସହ ଅବିଚ୍ଛିନ୍ନ ଭାବେ ଜଡ଼ିତ । ତେଣୁ ଭାରତର ଖଣିଜ ନୀତିରେ ଜାତୀୟ ସ୍ୱାର୍ଥ, ରାଜ୍ୟର ସାମ୍ବିଧାନିକ ଅଧିକାର, ନିବେଶର ସ୍ଥିରତା, ପରିବେଶ ସୁରକ୍ଷା ଏବଂ ଖଣି ପ୍ରଭାବିତ ଲୋକଙ୍କ ନ୍ୟାୟସଙ୍ଗତ ଅଂଶୀଦାର ମଧ୍ୟରେ ସୁସମନ୍ୱୟ ଅନିବାର୍ଯ୍ୟ । ଓଡ଼ିଶାକୁ ନିଜର ବୈଧ ଆର୍ଥିକ ସ୍ୱାର୍ଥକୁ ଦୃଢ଼ତାର ସହ ଉପସ୍ଥାପନ କରିବା ସହିତ ଏକ ସହଯୋଗମୂଳକ ଜାତୀୟ ସମାଧାନର ପଥ ଦେଖାଇବାକୁ ହେବ । କେନ୍ଦ୍ର ଓ ରାଜ୍ୟ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ନୁହେଁ ସେମାନେ ସମାନ ଉନ୍ନୟନର ସହଭାଗୀ । ଖଣିର ଲାଭ ଯଦି ସମଗ୍ର ଦେଶକୁ ପହଞ୍ଚେ, ତେବେ ତାହାର ଫଳ ଖଣିଜ ଅଞ୍ଚଳର ଗାଁ, ଜଙ୍ଗଲ ଓ ଲୋକଙ୍କ ପାଖକୁ ମଧ୍ୟ ଫେରିବା ଦରକାର । ଏହି ସନ୍ତୁଳନ ହିଁ ନ୍ୟାୟସଙ୍ଗତ ସଂଘୀୟତା, ସ୍ଥାୟୀ ସମୃଦ୍ଧି ଏବଂ ଭାରତର ଖଣିଜ ଭବିଷ୍ୟତର ସତ୍ୟ ସଫଳତାର ପରିଚୟ ହେବ । ସେଥିପାଇଁ ଏକ ସ୍ୱଚ୍ଛ ରାଜସ୍ୱ–ବଣ୍ଟନ ବ୍ୟବସ୍ଥା, ପରିବେଶ ପୁନରୁଦ୍ଧାର ପାଇଁ ଦୀର୍ଘମିଆଦୀ ପାଣ୍ଠି, ଜିଲ୍ଲା ଖଣିଜ ପ୍ରତିଷ୍ଠାନର ଅଧିକ ଜବାବଦେହିତା ଏବଂ ଭବିଷ୍ୟତ ପିଢ଼ି ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ କୌଶଳରେ ଖଣିଜ ରାଜସ୍ୱର ସୁବିଚାରିତ ବିନିଯୋଗ ଅତ୍ୟାବଶ୍ୟକ । ଏପରି ଦୃଷ୍ଟିକୋଣ ହିଁ ଓଡ଼ିଶାର ସ୍ୱାର୍ଥକୁ ସୁରକ୍ଷିତ କରି ଭାରତର ସାମଗ୍ରିକ ପ୍ରଗତିକୁ ନୂତନ ଦିଗ ଦେଇପାରିବ ।

**(ଲେଖକ ଜଣେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକସେବା ଅଧିକାରୀ )**
**ମୋ–୯୯୩୭୮୯୬୧୮୮**

# ବ୍ୟକ୍ତିର ଗୁଣ



**ରାକେଶ ପଣ୍ଡା**

ସ୍ୱାଭାବିକ ଭାବରେ ପ୍ରତ୍ୟକ ବ୍ୟକ୍ତିଙ୍କ ମଧ୍ୟରେ କିଛି ନା କିଛି ବିଶେଷ ତଥା ସ୍ୱତନ୍ତ୍ର ଗୁଣ ରହିଥାଏ, ଯାହାକି' ତାଙ୍କୁ ଅନ୍ୟ ଜଣଙ୍କଠାରୁ ଭିନ୍ନ କରିଥାଏ । ତାହା ବ୍ୟକ୍ତି ଜଣଙ୍କର 'ବ୍ୟକ୍ତିତ୍ୱ' ଅଟେ । ଆଧୁନିକ ମନୋବିଜ୍ଞାନ ଅନୁସାରେ, ଜଣେ ମଣିଷର ବ୍ୟକ୍ତିତ୍ୱ ତାଙ୍କର ଆଚାର, ବିଚାର, ବ୍ୟବହାର ଏବଂ ବିଭିନ୍ନ ଗତିବିଧିଗୁଡ଼ିକରେ ସ୍ପଷ୍ଟ ପରିଲକ୍ଷିତ ତଥା ପ୍ରତିଫଳିତ ହୋଇଥାଏ ଏବଂ ତାହା ହିଁ ଉକ୍ତ ବ୍ୟକ୍ତିଙ୍କୁ ମହାନ କହି ସମାଜରେ ପ୍ରତିଷ୍ଠିତ କରାଇଥାଏ । ତେଣୁ, ଜଣେ ବ୍ୟକ୍ତି ନିଜ ବ୍ୟକ୍ତିତ୍ୱର ବିକାଶ ନିମନ୍ତେ ସର୍ବଦା ପ୍ରୟାସ କରିବା ଜରୁରୀ ।

ଏହାର ପ୍ରଥମ ପାହାଚ ହେଉଛି ନିଜ ମଧ୍ୟରେ ଆତ୍ମବିଶ୍ୱାସକୁ ଜାଗ୍ରତ କରିବା । କାରଣ, ଯେଉଁ ମଣିଷର ନିଜ ଉପରେ ବିଶ୍ୱାସ ନଥାଏ, ତାର କୌଣସି ଏକ କାର୍ଯ୍ୟ ସମ୍ପାଦନ ନିମନ୍ତେ ମନୋବଳ ସର୍ବଦା ନିମ୍ନଗାମୀ ହୋଇଥାଏ, ଯାହାକି ଉକ୍ତ ବ୍ୟକ୍ତିଙ୍କୁ ଉଭୟ ମାନସିକ ଏବଂ ଶାରୀରିକ ସ୍ତରରେ ଦୁର୍ବଳ କରିଦିଏ । ଦ୍ୱିତୀୟଟି ହେଉଛି ବ୍ୟବହାରିକ ଜ୍ଞାନବୃଦ୍ଧି ।

ଏହା ସୁସଙ୍ଗ ତଥା ଭଲ ମିତ୍ରଟିଏ ଠାରୁ ପ୍ରାପ୍ତ ହୋଇଥାଏ । ଉକ୍ତ ମିତ୍ର ମଧ୍ୟରୁ ପୁସ୍ତକ ଅନ୍ୟତମ ଅଟେ । ଏହା ଛଡା, ନିଜ ମଧ୍ୟରେ

**ଆଧୁନିକ ମନୋବିଜ୍ଞାନ ଅନୁସାରେ, ଜଣେ ମଣିଷର ବ୍ୟକ୍ତିତ୍ୱ ତାଙ୍କର ଆଚାର, ବିଚାର, ବ୍ୟବହାର ଏବଂ ବିଭିନ୍ନ ଗତିବିଧିଗୁଡ଼ିକରେ ସ୍ପଷ୍ଟ ପରିଲକ୍ଷିତ ତଥା ପ୍ରତିଫଳିତ ହୋଇଥାଏ ଏବଂ ତାହା ହିଁ ଉକ୍ତ ବ୍ୟକ୍ତିଙ୍କୁ ମହାନ କହି ସମାଜରେ ପ୍ରତିଷ୍ଠିତ କରାଇଥାଏ ।**

ଧୈର୍ଯ୍ୟ ଶକ୍ତିକୁ ବିକଶିତ କରିବା, ସକାରାତ୍ମକ ଚିନ୍ତାଧାରାକୁ ଗ୍ରହଣ କରିବା ଏବଂ ନକରାତ୍ମକ ଚିନ୍ତା ଧାରାଠାରୁ ଦୂରରେ ରହିବା, ସର୍ବଦା ସତ୍ୟ ପଥରେ ଚାଲିବା, ନିଜର ଭାଷା ତଥା ଯୋଗାଯୋଗର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, କ୍ରୋଧ ଏବଂ ଅହଂକାରକୁ ନିୟନ୍ତ୍ରଣରେ ରଖିବା ଏବଂ ନିଜ ମଧ୍ୟରେ ଦୟା, ଅହିଂସା ଏବଂ କ୍ଷମା ଗୁଣକୁ ବଢାଇବା ଦ୍ୱାରା ମଧ୍ୟ ଜଣେ ବ୍ୟକ୍ତି ନିଜର ବ୍ୟକ୍ତିତ୍ୱକୁ ବିକଶିତ କରିପାରିବେ, ଯାହାକି, ସମାଜରେ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଓ ପ୍ରତିଷ୍ଠା ପ୍ରଦାନ କରିବାରେ ବଡ କାରଣ ହୋଇ ପାରିବ ।

**ବନ୍ଦାଲୋ, ଟାଙ୍ଗୀ, କଟକ– ୭୫୪୦୨୨**
**ମୋ–୯୩୩୭୮୯୭୬୫୦**

## ସମ୍ପାଦକଙ୍କୁ ପତ୍ର

### ଇସ୍କନର ଅଦିନିଆ ଓ ଅମାନିଆ ରଥଯାତ୍ରା ବନ୍ଦ ହେଉ

ମହାଶୟ,

ଇସ୍କନ୍ ତାର ମାଇଲଷ୍ଟୋନ ୬୦ ତମ,ତିଥି ବିହୀନ ରଥଯାତ୍ରା ଗତ ୨୩ ତାରିଖ ରବିବାର ଦିନ ସାନଫ୍ରାନସିସ୍କୋ, କାଲିଫର୍ଣ୍ଣିଆ, ଆମେରିକାରେ ବଡ ଧୂମଧାମରେ ପାଳନ କରିଛି । ପ୍ରକାଶ ଥାଉକି, ଇସ୍କନ୍‌ର ପ୍ରତିଷ୍ଠାତା ଶ୍ରୀଲ ପ୍ରଭୁପାଦ ସ୍ୱାମୀ ନିଜେ ୬୦ ବର୍ଷ ତଳେ ଏହି ସାନଫ୍ରାନସିସ୍କୋ ସହର ଆମେରିକାରେ ଠିକ୍ ତିଥିରେ ହିଁ ଆୟୋଜନ କରିଥିଲେ । କିନ୍ତୁ ତାଙ୍କର ଅନୁଗାମୀମାନେ ସନାତନ ଧର୍ମ ତଥା ପୁରାଣ ଶାସ୍ତ୍ରର ନିୟମକୁ ମାନି ନାହାନ୍ତି । ଏପରିକି ସେମାନଙ୍କର ପ୍ରତିଷ୍ଠାତା ଗୁରୁଙ୍କ ନିର୍ଦ୍ଦେଶକୁ ବି ଅନୁକରଣ କରିବାକୁ ସେମାନେ ପ୍ରସ୍ତୁତ ନୁହଁନ୍ତି । ଖାଲି ଆମେରିକାର ସାନଫ୍ରାନସିସ୍କୋ ସହର ନୁହେଁ, କାନାଡାର ବରଲିଙ୍ଗଟୋନ ସହରରେ ଅଗଷ୍ଟ ୨୨ ତାରିଖରେ, ୟୁରୋପର ଦୁଇଟି ସହରରେ, ଜର୍ମାନ୍ ଦେଶର ଲିପଜିଙ୍ଗ Leipzig ସହରରେ ମଧ୍ୟ ଅଗଷ୍ଟ ୨୨ ତାରିଖରେ ଓ ନରୱେ ଦେଶର ଓସଲୋ ସହରରେ ଅଗଷ୍ଟ ୨୨ ଓ ୨୩ ତାରିଖରେ ୪ ଟି ସ୍ଥାନରେ ବହୁ ଧୂମଧାମରେ ଅଦିନିଆ ରଥଯାତ୍ରା ପାଳନ କରିଛନ୍ତି । ଏଥିପାଇଁ ସାରା ବିଶ୍ୱରେ ସମସ୍ତ ଜଗନ୍ନାଥପ୍ରେମୀଙ୍କ ମନରେ ଘୋର ଅସନ୍ତୋଷ ଓ ଆଘାତ ସୃଷ୍ଟି ହୋଇଛି । ସାରା ବିଶ୍ୱର ସମସ୍ତ ଜଗନ୍ନାଥପ୍ରେମୀଙ୍କ ବାରମ୍ବାର ପ୍ରତିବାଦ ଓ ବିରୋଧ କରିବା ସତ୍ତ୍ୱେ ଅମାନିଆ ଇସ୍କନ୍ କିଛି ଶୁଣିବାକୁ ପ୍ରସ୍ତୁତ ନୁହେଁ ।

ଏହି ଅଦିନିଆ ରଥଯାତ୍ରା ବିରୋଧରେ, ଏହାକୁ ବନ୍ଦ କରିବାକୁ ଅନୁରୋଧ କରି ଆମେରିକାରେ ବସବାସ କରୁଥିବା ପ୍ରାୟ ଏକଶତରୁ ଅଧିକ ଓଡ଼ିଆଙ୍କ ସ୍ୱାକ୍ଷର ସମ୍ବଳିତ ଏକ ଦାବିପତ୍ର ଇମେଲ ଜରିଆରେ ଡ. ସୂର୍ଯ୍ୟ ପଟ୍ଟନାୟକ, ସଭାପତି ଜଗନ୍ନାଥ କଲଚରାଲ୍ ଓ ଏଜୁକେଶନାଲ ସେଣ୍ଟର, ସେଣ୍ଟ ଜୋସ, କାଲିଫର୍ଣ୍ଣିଆ ତରଫରୁ ଗତ ଜୁଲାଇ ୨୦ ତାରିଖରେ ଇସ୍କନ୍‌ର ଜଗନ୍ନାଥ ସ୍ୱାମୀ ଦାସ, ସଭାପତି, ଇସ୍କନ୍ ବର୍କେଲେ ମନ୍ଦିରକୁ ପଠା ଯାଇଥିଲା । ତା ସତ୍ତ୍ୱେ ବି ଅମାନିଆଁ ଇସ୍କନ୍ କିଛି ନ ମାନି ପୁଣି ଅଦିନିଆ ରଥଯାତ୍ରା କରି ଚାଲିଛି । ଇସ୍କନ୍‌ର ଏହି ଅମାନିଆ ପଣକୁ ପ୍ରତିହତ କରିବାକୁ ଓ ଏହାର ସ୍ଥାୟୀ ସମାଧାନ କରିବାକୁ ବିଗତ ଦିନରେ ଭାରତର ମହାମହିମ ରାଷ୍ଟ୍ରପତିଙ୍କୁ ଦିଲ୍ଲୀରେ ଥିବା ଓଡ଼ିଆ ଫୋରମ୍ ପକ୍ଷରୁ ପ୍ରାୟ ଏକହଜାରରୁ ଅଧିକ ଓଡ଼ିଆଙ୍କ ସ୍ୱାକ୍ଷର ସମ୍ବଳିତ ଏକ ଅନୁରୋଧ ପତ୍ର ପ୍ରଦାନ କରାଯାଇଥିଲା । ସାରା ବିଶ୍ୱର ସମସ୍ତ ଜଗନ୍ନାଥପ୍ରେମୀଙ୍କ ମତ ଯେତେ ଶୀଘ୍ର ମହାମହିମ ରାଷ୍ଟ୍ରପତି, ଭାରତର ପ୍ରଧାନମନ୍ତ୍ରୀ ଓ ବିଦେଶ ମନ୍ତ୍ରୀଙ୍କ ତରଫରୁ ଇସ୍କନ୍‌ର ଦ୍ୱିତୀୟ ସଂସ୍ଥା ପଶ୍ଚିମବଙ୍ଗର ମାୟାପୁର ଉପରେ ଚାପ ପ୍ରୟୋଗ ନ କରାଯିବ, ଏହାର ସ୍ଥାୟୀ ସମାଧାନ ହୋଇପାରିବ ନାହିଁ ଏବଂ ଇସ୍କନ୍ ଏହିପରି ଅମାନିଆ ହୋଇ ବର୍ଷ ସାରା ଅଦିନରେ, ଅତିଥିରେ ସ୍ନାନ ଯାତ୍ରା ଓ ରଥଯାତ୍ରା କରି ଚାଲିଥିବ । ଜଗନ୍ନାଥପ୍ରେମୀଙ୍କ ପ୍ରଶ୍ନ ଯେ ଇସ୍କନ୍ ସଂସ୍ଥା ନିର୍ଦ୍ଦିଷ୍ଟ ତିଥିରେ ନ କରି ବର୍ଷ ସାରା ଜନ୍ମାଷ୍ଟମୀ ପାଳନ କରିବେ କି? ଯଦି ସାରା ବିଶ୍ୱରେ ସମସ୍ତ ମୁସଲମାନ ସମ୍ପ୍ରଦାୟ ତାଙ୍କର ଇଦ୍ ବିନା ତିଥିରେ ପାଳନ କରିବେ ନାହିଁ, ସାରା ବିଶ୍ୱର ଖ୍ରୀଷ୍ଟିଆନ୍‌ମାନେ ତାଙ୍କର ଖ୍ରୀଷ୍ଟମାସ୍ କେବଳ ୨୫ ଡିସେମ୍ବରରେ ହିଁ ପାଳନ କରିବେ, ତେବେ ଇସ୍କନ୍ କାହିଁକି ଏପରି ଜିଦ୍ ଧରି ବସିଛି ଓ ସନାତନ ଧର୍ମର ଶାସ୍ତ୍ର ପୁରାଣକୁ ଆଖି ଠାର ମାରି ଚାଲିଛି ?

ସାରା ବିଶ୍ୱର ସମସ୍ତ ଜଗନ୍ନାଥପ୍ରେମୀଙ୍କୁ ସବିନୟ ଅନୁରୋଧ ରାଜ୍ୟ ସରକାର ଏଥିରେ ତୁରନ୍ତ ହସ୍ତକ୍ଷେପ କରି, ଯେମିତି ଦୀଘା ଜଗନ୍ନାଥ ମନ୍ଦିରରୁ ଧାମ ଶବ୍ଦ ଉଠେଇ ଦେଲେ, ସେମିତି ତୁରନ୍ତ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡି, ସବୁଦିନ ପାଇଁ ଇସ୍କନ୍‌ର ଏହି ଅମାନିଆ ଅଦିନିଆ ସ୍ନାନ ଯାତ୍ରା ଓ ରଥଯାତ୍ରାକୁ ବନ୍ଦ କରାନ୍ତୁ ।

**ସଂଗ୍ରାମ କେଶରୀ ପଟ୍ଟନାୟକ**
**ବିଶ୍ୱ ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନାର ଟ୍ରଷ୍ଟି**

**ପାଠକମାନେ ନିଜ ନିଜର ସୁଚିନ୍ତିତ ମତାମତ, ଏହି ପୃଷ୍ଠାରେ ଦିଆଯାଇଥିବା ଇ–ମେଲରେ ପଠାଇ ପାରିବେ । ଏହି ସ୍ତମ୍ଭରେ ସ୍ଥାନିତ ହେଉଥିବା ସମସ୍ତ ମତାମତ, ତଥ୍ୟ ଆଦି ପାଠକମାନଙ୍କର ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପ୍ରତ୍ୟେକ...

ସଂସ୍ଥା ଗୁଡିକରେ ପ୍ରଯୁକ୍ତି ବିଦ୍ୟାର ବ୍ୟାପକ ବ୍ୟବହାର, କାର୍ଯ୍ୟପଦ୍ଧତିର ସରଳୀକରଣ ଓ ସମୟବଦ୍ଧ ସମାଧାନକୁ ଗୁରୁତ୍ୱ ଦେଇ କାର୍ଯ୍ୟ ସଂସ୍କୃତିରେ ପରିବର୍ତ୍ତନ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହିତ ପ୍ରତ୍ୟେକ ସହରକୁ ଓଡିଶାର ଅର୍ଥନୈତିକ ବିକାଶର ଶକ୍ତିଶାଳୀ ଇଞ୍ଜିନ ଭାବେ ଗଢି ତୋଳିବା ପାଇଁ ଆହ୍ୱାନ କରିଥିଲେ ।

ସହରାଞ୍ଚଳର ନିର୍ବାଚିତ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଲୋକଙ୍କ ଆଶା, ଆକାଂକ୍ଷା ଓ ଅବଶ୍ୟକତାକୁ କେନ୍ଦ୍ରରେ ରଖି ଆମେ କାମ କରୁଛୁ । ତେଣୁ, ଲୋକଙ୍କ ସହିତ ରହି, ଲୋକଙ୍କ ସମସ୍ୟାକୁ ଶୁଣି ଅଧିକାରୀମାନଙ୍କ ସହିତ ସମନ୍ୱୟ ରକ୍ଷା କରି କାମ କରିବା ପାଇଁ ସେ ଆହ୍ୱାନ କରିଥିଲେ ।

ସ୍ୱାୟତ୍ତ ଶାସନ ଦିବସ ଅବସରରେ ପୌର ସଂସ୍ଥା ଗୁଡିକର ଦକ୍ଷତା ବୃଦ୍ଧି ପାଇଁ ଆଜି ଓଡିଶା ଅର୍ବାନ ଏକାଡେମୀ ସହିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, ଇଣ୍ଡିଆନ୍ ସ୍କୁଲ ଅଫ୍ ବିଜ୍‌ନେସ୍ ଏବଂ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଅର୍ବାନ ଆଫେୟାର୍ସର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏଥି ସହିତ କୁଟ୍ ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣା ପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଛି । ଆହୁରି ମଧ୍ୟ ୧୧୫ଟି ପୌର ସଂସ୍ଥାରେ ଓସ୍ୱାନ୍ ଭିଡ଼ିଓ କନ୍‌ଫରେନ୍ସିଂ ସୁବିଧା ଏବଂ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା- ବନ୍ଧୁ', ଓଡିଶା ଯାତ୍ରୀ ଏସ୍.ଓ.ଏସ୍. ଆପ୍ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ପୌର ସଂସ୍ଥା ଗୁଡିକର କର୍ମଚାରୀ, ସ୍ୱଚ୍ଛ ସାଥୀ, ଜଳ ସାଥୀ, ପରିମଳ କର୍ମୀ ଏବଂ କୁଟ୍‌ର କର୍ମଚାରୀମାନଙ୍କୁ ନିଷ୍ଠାପର କାର୍ଯ୍ୟ ପାଇଁ ଧନ୍ୟବାଦ ଓ ଅଭିନନ୍ଦନ ଜଣାଇଥିଲେ । ମୁଖ୍ୟମନ୍ତ୍ରୀ ଫୁଲବାଣୀ ପୌର ପରିଷଦର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ରୁନୁ ପ୍ରଧାନଙ୍କ ସହିତ ଘର ନିର୍ମାଣ ସମ୍ପର୍କରେ ଆଲୋଚନା କରି ଧାର୍ଯ୍ୟ ସମୟସୀମା ଭିତରେ ଘର ସମ୍ପୂର୍ଣ୍ଣ କରିଥିବାରୁ ପ୍ରଶଂସା କରିଥିଲେ ।

ଏହି ଅବସରରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ସ୍ୱାୟତ୍ତ ଶାସନ ଦିବସର ଶୁଭେଚ୍ଛା ଜଣାଇ କହିଥିଲେ ଯେ, ଆମ ସରକାର ଦାୟିତ୍ୱ ନେବା ପରେ ୨୮ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ, ୭ଟି ନୂତନ ପୌର ପରିଷଦ ଗଠନ ସହିତ ପୁରୀକୁ ମହାନଗର ନିଗମର ମାନ୍ୟତା ପ୍ରଦାନ କରାଯାଇଛି । ଆମେ କେବଳ ରାଜ୍ୟର ବଡ ସହର ନୁହେଁ, ଛୋଟ ଛୋଟ ଏନ୍‌ଏସି ଓ ମ୍ୟୁନିସିପାଲିଟି ଅଞ୍ଚଳ ଗୁଡିକର ସହରୀୟ ଭିତ୍ତିଭୂମି ବିକାଶକୁ ମଧ୍ୟ ସମାନ ଗୁରୁତ୍ୱ ଦେଉଛୁ ବୋଲି କହି ସ୍ୱଚ୍ଛ ଓଡିଶା, ନିଶାମୁକ୍ତ ଓଡିଶା ଗଠନ ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ ।

ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ସ୍ୱାୟତ୍ତ ଶାସନ ଦିବସର ଶୁଭେଚ୍ଛା ଜଣାଇ ଭୁବନେଶ୍ୱରକୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକା ଅର୍ଜନ କ୍ଷେତ୍ରରେ ଏକ ଶ୍ରେଷ୍ଠ ସହର ଭାବେ ଗଢି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ । ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ କହିଥିଲେ ଯେ, ସହରାଞ୍ଚଳବାସୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଇଛି । ସହରାଞ୍ଚଳବାସୀଙ୍କ ସହଯୋଗରେ ହିଁ ସହରାଞ୍ଚଳର ବିକାଶ ସମ୍ଭବ ହେବ ବୋଲି ସେ କହିଥିଲେ ।

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ ଯେ, ୨୦୩୬ ସୁଦ୍ଧା ରାଜ୍ୟରେ ସହରୀକରଣ ୪୦ ପ୍ରତିଶତ ଓ ୨୦୪୭ ସୁଦ୍ଧା ୬୦ ପ୍ରତିଶତ କରିବା ପାଇଁ ଆମର ଲକ୍ଷ୍ୟ ରହିଛି । କାର୍ଯ୍ୟକ୍ରମରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପୌର ପ୍ରଶାସନର ନିର୍ଦ୍ଦେଶକ ଅରିନ୍ଦମ୍ ଡାକୁଆ ଧନ୍ୟବାଦ ଦେଇଥିଲେ ।

## ୬ ମାସ...

ଚରଣ ମାଝୀ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଗରିବ ଛାତ୍ରଛାତ୍ରୀମାନଙ୍କ ପାଇଁ ଆଡମିଶନ୍ ସମୟରେ ଏବଂ ଆଡମିଶନ୍‌ର ୬ ମାସ ପର୍ଯ୍ୟନ୍ତ କୌଣସି ଫି ଜମା କରିବାକୁ ପଡ଼ିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଏହି ବର୍ଗର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆଶ୍ୱସ୍ତି ଆଣିଛି ।

ଏହି ଛାତ୍ରଛାତ୍ରୀମାନେ ସାଧାରଣତଃ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଠାରୁ ବିଭିନ୍ନ ବୃତ୍ତି ପାଇଥାନ୍ତି । ତେବେ ଏହି ବୃତ୍ତି ଅର୍ଥ ପାଇବାର ପ୍ରକ୍ରିୟା ଶେଷ ହୋଇ ଟଙ୍କା ପାଇବା ବେଳକୁ ୩-୪ ମାସ ଲାଗିଥାଏ । ତେଣୁ ବର୍ତ୍ତମାନ ଏହି ବର୍ଗର ଛାତ୍ରଛାତ୍ରୀମାନେ ସେମାନଙ୍କ ବୃତ୍ତି ଟଙ୍କା ପାଇବା ପରେ ସୁବିଧାରେ ସେମାନଙ୍କ ଆଡମିଶନ୍ ଓ ଟ୍ୟୁସନ ଫି ଜମା କରିପାରିବେ । ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ଖୁବ୍ ଶୀଘ୍ର ଏକ ମାର୍ଗଦର୍ଶିକା ଜାରି କରାଯିବ ।

## ୩ରୁ ପଞ୍ଚାୟତ...

ୱାର୍ଡ ନଂ ୩୫ ଏବଂ ଭୁବନେଶ୍ୱର-ଏକାମ୍ର ବିଧାନସଭା କ୍ଷେତ୍ରର ୱାର୍ଡ ନଂ ୫୨ରେ ଘରକୁ ଘର ସର୍ଭେ କାର୍ଯ୍ୟ ହାତକୁ ନିଆଯାଇଛି । ତେବେ ଆସନ୍ତା ଅକ୍ଟୋବର ୨୬ରୁ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏହି ଘରକୁ ଘର ସର୍ଭେ କରାଯାଇ ପଞ୍ଚାୟତ ଓ ପୌରାଞ୍ଚଳର ନିର୍ବାଚନ କ୍ଷେତ୍ରଗୁଡିକର ଭୋଟର ତାଲିକାକୁ ନିର୍ଭୁଲ ଓ ବ୍ୟବସ୍ଥିତ କରାଯିବ ।

ବର୍ତ୍ତମାନ ଗୋଟିଏ ପରିବାରର ସଦସ୍ୟମାନେ ଭିନ୍ନ ଭିନ୍ନ ବୁଥରେ ସାମିଲ ଅଛନ୍ତି । ଏଥିସହ ଅସ୍ପଷ୍ଟ ଘର ନମ୍ବର ଭଳି ଜଟିଳ ସମସ୍ୟାର ସ୍ଥାୟୀ ସମାଧାନ କରିବା ଏହି ସର୍ଭେ ର ମୁଖ୍ୟ ଉଦ୍ଦେଶ୍ୟ । ସହରାଞ୍ଚଳରେ ଥିବା ଅଧିକାଂଶ ବିଧାନସଭା ବୁଥଗୁଡ଼ିକର କୌଣସି ନିର୍ଦ୍ଦିଷ୍ଟ ଭୌଗୋଳିକ ପରିସୀମା ନାହିଁ । ଫଳରେ ଗୋଟିଏ ବୁଥରେ ୧୦ରୁ ୧୨ଟି ଅଲଗା ଅଲଗା ଅଞ୍ଚଳର ଭୋଟର ସାମିଲ ହୋଇ ରହୁଛନ୍ତି । ଏପରିକି ଗୋଟିଏ ଓ୍ୱାର୍ଡର ଭୋଟର ଅନ୍ୟ ଏକ ୱାର୍ଡରେ ଭୋଟ ଦେବାକୁ ପଡୁଛି, ଯାହାଫଳରେ ଅନେକ ଭୋଟର ମତଦାନ କେନ୍ଦ୍ରକୁ ଯିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି । ଏହି ସର୍ଭେ ମାଧ୍ୟମରେ ଗୋଟିଏ ପରିବାରର ସମସ୍ତ ସଦସ୍ୟ ଗୋଟିଏ ମତଦାନ କେନ୍ଦ୍ରରେ ଭୋଟଦାନ କରିପାରିବେ । ଏହା ସହିତ ଗୋଟିଏ ୱାର୍ଡର ମତଦାତାଙ୍କ ନାମ ବିଭିନ୍ନ ୱାର୍ଡର ଭୋଟର ତାଲିକାରେ ରହିଥିଲେ । ଏହି ସର୍ଭେ ପରେ ସେମାନେ ଗୋଟିଏ ୱାର୍ଡରେ ରହିପାରିବେ । ଯାହା ଫଳରେ ମତଦାତାଙ୍କ ମତଦାନ ସହଜରେ ହୋଇପାରିବ ।

ସହରାଞ୍ଚଳରେ ଭୋଟଦାନ ହାର କମିବାର ଏହା ଏକ ପ୍ରମୁଖ କାରଣ ହୋଇଥିବାରୁ ଏହି ନୂତନ ବ୍ୟବସ୍ଥା ଜରିଆରେ ଏହାକୁ ସୁଧାରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ସର୍ଭେ କାର୍ଯ୍ୟରେ ନିୟୋଜିତ ବୁଥ୍ ସ୍ତରୀୟ ଅଧିକାରୀ(ବିଏଲଓ) ଏବଂ ଅନ୍ୟ କର୍ମଚାରୀମାନଙ୍କୁ ନେଇ ହୋଇଥିବା ଟିମ୍‌କୁ ସଠିକ୍ ତଥ୍ୟ ପ୍ରଦାନ କରି ପୂର୍ଣ୍ଣ ସହଯୋଗ କରିବାକୁ ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ସାଧାରଣ ଜନତାଙ୍କୁ ଅନୁରୋଧ କରାଯାଇଛି । ଏହି ଅଭିଯାନ ଦ୍ୱାରା ରାଜ୍ୟରେ ଏକ ସ୍ୱଚ୍ଛ, ନିର୍ଭୁଲ ତଥା ବ୍ୟବସ୍ଥିତ ଭୋଟର ତାଲିକା ପ୍ରସ୍ତୁତ ହୋଇପାରିବ ବୋଲି ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ସୂଚନା ଦେଇଛନ୍ତିଛ ।

## ଟନେଲରୁ...

କରିଛନ୍ତି । ଯେଉଁଥିରେ କି ଭୋଟକୋଶି ନଦୀର ଜଳସ୍ତର ବୃଦ୍ଧି ପାଇବା ପରେ ଶ୍ରମିକମାନେ ସେଠାରେ ରହିଥିଲେ । ମାତ୍ର ସେମାନେ ଏବେ କେଉଁଠି ତାହା ଜଣାପଡୁନାହିଁ । ମାତ୍ର ଏହି ଅଞ୍ଚଳଟି ବିପଦପୂର୍ଣ୍ଣ ହୋଇଥିବାରୁ ସେଠାରେ ପ୍ରବେଶ କରିବାକୁ ଅସୁବିଧା ହେଉଛି । ସେନା ନେତୃତ୍ୱରେ ଯାଇଥିବା ଟିମ୍ ଟନେଲ ସର୍ଚ୍ଚ କରି ଖାଲି ହାତରେ ଫେରିଛନ୍ତି । ଡ୍ରୋନ୍ ଟିମ୍ ମଧ୍ୟ ଟନେଲ ଭିତରେ କେହି ନଥିବା ସୂଚନା ଦେଇଛି । ବିଭିନ୍ନ ଜଳବିଦ୍ୟୁତ୍ ପ୍ରକଳ୍ପରେ କାର୍ଯ୍ୟ କରୁଥିବା ଶତାଧିକ ଶ୍ରମିକଙ୍କର ପତ୍ତା ମିଳୁନି । ସେମାନେ ମୃତ୍ୟୁବରଣ କରିଥିବା ବିଶ୍ୱାସ କରାଯାଉଛି । ବର୍ତ୍ତମାନସୁଦ୍ଧା ୨୯୭ ଜଣଙ୍କୁ ଏହି ଜଳବିଦ୍ୟୁତ୍ ଟନେଲରୁ ଉଦ୍ଧାର କରାଯାଇଛି । ୧୧ ଜଳବିଦ୍ୟୁତ୍ ପ୍ରକଳ୍ପରେ ପ୍ରାୟ ୮୯୭ ଜଣ କାର୍ଯ୍ୟ କରୁଥିଲେ ।

# ଓଡ଼ିଶାକୁ ୨୪ ନୂଆ ସାପ୍ତାହିକ ବିମାନ ଆରମ୍ଭ କରିଛି ଷ୍ଟାର ଏୟାର

ଭୁବନେଶ୍ୱର (ସବ୍ୟୁ) : ଷ୍ଟାର ଏୟାର ଓଡିଶାକୁ ୨୪ଟି ନୂତନ ସାପ୍ତାହିକ ଫ୍ଲାଇଟର ଶୁଭାରମ୍ଭ କରିଛି । ଏହି ସମ୍ପ୍ରସାରଣରେ ହାଇଦ୍ରାବାଦ ଓ ଭୁବନେଶ୍ୱର ମଧ୍ୟରେ ଏକ ପ୍ରତ୍ୟକ୍ଷ ସେବା, ଭୁବନେଶ୍ୱର-ଝାରସୁଗୁଡା ମଧ୍ୟରେ ସଂଯୋଗର ପୁନଃସ୍ଥାପନ ଭଳି ବହୁପ୍ରତୀକ୍ଷିତ ଲିଂକ୍ ସାମିଲ ରହିଛି । ଉଭୟ ରୁଟରେ ଆସନ୍ତା ସେପ୍ଟେମ୍ବର ୪ ତାରିଖରୁ ପରିଚାଳନା ଆରମ୍ଭ ହେବ । ଓଡିଶାର ପ୍ରମୁଖ ଗନ୍ତବ୍ୟସ୍ଥଳୀଗୁଡିକ ସହ ତେଲେଙ୍ଗାନାକୁ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ ଏୟାର କରିଡରକୁ ସୁଦୃଢ କରି ଷ୍ଟାର ଏୟାର ବିଜନେସ୍ ପ୍ରଫେସନାଲ, ଛାତ୍ରଛାତ୍ରୀ, ପରିବାର ଓ ଭ୍ରମଣକାରୀଙ୍କ ଆବଶ୍ୟକତା ପୂରଣ କରିଛି । ହାଇଦ୍ରାବାଦ ଓ ଭୁବନେଶ୍ୱର ମଧ୍ୟରେ ପ୍ରତ୍ୟକ୍ଷ ସେବା, ହାଇଦ୍ରାବାଦ ଭଳି ଭାରତର ଏକ ପ୍ରମୁଖ ଆଇଟି, ଫାର୍ମାସ୍ୟୁଟିକାଲ, ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ବ୍ୟବସାୟ କ୍ଷେତ୍ର ସହ ଓଡିଶାର ରାଜଧାନୀକୁ ସଂଯୋଗ କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ଏଥିସହିତ ହାଇଦ୍ରାବାଦ-ଭୁବନେଶ୍ୱର ଫ୍ଲାଇଟ , ପୁରୀ, କୋଣାର୍କ ଭଳି ଓଡିଶାର ପ୍ରମୁଖ ଗନ୍ତବ୍ୟସ୍ଥଳୀଗୁଡିକ ପାଇଁ ସହଜ ପହଞ୍ଚ ପ୍ରଦାନ କରିବ ।ସେହିପରି ଭୁବନେଶ୍ୱର-ଝାରସୁଗୁଡା ସେବା ପୂର୍ବ ଓ ପଶ୍ଚିମ ଓଡିଶା ମଧ୍ୟରେ ଅନ୍ତର ଦୂର କରିବା, ରାଜ୍ୟ ରାଜଧାନୀକୁ ଝାରସୁଗୁଡାର ଇଣ୍ଡଷ୍ଟ୍ରିଆଲ ପାଓ୍ୱାରହାଉସ୍ ଏବଂ ବିସ୍ତୃତ ସମ୍ବଲପୁର ଅଂଚଳ ସହ ସଂଯୋଗ କରିବ ।ଏହି ଫ୍ଲାଇଟ ସପ୍ତାହକୁ ୬ ଦିନ, ସୋମବାର, ମଙ୍ଗଳବାର, ଗୁରୁବାର, ଶୁକ୍ରବାର, ଶନିବାର ଓ ରବିବାର ପରିଚାଳିତ ହେବ । ଏହି ନୂତନ ସେବା ସମ୍ପର୍କରେ ଷ୍ଟାର ଏୟାରର ମୁଖ୍ୟ ବାଣିଜ୍ୟିକ ଓ ମାର୍କେଟିଂ ଅଧିକାରୀ ଶିଲ୍ପା ଭାଟିଆ କହିଛନ୍ତି, ଡାଇରେକ୍ଟ ହାଇଦ୍ରାବାଦ-ଭୁବନେଶ୍ୱର ଫ୍ଲାଇଟର ଶୁଭାରମ୍ଭ ଏବଂ ଭୁବନେଶ୍ୱର-ଝାରସୁଗୁଡା ସେବାର ପୁନଃଆରମ୍ଭ ସହିତ ଆମେ ତେଲେଙ୍ଗାନା ଓ ଓଡିଶା ମଧ୍ୟରେ ସଂଯୋଗ ସୁଦୃଢ କରିବା ସହିତ ଅଂଚଳର ପ୍ରମୁଖ ଗନ୍ତବ୍ୟସ୍ଥଳୀଗୁଡିକ ପାଇଁ ପହଂଚକୁ ପୂର୍ବାପେକ୍ଷା ଅଧିକ ସହଜ କରିଛୁ ।

ଏହି ସେବାଗୁଡିକୁ ବ୍ୟବସାୟ ଭ୍ରମଣକାରୀ, ଛାତ୍ରଛାତ୍ରୀ, ପରିବାରଗୁଡିକର ଆବଶ୍ୟକତା ପୂରଣ କରିବା ପାଇଁ ଡିଜାଇନ କରାଯାଇଛି । ନୂଆ ରୁଟ୍, ଆଧୁନିକ ବିମାନ ଏବଂ ଉନ୍ନତ ଯାତ୍ରୀ ଅନୁଭୂତି କ୍ଷେତ୍ରରେ ଷ୍ଟାର୍ ଏୟାରର ନିରନ୍ତର ନିବେଶ ସରକାରଙ୍କ ଉଡାନ୍ (ଉଡେ ଦେଶ୍ କା ଆମ୍ ନାଗରିକ) ଅଭିଯାନ ସହ ସମନ୍ୱିତ ରହିଛି, ଯାହା ଭାରତର ଅର୍ଥନୈତିକ ବିକାଶ ଓ ଗତିଶୀଳତାରେ ସହଯୋଗ କରିବ ।

# ଗୁହାଳ ଖାଲି କରି ନେଇଗଲେ ଦେଢ଼ଲକ୍ଷ ଟଙ୍କାର ୨୨ ଛେଳି

ବାଙ୍କୀ ,(ସବ୍ୟୁ): ଛେଳି ପାଳନ କରି ସେଥିରୁ ଦି ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରୁଥିବା ପରିବାର ର ରୋଜଗାର ଛଡ଼ାଇ ନେଇଛନ୍ତି ଛେଳିଚୋର ଗ୍ୟାଙ୍ଗ । ଛେଳି ଗୁହାଳକୁ ଶୂନ୍ୟ କରି ଦେଇଛନ୍ତି ଲୁଟେରା । ଏହି ଭଳି ଅଭିଯୋଗ ଆସିଛି ବାଙ୍କୀବ୍ଲକ ବୈଦେଶ୍ୱର ଥାନା ଅନ୍ତର୍ଗତ ପୁଇଞ୍ଚା ପଞ୍ଚାୟତର ଗହିର ଗାଡ଼ିଆ ଗାଆଁରୁ। ମିଞ୍ଚା ପରିଡ଼ା ୨୫ ଗୋଟି ଛେଳି ରଖିଥିବା ବେଳେ ଶନିବାର ଦିନ ବିଳମ୍ବିତ ରାତିରେ ଚୋର ଗ୍ୟାଙ୍ଗ କୌଶଳ କ୍ରମେ ଜ ଛେଳି ରହୁଥିବା ଗୁହାଳ କୁ ଯେଉଁ ଭଳି ଭାବେ ପଶି ଛେଳିଙ୍କର ପାଟି ନ ଶୁଭିବ ସେଭଳି ଭାବେ ଗୁହାଳୁ ଆସି ୨୨ ଗୋଟି ଛେଳି ଚୋରି କରି ନେଇ ଚମ୍ପଟ ମାରି ଥିଲେ। ଛେଳି ଚାଷ କରିବା ଯେତିକି ଗୁରୁତ୍ୱ ନୁହେଁ । କେତେ ଶ୍ରଦ୍ଧାରେ ପୁଅ ଭଳି ପାଳିଥିଲେ ୨୫ ଗୋଟି ଛେଳିକୁ ମିଞ୍ଚା ପରିଡ଼ା । ଛେଳି ପୋଷି ପାଳନ କରି ଭଲ ଦି ପଇସା ରୋଜଗାର କରୁଥିଲେ ହେଲେ ଆଜି ସର୍ବହରା କରିଦେଲେ ଲୁଟେରା । ୨୨ଗୋଟି ଛେଳି ଯାହାର ଦାମ ଦେଢ ଲକ୍ଷ ଟଙ୍କାର ହେବ ବୋଲି ବୈଦେଶ୍ୱର ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାର ରେ ପୋଲିସ ତଦନ୍ତ ଆରମ୍ଭ କରିଛି । ଛେଳି ଚୋରି ସମ୍ପର୍କ ରେ ବୈଦେଶ୍ୱର ଥାନା ଅଧିକାରିଣୀ ଇପସିତା ପ୍ରିୟଦର୍ଶିନୀ ଙ୍କୁ ପଚାରିବାରେ ତଦନ୍ତ ଜାରି ରହିଛି। ଖୁବ ଶୀଘ୍ର ଚୋର ଗ୍ୟାଙ୍ଗ କୁ ଧରା ଯିବ । ତେବେ ଅସହାୟ ମିଞ୍ଚାପରିଡ଼ କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଲୋକେ ଦାବି କରିଛନ୍ତି ।

# ଡ଼କାୟତି ଯୋଜନା ପଣ୍ଡ: ୫ ଅଭିଯୁକ୍ତ ଗିରଫ

ବାଲେଶ୍ୱର,(ସବ୍ୟୁ): ବସ୍ତା ଥାନା ଅଧିନ ନଳବାହାର ହଳଦିପଦା ରାସ୍ତାରେ ହୋଇଥିବା ଏକ ଡ଼କାୟତି ଯୋଜନାକୁ ପୁଲିସ ପଣ୍ଡ କରିବା ସହ ଘଟଣାରେ ସମ୍ପୃକ୍ତ ୩ଜଣ ଡ଼କାୟତଙ୍କୁ ଗିରଫ କରିଥିବା ବେଳେ ପରବର୍ତ୍ତୀ ସମୟରେ ଆଉ ଦୁଇଜଣ ଡ଼କାୟତଙ୍କୁ ଗିରଫ କରିବାରେ ସଫଳ ହୋଇଛି । ଗିରଫ ଡ଼କାୟତମାନଙ୍କ ମଧ୍ୟରେ ଜଣେ ନାବାଳକ ଥିବାରୁ ସମ୍ପୃକ୍ତ ନାବଳକକୁ ଜୁବେନାଇଲ୍ ଜଷ୍ଟିସ୍ ବୋର୍ଡ ନିକଟରେ ହାଜର କରାଯାଇଛି ।ଗିରଫ ଡ଼କାୟତମାନଙ୍କ ନିକଟରୁ ଗୋଟିଏ ପିସ୍ତଲ, ଗୋଟିଏ ଜୀବନ୍ତ ଗୁଳି, ୪ଟି ମୋବାଇଲ, ୨ଟି ବାଇକ୍ ଜବଦ କରାଯାଇଛି । ଏବାବଦରେ ବସ୍ତା ଥାନାରେ କେଶ୍ ନମ୍ବର ୪୩୦/୨୦୨୬ ମୂଳେ ଦଫା ୩୦୯(୫)/ ୩୧୨/୩(୫) ଓ ଅସ୍ତ୍ରଶସ୍ତ୍ର ଆଇନର ୨୫/୨୭ ଧାରାରେ ମାମଲା ରୁଜୁ କରାଯାଇଛି । ଏହି ଡକାୟତମାନଙ୍କ ମଧ୍ୟରୁ ୨ଜଣ ଗତ ଜୁଲାଇମାସ ୩ତାରିଖ ରାତିରେ ଦରଡ଼ା ଠାରେ ଥିବା ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପରୁ ଡକାୟତି ଉଦ୍ୟମ କରିଥିବା ଗତ ଏପ୍ରିଲ ମାସ ୨୦ ତାରିଖରେ ବସ୍ତା ଥାନା ଅନ୍ତର୍ଗତ ଫଚପଡ଼ା ବ୍ରିଜ ନିକଟରୁ ଏକ ବାଇକ୍ ଛିନ୍‌ତାଇ କରିଥିଲେ । ସେହିପରି ଅଭିଯୁକ୍ତ ମାନଙ୍କ ମଧ୍ୟରୁ ୩ଜଣ ନଳବାହାର ହଳଦୀପଦା ରାସ୍ତାରେ ଜଣେ ଡେଲିଭରୀ କାର୍ଯ୍ୟନିର୍ବାହୀଙ୍କୁ ଅଟକାଇ ପିସ୍ତଲ ଦେଖାଇ ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଛି ।

କେଜିରୁ ପିଜି ମାଗଣା ଶିକ୍ଷା ନାଁରେ ପ୍ରତାରଣା

# କଲେଜ ଛାତ୍ରଛାତ୍ରୀଙ୍କ ରାସ୍ତାରୋକ

କଣାସ,(ସବ୍ୟୁ): ଫି' ଛାଡ଼ ଦାବିରେ ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ଦୟାବିହର ସ୍ନାତକ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶୁକ୍ରବାର ଉଗ୍ର ଆନ୍ଦୋଳନ କରିଛନ୍ତି । କଣାସରୁ ଜଙ୍କିଆଗଡ଼ସାହିକୁ ସଂଯୋଗ କରୁଥିବା ଦୟାନଦୀ ବନ୍ଧ ରାସ୍ତାକୁ ଛାତ୍ରଛାତ୍ରୀମାନେ ଦୀର୍ଘ ସମୟ ଧରି ଅବରୋଧ କରିବାରୁ ଉଭୟ ପାଶ୍ୱର୍ରେ ଶତାଧିକ ଗାଡ଼ିମଟର ଅଟକି ରହି ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଯାଇଥିଲା ।ସରକାର 'କେଜି ରୁ ପିଜି' ପର୍ଯ୍ୟନ୍ତ ମାଗଣା ଶିକ୍ଷା ଘୋଷଣା କରିଥିବା ବେଳେ ଦୟାବିହର ସ୍ନାତକ ମହାବିଦ୍ୟାଳୟରେ ରି-ଏଡମିସନ ଏବଂ ପରୀକ୍ଷା ଫି' ବାବଦରେ ଅର୍ଥ ଆଦାୟ କରାଯାଉଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି ।ନାମଲେଖା, ରି-ଏଡମିସନ ଓ ପରୀକ୍ଷା ଫି' ସମ୍ପୂର୍ଣ୍ଣ ମାଗଣା କରିବା ଦାବିରେ ପିଲାମାନେ ରାସ୍ତା ଉପରେ ଧାରଣାରେ ବସି ରହିଥିଲେ। ଖବର ପାଇ ସତ୍ୟବାଦୀର ପୂର୍ବତନ ବିଧାୟକ ତଥା ପୁରୀ ଜିଲ୍ଲା ବିଜେଡି ସଭାପତି ଉମାକାନ୍ତ ସାମନ୍ତରାୟ, ତହସିଲଦାର ହିମାଂଶୁ ଶେଖର ଗିରି ଏବଂ କଣାସ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ । ଶେଷରେ ପ୍ରଶାସନ ଓ କଲେଜ କର୍ତ୍ତୃପକ୍ଷଙ୍କ ତରଫରୁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଛାତ୍ରଛାତ୍ରୀମାନେ ଆନ୍ଦୋଳନରୁ ଓହରିଥିଲେ ଏବଂ ରାସ୍ତାଘାଟ ସ୍ୱାଭାବିକ ହୋଇଥିଲା ।

# ସ୍କ୍ରବ ଟାଇଫସରେ ବିଜୟଙ୍କ ମୃତ୍ୟୁ

ନରସିଂହପୁର(ସବ୍ୟୁ):କଟକ ଜଲ୍ଲା ନରସିଂହପୁର ବ୍ଲକ ଅନ୍ତର୍ଗତ ଚକ୍ରଗଡ଼ ଗ୍ରାମର ବିଜୟ କୁମାର ଲେଙ୍କା (୫୫)ଙ୍କର ସ୍କ୍ରବ ଟାଇଫସରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି ।ସ୍କ୍ରବ ଟାଇଫସ ଏକ ସଂକ୍ରାମକ ରୋଗ, ଯାହା ଚିଗର୍ (ଲାର୍ଭାଲ ମାଇଟ) କାମୁଡ଼ିବା ଦ୍ୱାରା ସଂକ୍ରମିତ ହୋଇପାରେ । ଏହି ରୋଗରେ ଜ୍ୱର, ମୁଣ୍ଡବିନ୍ଧା, ଶରୀର ଦୁର୍ବଳ ଲାଗିବା ଭଳି ଲକ୍ଷଣ ଦେଖାଦେଇପାରେ । କେତେକ କ୍ଷେତ୍ରରେ ଚିକିତ୍ସା ବିଳମ୍ବ ହେଲେ ଗୁରୁତର ଜଟିଳତା ଦେଖାଦେଇ ହୃଦୟ, ଫୁସଫୁସ, ଯକୃତ ଓ ବୃକକ ଭଳି ଅଙ୍ଗ ପ୍ରଭାବିତ ହୋଇପାରେ ।ବିଶେଷଜ୍ଞମାନଙ୍କ ମତରେ, ସ୍କ୍ରବ ଟାଇଫସ୍ର ଲକ୍ଷଣ ଦେଖାଦେଲେ ଅବହେଳା ନକରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ଠିକ ସମୟରେ ଚିହ୍ନଟ ଓ ଉପଯୁକ୍ତ ଚିକିତ୍ସା ମିଳିଲେ ଗୁରୁତର ପରିଣାମର ଆଶଙ୍କା କମାଇହେବ । ଗ୍ରାମାଞ୍ଚଳରେ ଚାଷଜମି, ଘାସ ଓ ଜଙ୍ଗଲ ଅଞ୍ଚଳରେ କାମ କରୁଥିବା ଲୋକେ ସତର୍କ ରହିବା ସହ ଜ୍ୱର ଭଳି ଲକ୍ଷଣ ଦେଖାଦେଲେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରାମର୍ଶ ନେବା ଜରୁରୀ ।

---

**କଟକ ମହାନଗର ନିଗମ**
**ଚୌଧୁରୀ ବଜାର, କଟକ**

13001/1716/2627

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, କଟକ ମହାନଗର ନିଗମ ଅନ୍ତର୍ଗତ ପାର୍କିଂ ସ୍ଥାନଗୁଡିକୁ ଚଳିତ ୨୦୨୬–୨୭ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ନିଲାମ ପାଇଁ କଟକ ମହାନଗର ନିଗମ ଚୌଧୁରୀ ବଜାର ସ୍ଥିତ କାର୍ଯ୍ୟାଳୟରେ ଆଗ୍ରହୀ ବ୍ୟକ୍ତିଙ୍କ ଠାରୁ ଆସନ୍ତା ତା. ୩୧.୦୮.୨୦୨୬ ରିଖ ଠାରୁ ତା. ୦୮.୦୯.୨୦୨୬ ରିଖ ପର୍ଯ୍ୟନ୍ତ ଅପରାହ୍ନ ୪ ଘଟିକା ସୁଦ୍ଧା ବନ୍ଦ ଲଫାପାରେ ଟେଣ୍ଡର ଗ୍ରହଣ କରାଯିବ । ଟେଣ୍ଡର ସମ୍ପର୍କୀୟ ସମ୍ପୂର୍ଣ୍ଣ ବିବରଣୀ କଟକ ମହାନଗର ନିଗମ ଲାଇସେନ୍ସ ବିଭାଗରୁ କାର୍ଯ୍ୟାଳୟ ଦିବସରେ ବୁଝିପାରିବା ସଙ୍ଗେ ସଙ୍ଗେ କଟକ ମହାନଗର ନିଗମର ୱେବ୍‌ସାଇଟ୍ www.cmccuttack.odisha.gov.in ରେ ଦେଖିପାରିବେ ।

OIPR : 13001/13031/1/26-27/0059 — ସ୍ୱା/- ଆୟୁକ୍ତ

---

**AFFIDAVIT**

By Virtue of an affidavit sworn before the Executive Magistrate, Angul, Odisha on dated 31.01.2025. I, Mama Dash, D/o- Prafulla Dash, Vill/Po- Tulasipal, Ps- Banarpal, Dist- Angul, Odisha, Pin- 759128 declare that my actual name is Mama Dash. Mama Dash may be use for all official dealing and purposes.

**Sd/- Mama Dash**

---

**AFFIDAVIT**

I, Snehashish Pal, S/O- Deben Chandra Pal, resident of Chhancha, Ward No- 25, Palabani, Baripada, Dist- Mayurbhanj, Odisha, Pin-757001 declare by this affidavit No.- Vol.- 107, Sl. No.-5 that, now onwards I shall be known as **Snehashish Paul** for all future purposes.

Sd/- Snehashish Paul

---

**ପୂର୍ବ ତଟ ରେଳପଥ**

**(1) ଟେଣ୍ଡର ସଂ.: 92265808**
ବିବରଣୀ : ଡ୍ରଇଂ ନଂ.59316033 ଇତ୍ୟାଦି ପାଇଁ SS ଷ୍ଟ୍ରି ଆସେମ୍ବ୍ଲିର ଯୋଗାଣ ଏବଂ ସଂସ୍ଥାପନ,ପରିମାଣ : 500 ସିଟେଟ୍।
ଆନୁମାନିକ ମୂଲ୍ୟ (ଟଙ୍କାରେ):
6,96,60,175.00।

**(2) ଟେଣ୍ଡର ସଂ. : 92265574**
ବିବରଣୀ : ୟୋକ ଗ୍ରାଙ୍କ ଆସେମ୍ବ୍ଲି କାପସିଟି 160kN ଇତ୍ୟାଦି, ପରିମାଣ : 80 ଗୋଟି
ଆନୁମାନିକ ମୂଲ୍ୟ (ଟଙ୍କାରେ):
1,37,30,299.20

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.21.09.2026 ରିଖ 1500 ଘଟିକା (କ୍ରମ ସଂ.1 ପାଇଁ) ଏବଂ ତା.18.09.2026 ରିଖ1500 ଘଟିକା(କ୍ରମ ସଂ.2 ପାଇଁ)।

ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ।

ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ ଲେକକବା ମରାମତି କାରଖାନା/ ମଞ୍ଚେଶ୍ୱର, ଭୁବନେଶ୍ୱର

PR-404/R/26-27

---

**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ କାର୍ଯ୍ୟ କରୁଥିବା ସିନିୟର ଡିଇଇ (ଜି)/ସିକେପି ଏକକ ଟେଣ୍ଡର ବିରୁଦ୍ଧରେ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି । ଏହି ଟେଣ୍ଡର ବିରୁଦ୍ଧରେ ମାନୁଆଲ୍ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯାଇ ନାହିଁ ଏବଂ ଏପରି ଯେକୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ । **(୧) ଇ-ଟେଣ୍ଡର ନୋଟିସ୍ ନଂ ଏବଂ ତାରିଖ:** ୨୦-ଇଏଲ-ଡବ୍ଲୁଟି-୨୦୨୬-୨୭ ତାରିଖ: ୨୭.୦୮.୨୦୨୬, **କାର୍ଯ୍ୟର ନାମ:** ସିକେପି ଡିଭିଜନରେ ଚକ୍ରଧର ସ୍ଥାନରେ ସ୍ୱେରେଜ୍ ପମ୍ପିଂ ବ୍ୟବସ୍ଥାର ବ୍ୟବସ୍ଥା **ଟେଣ୍ଡର ମୂଲ୍ୟ:** ଟ. ୫୭,୮୬,୩୧୨.୫୮/- । ଇଏମଡି: ଟ. ୧,୧୫,୭୦୦.୦୦ ଟଙ୍କା । (୨) **ଇ-ଟେଣ୍ଡର ନୋଟିସ୍ ନଂ ଏବଂ ତାରିଖ:** ୨୪-ଇଏଲ-ଡବ୍ଲୁଟି-୨୦୨୬-୨୭ ତାରିଖ: ୨୭.୦୮.୨୦୨୬, **କାର୍ଯ୍ୟର ନାମ:** ଏଡିଇଇ(ଜି)/ବୋଣ୍ଡାମୁଣ୍ଡା କ୍ଷେତ୍ରାଧିକାର ଅଧୀନରେ ୩୩କେଭି ଲାଇନର ଏଏମସି ୩ ବର୍ଷ ପାଇଁ: ( i ) ଆଇଓୟୁ ଗ୍ରୀଡ୍ ରୁ ଭିସିଡିଂ ସବ-ଷ୍ଟେସନ, ବୋଣ୍ଡାମୁଣ୍ଡା ପର୍ଯ୍ୟନ୍ତ ୩୩କେଭି ଲାଇନ (ଦୂରତା ପ୍ରାୟ ୧୧ କିଲୋମିଟର) ଏବଂ (ii) ଟିପିଏନଓଡିଏଲ ଗ୍ରୀଡ୍, ସରସମାଲରୁ ଭିସିଡିଂ ସବ-ଷ୍ଟେସନ, ଝାରସୁଗୁଡା ଜଙ୍କସନ ପର୍ଯ୍ୟନ୍ତ ୩୩କେଭି ଲାଇନ (ଦୂରତା ପ୍ରାୟ ୩.୫ କିଲୋମିଟର) **ଟେଣ୍ଡର ମୂଲ୍ୟ:** ଟ. ୩୧,୪୫,୬୨୯.୮୬ /-, ଇଏମଡି : ଟ. ୬୨,୯୦୦.୦୦, **ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ:** ନାହିଁ (କ୍ର.ନଂ ୧ ଏବଂ ୨ ପାଇଁ), ବନ୍ଦ / ଖୋଲିବାର ତାରିଖ: ୨୪/୦୯/୨୦୨୬ ଅପରାହ୍ନ ୩:୦୦ ଟାରେ (କ୍ର.ନଂ ୧ ଏବଂ ୨ ପାଇଁ) । ଟେଣ୍ଡରଟି ୱେବସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତାଙ୍କ ପାଖରେ ଶ୍ରେଣୀ-୩ ଡିଜିଟାଲ୍ ଦସ୍ତଖତ ସ୍ୱୀକୃତିପତ୍ର ଥିବା ଆବଶ୍ୟକ ଏବଂ ଆଇଆରଇପିଏସ ପୋର୍ଟାଲ୍ ଅଧୀନରେ ପଞ୍ଜୀକୃତ ହୋଇଥିବା ଆବଶ୍ୟକ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିକ୍ରେତାମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ଅପଲୋଡ୍ କରିବାକୁ ପଡିବ ।

(PR-683)

---

**ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲିଗୁଡା**

(୧) ସହରର ସମସ୍ତ ସାହି ଓ ରାସ୍ତା ସଫା ରଖିବା ସହ ପରିବେଶ ପରିଷ୍କାର ରଖନ୍ତୁ ।
(୨) ଘରର ସମସ୍ତ ଓଦା ଓ ଶୁଖିଲା ଅଳିଆକୁ ପୃଥକ ଭାବେ ପରିଷଦର ସ୍ୱଚ୍ଛ ବାହାନ ଗାଡିରେ ଦିଅନ୍ତୁ ।
(୩) ବାହ୍ୟ ମଳ ତ୍ୟାଗ କରନ୍ତୁ ନାହିଁ ।
(୪) ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କରନ୍ତୁ ନାହିଁ ।
(୫) ଗଛଟିଏ ଲଗାନ୍ତୁ ଓ ପରିବେଶ ବଞ୍ଚାନ୍ତୁ ।
(୬) ଆପଣମାନଙ୍କଠାରୁ ସଂଗୃହିତ ହେଉଥିବା ଅଳିଆରୁ ଉତ୍ପାଦମାନର ଜୈବିକ ଖତ ପ୍ରସ୍ତୁତ ହେଉଅଛି ଏହାର ଉପଯୋଗ କରନ୍ତୁ ।
(୭) ନୂତନ ଘର ନିର୍ମାଣ କରିବା ପୂର୍ବରୁ ଗୃହର ନକ୍ସା ପରିଷଦ ଠାରୁ ମଞ୍ଜୁର କରାଇ ନିଅନ୍ତୁ ଏବଂ ଗୃହ ସମାପ୍ତ ପରେ ତାହା ପଞ୍ଜୀକରଣ କରାଇନିଅନ୍ତୁ ।
(୮) ଗୃହପାଳିତ ପଶୁମାନଙ୍କୁ ଅନଧିକାର ଭାବେ ରାସ୍ତା ଉପରେ ଛାଡନ୍ତୁ ନାହିଁ ।
(୯) ବର୍ଷା ଜଳ ସଂରକ୍ଷଣ ପାଇଁ ନିଜ ଗୃହ ଓ ପରିପାର୍ଶ୍ୱରେ ବୃକ୍ଷ ରୋପଣ କରନ୍ତୁ ।
(୧୦)ବ୍ୟବସାୟୀମାନେ ନିଜ ନିଜର ବ୍ୟବସାୟ ପାଇଁ ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ ।
(୧୧)ବିଭିନ୍ନ ଟିକସ ଯଥା : Holding Tax, User Fee, Trade Licence ଠିକ ସମୟରେ ପଇଠ କରନ୍ତୁ ।
(୧୨)ରାସ୍ତା ପାର୍ଶ୍ୱରେ ଯାନବାହନ ରଖନ୍ତୁ ନାହିଁ ।
(୧୩)ସ୍ୱଚ୍ଛ ବାଲିଗୁଡା ଓ ସୁସ୍ଥ ବାଲିଗୁଡା ଗଠନରେ ସହାୟକ ହୁଅନ୍ତୁ ।

ସ୍ୱା/- ଶ୍ରୀ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଅଧ୍ୟକ୍ଷ — ସ୍ୱା/- ଶ୍ରୀମତୀ ଶକ୍ତି କୁମାରୀ ନାୟକ, ଉପାଧ୍ୟକ୍ଷା — ସ୍ୱା/- ଶ୍ରୀଯୁକ୍ତ ବିବେକାନନ୍ଦ ଦଳାଇ, କାର୍ଯ୍ୟ ନିର୍ବାହୀ ଅଧିକାରୀ

---

**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଧର୍ମଗଡ଼**
**ଜି. କଳାହାଣ୍ଡି**

ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଜନସାଧାରଣମାନଙ୍କୁ **ସ୍ୱାୟତ୍ତ ଶାସନ ଦିବସ - ୨୦୨୬** ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ନିବେଦନ :
- ପରିଷଦ ଅଞ୍ଚଳରେ ନୂତନ ବାସଗୃହ କିମ୍ବା ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକ ନକ୍ସା ଅନୁମୋଦନ କରି ନିର୍ମାଣ କାର୍ଯ୍ୟ ଆରମ୍ଭ କରନ୍ତୁ ।
- ସର୍ବସାଧାରଣଙ୍କ ରାସ୍ତା ଉପରେ ବାଲି, ମାଟି ଏବଂ ଗୃହ ନିର୍ମାଣ ସାମଗ୍ରୀ ରଖି ରାସ୍ତା ଅବରୋଧ କରନ୍ତୁ ନାହିଁ ।
- ପରିଷଦ ମଧ୍ୟରେ ଥିବା ଜାତୀୟ ରାଜପଥ ଓ ପରିଷଦ ରାସ୍ତା ଉପରେ ଯାନବାହାନ ରଖି ସର୍ବସାଧାରଣ ଲୋକମାନଙ୍କ ଗମନାଗମନରେ ବାଧା ସୃଷ୍ଟି କରନ୍ତୁ ନାହିଁ ।
- ଜାତୀୟ ରାଜପଥ ଉପରେ ଠେଲା, ଅସ୍ଥାୟୀ ଦୋକାନ ଓ ପସରା ମେଲେଇ ବ୍ୟବସାୟ କରନ୍ତୁ ନାହିଁ, ଦୁର୍ଘଟଣା ହେବାର ସମ୍ଭାବନାକୁ ଏଡାନ୍ତୁ
- ଗୃହ ନିର୍ମାଣ କାର୍ଯ୍ୟ ସମାପନ ପରେ ଗୃହ ନିର୍ମାଣ ସାମଗ୍ରୀ ଉଠେଇ ନିଅନ୍ତୁ ଓ ରାସ୍ତା ଘାଟକୁ ଅବରୋଧ ମୁକ୍ତ କରନ୍ତୁ ଏବଂ ପରିଷଦ ଗୃହ ତିଆରି ସମ୍ପୂର୍ଣ୍ଣ ପ୍ରମାଣପତ୍ର ପ୍ରଦାନ କରନ୍ତୁ ।

**ଶ୍ରୀମତୀ ମନୀଷା ମିଶ୍ର**, ଉପାଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଧର୍ମଗଡ଼ — **ଶ୍ରୀଯୁକ୍ତ ଅଶୋକ କୁମାର ମହାନ୍ତି**, ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଧର୍ମଗଡ଼

---

**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION, KESINGA** — E_mail: eerwkesinga@yahoo.com

25001/1036/2627

**"e" Procurement Notice**
**BID IDENTIFICATION NO. RWKSNG-online-03/26-27**

1. Name of Works : Building Works (As per annexure)
2. Total No. of Work : 10 Nos.
3. Estimated Cost : Rs. 8.39 lakhs to Rs. 43.56 lakhs (Approximately)
4. E.M.D : Please refer DTCN
5. Cost of Tender document : As per annexure
6. Class of Contractor : "D, C & B" Class
7. Period of Completion : As per annexure
8. Other details : As per DTCN

| Procurement Officer | Bid Identification No | Availability of tender Online for bidding | | Last Date & Time of seeking tender Clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division, Kesinga | RWKSNG-online-03/26-27 | 03.09.2026 at 11.00 A.M. | 21.09.2026 up to 17.00 P.M. | 18.09.2026 up to 17.00 P.M. | 22.09.2026 at 11.00 A.M. |

Further details can be seen from the Website www.tenderorissa.gov.in

OIPR : 25001/25153/1/26-27/0006 — Sd/- Superintending Engineer, Rural Works Division, Kesinga

---

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, KANTABANJI (R&B) DIVISION**

**CANCELLATION OF BID IDENTIFICATION**

34001/715/2627 — **No : 02/KBJ/2026-27**

The Bid for the following works of this office Bid Identification No.02/KBJ/2026-27 is hereby cancelled due to administrative ground.

1. STMC for 1 No. of Road for Nunhad-Turekela Road (ODR) from 0/000 Km. to 12/000 Km.
2. STMC for 2 Nos. of Roads for Turekela to Lathor (ODR) from 7/000 Km. to 15/000 Km. and for Kantabanji to Turekela via Kuibahal Road (ODR) from 0/000 Km. to 13/878 Km

Sd/- Superintending Engineer, Kantabanji (R&B) Division

OIPR : 34001/34099/1/26-27/0006

---

Email ID : secretarysdasbp@gmail.com

**GOVERNMENT OF ODISHA**
**SAMBALPUR DEVELOPMENT AUTHORITY, SAMBALPUR**

13001/1706/2627

**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**
Bid Identification No. SDASBP-02/2026-27 Dt. 29.08.2026

| | | |
|---|---|---|
| 1. | No. of Works | 2 Nos of Works. |
| 2. | Type of Bid | Single Bid System |
| 3. | Estimated Cost | Rs. 10.33 Lakhs to Rs.12.07 Lakhs |
| 4. | Period of Completion | 2 (Two) Months |
| 5. | Date & Time of availability of bid document in the portal | From 11.00 A.M. of Dt. 01.09.2026 to 5.00 PM of Dt. 11.09.2026 |
| 6. | Last date / time of receipt of bids in the portal | 5.00PM of 11.09.2026 |
| 7. | Date & Time of opening of bids | At 11.00 AM of 18.09.2026 |
| 8. | Name and Address of the Officer Inviting Bid | Engineer Member, Sambalpur Development Authority, SMC & SDA Office building, Durgapali, Dist- Sambalpur-768 006 |

Further details can be seen from the web site http://tenders.ori.nic.in or www.tendersorissa.gov.in.

Sd/- Engineer Member, SDA, Sambalpur

OIPR : 13001/13240/1/26-27/0003

---

**OFFICE OF THE SUPERINTENDING ENGINEER**
**ELECTRICAL CIRCLE (R&B) NIRMAN SOUDHA**
**BHUBANESWAR**

34001/723/2627 — E-mail sece.bbsr2010 @ gmail.com

**Bid Identification No.S.E.E.C (R&B) 31/2026-27**
No 4178 / Date : 29.08.2026

The Superintending Engineer, Electrical Circle (R&B) Odisha. Bhubaneswar on behalf of the Governor of Odisha invites percentage rate bids for E,L works which are to be received through online bidding- double cover system ;is detailed in :https://tendersorissa.gov.in. The details of bid documents will be available in the above website from dt.03.09.2026 at 05.00 P.M. to dt. 18.09.2026 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt. 19.09.2026 at 11.30 A.M. in the Office of the Superintending Engineer. Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd/- Superintending Engineer, Electrical Circle (R&B) Odisha, BBSR

OIPR : 34001/34006/1/26-27/0032

---

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ସ୍ୱାୟତ୍ତ ଶାସନ ଦିବସ ଅବସରରେ

# ୯ ନଂ ୱାର୍ଡରେ ୩୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

କଟକ, (ସ୍ୱପ୍ର) : ସ୍ୱାୟତ୍ତ ଶାସନ ଦିବସ ଅବସରରେ ସିଏମସି ଅନ୍ତର୍ଗତ ୯ ନଂ ୱାର୍ଡ ସ୍ଥିତ ଟିଭି ରୋଡଠାରେ ଥିବା ରାଜସ୍ୱ ଜଳାଶୟର ପୁନଃଉଦ୍ଧାର ସହିତ ଅତ୍ୟାଧୁନିକ ପ୍ରକଳ୍ପର ସୋମବାର ଶିଳାନ୍ୟାସ ହୋଇଛି । ଏହି ଶିଳାନ୍ୟାସ ଉତ୍ସବରେ ମୁଖ୍ୟ ଅତିଥିଭାବେ ନଗର ଉନ୍ନୟନ ମନ୍ତ୍ରୀ ଡଃ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇ ପ୍ରକଳ୍ପଗୁଡ଼ିର ଶିଳାନ୍ୟାସ କରିଛନ୍ତି । ଏଥିରେ ସହରବାସୀଙ୍କ ପାଇଁ ଏକ ଆକର୍ଷଣୀୟ ଓ ଅତ୍ୟାଧୁନିକ ପ୍ରକଳ୍ପର ପରିକଳ୍ପନା କରାଯାଇଛି । ଉକ୍ତ ଟଙ୍କାରେ ସ୍ଥାନୀୟ ପୁରୁଣା ଟିଭି ଷ୍ଟେସନ ସମ୍ମୁଖ ଅଞ୍ଚଳରେ ଥିବା ପ୍ରାୟ ୨୫ ଏକର ଜମି ଉପରେ ୩୫ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏହି ବୃହତ୍ତ ପ୍ରକଳ୍ପର ବିକଶିତ କରାଯିବ । ଏହି ପ୍ରକଳ୍ପରେ ପ୍ରାୟ ୧୩ ଏକର ଜାଗାରେ ବୃହତ୍ତ ଜଳାଶୟର



ଅତ୍ୟାଧୁନିକ ଓ ନବୀକରଣ କରାଯିବ । ଏଥିରେ ଭୋଟିଂ କ୍ଲବ, ଫୁଡ କୋର୍ଟ ଓ ରେଷ୍ଟୋରାଣ୍ଟ ଭଳି ଆକର୍ଷଣୀୟ ସୁବିଧା ରହିବ । ଏହା ସହିତ ଅବଶିଷ୍ଟ ୧୨ ଏକର ଜାଗାରେ ୩ ହଜାର ଲୋକଙ୍କ ପାଇଁ ଅତ୍ୟାଧୁନିକ କଲ୍ୟାଣ ମଣ୍ଡପ, ପାର୍କିଂ ସୁବିଧା ଓ ଏକ ପାର୍କର ନିର୍ମାଣ ସହିତ ବୃକ୍ଷ ରୋପଣ କରାଯିବ । ୩୫ କୋଟି ଟଙ୍କାର ବ୍ୟୟ ବରାଦରେ ହେବାକୁ ଥିବା ପ୍ରକଳ୍ପ ଗୁଡ଼ିକର ଉନ୍ନତି ପାଇଁ ପ୍ରଥମ ପର୍ଯ୍ୟାୟରେ ୧୦ କୋଟି ଟଙ୍କା ବ୍ୟୟ ବରାଦ କରି କାର୍ଯ୍ୟକୁ ଆଗକୁ ବଢାଯିବ । ପରେ ଅବଶିଷ୍ଟ ୨୫ କୋଟି ଟଙ୍କା ଖର୍ଚ୍ଚ କରାଯିବ । ମୁଖ୍ୟମନ୍ତ୍ରୀ ସହରାଞ୍ଚଳ ବିକାଶ ଯୋଜନା ଅଧିନରେ ଏହା ସମ୍ପନ୍ନ ହେବ । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ସିଏମସି କମିଶନର କିରଣଦୀପ କୌର ସହୋତା, ସାଂସଦ ଭର୍ତ୍ତୃହରି ମହତାବ, ବିଧାୟିକା ସୋଫିଆ ଫିର୍ଦ୍ଦୋଶ, ମେୟର ସୁବାସ ସିଂ, ଡେପୁଟି ମେୟର ଦମୟନ୍ତୀ ମାଝି, ୱାର୍ଡ କର୍ପୋରେଟର ବିକାଶ ରଞ୍ଜନ ବେହେରା, ପୂଜାକମିଟିର କର୍ମକର୍ତ୍ତା ଓ ସ୍ଥାନୀୟ ଜନସାଧାରଣ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ।

## ସାପ କାମୁଡ଼ାରେ ବୃଦ୍ଧା ମୃତ

ଗୋପ, (ସବ୍ୟୁ): ରବିବାର ବିଳମ୍ବିତ ରାତିରେ ଅଣ୍ଡରାଇଛାପୁର ପଞ୍ଚାୟତର ଦଣ୍ଡା ବେହେରାସାହିରେ ଘରେ ସୋଇଥିବା ବେଳେ ବିଛଣାରେ ବିଷାକ୍ତ ସାପ କାମୁ ଜଣେ ୫୫ବର୍ଷୀୟ ବୃଦ୍ଧାଙ୍କର ମୃତ୍ୟୁ ହୋଇଛି ।ତେବେ ଏନେଇ ଗୋପ ଥାନାରେ କେଶ ନମ୍ବର୨୨/୨୦୨୬ ରେ ଏକ ଅପମୃତ୍ତୁ ମାମଲା ରୁଜୁ ହୋଇ ପୋଲସି ତଦନ୍ତ କରୁଛି । ଦଣ୍ଡା ବେହେରାସାହିର କାହ୍ନୁଚରଣ ବେହେରା ଓ ପନୀ ଶାନ୍ତିଲତା ବେହେରା (୫୫) ରବିବାର ରାତିରେ ଖାଇସାରି ଶୋଇଥିଲେ ।ବିଳମ୍ବିତ ରାତିରେ ସାପ କାମୁଡିବା ପରେ ବୃଦ୍ଧା ଉଠି ପଡି ସ୍ୱାମୀଙ୍କୁ କହିଥିଲେ । ସ୍ୱାମୀ ବହୁ ଖୋଜା ଖୋଜି କରିଥିଲେ ମଧ ସାପ କୁ ପାଇନଥିଲେ । ତେବେ ବୃଦ୍ଧା ଅସୁସ୍ଥତା ଅନୁଭବ କରିବା ପରେ ପରିବାର ଲୋକେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ମଧ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବାରୁ ଡାକ୍ତର ପୁରୀ ବଡ ଡାକ୍ତର ଖାନା ସ୍ଥାନାତରିତ କରିଥିଲେ ।

### ବିଏସ୍‌ଏଫ୍‌ରେ ପ୍ରଶିକ୍ଷଣ ସାରି ଗାଁକୁ ଫେରିଲେ ସଙ୍ଗୀତା

# ରେଳ ଷ୍ଟେସନରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା

ବଲାଙ୍ଗିର, (ସବ୍ୟୁ): ବଲାଙ୍ଗିର ସଦର ବ୍ଲକ କୁଟୁମଡ଼ୋଲ ଗ୍ରାମ ପଞ୍ଚାୟତ ଅଧୀନ ଦୁଆନପାଲିର ଆଦିବାସୀ ଝିଅ ସଙ୍ଗୀତା ଭୁଏ ନିଜ ମାଁ ମାଟି ପାଇଁ ଗର୍ବ ଓ ଗୌରବ । ଅଞ୍ଚଳର ଜଣେ ପ୍ରଥମ ଆଦିବାସୀ ଯୁବତୀ ଭାବେ ବିଏସଏଫ ( ସୀମା ସୁରକ୍ଷା ବାହିନୀରେ) ଭର୍ତ୍ତି ହୋଇ ପଞ୍ଜାବର ହୋସିଆରପୁର ଠାରେ ୫ ମାସର ପ୍ରଶିକ୍ଷଣ ସାରି ନିଜ ଭିଟାମାଟିକୁ ଫେରିଛନ୍ତି । ଏହି ଫେରିବା ବାଟରେ ସ୍ଥାନୀୟ ବଲାଙ୍ଗିର ରେଳ ଷ୍ଟେସନରେ ଗ୍ରାମର ସ୍ୱେଚ୍ଛାସେବୀ ଦେବାଶିଷ ପାଣ୍ଡିଆଙ୍କ ନେତୃତ୍ୱରେ ଯୁବକ ମାନେ ଫୁଲତୋଡ଼ା ଦେଇ ଉଚ୍ଛସିତ ସମ୍ବର୍ଦ୍ଧନା ଜଣାଇ ଥିଲେ । ପ୍ରକାଶ ଥାଉକି ଦୁଆନ ପାଲିର ସୁଲଭ ଭୁଏ ଓ ମାତା ଅନୁସୂୟା ଭୁଏ ଙ୍କ ଝିଅ ଆର୍ଥିକ ଅନାଟନ ଭିତରେ ଗତ ୩ ବର୍ଷ ଧରି ବିଏସଏଫରେ ଭର୍ତ୍ତି ହେବା ପାଇଁ ନିଜକୁ ପ୍ରସ୍ତୁତ କରୁଥିଲେ । ଚତୁର୍ଥ ବର୍ଷରେ ସଫଳତା ପାଇଁ ଆଜି ସୀମା ସୁରକ୍ଷାରେ ନିଜକୁ ନିୟୋଜିତ କରିବେ ବୋଲି କହିଛନ୍ତି । ୯ ମାର୍ଚ୍ଚ



୨୦୨୬ରେ ନିଯୁକ୍ତି ପାଇଲା ପରେ ପଞ୍ଜାବର ହୋସିଆରପୁରେ ପ୍ରଶିକ୍ଷଣ ନେଇଛନ୍ତି । ନିଜ ଅଞ୍ଚଳ ର ଯୁବତୀଙ୍କ ପାଇଁ ସଙ୍ଗୀତା ପ୍ରେରଣା ପାଲଟିଥିବା ବେଳେ ଆଗାମୀ ଦିନରେ ଦେଶସବା କରିବାକୁ ଅନେକ ଯୁବତୀ ଆଗେଇ ଆସିବେ ବୋଲି ସାମାଜିକ କର୍ମି ଦେବାଶିଷ ପାଣ୍ଡିଆ କହିବା ସହ ଏହା ଆମ ଗାଁ ପାଇଁ ଗର୍ବ ବୋଲି କହିଛନ୍ତି । ସଙ୍ଗୀତା ଜନ୍ମ ସମୟରୁ ଆର୍ଥିକ ସମସ୍ୟା ଦେଇ ଗତି କରୁଥିବା ବେଳେ ଅନ୍ୟ ଦୁଇ ଭଉଣୀ ଓ ଜଣେ ଭାଇ ଅଛନ୍ତି । ପରିବାର ବର୍ଗ ଏନେଇ ଖୁସି ଥିବା ବେଳେ ଗାଁର ଯୁବଗୋଷ୍ଠୀ ମଧ୍ୟରେ ଖୁସିର ମାହୋଲ ସଅଷ୍ଟି ହୋଇଛି ।

# ଇଞ୍ଜିନିୟର ଜ୍ୟୋତି ରଞ୍ଜନ ବେହୁରିଆ ସମ୍ମାନିତ



ଭୁବନେଶ୍ୱର, (ସବ୍ୟୁ) : ନ୍ୟୁଜ୍ ରୁମ୍ ଆୟୋଜିତ କଳିଙ୍ଗ ଉଦୟ ସମ୍ମିଟ କନକ୍ଲେଭରେ ଯୁବ ଉଦ୍ୟୋଗୀ ଇଞ୍ଜିନିୟର ଜ୍ୟୋତି ରଞ୍ଜନ ବେହୁରିଆ ସମ୍ମାନିତ ହୋଇଛନ୍ତି । ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ଇଂ ବେହୁରିଆଙ୍କୁ ସମ୍ମାନିତ କରିଥିଲେ । ଭୁବନେଶ୍ୱରରେ ଅବସ୍ଥିତ ଜେବି ଆସେଟ୍ସ ୨୦୧୨ ମସିହାରୁ ନିର୍ମାଣ ଓ ରିଅଲ୍ ଇଷ୍ଟେଟ୍ କ୍ଷେତ୍ରରେ ଗୁଣାତ୍ମକ ସେବା ଯୋଗାଇ ଆସୁଛି । ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଇଂ ଜ୍ୟୋତି ରଞ୍ଜନ ବେହୁରିଆଙ୍କ ନେତୃତ୍ୱରେ କମ୍ପାନୀ ୧୫ରୁ ଅଧିକ ପ୍ରକଳ୍ପ ସଫଳତାର ସହିତ ସମ୍ପନ୍ନ ହୋଇ ଏକ ମିଲିଅନ ବର୍ଗଫୁଟରୁ ଅଧିକ ଆବାସିକ ସ୍ଥାନ ପ୍ରଦାନ କରିଛି । ତାଙ୍କର ଏହି ସଫଳତା ପାଇଁ ନ୍ୟୁଜ୍ ରୁମ୍ ପକ୍ଷରୁ ତାଙ୍କୁ ମର୍ଯ୍ୟାଦାଜନକ ସମ୍ମାନ ମିଳିଛି । ନ୍ୟୁଜ୍ ରୁମ୍‌ର ସିଇଓ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ମିଶ୍ର ଏବଂ ପ୍ରତିଷ୍ଠାତା ପ୍ରିୟଦର୍ଶୀ ବଳ ମଞ୍ଚରେ ଉପସ୍ଥିତ ଥିଲେ ।

## ଏତଲା ହେବା ଦିନ ଚାର୍ଜସିଟ୍ : ୩୧ ଦିନରେ ଚୋରକୁ ଜେଲ୍

ଭୁବନେଶ୍ୱର, (ସବ୍ୟୁ) : ଏତଲା ହେବା ଦିନ ପୋଲିସ ଚୋରକୁ ଗିରଫ କରି କୋର୍ଟଚାଲାଣ କରିବା ସହ ସେହିଦିନ ହିଁ ଚାର୍ଜସିଟ୍ ଦାଖଲ କରିଥିଲା । ଚୋର ସଞ୍ଜୟ ବେହେରାକୁ ୩୧ ଦିନରେ ଜେଏମ୍‌ଏଫ୍‌ସି-୩ କୋର୍ଟ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି । ଅଭିଯୋଗକାରୀ ବୁଦ୍ଧିବାମନ ଦାସ ସିଆର୍‌ପି ମୁଣ୍ଡାସାହିସ୍ଥିତ ନୀଳକଣ୍ଠନଗରରେ ରୁହନ୍ତି । ଗତ ମାସ ୩୦ ତାରିଖ ରାତିରେ ସେ ଏବଂ ତାଙ୍କ ପନୀ ଶୋଇଥିବା ବେଳେ ଅଭିଯୁକ୍ତ କୌଶଳକ୍ରମେ ଘର ଭିତରେ ପଶି ଟେବୁଲ ଡ୍ରୟାରରୁ ପର୍ସ ଚୋରି କରି ନେଇଥିଲା । ସେହି ପର୍ସରେ ୬୦ ହଜାର ଟଙ୍କା ଏବଂ ଏକ କାର୍ଡ ଥିଲା । ସକାଳେ ଉଠିବା ପରେ ଘରୁ ଚୋରି ହୋଇଥିବା ଜାଣିପାରି ନୟାପଲ୍ଲୀ ଥାନାରେ ଏତଲା କରିଥିଲେ । ଏତଲା ଆଧାରରେ ପୋଲିସ ତଦନ୍ତ କରୁଥିବା ବେଳେ ଜଣେ ସାକ୍ଷୀଙ୍କ ସୂଚନା ଆଧାରରେ ସାଲିଆସାହି ତାରିଣୀନଗର ଅଞ୍ଚଳରୁ ସଞ୍ଜୟ ବେହେରାକୁ ଗିରଫ କରିଥିଲା । ଯାଞ୍ଚ କରିବା ବେଳେ ଚୋରି ହୋଇଥିବା ପର୍ସ ତା'ସାର୍ଟ ଭିତରୁ ମିଳିଥିଲା । ସେଥିରେ ୫୪ ହଜାର ୩୦୦ଟଙ୍କା ଥିଲା । ପଚରାଉଚରା ବେଳେ ସେ ଚୋରି କରିଥିବା କହିଥିଲା । ଚୋରକୁ ଗିରଫ କରିବା ପରେ ତତ୍ପରତାର ସହ ସେହିଦିନ ରାତି ୮ଟାରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା । ୭ ସାକ୍ଷୀଙ୍କ ଜମାନବନ୍ଦୀ ଓ ପାଞ୍ଚଗୋଟି ପ୍ରାସଙ୍ଗିକ ଦସ୍ତାବିଜ୍‌କୁ ଆଧାର କରି ଜେଏମ୍‌ଏଫ୍‌ସି କୋର୍ଟ ଚୋର ସଞ୍ଜୟ ବେହେରାକୁ ୩୧ଦିନରେ ସୋମବାର ଜେଲ୍ ଦଣ୍ଡାଦେଶ ଦେଇଛନ୍ତି । ୧ବର୍ଷ ଜେଲ୍ ଦଣ୍ଡାଦେଶ ହେବା ସହ ୬ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ହୋଇଛି । ଜରିମାନା ଅନାଦେୟ ହେଲେ ଅତିରିକ୍ତ ୩ମାସ ଜେଲ୍‌ରେ ରହିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ରାୟରେ କହିଛନ୍ତି ।

# ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ

ଜଟଣୀ, (ସବ୍ୟୁ) : ଜଟଣୀ ପୌର ପରିଷଦ ପକ୍ଷରୁ ୫୪ ତମ ଅଖିଳ ଭାରତୀୟ ସ୍ୱାୟତ୍ତ ଶାସନ ଦିବସ ବେଶ ଧୁମ ଧାମରେ ପାଳିତ ହୋଇଯାଇଛି । ଏହି ଅବସରରେ ପୌର ପରିଷଦ ପକ୍ଷରୁ ପ୍ରାତଃହ କାଳରେ ରାମଧୁନ ସହ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ବିଭିନ୍ନ ରୋଗୀ ମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ୨୩ ଗୋଟି ୱାର୍ଡର ୱାର୍ଡ କାର୍ଯ୍ୟାଳୟ ଠାରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ଏତଦ ବ୍ୟତୀତ, ଜଟଣୀ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ମୁଖ୍ୟ ଅତିଥି ତଥା ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ଖୋର୍ଦ୍ଧାର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ସାହୁଙ୍କ ଦ୍ୱାରା ଅଧକ୍ଷ ଅନନ୍ତ ବେହେରା, ନିର୍ବାହୀ ଅଧିକାରୀ ଆକ୍ରିତି ଗୋଏଙ୍କା, ଉପାଧ୍ୟକ୍ଷା ଆରତୀ ରାଉତଙ୍କ ସହ ପାରିଷଦ ଗଣଙ୍କ ଉପସ୍ଥିତିରେ ଜାତୀୟ ପତାକା ଉତ୍ତୋଳନ କରାଯିବା ସହ ନୂତନ ଭତ୍ତା ପ୍ରଦାନ ସହ ୧୯୭୪ ମସିହାରେ ଗଠନ ହୋଇଥିବା ଜଟଣୀ ପୌର ପରିଷଦର ପ୍ରଥମ ପରିଷଦ ହୋଇଥିବା ବିଜୟକୁମାର ରାଜା, ନିର୍ମଳ ମଙ୍ଗରାଜ, ବଙ୍କିମଚନ୍ଦ୍ର ମିଶ୍ର, ମନମୋହନ ରଣସିଂହ, ଅରୁଣ କୁମାର ମହାନ୍ତି, ଅଶୋକଚନ୍ଦ୍ର ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ଏବଂ ବିଭିନ୍ନ ଦିଗରେ କୃତକାର୍ଯ୍ୟ ବ୍ୟକ୍ତିବିଶେଷଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଏହା ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାଇ ରାଜ୍ୟ ସ୍ଥରୀୟ ସ୍ୱାୟତ୍ତ ଶାସନ ଦିବସର ସିଧା ପ୍ରସାରଣ କାର୍ଯ୍ୟକ୍ରମ ସ୍ଥାନୀୟ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଥିଲା ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ବିଭିନ୍ନ ଯୋଜନାର ସଫଳ ରୂପାୟନ ସହ ୬ ନମ୍ବର ୱାର୍ଡ଼ ଅନ୍ତର୍ଗତ ସିଦ୍ଧାମହାବୀରଙ୍କ ପୀଠର ଉର୍ନତିକରଣ ପାଇଁ ଶିଳାନ୍ୟାସ କରାଯାଇଥିଲା ।

### ଶ୍ରୀକ୍ଷେତ୍ରରେ ଝୁଲଣ ଯାତ

# ନୃତ୍ୟ ସେବାରେ ରାଧାମାଧବଙ୍କ ମନ ମୋହିଲେ ଡ଼କ୍ଟର ଚିତ୍ତରଞ୍ଜନ

ଭୁବନେଶ୍ୱର (ସବ୍ୟୁ): ଜଗନ୍ନାଥ ମହାପ୍ରଭୁଙ୍କ ଦିବ୍ୟ ମାନବୀୟ ବିଜେସ୍ଥଳୀ ଶ୍ରୀକ୍ଷେତ୍ରରେ ଦ୍ୱାଦଶ ଯାତ୍ରା ମଧ୍ୟରେ ସପ୍ତଦିନ ବ୍ୟାପି ଅନୁଷ୍ଠିତ ହେଉଥିବା ଝୁଲଣ ଜାତ ଶ୍ରୀମନ୍ଦିରର ଭିତର ବେଢା ମୁକ୍ତିମଣ୍ଡପରେ ଓ ଶ୍ରୀକ୍ଷେତ୍ରର ଅନେକ ମଠ ମନ୍ଦିରରେ ଖୁବ ଆନନ୍ଦ ସହକାରେ ଆୟୋଜିତ ହୋଇଥାଏ ଝୁଲଣ ଜାତର ଶେଷ ଦିବସ ବିଶେଷ ଭାବରେ ବିଭିନ୍ନ ନାମରେ ଖ୍ୟାତ ହୋଇଆସିଛି ଯଥା ଝୁଲଣ ପୂର୍ଣ୍ଣିମା, ରାଖୀ ପୁର୍ଣିମା, ଶ୍ରାବଣ ପୂର୍ଣ୍ଣିମା, ଗହ୍ମା ପୁର୍ଣିମା ବା ବଳଭଦ୍ର ଜନ୍ମ ନାମରେ ଶ୍ରକ୍ଷେତ୍ରରେ ବିଶେଷ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି କରି ଆସିଛି । ଏହି ଝୁଲଣ ଯାତ୍ରାରେ ମହାପ୍ରଭୁଙ୍କ ବିଜେପ୍ରତିମା ଶ୍ରୀମଦନମୋହନ ଭୁଦେବୀ ଓ ଶ୍ରୀଦେବୀ ଝୁଲଣ ମଣ୍ଡପକୁ ବିଜେ କରିବା ପରେ ଝୁଲଣ ସଂଗୀତ ଓ ନୃତ୍ୟରେ ଅତ୍ୟନ୍ତ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ । ଏହି ଅବସରରେ ଅନ୍ତଃରାଷ୍ଟ୍ରୀୟ ସୁଖ୍ୟାତ ସମ୍ପନ୍ନ ଆଧ୍ୟାତ୍ମ୍ ଓଡିଶୀ ନୃତ୍ୟଶିଳ୍ପୀ ତଥା



ଓଡ଼ିଆ ଭାଷା ସାହିତ୍ୟର ବରିଷ୍ଠ ଓଡ଼ିଆ ପ୍ରାଧ୍ୟାପକ ଡ଼କ୍ଟର ଚିତ୍ତରଞ୍ଜନ ସାହାଣୀ ଝୁଲଣ ଯାତ୍ରାରେ ଭକ୍ତି ରସାତ୍ମକ ଲାବଣ୍ୟ ଓଡିଶୀ ନୃତ୍ୟ ପରିବେଷଣ କରି ମହାପ୍ରଭୁଙ୍କ ମନ ମୋହିବାରେ ପ୍ରୟାସ କରିଛନ୍ତି ବୋଲି କୁହନ୍ତି । ଡ଼କ୍ଟର ଚିତ୍ତରଞ୍ଜନ ଏଥିସହ ଏମାର ମଠ, ରାଧାବଲ୍ଲବ ମଠ ଓ ଉତ୍ତରପାର୍ଶ୍ୱ ମଠରେ ନୃତ୍ୟ ପରିବେଷଣ କରି ଶ୍ରୀଜୀଉଙ୍କ ସହ ଉପସ୍ଥିତ ଶତାଧିକ ଭକ୍ତବୃନ୍ଦ ଓ ଜନମନ ହରଣ କରିଛନ୍ତି । ଡ଼କ୍ଟର ଚିତ୍ତରଞ୍ଜନ ସାହାଣୀ ଓଡ଼ିଆ ଅଧ୍ୟାପକ ଓ ଓଡିଶୀ ନୃତ୍ୟଶିଳ୍ପୀ ଭାବରେ ଦେଶବିଦେଶରେ ଉଭୟଓଡ଼ିଆ ଭାଷା ସାହିତ୍ୟ ଓ ଓଡିଶୀ ନୃତ୍ୟର ପ୍ରଚାର ପ୍ରସାର କରିବା ସହ ରୋପ୍ୟନଗରୀ କଟକ ସହରରେ ନିଜସ୍ୱ ନୃତ୍ୟାନୁଷ୍ଠାନ " ନୃତ୍ୟଶାଳା ସଂସ୍କୃତି କେନ୍ଦ୍ର " ରେ ନୃତ୍ୟ ଶିକ୍ଷା ଦେବାସହ ତିନି ଦଶନ୍ଧିରୁ ଉର୍ଦ୍ଧ ହେବ ମହାପ୍ରଭୁଙ୍କ ସ୍ନାନଯାତ୍ରା, ଗୁଣ୍ଡିଚା ଯାତ୍ରା, ବାହୁଡ଼ା, ନୀଳାଦ୍ରି ବିଜେ, ଚନ୍ଦନ ଯାତ୍ରା, ଦୋଳ ଯାତ୍ରା, ଝୁଲଣ ଯାତ୍ରା ସହ ଶେଷ ଦୁଇଥର ନବକଳେବର ଯାତ୍ରାରେ ଦାରୁ ଛେଦନ ସ୍ଥାନରୁ ଶ୍ରୀମନ୍ଦିରେ ପ୍ରବେଶ ପର୍ଯ୍ୟନ୍ତ ଦୀର୍ଘ ରାସ୍ତାରେ କାଳିଆ ସାଆନ୍ତେଙ୍କ ପାଇଁ ନୃତ୍ୟ ସେବା ଯୋଗାଇ ଆସୁଛନ୍ତି ।

# ସ୍ୱାୟତ୍ତ ଶାସନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ

ପୁରୀ, (ସବ୍ୟୁ) ସୋମବାର ସଂଧ୍ୟାରେ ଟାଉନ ହଲ ଠାରେ ପୁରୀ ମହାନଗର ନିଗମ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ପୂର୍ବ ପୁରୀ ସହର ଠାରୁ ବର୍ତ୍ତମାନ ସହରର କଳେବରର ଅନେକ ପରିବର୍ତ୍ତନ ଘଟିଛି ବୋଲି କହିଥିଲେ ।ବର୍ତ୍ତମାନ ମହାନଗର ନିଗମ ଘୋଷଣା ପରେ ଅନେକ କାର୍ଯ୍ୟ କରାଯିବ ।ଲୋକ ମାନଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା କୁ ସମସ୍ତ ଉଦ୍ୟମ କରାଯିବ । ତେବେ ଲୋକ ମାନଙ୍କର ସହଭାଗିତା ଦାୟିତ୍ୱ କୁ ମଧ ଉପଲବ୍ଧି କରି ସହଯୋଗ କରିବା ଆବଶ୍ୟକ ବୋଲି କହିଥିଲେ ।ପୁରୀ ସହର କୁ ବିଶ୍ୱ ସ୍ତରୀୟ କରିବାକୁ ସରକାର ଘୋଷଣା କରିଛନ୍ତି । ଏହାକୁ ଆମ ସମସ୍ତଙ୍କ ସହଯୋଗରେ ସଫଳ କରିବା ବୋଲି ସେ କହିଥିଲେ । କାର୍ଯ୍ୟକ୍ରମ ରେ ଅନ୍ୟତମ ଅତିଥି ଭାବେ ପୁରୀ ପୌରପାଳିକା ର ପୂର୍ବତନ ଅଧକ୍ଷ ସୁରେନ୍ଦ୍ର ନାଥ ଦାସ, ପୂର୍ବତନ ଅଧକ୍ଷ ଗୌରହରି ପ୍ରଧାନ, ପୂର୍ବତନ ଅଧକ୍ଷ ଶାନ୍ତିଲତା ପ୍ରଧାନ, ପୂର୍ବତନ ଅଧକ୍ଷ ଏ ବିଶ୍ୱ ନାଥ ରାଓ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଉପ ଜିଲ୍ଲାପାଳ ରାଜ କିଶୋର ଜେନା,ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ, ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗ ଦେଇ ପୁରୀ ମହାନଗର ନିଗମର ବର୍ତ୍ତମାନର ସ୍ଥିତି, ଆବଶ୍ୟକତା, ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ । ଏଥିରେ ଅଧକ୍ଷତା କରି ପୁରୀ ମହାନଗର ନିଗମ ର ଆୟୁକ୍ତ ଅଭିମନ୍ୟୁ ବେହେରା ସମସ୍ତଙ୍କୁ ସ୍ୱାଗତ ସହ ମହାନଗର ନିଗମର କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ । ଉପ ଆୟୁକ୍ତ ଅରଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦ୍ୱାରିକାମାଇ ପାଇଁ ଶ୍ରୀ ସାଇନାଥଙ୍କ ଫଟୋ ପୂଜା ସମ୍ପନ୍ନ



ଭୁବନେଶ୍ୱର, (ସବ୍ୟୁ): ବସନ୍ତପୁର ଶ୍ରୀଶିରିଡି ସାଇମନ୍ଦିରର ଦ୍ୱାରିକାମାଇ ପାଇଁ ଶ୍ରୀ ସାଇନାଥଙ୍କ ଫଟୋ ର ପୂଜା ରବିବାର ରାତିରେ ଆନ୍ତର୍ଯ୍ୟାତିକ ଖ୍ୟାତି ସମ୍ପନ୍ନ ଆଧ୍ୟାତ୍ମିକ ଚିନ୍ତକ ଗୁରୁଜୀ ଡକ୍ଟର ଚନ୍ଦ୍ରଭାନୁ ଶତପଥୀ ଜୀଙ୍କ କୃପାମୟ ଏବଂ ଦିବ୍ୟ ହସ୍ତରେ ସମ୍ପନ୍ନ ହୋଇଛି । ବସନ୍ତପୁର ଶ୍ରୀଶିରିଡି ସାଇ ମନ୍ଦିର ର ପରିଚାଳନା ଟ୍ରଷ୍ଟି ଡକ୍ଟର ରୁଦ୍ର ମହାନ୍ତି ଓ ସମ୍ପାଦକ ସୁନିଲ ମହାନ୍ତି ଙ୍କ ଉପସ୍ଥିତିରେ ଗୁରୁଜୀଙ୍କ ଅସୀମ କୃପା ଏବଂ ଆଶୀର୍ବାଦ ସହିତ ଶ୍ରୀ ସାଇନାଥ ଫଟୋ ର ପୂଜା ସମ୍ପନ୍ନ ହୋଇଥିଲା । ବାବାଙ୍କ ଇଚ୍ଛା ଏବଂ ଗୁରୁଜୀଙ୍କ ଆଶୀର୍ବାଦ ଦ୍ୱାରା, ପବିତ୍ର ଫଟୋ ଏବେ ବସନ୍ତପୁର ଶ୍ରୀ ଶିରିଡି ସାଇ ମନ୍ଦିର ଦ୍ୱାରିକାମାଇକୁ ସଜ୍ଜିତ କରିବ, ସମସ୍ତ ଭକ୍ତଙ୍କ ଉପରେ କୃପା ବର୍ଷିବ । ବାବାଙ୍କ ନିକଟରେ ପ୍ରାର୍ଥନା ଯେ ସେ ଗୁରୁଜୀଙ୍କୁ ସୁସ୍ଥତା ପ୍ରଦାନ କରନ୍ତୁ ଏବଂ ସମସ୍ତ ଭକ୍ତଙ୍କୁ ଆଶୀର୍ବାଦ କରନ୍ତୁ ।

### ଏମ୍‌ଏମ୍‌ଡିଆର ଆଇନ୍ ସଂଶୋଧନ ପ୍ରସଙ୍ଗ

# ରାଜ୍ୟର ଅର୍ଥନୈତିକ ଅଧିକାର କ୍ଷୁଣ୍ଣ ହୋଇଛି : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଏମଏମଡିଆର ଆଇନ୍ ସଂଶୋଧନ ଜରିଆରେ ଓଡ଼ିଶାର ଖଣିଜ ସମ୍ପଦକୁ ଲୁଣ୍ଠନ କରିବାକୁ ଉଦ୍ୟମ ହେଉଛି । ବିଜେପି ଓଡିଶାବାସୀଙ୍କୁ ଭ୍ରମିତ କରୁଛି । ପୁଞ୍ଜିପତି ମାନଙ୍କ



ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଉଛି ବୋଲି ବିଜେଡି ଅଭିଯୋଗ କରିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ଶ୍ରୀ ସଞ୍ଜୟ ଦାସବର୍ମା ଓ ବିଜୁ ଯୁବ ଜନତା ଦଳର ସଭାପତି ଶ୍ରୀ ଚିନ୍ମୟ ସାହୁ, କହିଥିଲେ ଯେ, ଏହି କଳା ଆଇନ ପଲ୍ଲୀ ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ପ୍ରତିଟି ଓଡିଆଙ୍କ ମନକୁ କୁଠାରଘାତ କରିଛି । ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ କହିଥିଲେ, ମୋତେ ଅର୍ଥନୈତିକ ସ୍ୱାଧୀନତା ଦିଅ, ମୁଁ ଓଡିଶାକୁ ଏସିଆ ମହାଦେଶର ସମୃଦ୍ଧ ରାଜ୍ୟ କରି ଗଢି ତୋଳିବି । କାରଣ ସେ ସବୁବେଳେ ନିଜ ମାଟିର କଥା ଚିନ୍ତା କରୁଥିଲେ । କିନ୍ତୁ ବର୍ତ୍ତମାନ ବିଜେପି ନେତା ମାନେ ଓଡ଼ିଶା ସ୍ୱାର୍ଥ ଭୁଲି କେନ୍ଦ୍ର ସ୍ୱାର୍ଥକୁ ଗୁରୁତ୍ୱ ଦେଉଛନ୍ତି । ଓଡିଶାରେ ଥିବା ୪୮୦ କିମି ବିସ୍ତୀର୍ଣ୍ଣ ବେଳାଭୂମି ସହ ପ୍ରଚୁର ଖଣିଜ ସମ୍ପଦ, ଜଙ୍ଗଲ ସମ୍ପଦ, ପ୍ରାଚୁର୍ଯ୍ୟ ଓ ମାନବ ସମ୍ବଳ ଉପରେ ଡବଲ ଇଞ୍ଜିନ ସରକାରଙ୍କ ଲୋଲୁପ ଦୃଷ୍ଟି ପଡିଛି । ୨୦୧୧ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡିର କାର୍ଯ୍ୟକାରୀ କମିଟି ବୈଠକରେ ଓଡିଶାକୁ ୫୦ ପ୍ରତିଶତ ବିତ୍ତୀୟ ସ୍ୱାଧୀନତା ପ୍ରଦାନ ପାଇଁ ରାଜନୈତିକ ପ୍ରସ୍ତାବ ଆଗତ ହୋଇ ଅନୁମୋଦିତ ହୋଇଥିଲା । କିନ୍ତୁ ବିଜେପି ପରି ଜାତୀୟ ଦଳ ଓଡିଶାର ଶାସନ ଗାଦିକୁ ଆସିବା ପରେ ରାଜ୍ୟ ପ୍ରତି ଅବିଚାର କରି ଅର୍ଥନୈତିକ ଅଧିକାରକୁ ଛଡ଼ାଇ ନେଇଛି ।

ଦେଶରେ ଥିବା ସମୁଦାୟ ଖଣିଜ ସଂପଦ ମଧ୍ୟରୁ ପ୍ରାୟ ୪୮% ଖଣିଜ ସମ୍ପଦ ଓଡ଼ିଶାରେ ଗଚ୍ଛିତ ରହିଛି । ଶ୍ରୀ ଚିନ୍ମୟ ସାହୁ କହିଥିଲେ ଯେ, ଏହି ପ୍ରସଙ୍ଗରେ ବିଧାନସଭାରେ ସ୍ୱତନ୍ତ୍ର ଅଧିବେଶନ ଡାକିବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିବା ସହ ବିଜେପି ସାଂସଦ ମାନଙ୍କୁ ପତ୍ର ଲେଖି ଓଡିଶା ସ୍ୱାର୍ଥ ପାଇଁ ଆଗେଇ ଆସିବାକୁ ଆହ୍ୱାନ ଜଣାଇଛନ୍ତି । ସଂଘୀୟ ବିଧି ବ୍ୟବସ୍ଥାକୁ ବିଜେପି ଅସମ୍ମାନ କରୁଛି । ଓଡ଼ିଶା ପ୍ରତି କ୍ଷେତ୍ରରେ ଉପେକ୍ଷିତ ହେଉଥିବା ବେଳେ ବିଜେପି ସାଂସଦ ମାନେ ଚୁପ ରହିବା ଅତ୍ୟନ୍ତ ନିନ୍ଦନୀୟ । ଓଡ଼ିଶାର ଖଣିଜ ସମ୍ପଦକୁ ଲୁଣ୍ଠନ ପାଇଁ ଯେଉଁ ଷଡ଼ଯନ୍ତ୍ର ଚାଲିଛି, ତାହାକୁ ଓଡ଼ିଶାବାସୀ କେବେ ବି ବରଦାସ୍ତ କରିବେ ନାହିଁ । ଠିକ୍ ସମୟରେ ଉଚିତ୍ ଜବାବ ଦେବେ । ଉକ୍ତ କଳା ଆଇନକୁ ରଦ୍ଦ ନ କରିବା ପର୍ଯ୍ୟନ୍ତ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ବିଜେଡିର ଲଢେଇ ଜାରି ରହିବ ।

### ଅଙ୍ଗ ପ୍ରତିରୋପଣ ପାଇଁ ଅଙ୍ଗ ଅଭାବ

# ଭାରତରେ ପ୍ରତିଦିନ ହାରାହାରି ୨୦ ଜଣଙ୍କ ମୃତ୍ୟୁ

ଭୁବନେଶ୍ୱର, (ସବ୍ୟୁ): ଜୀବନ ରକ୍ଷାକାରୀ ଅଂଗ ପ୍ରତିରୋପଣ ନିମନ୍ତେ ଆବଶ୍ୟକ ମାତ୍ରାର ଅଙ୍ଗର ଘୋର ଅଭାବ ଯୋଗୁଁ ଭାରତରେ ପ୍ରତିଦିନ ହାରାହାରି ୨୦ ଜଣ ରୋଗୀଙ୍କ ମୃତ୍ୟୁ ଘଟୁଛି । ଅଙ୍ଗଦାନର ଗୁରୁତ୍ୱ ସଂପର୍କରେ ସମାଜରେ ବ୍ୟାପକ ସଚେତନତା ସୃଷ୍ଟି କରିବା ବର୍ତମାନ ସମୟରେ ଏକ ବଡ଼ ଆହ୍ୱାନ ବୋଲି କହିଛନ୍ତି ଓଡ଼ିଶା ଷ୍ଟେଟ୍ ଅର୍ଗାନ୍ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ୍ (ସୋଟୋ)ର ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ବିଭୂତି ଭୂଷଣ ନାୟକ । ସୋମବାର ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ସମ୍ ଅଲ୍ଟିମେଟ ମେଡିକେୟାର ପକ୍ଷରୁ ଆୟୋଜିତ 'ଅଙ୍ଗଦାନ ମହୋତ୍ସବ'ରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଡକ୍ଟର ନାୟକ କହିଛନ୍ତି ଯେ ଅଙ୍ଗଦାନ ଦ୍ୱାରା ଅନେକ ଜୀବନ ବଂଚାଇ ହେବ । ତେଣୁ ଲୋକଙ୍କ ମଧ୍ୟରେ ଅଙ୍ଗଦାନ ସଂପର୍କରେ ସଠିକ୍ ସୂଚନା ଓ ସଚେତନତା ପହଂଚାଇବା ଅତ୍ୟନ୍ତ ଆବଶ୍ୟକ ।




ମଲ୍‌ଟି-ସୁପରସ୍ପେସିଆଲିଟି ଓ କ୍ୱାଟର୍ନାରୀ କେୟାର ହସ୍ପିଟାଲ୍ ସମ୍ମ ପକ୍ଷରୁ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ସୋଆର ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଡକ୍ଟର ନାୟକ କହିଥିଲେ ଯେ, ମୃତ ବ୍ୟକ୍ତିଙ୍କ ପରିବାର ସମୟୋଚିତ ଭାବେ ଅଙ୍ଗଦାନ ପାଇଁ ନିଷ୍ପତି ନେଲେ ଅଂଗ ପ୍ରତିରୋପଣ ଅପେକ୍ଷାରେ ଥିବା ଅନେକ ରୋଗୀଙ୍କୁ ନୂଆ ଜୀବନ ମିଳିପାରିବ । ତେଣୁ ଏ ସଂପର୍କରେ ସାଧାରଣ ଲୋକଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟି ହେବା ଆବଶ୍ୟକ ।

ଏହି ଅବସରରେ ସମ୍ମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡକ୍ଟର ଶ୍ୱେତପଦ୍ମା ଦାଶ କହିଥିଲେ ଯେ, ଅଂଗଦାନର ମହତ୍ୱ ସଂପର୍କରେ ସମାଜରେ ସାମୂହିକ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ହସ୍ପିଟାଲ୍ ପକ୍ଷରୁ ୨୦୨୩ ମସିହାରୁ 'ଅଂଗଦାନ ମହୋତ୍ସବ' ପାଳନ କରାଯାଉଛି । 'ଅଙ୍ଗଦାନ ମହୋତ୍ସବ' ମାଧ୍ୟମରେ ଯୁବପିଢ଼ିଙ୍କୁ ଅଙ୍ଗଦାନ ସଂପର୍କରେ ଆଲୋଚନା ଆରମ୍ଭ କରିବା ଏବଂ ପରିବାରଗୁଡ଼ିକୁ ଆବଶ୍ୟକ ସମୟରେ ସଚେତନ ଓ ସୂଚନାଭିତିକ ନିଷ୍ପତି

#### ସମ୍ମ ପକ୍ଷରୁ 'ଅଙ୍ଗଦାନ ମହୋତ୍ସବ' ପାଳିତ

ନେବାକୁ ପ୍ରେରିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଥିଲେ । ଅଂଗଦାନ ପ୍ରୋତ୍ସାହନ ପାଇଁ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନ ମଲ୍‌ଟି ଅର୍ଗାନ୍ ଟ୍ରାନ୍ସପ୍ଲାଂଟେସନ୍ ଆଣ୍ଡ ହ୍ୟୁମାନ୍ ଆଣ୍ଡ ଏଜୁକେସନାଲ୍ ରିସର୍ଚ୍ଚ (ମଦର)ର ପ୍ରତିଷ୍ଠାତା ଇଞ୍ଜିନିୟର ତ୍ରୈଲୋକ୍ୟ ନାଥ ପଣ୍ଡା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ । ଏହି ଅବସରରେ ସୋଆ ବିଶ୍ୱବିଦ୍ୟାଳୟର ଡିନ୍, ଛାତ୍ରମଙ୍ଗଳ ପ୍ରଫେସର ଜ୍ୟୋତିରଞ୍ଜନ ଦାସ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ବକ୍ତା ଭାବେ ଯୋଗଦେଇ ଅଂଗଦାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଅଂଗଦାନ ସମ୍ପର୍କିତ ସ୍ୱତନ୍ତ୍ର ସଚେତନତାମୂଳକ ନାଟକ ସମ୍ମମ୍‌ରେ କାର୍ଯ୍ୟରତ ବ୍ୟକ୍ତିବିଶେଷ ମାନଙ୍କ ପକ୍ଷରୁ ପରିବେଷଣ କରାଯାଇଥିଲା ।

### ବିଶ୍ୱ ବଜାରରେ ପ୍ରତିକୂଳ ପରିସ୍ଥିତି

# ୭.୮% ରହିଲା ଭାରତର ବାସ୍ତବ ଜିଡିପି ଅଭିବୃଦ୍ଧି ହାର

**ନୂଆଦିଲ୍ଲୀ:** କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସ (ଏପ୍ରିଲରୁ ଜୁନ୍) ପାଇଁ ସକଳ ଘରୋଇ ଉତ୍ପାଦ (ଜିଡିପି) ଆକଳନ ପ୍ରକାଶ କରିଛି। ୨୦୨୨-୨୩କୁ ଆଧାର ବର୍ଷ ଭାବେ ନେଇ ମନ୍ତ୍ରଣାଳୟ ପକ୍ଷରୁ ଜିଡିପି ତଥ୍ୟ ପ୍ରକାଶ ପାଇଛି । ସ୍ଥିର ମୂଲ୍ୟରେ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ମୋଟ୍ ଜିଡିପି ପରିମାଣ ୮୧.୩୬ ଲକ୍ଷ କୋଟି ଟଙ୍କା ରହିଛି ।୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଏହା ୭୫.୪୬ ଲକ୍ଷ କୋଟି ଟଙ୍କା ଥିଲା । ତେଣୁ ଚଳିତ ବର୍ଷ ଅଭିବୃଦ୍ଧି ହାର ୭.୮% ରହିଛି ।ଅନ୍ୟପକ୍ଷରେ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ନାମମାତ୍ର ଜିଡିପି ବା ଚଳନ୍ତି ମୂଲ୍ୟରେ ଜିଡିପି ପରିମାଣ ୮୮.୨୭ ଲକ୍ଷ କୋଟି ଟଙ୍କା




ରହିଛି ଯାହାକି ପୂର୍ବ ବର୍ଷର ସମାନ ଅବଧିରେ ୮୦ ଲକ୍ଷ କୋଟି ଟଙ୍କା ଥିଲା । ଏଥିରେ ୧୦.୩% ଅଭିବୃଦ୍ଧି ପରିଲକ୍ଷିତ ହୋଇଛି । ବିଶ୍ୱ ବଜାରରେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଭାରତୀୟ ଅର୍ଥବ୍ୟବସ୍ଥା ସ୍ଥିର ଏବଂ କ୍ରମାଗତ ଅଭିବୃଦ୍ଧି ବଜାୟ ରଖିବାରେ ସକ୍ଷମ ହୋଇଛି । ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ବାସ୍ତବସକଳ ମୂଲ୍ୟବୃଦ୍ଧି ବା ଜିଭିଏ ଆନୁମାନିକ ୮.୨% ଅଭିବୃଦ୍ଧି ହାସଲ କରିଛି । ସେହିପରି ନାମମାତ୍ର ଜିଭିଏ ୧୧.୦୫% ଅଭିବୃଦ୍ଧି ହୋଇଛି । ଅର୍ଥ, ରିଅଲ ଇଷ୍ଟେଟ୍, ଆଇଟି, ବୃତ୍ତିଗତ ସେବା କ୍ଷେତ୍ରରେ ୧୨.୧% ଅଭିବୃଦ୍ଧି ଦେଖିବାକୁ ମିଳିଛି । ଏହାର ପ୍ରଭାବ ଟର୍ସିୟାରୀ ବା ତୃତୀୟକ କ୍ଷେତ୍ରରେ ଦେଖିବାକୁ ମିଳିଛି । ଏହି କ୍ଷେତ୍ର ୧୦% ଅଭିବୃଦ୍ଧି ହାସଲ କରି ଅର୍ଥବ୍ୟବସ୍ଥାର ଦୃଢ଼ତାରେ ଉଲ୍ଲେଖନୀୟ ଯୋଗଦାନ ଦେଇଛି । ମାଧ୍ୟମିକ କ୍ଷେତ୍ରରେ ୮.୬% ଏବଂ ପ୍ରାଥମିକ କ୍ଷେତ୍ରରେ ୨.୯% ଅଭିବୃଦ୍ଧି ହୋଇଛି । କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ୩.୬% ଅଭିବୃଦ୍ଧି ରେକର୍ଡ କରାଯାଇଛି । ସେହିପରି ପୁଞ୍ଜି ବ୍ୟୟ କ୍ଷେତ୍ରରେ ଜିଏଫସିଏଫରେ ୧୧.୯% ଅଭିବୃଦ୍ଧି ଦେଖିବାକୁ ମିଳିଛି । ଘରୋଇ ଅନ୍ତିମ ବ୍ୟବହାର ଖର୍ଚ୍ଚ ପିଏଫସିଇରେ ୭.୧% ବୃଦ୍ଧି ପାଇଛି ।

### ନେପାଳ ଟ୍ରାଜେଡି

# କୋହଳ ହେଲା ରିଲିଫ ନିୟମ

**କାଠମାଣ୍ଡୁ:** ନେପାଳର ପ୍ରଧାନମନ୍ତ୍ରୀ ବାଲେନ ଶାହ ଦେଶରେ ଘଟିଥିବା ପ୍ରାକୃତିକ ବିପର୍ଯ୍ୟୟକୁ ନେଇ ରିଲିଫ୍ , ଉଦ୍ଧାର ଏବଂ ପୁନର୍ବାସ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି,' ରାସୁଓ୍ୱା ଜିଲ୍ଲାରେ ପ୍ରବାହିତ ହେଉଥିବା ଭୋଟେକୋଶି ନଦୀରେ ଭୟଙ୍କର ବନ୍ୟା ଯୋଗୁ ଜୀବନ, ସମ୍ପତ୍ତି ଏବଂ ଭିତ୍ତିଭୂମିର ଅନେକ କ୍ଷତି ହୋଇଛି। ଏହି କ୍ଷତିର ସମ୍ପୂର୍ଣ୍ଣ ହିସାବ ସଂଗ୍ରହ କରିବା ଏକ ଚ୍ୟାଲେଞ୍ଜ । ନିରନ୍ତର ବିପଦ ସତ୍ତ୍ୱେ ସରକାର ନାଗରିକଙ୍କ ଜୀବନ ରକ୍ଷା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାମ କରୁଛି। ଦୀର୍ଘ ଆଠ ଘଣ୍ଟାର ନିରନ୍ତର ପ୍ରୟାସ ପରେ ନେପାଳ ପୁଲିସ କୃଷି ବିକାଶ ବ୍ୟାଙ୍କର ତ୍ରିଶୁଳି ଧୁଙ୍ଗେ ଶାଖାରୁ ପ୍ରାୟ ୧.୫ କୋଟି ନଗଦ ଟଙ୍କା, ପ୍ରାୟ ୫୦ କୋଟି ମୂଲ୍ୟର ସୁନା ଏବଂ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିଛି।ପ୍ରଧାନମନ୍ତ୍ରୀ ଶାହଙ୍କ ଅନୁଯାୟୀ, ଏପର୍ଯ୍ୟନ୍ତ ୯,୪୩୫ ଜଣଙ୍କୁ ବିମାନ ଏବଂ ସଡ଼କ ମାର୍ଗ ମାଧ୍ୟମରେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ରିଲିଫ୍ ଏବଂ ଉଦ୍ଧାର ଅଭିଯାନ ପାଇଁ ମୋଟ ୩୯୪ଟି ବିମାନ ପରିଚାଳିତ ହୋଇଛି, ଯେଉଁଥିରେ ରବିବାର ୭୨ଟି ବିମାନ ସାମିଲ ଅଛି। ପ୍ରଭାବିତ ଅଞ୍ଚଳରେ ୨୦,୬୧୮ ସୁରକ୍ଷା କର୍ମୀ, ନେପାଳ ସେନା, ନେପାଳ ପୁଲିସ ଏବଂ ସଶସ୍ତ୍ର ପୁଲିସ ବାହିନୀ ନିୟୋଜିତ ଅଛନ୍ତି। ଲକ୍ଷ୍ନୌ: ଉତ୍ତରପ୍ରଦେଶର କୌଶାମ୍ବିର ପିପରି ଥାନା ଅଞ୍ଚଳର ମହମୁଦପୁରରେ ଏକ ବାଣ କାରଖାନାରେ ବିସ୍ଫୋରଣ ଘଟିଛି। ଏଥିରେ ସାତ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅନେକ ଆହତ ହୋଇଛନ୍ତି। ଆହତମାନଙ୍କୁ ପ୍ରୟାଗରାଜର ଏସଆରଏନ



ହସ୍ପିଟାଲର ଟ୍ରମା ସେଣ୍ଟରକୁ ନିଆଯାଇଛି। ଗୁରୁତର ଅବସ୍ଥାରେ ଜଣେ ମହିଳାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କାରଖାନା ପାଖରେ ଥିବା ୫ ଘର ଭାଙ୍ଗିରୁଜି ଯାଇଛି ବୋଲି କୌଶାମ୍ବି ସର୍କଲ ଅଫିସର ଶିବଙ୍କ ସିଂହ କହିଛନ୍ତି। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ପୂର୍ବାହ୍ନ ୧୧ଟା ସମୟରେ କାରଖାନାରେ ସିରିଜ୍ ବିସ୍ଫୋରଣ ଘଟିଥିବା କୁହାଯାଉଛି।

# ହର୍ମୁଜ୍ ପ୍ରଣାଳୀରେ ପୁଣି ଉତ୍ତେଜନା

### ୩୨ ଦିନ ପରେ ଇରାନ ଉପରେ ହମଲା



**ୱାଶିଂଟନ/ତେହେରାନ:** ଆମେରିକା ଏବଂ ଇରାନ ମଧ୍ୟରେ କିଛି ସପ୍ତାହ ଧରି ଲାଗି ରହିଥିବା ସାମରିକ ଉତ୍ତେଜନା ପୁଣି ଥରେ ଶୀର୍ଷରେ ପହଞ୍ଚିଛି। ଆମେରିକା ସେନା ହର୍ମୁଜ ପ୍ରଣାଳୀରେ ଥିବା ଇରାନୀ ରକେଟ୍ ଲଞ୍ଚରଗୁଡ଼ିକ ଉପରେ ଆକ୍ରମଣ କରିଛି। ୩୨ ଦିନର ଅସ୍ତ୍ରବିରତି ପରେ ଆମେରିକା ପୁଣି ଥରେ ଇରାନ ଉପରେ ବଡ଼ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଇରାନ ଏହି ଆକ୍ରମଣକୁ ଘାତକ ବୋଲି କହି ପ୍ରତିଶୋଧ ସ୍ୱରୂପ ଜୋର୍ଡାନରେ ଥିବା ଆମେରିକୀୟ ସାମରିକ ଘାଟି ଉପରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ କରିଛି। ଏହା ଦ୍ୱାରା ପଶ୍ଚିମ ଏସିଆରେ ପୁଣି ଥରେ ଯୁଦ୍ଧ ଆଶଙ୍କା ଘନେଇଛି। ଆମେରିକାର କେନ୍ଦ୍ରୀୟ କମାଣ୍ଡ ମୁଖପାତ୍ର ଟିମ୍ ହକିନ୍ସଙ୍କ ଅନୁଯାୟୀ, ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି)ର ସୈନିକମାନେ ହର୍ମୁଜ୍ ପ୍ରଣାଳୀରେ ରକେଟ୍ ବ୍ୟବହାର କରି ସମୁଦ୍ର ମାଇନ୍ସ ବିଛାଇବାକୁ ପ୍ରସ୍ତୁତ ହେଉଥିଲେ। ତେଣୁ ଆମେରିକୀୟ ସେନା ରକେଟ୍ ଲଞ୍ଚରଗୁଡ଼ିକୁ ଟାର୍ଗେଟ କରିଥିଲା। ଗତ ସପ୍ତାହରେ, ଆମେରିକାର ସେନା ହର୍ମୁଜ୍ ପ୍ରଣାଳୀରେ ଅନ୍ତର୍ଜାତୀୟ ଜାହାଜ ଚଳାଚଳ ପଥରୁ ସମୁଦ୍ର ମାଇନ୍ସ ସଫା କରିବା ସମାପ୍ତ କରିଥିଲା।ଇରାନୀ ଗଣମାଧ୍ୟମ ଲାରାକ ଦ୍ୱୀପ ନିକଟରେ ଜୋରଦାର ବିସ୍ଫୋରଣ ହୋଇଥିବା ନିଶ୍ଚିତ କରିଛି। ଇରାନୀ ରେଭଲ୍ୟୁସନରୀ ଗାର୍ଡ କହିଛି ଯେ ଏହି ଆକ୍ରମଣରେ ଆମର କିଛି ସେନ୍ୟ ଏବଂ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି। ଆମେରିକାର ଆକ୍ରମଣ ପରେ ଇରାନୀ ସରକାରୀ ଟେଲିଭିଜନ ଜୋର୍ଡାନରେ ଥିବା ଆମେରିକୀୟ ଘାଟି ଆଡ଼କୁ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିବାର ଦୃଶ୍ୟ ଦେଖାଇଥିଲା। ଜୋର୍ଡାନ ସେନା ଅନୁଯାୟୀ, ସ୍ଥାନୀୟ ସମୟ ସୋମବାର ପ୍ରତ୍ୟୁଷରେ ଏହାର ବାୟୁମଣ୍ଡଳରେ ପ୍ରବେଶ କରିଥିବା ୮ ଇରାନୀ କ୍ଷେପଣାସ୍ତ୍ରକୁ ଗୁଳି କରି ଖସାଇ ଦିଆଯାଇଛି। ଏହି ସମୟରେ, ଇରାନୀ ରେଭଲ୍ୟୁସନରୀ ଗାର୍ଡର ମୁଖପାତ୍ର ଜେନେରାଲ ହୋସେନ୍ ମୋହେବି ଆମେରିକାର ଆକ୍ରମଣକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ମାରାତ୍ମକ ଭୁଲ୍ ବୋଲି କହିଛନ୍ତି। ସେ କହିଛନ୍ତି, ଏଥିପାଇଁ ଶତ୍ରୁକୁ ଗମ୍ଭୀର ସାମରିକ ଏବଂ ଆର୍ଥିକ ପରିଣାମ ଭୋଗିବାକୁ ପଡିବ ।ଆମେରିକାର ଆକ୍ରମଣ ଖବର ପରେ, ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତୈଳ ପୁଣି ମୂଲ୍ୟ ବୃଦ୍ଧି ପାଇଛି। ଆମେରିକାର ଅଶୋଧିତ ତୈଳ ମୂଲ୍ୟ ପ୍ରାୟ ୧.୮ ପ୍ରତିଶତ ବୃଦ୍ଧି ପାଇ ବ୍ୟାରେଲ ପ୍ରତି ୮୪.୯୪ ଡଲାରରେ ପହଞ୍ଚିଛି, ଯେତେବେଳେ ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟ ୧.୯ ପ୍ରତିଶତ ବୃଦ୍ଧି ପାଇ ବ୍ୟାରେଲ ପ୍ରତି ୮୯.୭୯ ଡଲାରରେ ପହଞ୍ଚିଛି। ଆମେରିକା ପୂର୍ବରୁ ଜୁଲାଇ ୨୯ ତାରିଖରେ ଇରାନ ଉପରେ ଆକ୍ରମଣ କରିଥିଲା।

# ବିଶକେକ୍‌ରେ ମୋଦୀ-ପୁଟିନ ସାକ୍ଷାତ୍

### ଇରାନ ରାଷ୍ଟ୍ରପତିଙ୍କ ସହ ମଧ୍ୟ ଆଲୋଚନା





ବିଶକେକ: ସାଂଘାଇ ସହଯୋଗ ସଂଗଠନ ଶିଖର ସମ୍ମିଳନୀ ଅବସରରେ କିର୍ଗିଜସ୍ତାନର ରାଜଧାନୀ ବିଶକେକରେ ସୋମବାର ପ୍ରଧାନମନ୍ତ୍ରୀ ମୋଦୀ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ସାକ୍ଷାତ୍ କରିଛନ୍ତି। ଏହା ସହ ମୋଦୀ ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନଙ୍କୁ ମଧ୍ୟ ଭେଟିଛନ୍ତି। ଦୁଇଟି ଦ୍ୱିପାକ୍ଷିକ ବୈଠକରେ ଭାରତର ରୁଷ୍ ଓ ଇରାନ ସହ ସମ୍ପର୍କ ସମେତ ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ମୋଦୀ-ପୁଟିନ ସାକ୍ଷାତ୍ ଏସ୍ସିଓ ସମ୍ମିଳନୀର ପାର୍ଶ୍ୱରେ ହୋଇଥିଲା। ରୁଷ୍ ପକ୍ଷରୁ ଭାରତ ସହ ସମ୍ପର୍କ ଆହୁରି ମଜଭୁତ ହେଉଥିବା ନେଇ ପୁଟିନଙ୍କ ମତ ଦେଇଥିଲେ। ଏହି ସାକ୍ଷାତ୍ରେ ଦୁଇ ଦେଶର ସହଯୋଗର ବିଭିନ୍ନ ଦିଗ ଉପରେ ଚର୍ଚ୍ଚା ହୋଇଥିଲା। ଏହା ସହ ଏସସିଓରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍ ମଧ୍ୟ ଉପସ୍ଥିତ ଅଛନ୍ତି। ପୁଟିନ ଓ ସି ଜିନପିଙ୍ଗ ମଧ୍ୟରେ ମଧ୍ୟ ପାର୍ଶ୍ୱ ବୈଠକ ହୋଇଛି। ଏହା ପୂର୍ବରୁ ମୋଦୀ ଇରାନ ରାଷ୍ଟ୍ରପତି ପେଜେସ୍କିଆନଙ୍କୁ ଭେଟିଥିଲେ। ଦୁଇ ବର୍ଷ ପରେ ଏହା ଦୁଇ ନେତାଙ୍କ ପ୍ରଥମ ସାକ୍ଷାତ୍। ବୈଠକରେ ଭାରତ-ଇରାନ ଦ୍ୱିପାକ୍ଷିକ ସମ୍ପର୍କ ଓ ପଶ୍ଚିମ ଏସିଆର ବର୍ତ୍ତମାନ ସ୍ଥିତି ନେଇ ଆଲୋଚନା ହୋଇଥିଲା। ମୋଦୀ କହିଛନ୍ତି ଯେ, ଆଗାମୀ ଦିନରେ ଭାରତ ଇରାନ ସହ ବାଣିଜ୍ୟ ସମ୍ପର୍କକୁ ବଢ଼ାଇବା ସହ ଏହାକୁ ଆହୁରି ବହୁମୁଖୀ କରିବାକୁ ଚାହୁଁଛି। ପେଜେସ୍କିଆନ କହିଛନ୍ତି ଯେ ଦୀର୍ଘସ୍ଥାୟୀ ଯୁଦ୍ଧ କାହାରି ସ୍ୱାର୍ଥରେ ନୁହେଁ ଏବଂ ଆଲୋଚନା ଓ ସହଯୋଗ ମାଧ୍ୟମରେ ସମସ୍ୟାର ସମାଧାନ ହେବା ଆବଶ୍ୟକ। ଆମେରିକା-ଇରାନ ମଧ୍ୟରେ ଚାଲିଥିବା ସାମରିକ ସଂଘର୍ଷ ଏବଂ ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନା ମଧ୍ୟରେ ଏହି ବୈଠକ ହୋଇଛି। ଭାରତ ପକ୍ଷରୁ ସମସ୍ୟାର ସମାଧାନ ପାଇଁ ଆଲୋଚନା ଓ କୂଟନୈତିକ ମାର୍ଗ ଉପରେ ଗୁରୁତ୍ୱ ଦିଆଯାଇଛି। ହର୍ମୁଜ୍ ପ୍ରଣାଳୀର ଗୁରୁତ୍ୱ ଦୃଷ୍ଟିରୁ ପଶ୍ଚିମ ଏସିଆର ସ୍ଥିରତା ଭାରତ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ମୋଦୀ ସୋମବାର ଆର୍ମେନିଆ ପ୍ରଧାନମନ୍ତ୍ରୀ ନିକୋଲ ପାଶିନ୍ୟାନଙ୍କ ସହ ମଧ୍ୟ ଦ୍ୱିପାକ୍ଷିକ ବୈଠକ କରିଥିଲେ। ଦୁଇ ନେତା ପ୍ରତିରକ୍ଷା, ଅର୍ଥନୀତି, ଫାର୍ମା, ବିଜ୍ଞାନ ଓ ପ୍ରଯୁକ୍ତି, ସଂସ୍କୃତି ଓ ଶିକ୍ଷା କ୍ଷେତ୍ରରେ ସହଯୋଗ ବଢ଼ାଇବା ନେଇ ଆଲୋଚନା କରିଥିଲେ। ଏସସିଓ ଶିଖର ସମ୍ମିଳନୀ ଅଗଷ୍ଟ ୩୧ ଓ ସେପ୍ଟେମ୍ବର ୧ରେ ବିଶକେକରେ ଅନୁଷ୍ଠିତ ହେଉଛି। ବିଭିନ୍ନ କ୍ଷେତ୍ରରେ ଇରାନ ସହିତ ଭାରତର ଦୀର୍ଘକାଳୀନ ବନ୍ଧୁତାକୁ ସୁଦୃଢ଼ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ସେ ଦୋହରାଇ ଥିଲେ। ଆଗାମୀ ସମୟରେ ବାଣିଜ୍ୟ କ୍ଷେତ୍ରକୁ ଅଧିକ ବିସ୍ତାର ଓ ବ୍ୟାପକ କରିବାକୁ ଚାହୁଁଛୁ ବୋଲି ମୋଦୀ ଲେଖିଛନ୍ତି। ଦୁଇ ନେତା ପଶ୍ଚିମ ଏସିଆ ସ୍ଥିତି ଉପରେ ଆଲୋଚନା କରିଥିଲେ। ବିଦେଶ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଏହାକୁ ଏକ ସଫଳ ବୈଠକ ବୋଲି ବର୍ଣ୍ଣନା କରିଛନ୍ତି। ବୈଠକରେ ଇରାନର ବିଦେଶ ମନ୍ତ୍ରୀ ଆବାସ ଆରାଘଚି, ତେହେରାନର ଅନ୍ୟ ବରିଷ୍ଠ ପ୍ରତିନିଧିମାନେ ମଧ୍ୟ ଯୋଗ ଦେଇଥିଲେ। ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ସଂଘର୍ଷର ଅନ୍ତ ପାଇଁ ହୋଇଥିବା ବୁଝାମଣାକୁ ସ୍ୱାଗତ କରିଥିଲେ ଓ ସ୍ଥାୟୀ ଶାନ୍ତି ଓ ସ୍ଥିରତା ପାଇଁ ନିରନ୍ତର ପ୍ରୟାସର ଆବଶ୍ୟକତାକୁ ଦୋହରାଇଥିଲେ।

# ଆନ୍ନା ହଜାରେ ଅସୁସ୍ଥ



**ମୁମ୍ବାଇ:** ସାମାଜିକ କର୍ମୀ ଆନ୍ନା ହଜାରେ ଅସୁସ୍ଥ ଅଛନ୍ତି। ତାଙ୍କୁ ମୁମ୍ବାଇର ବମ୍ବେ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଛି। ହଜାରେଙ୍କ ସ୍ୱାସ୍ଥ୍ୟାବସ୍ଥା ମହାରାଷ୍ଟ୍ରର ତାଙ୍କ ଜନ୍ମସ୍ଥାନ ରାଲେଗାଁ ସିଦ୍ଧି ନିକଟସ୍ଥ ଏକ ହସ୍ପିଟାଲରେ ଚିକିତ୍ସା ସମୟରେ ଗୁରୁତର ହେବାରୁ ତାଙ୍କୁ ମୁମ୍ବାଇ ଅଣା ଯାଇଥିଲା। ରିପୋର୍ଟ ଅନୁଯାୟୀ, ହଜାରେଙ୍କୁ ଗୁରୁତର ଭାଇରାଲ୍ ସଂକ୍ରମଣ ଓ ଅତ୍ୟଧିକ ଡିହାଇଡ୍ରେସନ ହେବା ପରେ ମୁମ୍ବାଇ ସ୍ଥାନାନ୍ତରିତ କରାଯାଇଥିଲା। ସେ ବର୍ତ୍ତମାନ ବମ୍ବେ ହସ୍ପିଟାଲରେ ଡାକ୍ତର ଗୌତମ ବଂଶାଲିଙ୍କ ତତ୍ତ୍ୱାବଧାନରେ ଅଛନ୍ତି। ଡାକ୍ତରମାନେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛନ୍ତି। ଅସୁସ୍ଥ ହଜାରେଙ୍କୁ ତାଙ୍କ କେୟାରଟେକର୍ ଏକ କାର୍ଡିଆକ୍ ଆମ୍ବୁଲାନ୍ସରେ ମୁମ୍ବାଇ ଆଣିଥିଲେ।

### ଅନୁସୂଚିତ ଜାତି ସମ୍ପ୍ରଦାୟ ବିରୋଧରେ ଅପମାନଜନକ ମନ୍ତବ୍ୟ ମାମଲା

# ୫ ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ ପାଇଁ ନିର୍ଦ୍ଦେଶ

**ନୂଆଦିଲ୍ଲୀ:** ପଞ୍ଜାବର ତରନତାରନ ଜିଲ୍ଲାରେ ଅନୁସୂଚିତ ଜାତି ସମ୍ପ୍ରଦାୟ ବିରୋଧରେ କଥିତ ଅପମାନଜନକ ମନ୍ତବ୍ୟ ସମ୍ପର୍କିତ ମାମଲାରେ ଜାତୀୟ ଅନୁସୂଚିତ ଜାତି ଆୟୋଗ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ଆୟୋଗର ଅଧ୍ୟକ୍ଷ କିଶୋର ମକୱନାଙ୍କ ଅଧ୍ୟକ୍ଷତାରେ ସୋମବାର ଏହି ମାମଲାର ଶୁଣାଣି ହୋଇଥିଲା। ନିର୍ବାଚନ ପ୍ରଚାର ସମୟରେ ପଞ୍ଜାବ ପ୍ରଦେଶ କଂଗ୍ରେସ



କମିଟିର ଅଧ୍ୟକ୍ଷ ଶ୍ରୀ ଅମରିନ୍ଦର ସିଂହ ରାଜା ଓ୍ୱାରିଙ୍ଗଙ୍କ ଦ୍ୱାରା ପୂର୍ବତନ କେନ୍ଦ୍ର ଗୃହମନ୍ତ୍ରୀ ସ୍ୱର୍ଗତ ବୁଟା ସିଂହଙ୍କ ବିରୋଧରେ କଥିତ ଅପମାନଜନକ ମନ୍ତବ୍ୟ ଦିଆଯାଇଥିବା ଅଭିଯୋଗ ଉପରେ ଏହି ଶୁଣାଣି ହୋଇଥିଲା। ଶୁଣାଣି ସମୟରେ ପଞ୍ଜାବ ପୁଲିସ ପକ୍ଷରୁ ଡିଏସପି ହରପ୍ରୀତ ସିଂହ ଏବଂ ଡିଏସପି, ଇଓ ଓ ସାଇବର କ୍ରାଇମ୍ ଗୁଲଜାର ସିଂହ ଉପସ୍ଥିତ ଥିଲେଛ ଅନ୍ୟପକ୍ଷରେ ଆବେଦନକାରୀ ତଥା ସ୍ୱର୍ଗତ ବୁଟା ସିଂହଙ୍କ ପୁଅ ସରବଜୋତ ସିଂହ ମଧ୍ୟ ଉପସ୍ଥିତ ଥିଲେ। ସମସ୍ତ ପକ୍ଷଙ୍କ ମତ ଶୁଣିବା ସହ ମାମଲା ସମ୍ପର୍କିତ ଦଲିଲପତ୍ର ଯାଞ୍ଚ କରିବା ପରେ ତଦନ୍ତ, ଅଭିଯୁକ୍ତଙ୍କ ଗିରଫ ଏବଂ ଆୟୋଗକୁ ଆକ୍ସନ୍ ଟେକେନ୍ ରିପୋର୍ଟ ଦାଖଲ କରିବାରେ ବିଳମ୍ବ ନେଇ ଆୟୋଗ ଗଭୀର ଉଦବେଗ ପ୍ରକାଶ କରିଥିଲା। ପୂର୍ବ ଶୁଣାଣି ସମୟରେ ଆୟୋଗ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହାର ପାଳନ ହୋଇନଥିବାରୁ ଆୟୋଗ ଅସନ୍ତୋଷ ପ୍ରକାଶ କରିଛି। ଗତ ୫ ମେ ୨୦୨୬ରେ ହୋଇଥିବା ଶୁଣାଣିରେ ଆୟୋଗ ନିୟମ ଅନୁଯାୟୀ ର୍ନିଦ୍ଦିଷ୍ଟ ସମୟସୀମା ମଧ୍ୟରେ ତଦନ୍ତ ଶେଷ କରିବାକୁ ସ୍ପଷ୍ଟ ଭାବେ ସୁପାରିସ କରିଥିଲେ। ଏହା ସହିତ ଆବେଦନକାରୀ ଶ୍ରୀ ସରବଜୋତ ସିଂହ କଥିତ ଅଭିଯୁକ୍ତମାନଙ୍କ ପକ୍ଷରୁ ଧମକପୂର୍ଣ୍ଣ ଫୋନ୍ କଲ୍ ପାଉଥିବା ଅଭିଯୋଗ କରିଥିବାରୁ, ଅନୁସୂଚିତ ଜାତି/ଜନଜାତି (ଅତ୍ୟାଚାର ନିବାରଣ) ଆଇନ, ୧୯୮୯ର ଧାରା ୧୫ଏ ଅନୁଯାୟୀ ଆବେଦନକାରୀ ଓ ତାଙ୍କ ର୍ନିଭରଶୀଳମାନଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଇଦେବାକୁ ଆୟୋଗ ନିର୍ଦ୍ଦେଶ ଦେଇଥିଲେ।

# ବସ୍‌ରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ଦୁଇ ଅଭିଯୁକ୍ତ ଗିରଫ

**ନୂଆଦିଲ୍ଲୀ:** ରାଜଧାନୀ ଦିଲ୍ଲୀରେ ଆଉ ଏକ ନିର୍ଭୟା କାଣ୍ଡ ସାମ୍ନାକୁ ଆସିଛି। ଜଣେ ୧୬ ବର୍ଷୀୟା ଛାତ୍ରୀଙ୍କୁ ଏକ ସ୍ଲିପର ବସ୍ରେ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ପାରି ଚୌକ୍ରୁ କାଶ୍ମୀର ଗେଟ୍ ପର୍ଯ୍ୟନ୍ତ ୪୭ କିଲୋମିଟର ଯାତ୍ରା ସମୟରେ ଦୁଇ ଅଭିଯୁକ୍ତ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେଇଥିଲେ। ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦିଲ୍ଲୀ ପୁଲିସ ବସ୍ର ଡ୍ରାଇଭର କୁଳଦୀପ ଏବଂ କଣ୍ଡକ୍ଟର ସନ୍ଦୀପଙ୍କୁ ଗିରଫ କରିଛି। ଏହି ଘଟଣା ଅଗଷ୍ଟ ୪ ରାତିରେ କାଶ୍ମୀର ଗେଟ୍ ଅଞ୍ଚଳରେ ଘଟିଥିଲା।ପୀଡିତା ଜଣକ ଉତ୍ତର ପ୍ରଦେଶର ମୈନପୁରୀ ଜିଲ୍ଲାର ବାସିନ୍ଦା ଏବଂ ସେ ୧୧ ଶ୍ରେଣୀର ଛାତ୍ରୀ।ପୁଲିସ ସୂତ୍ର ଅନୁଯାୟୀ, ଛାତ୍ରୀ ଜଣକ ତାଙ୍କ ପରିବାର ଉପରେ ବିରକ୍ତ ହୋଇ




ଘରୁ ପଳାଇ ଆସି ନୋଏଡାରେ ତାଙ୍କ ସମ୍ପର୍କୀୟ ଭାଇଙ୍କ ଘରକୁ ଯାଉଥିଲେ। ପ୍ରବଳ ବର୍ଷା ଏବଂ ଅନ୍ଧାର ଯୋଗୁଁ ଛାତ୍ରୀ ଜଣକ ଦୁର୍ଘଟଣାବଶତଃ ଗ୍ରେଟର ନୋଏଡାର ପାରି ଚୌକରେ ଓହ୍ଲାଇ ପଡ଼ିଥିଲେ। ଏହି ସମୟରେ ଏକ ଖାଲି ସ୍ଲିପର ବସ୍ ସେହି ରାସ୍ତା ଦେଇ ଯାଉଥିଲା। ଛାତ୍ରୀ ଜଣକ ବସ୍ ଅଟକିବା ପାଇଁ ସଙ୍କେତ ଦେଲେ, ଯାହା ପରେ ବସ୍ ଅଟକିଥିଲା। ଡ୍ରାଇଭର-କଣ୍ଡକ୍ଟର ତାଙ୍କୁ କହିଲେ ଯେ ସେମାନେ ନୋଏଡା ସେକ୍ଟର ୬୩ ଯାଉଛନ୍ତି ।ଅଭିଯୋଗ ହୋଇଛି ଯେ ବସ୍ ଚାଲିବା ପରେ କଣ୍ଡକ୍ଟର ପୀଡିତାଙ୍କ ପ୍ରତି ଅଶାଳୀନ ବ୍ୟବହାର ଆରମ୍ଭ କରିଥିଲେ। ପୀଡିତାଙ୍କ ଅଭିଯୋଗ ଅନୁଯାୟୀ, ଡ୍ରାଇଭର ଏବଂ କଣ୍ଡକ୍ଟର ତାଙ୍କ ସହ ଦୁଷ୍କର୍ମ କରିଥିଲେ ଏବଂ ପ୍ରତିରୋଧ କଲେ ହତ୍ୟା କରିବାକୁ ଧମକ ଦେଇଥିଲେ। ଅଭିଯୁକ୍ତମାନେ ବିଳମ୍ବିତ ରାତିରେ ତାଙ୍କୁ କାଶ୍ମୀର ଗେଟ୍ ବସ୍ ଷ୍ଟାଣ୍ଡ ନିକଟରେ ରିଙ୍ଗ ରୋଡରେ ଛାଡ଼ି ପଳାଇ ଯାଇଥିଲେ।

# ବାଣକାରଖାନାରେ ବିସ୍ଫୋରଣ; ୧୧ ମୃତ, ୨୦ ଆହତ

**ଲକ୍ଷ୍ନୌ:** ଉତ୍ତରପ୍ରଦେଶର କୌଶାମ୍ବୀ ଏବଂ ପ୍ରୟାଗରାଜ ଜିଲ୍ଲାର ସୀମାରେ ଥିବା ମାନୌରୀ ଗାଁରେ ସୋମବାର ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୧୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦ ଜଣ ଆହତ ହୋଇଛନ୍ତି । ରିପୋର୍ଟ ଅନୁଯାୟୀ, ଏହି ବେଆଇନ ବାଣ କାରଖାନାଟି ଗାଁର ଏକ ଚାଷ ଜମି ଉପରେ ନିର୍ମିତ ଘରେ ଚାଲିଥିଲା । ପୋଲିସ କହିଛି ଯେ ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ନିକଟସ୍ଥ ଚାରିରୁ ପାଞ୍ଚଟି ଘର ନଷ୍ଟ ହୋଇଯାଇଛି ।କୌଶାମ୍ବୀ ସର୍କଲ ଅଫିସର ଶିବାଙ୍କ ସିଂ କହିଛନ୍ତି, "ଏପର୍ଯ୍ୟନ୍ତ ଆଠଟି ମୃତଦେହ ଉଦ୍ଧାର କରାଯାଇଛି, ଯେଉଁଥିରେ ପୁରୁଷ ଏବଂ ମହିଳା ଉଭୟ ଅଛନ୍ତି ।" ବିସ୍ଫୋରଣ ସମ୍ପର୍କରେ ସୂଚନା ପାଇବା ପରେ ସ୍ଥାନୀୟ ପୋଲିସ ଏବଂ ଅଗ୍ନିଶମ ବିଭାଗର ଟିମ୍ ଘଟଣାସ୍ଥଳକୁ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲେ । ନିଆଁକୁ ନିୟନ୍ତ୍ରଣ କରିବା ଏବଂ ଉଦ୍ଧାର କାର୍ଯ୍ୟରେ



ସହାୟତା କରିବା ପାଇଁ ଅନେକ ଅଗ୍ନିଶମ ଗାଡ଼ି ମୁତୟନ କରାଯାଇଥିଲା । ଭଗ୍ନାବଶେଷ ହଟାଇବା ଏବଂ ତଳେ ଫସି ରହିଥିବା ଲୋକଙ୍କୁ ଖୋଜିବା ପାଇଁ ଅର୍ଥମୁଭର ମେସିନ୍ ମଧ୍ୟ ଅଣାଯାଇଥିଲା । ବିସ୍ଫୋରଣ ଦୀର୍ଘ ସମୟ ଧରି ଚାଲିଥିଲା, ଯାହା ଆଖପାଖ ଗାଁରେ ଆତଙ୍କ ସୃଷ୍ଟି କରିଥିଲା । ଆହତମାନଙ୍କୁ ଚିକିତ୍ସା ପାଇଁ ପ୍ରୟାଗରାଜର ଡାକ୍ତରଖାନାକୁ ନିଆଯାଇଥିଲା ।ପୋଲିସ କହିଛି ଯେ ଅଗ୍ନିଶମ ଏବଂ ଉଦ୍ଧାର କାର୍ଯ୍ୟ ସମାପ୍ତ ହେବା ପରେ ମୃତାହତଙ୍କ ସଠିକ୍ ସଂଖ୍ୟା ଏବଂ କ୍ଷୟକ୍ଷତିର ପରିମାଣ ଜଣାପଡ଼ିବ ।

# ଏକ୍ ବିହାରୀ ସବ୍‌ପେ ଭାରୀ

## ୫୭ ବର୍ଷ ତଳର ରେକର୍ଡ ଭାଙ୍ଗିଲେ ବୈଭବ




ବେଙ୍ଗାଲୁରୁ,୩୧।୮ (ଏଜେନ୍ସି): ବିହାରର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ଦୁଲ୍ଲୀପ ଟ୍ରଫିରେ ୫୭ବର୍ଷ ତଳର ରେକର୍ଡ ଭାଙ୍ଗିଛନ୍ତି। ବେଙ୍ଗାଲୁରୁରେ ସେଣ୍ଟ୍ରାଲ ଜୋନ ବିପକ୍ଷରେ ବୈଭବ ପ୍ରଥମ ସେମିଫାଇନାଲ ମ୍ୟାଚରେ ଦମଦାର ବ୍ୟାଟିଂ କରି ୪୨ ବଲରୁ ଅର୍ଦ୍ଧଶତକ ପୂରଣ କରିଛନ୍ତି। ସେ ସୋମବାର ଇଷ୍ଟଜୋନ ପକ୍ଷରୁ ପ୍ରଥମ ପାଳିରେ ୮୧ ବଲରୁ ୯୨ ରନ କରିଥିଲେ। ଏଥିରେ ୭ଟି ଚୌକା ଓ ୭ଟି ଛକା ରହିଛି। ଏହା ତାଙ୍କର ପ୍ରଥମ ଶ୍ରେଣୀ କ୍ୟାରିୟର ସର୍ବାଧିକ ସ୍କୋର। ଦମଦାର ବ୍ୟାଟିଂ କରି ବୈଭବ ୫୭ ବର୍ଷ ତଳର ରେକର୍ଡ ଭାଙ୍ଗିଛନ୍ତି। ବୈଭବ ଏବେ ଦୁଲ୍ଲୀପ ଟ୍ରଫିରେ ସବୁଠାରୁ କମ ବୟସରେ ଅର୍ଦ୍ଧଶତକ ମାରିଥିବା ବ୍ୟାଟର ହୋଇଛନ୍ତି। ସେ ସ୍ୱର୍ଗତଃ ଲକ୍ଷ୍ମଣ ସିଂଙ୍କ ରେକର୍ଡ ଭାଙ୍ଗିଛନ୍ତି। ଲକ୍ଷ୍ମଣ ୧୯୬୯ରେ ୧୬ ବର୍ଷ ବୟସରେ ଏହି ଉପଲବ୍ଧି ହାସଲ କରିଥିଲେ। ବୈଭବ ଏବେ ୧୫ ବର୍ଷ ୧୭୫ ଦିନରେ ଅର୍ଦ୍ଧଶତକ ହାସଲ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପିୟୁଷ ଚାୱାଲା ୧୬ ବର୍ଷ ୩୦୭ ଦିନରେ ଅର୍ଦ୍ଧଶତକ ମାରିଥିଲେ। ବୈଭବଙ୍କ ପ୍ରଦର୍ଶନ ଖୁବ ଭଲ ରହିଛି। କାରଣ ସେ କମ ଦିନ ମଧ୍ୟରେ ଘରୋଇ କ୍ରିକେଟରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ସେମିଫାଇନାଲରେ ପ୍ରଥମ ଦିନରେ ତାଙ୍କୁ ନେତୃତ୍ୱ ନେବାକୁ ପଡିଥିଲା। ଇଷ୍ଟ ଜୋନ ପକ୍ଷରୁ ନିୟମିତ ଅଧିନାୟକ ଇଶାନ କିଷାନ ଆହତ ଥିବାରୁ ତାଙ୍କ ସ୍ଥାନରେ ଅଧିନାୟକ ଦାୟିତ୍ୱ ତୁଲାଇବାକୁ ପଡିବ। ଇଶାନଙ୍କ ବୈଭବ ୧ ଘଣ୍ଟାରୁ ଅଧିକ ସମୟ ଧରି ଦଳର ମଙ୍ଗ ସମ୍ଭାଳିଥିଲେ। ଅଧିନାୟକ ଭାବେ ସଫଳ ଡିଆରଏସ ମଧ୍ୟ ନେଇଥିଲେ। ଗୋଟିଏ ମ୍ୟାଚରେ ସେ ଦମଦାର ବ୍ୟାଟିଂ କରି ନିଜର ନେତୃତ୍ୱ ଦକ୍ଷତାର ପ୍ରମାଣ ଦେଇଛନ୍ତି। ଏହା ପୂର୍ବରୁ ନର୍ଥ ଇଷ୍ଟ ବିପକ୍ଷ ମ୍ୟାଚରେ ୮ ରନ୍ କରିଥିଲେ। କିନ୍ତୁ ବୋଲିଂରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ୱିକେଟ ନେଇଥିଲେ।

କେନ୍ଦ୍ରାଞ୍ଚଳ ବିପକ୍ଷରେ ପୂର୍ବାଞ୍ଚଳ ପ୍ରଥମ ପାଳି ଅଗ୍ରଣୀ ହେବାରେ ବିଫଳ ହୋଇଛି। କେନ୍ଦ୍ରାଞ୍ଚଳର ୨୬୬ ରନ ଜବାବରେ ପୂର୍ବାଞ୍ଚଳ ମଧ୍ୟ ସମାନ ୨୬୬ ରନରେ ଅଲଆଉଟ୍ ହୋଇଥିଲା। ଦୁଇ ଓପନର ଅଭିମନ୍ୟୁ ଇଶ୍ୱରନ ୬୯, ବୈଭବ ୯୨ ରନ୍ କରିଥିଲେ। ଅନ୍ୟ ବ୍ୟାଟର ବିଫଳ ହେବାରୁ ପୂର୍ବାଞ୍ଚଳ ବଡ଼ ସ୍କୋର କରିପାରିନଥିଲା। ଦଳୀୟ ସ୍କୋର ୧୬୧ ରନ ବେଳେ ସୂର୍ଯ୍ୟବଂଶୀଙ୍କୁ ପ୍ରଥମ ୱିକେଟ୍ ଭାବେ ପୂର୍ବାଞ୍ଚଳ ହରାଇଥିଲା। କିନ୍ତୁ ପରବର୍ତ୍ତୀ ୧୦୫ ରନ ମଧ୍ୟରେ ୯ ୱିକେଟ୍ ହରାଇଥିଲା ପୂର୍ବାଞ୍ଚଳ। କେନ୍ଦ୍ରାଞ୍ଚଳର ଅର୍ଶଦୀପ ୪ଟି, ଆର୍ଯ୍ୟନ ପାଣ୍ଡ ଓ ଯାସ ଠାକୁର ୩ଟି ଲେଖାଏଁ ୱିକେଟ୍ ନେଇଥିଲେ। ପ୍ରଥମ ପାଳି ସମାନ ପାଳିରେ ଶେଷ ହେବାପରେ କେନ୍ଦ୍ରାଞ୍ଚଳ ଦ୍ୱିତୀୟ ପାଳି ଆରମ୍ଭ କରି ବ୍ୟାଟିଂ ବିପର୍ଯ୍ୟର ସମ୍ମୁଖୀନ ହୋଇଥିଲା। ଦ୍ୱିତୀୟ ଦିନର ଷ୍ଟମ୍ପ ବେଳକୁ ୪୫ ରନ କରିଛି। ଅମନ ମୋଖାଡେ ୨୩ ଓ ଆର୍ଯ୍ୟନ ପାଣ୍ଡ୍ୟ ୩ ରନରେ ଅପରାଜିତ ଥିଲେ। ମୁକେଶ କୁମାର ୨ଟି ଓ ମହମ୍ମଦ ସାମି ଗୋଟିଏ ୱିକେଟ ନେଇଛନ୍ତି। ଓଡ଼ିଶାର ଶୁଭ୍ରାଂଶୁ ସେନାପତି ଦୁଇଟିଯାକ ମ୍ୟାଚର ଚୂଡାନ୍ତ ଏକାଦଶରେ ସ୍ଥାନ ପାଇନାହାନ୍ତି।

## ଶେଷ ହେଲା ମେସିଙ୍କ ସ୍ୱର୍ଣ୍ଣିମ ଯୁଗ



ନୂଆଦିଲ୍ଲୀ,୩୧।୮ (ଏଜେନ୍ସି): ବିଶ୍ୱ ଫୁଟବଲ୍ର ମହାନତମ ଖେଳାଳି ଲିଓନେଲ ମେସି ଆନୁଷ୍ଠାନିକ ଭାବେ ଅବସର ଘୋଷଣା କରିଛନ୍ତି । ୨୦୨୬ ଫିଫା ବିଶ୍ୱକପ୍ ଫାଇନାଲ୍ରେ ସ୍ପେନ୍ ନିକଟରୁ ପରାଜୟର କିଛି ମାସ ପରେ, ୩୯ ବର୍ଷୀୟ ମେସି ନିଜର ଇନ୍ଷ୍ଟାଗ୍ରାମ୍ ଆକାଉଣ୍ଟରେ ଏକ ହାତଲେଖା ଚିଠି ଶେୟାର କରି ଏହି ଭାବବିହ୍ୱଳ ନିଷ୍ପତ୍ତି ନେଇଛନ୍ତି । ୨୦୦୫ରେ ଆର୍ଜେଣ୍ଟିନା ଜାତୀୟ ଦଳ ପାଇଁ ମେସି ଡେବ୍ୟୁ କରିଥିଲେ । ଅବସର ନେଇ ମେସି ନିଜ ଚିଠିରେ ଲେଖିଛନ୍ତି: "ଫାଇନାଲ୍ ମ୍ୟାଚ୍ ପରଠାରୁ ଦୀର୍ଘ ଦିନ ଧରି ଚିନ୍ତା କରିବା ପରେ, ମୁଁ ଜାତୀୟ ଦଳରୁ ଅବସର ନେବାକୁ ନିଷ୍ପତ୍ତି ନେଇଛି । ଏହି ନିଷ୍ପତ୍ତି ମୋ ହୃଦୟକୁ ଗଭୀର ଆଘାତ ଦେଉଛି, କିନ୍ତୁ ମୁଁ ଜାଣିଛି ଯେ ଅଲ୍ୱିଦା କହିବାର ଏହା ହିଁ ସଠିକ୍ ସମୟ ।"

"ମୁଁ ସଦାସର୍ବଦା ଏହି ଜର୍ସି ପାଇଁ ନିଜର ଶତପ୍ରତିଶତ ଦେଇଛି । ମୋ ପାଖରେ ଆଉ ଦେବାକୁ କିଛି ନାହିଁ । ଏବେ ଅନେକ ପ୍ରତିଭାବାନ ଯୁବ ଖେଳାଳି ଆସୁଛନ୍ତି, ଯେଉଁମାନେ ଏଠାରେ ଖେଳିବା ପାଇଁ ଯୋଗ୍ୟ । ବିଗତ ୨୦ ବର୍ଷର ଭଲପାଇବା ପାଇଁ ସମସ୍ତଙ୍କୁ ଅଶେଷ ଧନ୍ୟବାଦ । ମେସି ନିଜ କ୍ୟାରିୟରରେ ମୋଟ ୬ଟି ବିଶ୍ୱକପ ଖେଳିଛନ୍ତି । କାତାର୍ରେ ଅନୁଷ୍ଠିତ ୨୦୨୨ ବିଶ୍ୱକପ୍ରେ ଆର୍ଜେଣ୍ଟିନାକୁ ଚାମ୍ପିଅନ୍ କରାଇ ନିଜର ସ୍ୱପ୍ନ ପୂରଣ କରିଥିଲେ । ୨୦୨୬ ବିଶ୍ୱକପ୍ରେ ଦଳକୁ ଫାଇନାଲ୍ ପର୍ଯ୍ୟନ୍ତ ନେଇଥିଲେ, ଯେଉଁଠାରେ ଆର୍ଜେଣ୍ଟିନା ସ୍ପେନ୍ ନିକଟରୁ ପରାଜିତ ହୋଇଥିଲା । ଜାତୀୟ ଦଳରୁ ସନ୍ନ୍ୟାସ ନେଇଥିଲେ ମଧ୍ୟ ମେସି ଆମେରିକାର ଇଣ୍ଟର ମିଆମି କ୍ଲବ୍ ପାଇଁ ନିଜର ବ୍ୟବସାୟିକ କ୍ଲବ୍ ଫୁଟବଲ୍ ଖେଳିବା ଜାରି ରଖିବେ । ଇଣ୍ଟର ମିଆମି ସହ ତାଙ୍କର ୨୦୨୮ ପର୍ଯ୍ୟନ୍ତ ଚୁକ୍ତି ରହିଛି ।

## ତିଲକଙ୍କ ଶତକ: ଦକ୍ଷିଣାଞ୍ଚଳ ୨୮୫/୯

ବେଙ୍ଗାଲୁରୁ,୩୧।୮ (ଏଜେନ୍ସି): ଉତ୍ତରାଞ୍ଚଳ ବିପକ୍ଷ ଦୁଲ୍ଲୀପ ଟ୍ରଫି ସେମିଫାଇନାଲରେ ଦକ୍ଷିଣାଞ୍ଚଳ ବ୍ୟାଟର ତିଲକ ବର୍ମା ସୋମବାର ଦ୍ୱିତୀୟ ଦିନ ଶତକ ଅର୍ଜନ କରିଛନ୍ତି। ତାଙ୍କର ଅପରାଜିତ ୧୦୬ ରନ୍ ବଳରେ ଦକ୍ଷିଣାଞ୍ଚଳ ଦ୍ୱିତୀୟ ଦିନର ଷ୍ଟମ୍ପ ବେଳକୁ ୯ ୱିକେଟ ହରାଇ ୨୮୫ ରନ୍ କରିଛି। ଫଳରେ ଦଳ ପ୍ରଥମ ପାଳରେ ୯୦ ରନର ଅଗ୍ରଣୀ ହାସଲ କରିଛି। ଉତ୍ତରାଞ୍ଚଳର ୧୯୫ ରନ ଜବାବରେ ପ୍ରଥମ ଦିନରେ ଦକ୍ଷିଣାଞ୍ଚଳ ୪୦/୨ କରିଥିଲା। ସୋମବାର ଏଥିରେ ୫୦ ରନ ଯୋଡି ୩ ୱିକେଟ୍ ହରାଇଥିଲା। ୯୦/୫, ତିଲକ ବର୍ମା ଓ ଶ୍ରେୟାସ ଗୋପାଳ ଷଷ୍ଠ ୱିକେଟ୍ ପାଇଁ ୧୭୫ ରନ୍ ସଂଗ୍ରହ କରି ଦଳକୁ ଉଦ୍ଧାର କରିଥିଲେ। ଗୋପାଳ ୮୭ ରନ୍ କରି ଆଉଟ୍ ହୋଇଥିବା ବେଳେ ତିଲକ ବ୍ୟାଟିଂ ଜାରି ରଖି ପ୍ରଥମ ଶ୍ରେଣୀରେ ଅଷ୍ଟମ କ୍ରିକେଟ ହାସଲ କରିଥିଲେ। ଉତ୍ତରାଞ୍ଚଳ ପକ୍ଷରୁ ଗୁରନୁର ବ୍ରାର ୪ଟି, ଅର୍ଶଦୀପ ସିଂ ଓ ଅଂଶୁଲ କମ୍ବୋଜ ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ।

## ଜିମ୍ନାଷ୍ଟ ପାଳିଲେ ଜାତୀୟ କ୍ରୀଡା ଦିବସ

ଭୁବନେଶ୍ୱର,୩୧।୮ (ସବ୍ୟୁ): ରାଉରକେଲା ସହରର ଛେଣ୍ଡ ସ୍ଥିତ ଜିମନାଷ୍ଟିକ୍ କେନ୍ଦ୍ରରେ ମିଳିତଭାବେ ଜାତୀୟ କ୍ରୀଡ଼ା ଦିବସ ପାଳନ ହୋଇଯାଇଛି। ସୁନ୍ଦରଗଡ ଜିମ୍ନାଷ୍ଟିକ୍ ସଂଘର ସଭାପତି ଗୋଲକ ବିହାରୀ ମଙ୍ଗରାଜ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥିଭାବେ ଆନ୍ତର୍ଜାତୀୟ ମହିଳାହକି ତାରକା ନିକିତା ଟପ୍ପ ଯୋଗଦେଇଥିଲେ ।

ଏହି ଅବସରରେ ଉପସ୍ଥିତ ସ୍ୱତନ୍ତ୍ର ଅତିଥି ଏବଂ ଅନ୍ୟ ଅତିଥିମାନେ ମେଜର ଧ୍ୟାନଚାନ୍ଦଙ୍କ ଫୋଟ ଚିତ୍ରରେ ପୁଷ୍ପ ମାଲ୍ୟଦେଇ ଜୀବନ ଓ ଖେଳ ସମ୍ପର୍କରେ ସ୍ମୃତିଚାରଣ କରିବା ସହ ତାଙ୍କର କ୍ରୀଡ଼ା ପ୍ରତି ଏକାଗ୍ରତା ଓ ନିଷ୍ଠା ତଥା ଦେଶଭକ୍ତି ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱତନ୍ତ୍ର ଅତିଥି କୁମାରୀ ଟପ୍ପ ଉପସ୍ଥିତ କୁନି କୁନି ଖେଳାଳିଙ୍କୁ ନିଜର ସଂଘର୍ଷ ର କାହାଣୀ କହିବା ସହିତ ସମସ୍ତ କୁନି କୁନି ଖେଳାଳି ଙ୍କୁ ଜିମ୍ନାଷ୍ଟିକ୍ ରେ ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ,



କୋଚ୍ ସାୟନ୍ ଦାସ ସ୍ୱାଗତ ଭାଷଣ ସହିତ ନିଜ ର ଜିମ୍ନାଷ୍ଟିକ୍ ଜୀବନ କଥା ଉପରେ ଆଲୋକ ପାତ୍ କରି କୁନି କୁନି ଖେଳାଳି ଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟ ମଞ୍ଚାସିନ କୋଚ ବିଶ୍ୱଜିତ୍ ବେହେରା , ଲେଖା ରାଣୀ , ସୌଭାଗିନି ରାଉତ , ସୁରତ ବିଶ୍ୱାଳ କ୍ରୀଡା ଦିବସ ଉପରେ ଅଭିଭାଷଣ ରଖିଥିଲେ । ସେଣ୍ଟର ର କୁନି ଜିମ୍ନଷ୍ଟ୍ ଙ୍କ ଦ୍ୱାରା ନିଜର ଅଭ୍ୟାସ ଶୈଳୀ ରେ କିଛି ସୁନ୍ଦର ଏରୋବିକ ନାଚ ସହିତ ପିରାମିଡ୍ ପ୍ରସ୍ତୁତ କରାଯାଇଥିଲା । ଶେଷରେ ଏସ ଜି ଏ ର ଉପ ସଭାପତି ବିଜୟ ସୁନ୍ଦର ରାୟ ଧନ୍ୟବାଦ୍ ଦେଇଥିଲେ । ଏହି ଜାତୀୟ ଦିବସ ପାଳନ ସଫଳ ଆୟୋଜନ ପାଇଁ ସଂଘର ଦୀପ୍ତି ବିଶ୍ୱାଳ,ଗରିମା ପତ୍ରି, ସୂଚିତ୍ରା ଦାସ,ରୀତା ରାଣୀ ସାହୁ,ତାରା କ୍ରିଷ୍ଣ ପ୍ରମୁଖ ସୁଚାରୁ ରୂପେ ଦାୟିତ୍ୱ ତୁଲାଇଥିଲେ।

## ଅନିଲ, ଧୀରାଜ ପାଇବେ ସରୋଜ ମହାସୁଆର ସମ୍ମାନ





ଭୁବନେଶ୍ୱର,୩୧।୮ (ସବ୍ୟୁ): ପ୍ରତିଭାସମ୍ପନ୍ନ ବ୍ୟାଟର୍ ଅନିଲ ପରିଡ଼ା ଏବଂ ରଣଜୀ ଖେଳାଳିରୁ ବିସିସିଆଇ ପ୍ୟାନେଲ୍ ଅମ୍ପାୟାର ହୋଇଥିବା ଧୀରାଜ ସିଂହଙ୍କୁ ମିଳିବ ଚଳିତ ବର୍ଷର 'ସରୋଜ ମହାସୁଆର ସ୍ମୃତି ସମ୍ମାନ"। ୨୧ ବର୍ଷ ଧରି ପ୍ରଦାନ କରାଯାଉଥିବା ଏହି ସମ୍ମାନର ଯୁବ କ୍ରିକେଟର୍ ବର୍ଗ ଲାଗି ଅନିଲ ଏବଂ ଶ୍ରେଷ୍ଠ ଅମ୍ପାୟାର୍ ଭାବେ ଧୀରାଜଙ୍କୁ ମନୋନୀତ କରାଯାଇଛି। ସେପ୍ଟେମ୍ବର ୬ ତାରିଖ (ରବିବାର) ଏହି ପୁରସ୍କାର ପ୍ରଦାନ ଉତ୍ସବ ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ୍ କ୍ଲବ୍ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ସରୋଜ ମହାସୁଆର ସ୍ମୃତି କମିଟି ଆବାହକ ମନୋଜ ମହାପାତ୍ର ସୂଚନା ଦେଇଛନ୍ତି।

୨୦୨୫ରେ ସର୍ଭିସେସ୍ ବିପକ୍ଷ ରଣଜୀ ଟ୍ରଫି ପଦାର୍ପଣ ମ୍ୟାଚ୍ରେ ୯୯* ରନ୍ ପାଳି ଖେଳି ଆଗମନ କରିଥିବା ଅନିଲ ୪ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ରେ ପ୍ରଭାବୀ ଢ଼ଙ୍ଗରେ ୮୪.୪୦ ହାରରେ ୪୨୨ ରନ୍ ସଂଗ୍ରହ କରିଛନ୍ତି। ୩ଟି ଅର୍ଦ୍ଧଶତକ ଏବଂ ନାଗାଲାଣ୍ଡ ବିପକ୍ଷରେ ୧୧୮* ରନର ଶତକୀୟ ପାଳି ବି ଖେଳିଛନ୍ତି। ଜୁଭେନାଇଲ୍ କ୍ଲବ୍ରୁ କ୍ରିକେଟ୍ ଜୀବନ ଆରମ୍ଭ କରିଥିବା ଏହି ଡାହାଣହାତୀ ମଧ୍ୟକ୍ରମ ବ୍ୟାଟର୍ ବିନୁ ମଙ୍କଡ଼ ଟ୍ରଫି, କୁଚ ବିହାର ଟ୍ରଫି, ସିକେ ନାୟୁଡୁ ଟ୍ରଫି, ଷ୍ଟେଟ୍-ଏ ଟ୍ରଫି ଆଦି ବିଭିନ୍ନ ବୟସ ବର୍ଗ ଦଳର ନେତୃତ୍ୱ ନେଇ ଆଗକୁ ବଢ଼ିଛନ୍ତି। ଆସାମ ବିପକ୍ଷରେ ମଧ୍ୟ ସୟଦ ମୁସ୍ତାକ ଅଲୀ ଟ୍ରଫି ଟ୍ୱେଣ୍ଟି-୨୦ ଟ୍ରଫିରେ ପଦାର୍ପଣ କରିଥିଲେ।

ଅନ୍ୟପକ୍ଷରେ ଓଡ଼ିଶା ବରିଷ୍ଠ ଦଳ ପାଇଁ ଗୋଟିଏ ଦଶନ୍ଧି (୨୦୦୮-୨୦୧୮) ଖେଳିବା ସହ ୫୧ ପ୍ରଥମ ଶ୍ରେଣୀ ମ୍ୟାଚ୍ରୁ ୧୧୯ ୱିକେଟ୍ ନେଇଥିଲେ ବାମହାତୀ ସ୍ପିନର୍ ଧୀରାଜ ସିଂହ। ଖେଳାଳି ଜୀବନ ପରେ ଧୀରାଜ ୨୦୨୩-୨୪ରୁ ବିସିସିଆଇ ପ୍ୟାନେଲ୍ ଅମ୍ପାୟାର ଭାବେ କାର୍ଯ୍ୟ କରି ଆସୁଛନ୍ତି। ସୁବ୍ରତ ଦାସ, ଅରୁଣ ବସା, ଦୁର୍ଗାଦତ୍ତ ଦାସଙ୍କ ପରେ ଚତୁର୍ଥ ଓଡ଼ିଆ ଭାବେ ବିସିସିଆଇ ପ୍ୟାନେଲ୍ ଅମ୍ପାୟାର ହୋଇ ବିରଳ କ୍ଲବ୍ରେ ରହିଛନ୍ତି। ଖେଳ ଜୀବନରେ ମଧ୍ୟ ଧୀରାଜ ବିଜୟ ହଜାରେ ଟ୍ରଫି, ସୟଦ ମୁସ୍ତାକ ଅଲୀ ଟ୍ରଫି ସହିତ ପୂର୍ବାଞ୍ଚଳ ପାଇଁ ଦଲିପ ଟ୍ରଫି ଦଳରୁ ଖେଳିବାର ଗୌରବ ରଖିଛନ୍ତି। ଖେଳ ଜୀବନର ଅଭିଜ୍ଞତାକୁ ଉପଯୋଗ କରି ସେ ବିସିସିଆଇ ପ୍ୟାନେଲ୍ ଅମ୍ପାୟାର ଭାବେ ସଫଳତାର ସହ ୩ ବର୍ଷ ଅତିକ୍ରମ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି।

ସୂଚନାଯୋଗ୍ୟ, ଶ୍ରେଷ୍ଠ ଯୁବ କ୍ରିକେଟ୍ର ପୁରସ୍କାରକୁ ପୂର୍ବରୁ ୨୦୦୪ରେ ଦୀପକ ମଙ୍ଗରାଜ, ୨୦୦୫ରେ ପରେଶ ପଟେଲ, ୨୦୦୬ରେ ଆଦିଶ ଜେନା, ୨୦୦୭ରେ ଆଲୋକ ସାହୁ-ଆଲୋକ ମଙ୍ଗରାଜ, ୨୦୦୮ରେ ହଳଧର ଦାସ, ୨୦୦୯ରେ ବସନ୍ତ ମହାନ୍ତି, ୨୦୧୦ରେ ନଟରାଜ ବେହେରା, ୨୦୧୧ରେ ସୌମେନ୍ଦ୍ର ଦାସ, ୨୦୧୨ରେ ମାଧୁରୀ ମେହେଟା, ୨୦୧୩ରେ ରୋସନାରା ପରବିନ୍, ୨୦୧୪ରେ ସ୍ୱାଗତିକା ରଥ, ୨୦୧୫ରେ ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ, ୨୦୧୬ରେ ଇଂଜିତ ସିଂହ, ୨୦୧୭ରେ ପ୍ରୀତ୍ ସିଂହ କଁୱର, ୨୦୧୮ରେ ରଘୁନାଥ ମଲ୍ଲ, ୨୦୧୯ରେ ସ୍ୱସ୍ତିକ ସାମଲ, ୨୦୨୧ରେ ତରାନ୍ନା ପ୍ରଧାନଙ୍କୁ ପ୍ରଦାନ କରାଯାଇଥିଲା । ଶ୍ରେଷ୍ଠ ଅମ୍ପାୟାର ପୁରସ୍କାରକୁ ବିଗତ ବର୍ଷ ଗୁଡ଼ିକରେ ଅରୁଣ କୁମାର ବାସା, ସୁବ୍ରତ ଦାସ, ମାରିଓ ଫ୍ରାନସିସ୍, ବିଭୂ ଶତପଥୀ, ପରାସର ବିଶ୍ୱାଳ, ଚଣ୍ଡୀପ୍ରସନ୍ନ ମହାପାତ୍ର, ଅସିତ ପଟ୍ଟନାୟକ, ପବିତ୍ର ପ୍ରଧାନ, ଶରତ କୁମାର ସାହୁ, ନିର୍ମଳ ମିଶ୍ର, ସତ୍ୟେନ୍ଦ୍ର ମୋହନ ମହାନ୍ତି, ଅନନ୍ତ ବାସୁଦେବ ମିଶ୍ର, ଦୁର୍ଗାଦତ୍ତ ଦାସ ପାଇଥିଲେ। ସୂଚନାଯୋଗ୍ୟ, ଜଣାଶୁଣା ଅମ୍ପାୟାର ସରୋଜ ମହାସୁଆର ୨୦୦୨ ମସିହାରେ କଟକରେ ଅନ୍ତଃଜିଲା ପ୍ରତିଯୋଗିତାର ଏକ ମ୍ୟାଚ୍ ପରିଚାଳନା କରି ଭୁବନେଶ୍ୱର ଫେରୁଥିବାବେଳେ ରାସ୍ତା ଦୁର୍ଘଟଣାରେ ପ୍ରାଣ ହରାଇଥିଲେ।

## କେବେ ଫେରିବେ ପାଣ୍ଡ୍ୟା

ନୂଆଦିଲ୍ଲୀ,୩୧।୮ (ଏଜେନ୍ସି): ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ଜିତିବା ପରେ ଟିମ୍ ଇଣ୍ଡିଆର ଲକ୍ଷ୍ୟ ଆଫଗାନିସ୍ତାନ ବିପକ୍ଷ ଟି-୨୦ ଶୃଙ୍ଖଳା ଉପରେ ରହିଛି। ଦୁଇ ଦଳ ମଧ୍ୟରେ ସେପ୍ଟେମ୍ବର ୧୩ରୁ ୩ ମ୍ୟାଚ ବିଶିଷ୍ଟ ଟି-୨୦ ଖେଳାଯିବ। ଏହି ସିରିଜ ପୂର୍ବରୁ ଭାରତୀୟ ଦଳ ପାଇଁ ଖୁସି ଖବର ଆସିଛି। ତାରକା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୫ ମାସ ପରେ ପଡିଆକୁ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି। ଆଫଗାନିସ୍ତାନ ବିପକ୍ଷ ଶୃଙ୍ଖଳା ପାଇଁ ଦଳରେ ତାଙ୍କୁ ଚୟନ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। କେବଳ ହାର୍ଦ୍ଦିକ ପାଣ୍ଡ୍ୟା ନୁହଁନ୍ତି, ଯୁବ ଦ୍ରୁତବୋଲର ନୀତିଶ କୁମାର ରେଡ୍ଡୀ ମଧ୍ୟ ଚୟନ ପାଇଁ ସମ୍ପୂର୍ଣ୍ଣ ଫିଟ ଅଛନ୍ତି। ଏହି ଦୁଇ ଖେଳାଳି ଦୀର୍ଘ ସମୟରୁ ବେଙ୍ଗାଲୁରୁ ସ୍ଥିତ ବିସିସିଆଇର ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ଖୁବ ପରିଶ୍ରମ କରୁଛନ୍ତି। ଉଭୟ ମ୍ୟାଚ ଖେଳିବା ପାଇଁ ଶତପ୍ରତିଶତ ଫିଟ ହୋଇସାରିଛନ୍ତି। ତେବେ ଅନ୍ୟତମ ଦ୍ରୁତ ବୋଲର ଯଶପ୍ରୀତ ବୁମରାଙ୍କୁ ନେଇ ସ୍ଥିତି ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ହାର୍ଦ୍ଦିକ ଓ ନୀତିଶଙ୍କ ବ୍ୟତୀତ ସ୍ପିନ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ମଧ୍ୟ ଦଳକୁ ଫେରିବା ନେଇ ନିଶ୍ଚିତ ଲାଗୁଛି।

## ଆଇପିଏଲ ଇମ୍ପାକ୍ଟ ପ୍ଲେୟାର ନିୟମ: ସବୁ ଫ୍ରାଞ୍ଚାଇଜର ମତାମତ ଲୋଡିଲା ବିସିସିଆଇ

ନୂଆଦିଲ୍ଲୀ,୩୧।୮ (ଏଜେନ୍ସି): ଆଇପିଏଲର ବହୁ ଚର୍ଚ୍ଚିତ ଇମ୍ପାକ୍ଟ ପ୍ଲେୟାର ନିୟମକୁ ନେଇ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମସ୍ତ ୧୦ଟି ଫ୍ରାଞ୍ଚାଇଜର ମତାମତ ଲୋଡିଛି। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ସୂଚନା ଦେଇଛନ୍ତି ଯେ, ଫ୍ରାଞ୍ଚାଇଜ ଗୁଡ଼ିକର ପରାମର୍ଶ ଆଧାରରେ ଆଇପିଏଲ-୨୦୨୭ ପୂର୍ବରୁ ଏହି ନିୟମର ସମୀକ୍ଷା କରାଯିବ। କେବଳ ଇମ୍ପାକ୍ଟ ପ୍ଲେୟାର ନିୟମ ନୁହେଁ, ଅମ୍ପାୟାରିଂ, ଖେଳାଳି ଓ ମ୍ୟାଚ ଅଫିସିଆଲ ଏରିଆ, ଅଭ୍ୟାସ ସେସନ ଏବଂ ମ୍ୟାଚ ସତାବଳୀକୁ ନେଇ ମଧ୍ୟ ପରାମର୍ଶ ଦେବା ପାଇଁ କୁହାଯାଇଛି। ରୋହିତ ଶର୍ମା ଏବଂ ବିରାଟ କୋହିଲଙ୍କ ଭଳି ପ୍ରମୁଖ ଭାରତୀୟ ଖେଳାଳି ଏହି ନିୟମକୁ ବିରୋଧ କରି ଆସୁଛନ୍ତି। ଏହି ନିୟମ ଯୋଗୁଁ ଅଲରାଉଣ୍ଡରଙ୍କ ଗୁରୁତ୍ୱ କମୁଛି। ବୋଲର ଓ ବ୍ୟାଟରଙ୍କ ମଧ୍ୟରେ ଥିବା ସନ୍ତୁଳନ ପ୍ରଭାବିତ ହେଉଛି ବୋଲି ମତ ଦେଇଥିଲେ। ସମସ୍ତ ଫ୍ରାଞ୍ଚାଇଜର ପ୍ରତିକ୍ରିୟା ମିଳିବା ପରେ ବୋର୍ଡ ନିଷ୍ପତ୍ତି ନେବ ଯେ, ଆଗାମୀ ସିଜନରେ ଏହି ନିୟମ ରହିବ ନାଁ ପରିବର୍ତ୍ତନ କରାଯିବ।

## ଜୟନ୍ତ ମହାପାତ୍ର ଆନ୍ତଃ ବିଦ୍ୟାଳୟ ଫୁଟବଲ୍: ୟୁନିଟ୍ -୧ ହାଇସ୍କୁଲ ଚାମ୍ପିଅନ

ଭୁବନେଶ୍ୱର,୩୧।୮ (ସବ୍ୟୁ): ୩୫ତମ ଜୟନ୍ତ ମହାପାତ୍ର ମେମୋରିଆଲ ଆନ୍ତଃ ବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୟୁନିଟ୍-୧ ବାଳକ ବିଦ୍ୟାଳୟ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ୟୁନିଟ୍-୬ ଆଥଲେଟିକ୍ ଆସୋସିଏନ ଆନୁକୂଲ୍ୟରେ ୟୁନିଟ୍-୧ ଫୁଟବଲ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ ୟୁନିଟ୍-୧ ବାଳକ ବିଦ୍ୟାଳୟ ୪-୦ ଗୋଲରେ ଓଡ଼ିଏମ ଗ୍ଲୋବାଲ ସ୍କୁଲକୁ ପରାଜିତ କରି ଟ୍ରଫି ହାସଲ କରିଛି। ବିଜେତା ଦଳକୁ ଟ୍ରଫି ସହ ୧ ଲକ୍ଷ ଏବଂ ରନର୍ସ ଅପ ଦଳକୁ ଟ୍ରଫି ସହ ୫୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। କିସ୍ ବିଦ୍ୟାଳୟ ତୃତୀୟ ସ୍ଥାନରେ ରହି ନଗଦ ୨୦ ହଜାର ଟଙ୍କା ପୁରସ୍କାର ପାଇଥିବା ବେଳେ ପଳାଶୁଣୀ ଉଚ୍ଚ ବିଦ୍ୟାଳୟ କୁ ନଗଦ ୧୦ ହଜାର ଟଙ୍କା ଚତୁର୍ଥ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥି ସହିତ ଲୋୟଲା ଓଡ଼ିଆ ବିଦ୍ୟାଳୟ କୁ ବିଶିଷ୍ଟ ଶୃଙ୍ଖଳିତ ଦଳ ଭାବେ ପୁରସ୍କୃତ କଯାଇଥିଲା। ଏତଦ୍ ବ୍ୟତୀତ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଥିବା ୧୭ ଜଣ ରେଫରୀ ଓ ବାର୍ତ୍ତା ଘୋଷକଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାର ଉଦ୍‌ଯାପନୀ ସଭାରେ ଓଡ଼ିଶା ଅଲିମ୍ପିକ୍ ଆସୋସିଏସନର ସଭାପତି, ସମୀର ମହାନ୍ତି, ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ତଥା ଭୁବନେଶ୍ୱର ଆଥେଲେଟିକ ଆସୋସିଏସନ୍ ର ସଭାପତି ସୁରେଶ କୁମାର ରାଉତରାୟ, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଅନୁଗୋଳ ସୁକିନ୍ଦା ରେଳବାଇର ପରିଚାଳନା ନିର୍ଦ୍ଦେଶକ ଦିଲ୍ଲୀପ କୁମାର ସାମନ୍ତରାୟ, ସମାଜ ସେବୀ ଜଗନ୍ନାଥ ପ୍ରଧାନ, ଓଡ଼ିଶା ଫୁଟବଲ୍ ଆସୋସିଏସନ୍ ର କୋଷାଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସ,ଭାରତୀୟ ମହିଳା ଫୁଟବଲ୍ ଦଳର ପୂର୍ବତନ ପ୍ରଶିକ୍ଷକ ଶେଖ୍ ଜବାର୍ ( ଗୁଡ଼ନ), ଭୁବନେଶ୍ୱର ଆଥେଲେଟିକ ଆସୋସିଏସନ୍ ର ସମ୍ପାଦକ ଶୌର୍ଯ୍ୟ ରଞ୍ଜନ ପରିଜା, କଟକ ନୀତା ଫୁଟବଲ୍ ଏକାଡେମୀର ଅଧ୍ୟକ୍ଷ ସୁବ୍ରତ ଦାସ, ଭୁବନେଶ୍ୱର ଫୁଟବଲ୍ ଏକାଡେମୀର କୋଷାଧ୍ୟକ୍ଷ ରଘୁନାଥ ପଣ୍ଡା,ଭୁବନେଶ୍ୱର ସିଟି କ୍ଲବ ର ସମ୍ପାଦକ ପ୍ରଦୀପ ରାଉତରାୟ, ଭୁବନେଶ୍ୱର ଆଥେଲେଟିକ ଆସୋସିଏସନର ବରିଷ୍ଠ ସଦସ୍ୟ ରାଧା ମହାପାତ୍ର ଓ ରଜତ ଦାସ, ୟୁନିଟ୍ ୬ ଆଥେଲେଟିକ ଆସୋସିଏସନ୍ ର ସଭାପତି ତପନ କୁମାର ମହାନ୍ତି ଓ ଉପ ସଭାପତି ଗୌରୀ ପ୍ରହରାଜ ଭୁବନେଶ୍ୱର ମାର୍କେଟ ବ୍ୟବସାୟୀ ସଂଘ ର ଉପ ସଭାପତି ରଞ୍ଜିତ୍ ମହାନ୍ତି, ପୂର୍ବତନ ଫୁଟବଲ୍ ଖେଳାଳି ପ୍ରଦୀପ କୁମାର ବଳିୟାର ସିଂହ ଏବଂ ପୂର୍ବତନ କ୍ରୀଡ଼ା ଶିକ୍ଷକ ସ୍ୱର୍ଗତଃ ଜୟନ୍ତ କୁମାର ମହାପାତ୍ର ଙ୍କ ଦୁଇ ସୁପୁତ୍ର ଜାଫ୍ରାନ ମହାପାତ୍ର ଓ ଜିତେନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବଣ୍ଟନ କରିଥିଲେ। ଆସୋସିଏସନ୍ ର କୋଷାଧ୍ୟକ୍ଷ ଚିତ୍ତ ରଞ୍ଜନ ପାତ୍ର ସଭା ପରିଚାଳନା କରିଥିବା ବେଳେ ଗଣେଶ ପାଲ୍ ଉଦଘୋଷକ ଭାବେ କାର୍ଯ୍ୟ କରିଥଲେ। ସଭା ଶେଷରେ ୟୁନିଟ୍ ୬ ଆଥେଲେଟିକ ଆସୋସିଏସନ୍ ର ସମ୍ପାଦକ ଦିଲ୍ଲୀପ କୁମାର ଦାସ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ସଭା ସାଙ୍ଗ କରିଥିଲେ।



ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: D. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି